

ମହାକାଶ ଯିବେ ଅନିଲ ମେନନ୍

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 110 ଭାଗ ୩୪ | ସଂଖ୍ୟା ୧୧୦ | Saturday 11 July 2026 | Page 8 Rs. 5.00 | ଭୁବନେଶ୍ୱର ଶନିବାର, ୧୧ ଜୁଲାଇ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


ରଥଯାତ୍ରା ପରିଚାଳନା ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

## ସହଯୋଗ, ସମନ୍ୱୟ ଓ ନିରନ୍ତର ଯୋଗାଯୋଗକୁ ଗୁରୁତ୍ୱ

- ସବୁ ଆୟୋଜନ ଫୁଲ୍‌ପ୍ରୁଫ୍ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- ସହରରେ ୧୭୦୦ ବାୟୋ-ଟଏଲେଟ, ୮ ଅସ୍ଥାୟୀ ହସ୍ପିଟାଲ
- ଭକ୍ତଙ୍କୁ ସୂଚନା ଦେବାକୁ ଲାଗିବ ୭୫ ଏଲ୍‌ଇଡି ସ୍କ୍ରିନ୍
- ଗହଳି ସହ ଅସାମାଜିକ ତତ୍ତ୍ୱଙ୍କୁ ଜଗିବ ୪୭୦ ସିସିଟିଭି କ୍ୟାମେରା
- ସୁରକ୍ଷା ବ୍ୟବସ୍ଥା ତଦାରଖ ପାଇଁ ୧୯ ବରିଷ୍ଠ ଆଇପିଏସଙ୍କୁ ଦାୟିତ୍ୱ
- ଦିବ୍ୟାଙ୍ଗ, ବୟୋଜ୍ୟେଷ୍ଠଙ୍କ ପାଇଁ ଗୁଣ୍ଡିଚା ମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା



**ଭୁବନେଶ୍ୱର,୧୦।୭(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପବିତ୍ର ରଥଯାତ୍ରା ପାଇଁ ଆଜି ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି। ବୈଠକରେ ରଥଯାତ୍ରା ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ସହଯୋଗ, ସମନ୍ୱୟ ଓ ନିରନ୍ତର ଯୋଗାଯୋଗ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଗତ ୬ ତାରିଖରେ ମୁଖ୍ୟମନ୍ତ୍ରୀ ପୁରୀରେ ସମୀକ୍ଷା ବୈଠକ କରିବା ପରେ ଆଜି ଆଉ ଥରେ ଲୋକସେବା ଭବନରେ ବିସ୍ତୃତ ସମୀକ୍ଷା କରିଛନ୍ତି।

ଆଜିର ବୈଠକରେ ନୀତିକାନ୍ତିରେ ସମୟାନୁବର୍ତ୍ତିତା, ରଥ ଓ ଯାତ୍ରୀଙ୍କ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ ଏବଂ ଅଗ୍ନିଶମ ସେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ ଯେ ଦକ୍ଷ ଓ ଅଭିଜ୍ଞ ଅଧିକାରୀଙ୍କ ପରିଚାଳନାରେ ରଥଯାତ୍ରା ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ହୋଇପାରିବ। ସମନ୍ୱୟ ଉପରେ ପୁନର୍ବାର ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ପ୍ରତ୍ୟେକ ସ୍ତରରେ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ତଥା ଆବଶ୍ୟକତା ଅନୁଯାୟୀ ପଦକ୍ଷେପ ନେବା ପାଇଁ ନିରନ୍ତର ସୂଚନା ପ୍ରଦାନର ବ୍ୟବସ୍ଥା ରହିବା ଆବଶ୍ୟକ। କୌଣସି ପରିସ୍ଥିତିରେ ଯେପରି କମ୍ୟୁନିକେସନ ଗ୍ୟାପ ନରହେ, ସେଥିପ୍ରତି ଧ୍ୟାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ସବୁ ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ବୈଠକରେ ମୁଖ୍ୟମନ୍ତ୍ରୀ କର୍ଡନ ପରିଚାଳନା, ମହିଳାମାନଙ୍କ ସୁରକ୍ଷା, ସନ୍ଦିଗ୍ଧ ଓ ନିଶା ସେବନକାରୀଙ୍କ ଉପରେ ନଜର, ଟ୍ରାଫିକ ବ୍ୟବସ୍ଥା, ଖାଦ୍ୟ ଓ ପାନୀୟ ଜଳର ମାନ ଯାଞ୍ଚ, ଜରୁରୀକାଳୀନ ଇଭାକ୍ୟୁସନ, ପାଣିପାଗକୁ ଦେଖି ଉପଯୁକ୍ତ ପଦକ୍ଷେପ ଆଦି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରି ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ଫୁଲ୍-ପ୍ରୁଫ୍ କରିବା ପାଇଁ ପରାମର୍ଶ ଦେଇଥିଲେ। ସୁରକ୍ଷା ବ୍ୟବସ୍ଥା ପାଇଁ ୧୨ ହଜାର ପୋଲିସ ତଥା ସିଏପିଏଫର କର୍ମଚାରୀ ମୁତୟନ କରାଯାଇଛି। ଏହାସହିତ କୋଷ୍ଟ ଗାର୍ଡ ଓ ନୌସେନା ମଧ୍ୟ ସଜାଗ ଅଛନ୍ତି। ରଥଯାତ୍ରା ସୁରକ୍ଷା ବ୍ୟବସ୍ଥା ତଦାରଖ ପାଇଁ ୧୯ ଜଣ ବରିଷ୍ଠ ଆଇପିଏସ ➪ପୃଷ୍ଠା-୬

ସଂସ୍କୃତିବିରୋଧୀ ଇସ୍କନକୁ ପାନେ

## ରାଜସ୍ଥାନରେ ଅଦିନିଆ ରଥଯାତ୍ରାରେ ଲାଗିଲା ରୋକ୍




**ଭୁବନେଶ୍ୱର,୧୦।୭(ସଂଚାର ବ୍ୟୁରୋ):** ଶ୍ରୀଜଗନ୍ନାଥ ସଂସ୍କୃତି ବିରୋଧୀ ଅମାନିଆ ଇସ୍କନ କର୍ତ୍ତୃପକ୍ଷଙ୍କୁ ପାନେ ମିଳିଛି। ରାଜସ୍ଥାନର ଶିକରରେ ଅଦିନିଆ ରଥଯାତ୍ରା ଆୟୋଜନ ଉପରେ ଜିଲ୍ଲା ପ୍ରଶାସନ ରୋକ ଲଗାଇଛି। ପୁରୀ ଶ୍ରୀଜଗନ୍ନାଥଙ୍କ ରୀତିନୀତି ଅନୁସାରେ ରଥଯାତ୍ରା ପାଳନ କରିବାକୁ ଗଜପତି ମହାରାଜାଙ୍କ ନିବେଦନକୁ ପ୍ରତ୍ୟାଖ୍ୟାନ ପରେ ଏବେ ଦେଶ ଭିତରେ ଅନୁରୂପ ମନମାନୀ ଉପରେ ଛାଟ ବାଜିବା ଆରମ୍ଭ ହୋଇଛି। ଗତ ୮ ତାରିଖରେ ରାଜସ୍ଥାନର ସିକର ଜିଲ୍ଲା ମାଜିଷ୍ଟ୍ରେଟ୍ ➪ପୃଷ୍ଠା-୬

### କେନ୍ଦ୍ରର ହସ୍ତକ୍ଷେପ ଲୋଡ଼ାଯିବ: ଗଜପତି



ଇସ୍କନର ମନମୁଖୀ କାର୍ଯ୍ୟ ନେଇ ଗଜପତି ମହାରାଜା ପ୍ରତିକ୍ରିୟା ରଖିଛନ୍ତି। ତାଙ୍କ ଅନୁରୋଧକୁ ଇସ୍କନ ପରିଚାଳନା କମିଟି ପ୍ରତ୍ୟାଖ୍ୟାନ କରିଥିବାରୁ ରଥଯାତ୍ରା ପରେ ଏକ ଉଚ୍ଚସ୍ତରୀୟ କମିଟି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ନିଷ୍ପତ୍ତି ହୋଇଛି। ଶ୍ରୀମନ୍ଦିର ପରିଚାଳନା କମିଟିରେ ଏହି ନିଷ୍ପତ୍ତି ନିଆଯାଇଥିବା ଗଜପତି କହିଛନ୍ତି।

## ରାକ୍ଷୀ ପୂର୍ଣ୍ଣିମାରେ ସୁଭଦ୍ରାର ପଞ୍ଚମ କିସ୍ତି

- ୨୫ ସୁଦ୍ଧା ସରିବ ସବୁ ଆବେଦନର ଯାଞ୍ଚ ଓ ବ୍ୟାଙ୍କ ଲିଙ୍କ୍ ପ୍ରକ୍ରିୟା
- ଜିଲ୍ଲା ସ୍ତରରେ ଦୈନିକ ଭିତ୍ତିରେ ଅଗ୍ରଗତି ସମୀକ୍ଷା ପାଇଁ ନିର୍ଦ୍ଦେଶ
- ୧ କୋଟିରୁ ଅଧିକ ମହିଳାଙ୍କ ଖାତାକୁ ଯାଇଛି ୨୦,୬୪୮.୬୩ କୋଟି



**ଭୁବନେଶ୍ୱର,୧୦।୭(ସଂଚାର ବ୍ୟୁରୋ):** ଆସନ୍ତା ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ବିତରଣକୁ ସୁଚାରୁ ରୂପେ ସମ୍ପନ୍ନ କରିବା ପାଇଁ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜୁଲାଇ ୨୫ ସୁଦ୍ଧା ଯୋଜନା ଅଧୀନରେ ଅବଶିଷ୍ଟ ସମସ୍ତ ଆବେଦନର ଯାଞ୍ଚ, ଯୋଗ୍ୟତା ନିର୍ଦ୍ଧାରଣ ଓ ବ୍ୟାଙ୍କ ଲିଙ୍କ ସମ୍ବନ୍ଧୀୟ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ଉପମୁଖ୍ୟମନ୍ତ୍ରୀ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୁଭଦ୍ରା ଯୋଜନାରେ ଏପର୍ଯ୍ୟନ୍ତ ୧,୧୫,୭୫,୬୩୩ଟି ଆବେଦନ ପଞ୍ଜୀକୃତ ହୋଇଥିବାବେଳେ, ସେଥିମଧ୍ୟରୁ ୨୦୨୬-୨୭ ଆର୍ଥିକ ବର୍ଷରେ ୩,୧୭,୯୬୬ଟି ନୂତନ ଆବେଦନ ପ୍ରାପ୍ତ ହୋଇଛି। ସମସ୍ତ ଯାଞ୍ଚ ଓ ଯୋଗ୍ୟତା ନିର୍ଣ୍ଣୟ ପରେ ୧,୦୨,୦୪,୩୯୬ ଜଣ ସମ୍ଭାବ୍ୟ ହିତାଧିକାରୀଙ୍କୁ ୫ମ କିସ୍ତି ପ୍ରଦାନ ପାଇଁ ଚିହ୍ନଟ କରାଯାଇଥିଲା। ଜିଲ୍ଲା ପ୍ରଶାସନ ଦ୍ୱାରା ଯାଞ୍ଚରେ ମୃତ୍ୟୁ ନିଶ୍ଚିତ ହୋଇଥିବା ୫,୨୭୭ ଜଣ ହିତାଧିକାରୀଙ୍କ ନାମ ବାଦ ଦିଆଯିବା ପରେ ୧,୦୧,୯୯,୧୧୯ ଜଣଙ୍କୁ ୫ମ କିସ୍ତି ପ୍ରଦାନ ପାଇଁ ଅନ୍ତିମ ସମ୍ଭାବ୍ୟ ହିତାଧିକାରୀ ଭାବେ ଚିହ୍ନଟ କରାଯାଇଛି।

ବୈଠକରେ ଡିବିଟି ସକ୍ରିୟକରଣ, ଇ-କେୱାଇସି, ଫିଲ୍ଡ ଏନକ୍ୱାରୀ, ଏନପିସିଆଇ ମ୍ୟାପିଂ, ପେମେଣ୍ଟ ଫାଇଲ୍ ପ୍ରସ୍ତୁତି ଓ ବ୍ୟାଙ୍କ ସମନ୍ୱୟ ଆଦି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଫିଲ୍ଡ ଏନକ୍ୱାରୀ ପାଇଁ ପଠାଯାଇଥିବା ସମସ୍ତ ଆବେଦନର ଯାଞ୍ଚ ଓ ନିଷ୍ପତ୍ତି ପ୍ରକ୍ରିୟାକୁ ଆସନ୍ତା ୨୫ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବା ସହ ଏହାର ଅଗ୍ରଗତିକୁ ଦୈନିକ ଭିତ୍ତିରେ ସମୀକ୍ଷା କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ସମସ୍ତ ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପର୍ଯ୍ୟନ୍ତ ୪ଟି କିସ୍ତିରେ ୨୦,୬୪୮.୬୩ କୋଟି ଦିଆଯାଇଛି।

ଭାରତ-ଅଷ୍ଟ୍ରେଲିଆ କ୍ରୀଡ଼ା ରୋଡ୍‌ମ୍ୟାପ୍ ଉନ୍ମୋଚିତ

## ସହଜ ହେବ ବୈଶ୍ୱିକ କ୍ରୀଡ଼ା ଇଭେଣ୍ଟ୍ ଆୟୋଜନ

**ମେଲବୋର୍ଣ୍ଣ,୧୦।୭:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କର ପ୍ରତିପକ୍ଷ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲବାନିଜ୍ ଶୁକ୍ରବାର ଐତିହାସିକ ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡ (ଏମସିଜି)ରେ ଭାରତ-ଅଷ୍ଟ୍ରେଲିଆ କ୍ରୀଡ଼ା ସହଯୋଗ ରୋଡ୍‌ମ୍ୟାପ ଉନ୍ମୋଚନ କରିଛନ୍ତି। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ କ୍ରୀଡ଼ାକୁ ନେଇ ରହିଥିବା ସୁସମ୍ପର୍କ ପାଳନ କରିବା ନିମନ୍ତେ ଏମସିଜିଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭିକ୍ଟୋରିଆ ମୁଖ୍ୟ ଜାସିଣ୍ଟା ଆଲାନ୍, ଅଷ୍ଟ୍ରେଲିଆର କ୍ରିକେଟ କିମ୍ବଦନ୍ତି ଷ୍ଟିଭ୍ ୱ ଓ ଲିସା ସ୍ଥାଲେକରଙ୍କ ଉପସ୍ଥିତିରେ ଉଭୟ ଦେଶର ରାଷ୍ଟ୍ରମୁଖ୍ୟ ଭିକ୍ଟୋରିଆର ପ୍ରିମିୟର ଜାସିଣ୍ଟା ଆଲାନଙ୍କ ସହିତ ଯୋଗଦେଇ କ୍ରୀଡ଼ାକ୍ଷେତ୍ରରେ ପାରସ୍ପରିକ ସହଯୋଗ ନିମନ୍ତେ ଘୋଷଣା କରିଛନ୍ତି। ଏହି ରୋଡମ୍ୟାପ୍ କ୍ରୀଡ଼ା ତାଲିମ୍ ଓ ଦକ୍ଷତା ନିମାଣ, କ୍ରୀଡ଼ା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଓ କ୍ରୀଡ଼ା ଶିଳ୍ପ ଏବଂ କ୍ରୀଡ଼ା ନିବେଶ କ୍ଷେତ୍ରରେ ସହଯୋଗକୁ ପ୍ରୋତ୍ସାହିତ କରିବ। ଦୁଇ ଦେଶ ମଧ୍ୟରେ କ୍ରୀଡା ଆଦାନପ୍ରଦାନକୁ ସୁଦୃଢ଼ କରିବା ପାଇଁ ଏହା ଭାରତ-ଅଷ୍ଟ୍ରେଲିଆ ଯୁବ କ୍ରୀଡା ମହୋତ୍ସବର ଆୟୋଜନ ପାଇଁ ମଧ ପଥ ପ୍ରସ୍ତୁତ କରିବ ବୋଲି ଶୁକ୍ରବାର ଅନାବରଣ ହୋଇଥିବା ରୋଡମ୍ୟାପ୍ ସମ୍ପର୍କରେ ସୂଚନା ଦେଇ ➪ପୃଷ୍ଠା-୬

### ବ୍ୟାପକ କ୍ରୀଡ଼ା ଭିତ୍ତିଭୂମି ବିକଶିତ ହେବ




## ବିନାନୁମତିରେ ଛୁଟି ପାଇଁ ବାଧତାମୂଳକ ଅବସର ଗ୍ରହଣୀୟ ନୁହେଁ

**ପେନସନ ଓ ଅବସରକାଳୀନ ସୁବିଧା ବନ୍ଦ କରିବା ଅନୁଚିତ**

**କଟକ,୧୦।୭(ସଂଚାର ବ୍ୟୁରୋ):** ବିନାନୁମତିରେ ଛୁଟିରେ ରହିଲେ କାର୍ଯ୍ୟାନୁଷ୍ଠାନ ନାଁରେ ବାଧତାମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣୀୟ ନୁହେଁ। ସମ୍ପୃକ୍ତ କର୍ମଚାରୀଙ୍କ ପେନସନ ଓ ଅନ୍ୟାନ୍ୟ ଅବସରକାଳୀନ ସୁବିଧା ବନ୍ଦ କରିବା ଯୁକ୍ତିସଙ୍ଗତ ନୁହେଁ। ଏ ସମ୍ପର୍କରେ କ୍ୟାଟ୍ ପୂର୍ବରୁ ଦେଇଥିବା ରାୟକୁ ହାଇକୋର୍ଟ ବଦଳାଇଦେଇଛନ୍ତି।

ବିନାନୁମୋଦନରେ ପାରବାରିକ ପରିସ୍ଥିତିର ଆବଶ୍ୟକତା ପାଇଁ ନିଆଯାଇଥିବା ଛୁଟି ପାଇଁ କୌଣସି କର୍ମଚାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇପାରିବ ନାହିଁ। ତାଙ୍କ ପେନସନ ଓ ଅନ୍ୟାନ୍ୟ ଅବସରକାଳୀନ ସୁବିଧା ବି ବନ୍ଦ କରିବା ଯୁକ୍ତିସଙ୍ଗତ ନୁହେଁ ବୋଲି ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଓଡ଼ିଶା ହାଇକୋର୍ଟ କହିଛନ୍ତି। ରେଲୱେ କର୍ମଚାରୀ ଜୟଚନ୍ଦ୍ର ମିଶ୍ରଙ୍କ ପକ୍ଷରୁ ହୋଇଥିବା ଆବେଦନର ଶୁଣାଣି କରି ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି ଓଡ଼ିଶା ହାଇକୋର୍ଟ। ଗତ ୨୦୧୨ରେ ରେଲୱେ କର୍ମଚାରୀ ଜୟଚନ୍ଦ୍ର ବିନାନୁମୋଦନରେ ଦୀର୍ଘ ସମୟ ଧରି ଛୁଟିରେ ରହିଥିଲେ, ଯେଉଁଥିପାଇଁ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ବାଧ୍ୟତାମୂଳକ ଅବସର ଦିଆଯାଇଥିଲା ଓ ଅବସରକାଳୀନ ସୁବିଧାକୁ ବି ହ୍ରାସ କରାଯାଇଥିଲା।

ମାମଲାର ଶୁଣାଣି କରି ଜଷ୍ଟିସ କୃଷ୍ଣ ଏସ୍. ଦୀକ୍ଷିତ ଓ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କ ଖଣ୍ଡପୀଠ ➪ପୃଷ୍ଠା-୬

କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସ ଉଦ୍‌ଘାଟିତ

## ରୋଜଗାରଭିତ୍ତିକ ଓ ସ୍କିଲ୍-ଆଧାରିତ ହେବ ପାଠପଢ଼ା

- ପାଲଲହଡ଼ାରେ କୃଷି ସହ ମତ୍ସ୍ୟଚାଷ ଉପରେ ଗୁରୁତ୍ୱ ଦିଆଯାଉ
- ଜର୍ମାନୀର ଓଡ଼ିଆ ଦମ୍ପତି 'ମାଲ୍ୟଗିରି ଆଚାର'କୁ ବ୍ରାଣ୍ଡର ରୂପ ଦେଇଛନ୍ତି




**ନୂଆଦିଲ୍ଲୀ,୧୦।୭:** କୌଣସି ବି ଅଞ୍ଚଳର ସାମଗ୍ରିକ ପ୍ରଗତି ତାହାର ଶିକ୍ଷା ବ୍ୟବସ୍ଥା ଉପରେ ହିଁ ନିର୍ଭର କରେ। ତେଣୁ ଆମକୁ ଏକବିଂଶ ଶତାବ୍ଦୀରେ ଶିକ୍ଷା ସହ ରୋଜଗାର ଆଧାରିତ ପାଠପଢ଼ାକୁ ବିଶେଷ ଭାବରେ ଗୁରୁତ୍ୱ ଦେବାକୁ ହେବ, ଯାହାଦ୍ୱାରା ପ୍ରତ୍ୟେକ ପିଲା ଭବିଷ୍ୟତରେ ସ୍ୱାବଲମ୍ବୀ ଓ ଆତ୍ମନିର୍ଭର ହୋଇପାରିବେ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

କେନ୍ଦ୍ରୀୟ ବିଦ୍ୟାଳୟ, ପାଲଲହଡ଼ାର ସ୍ଥାୟୀ କ୍ୟାମ୍ପସର ଭୂମିପୂଜନ ଓ ଅସ୍ଥାୟୀ କ୍ୟାମ୍ପସର ଉଦ୍‌ଘାଟନ ସମାରୋହରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଭିଡିଓ କନଫରେନ୍ସିଂ ଜରିଆରେ ସାମିଲ ହୋଇ ପାଲଲହଡ଼ା ମାଟି ସହ ନିଜର ଆବେଗିକ ସମ୍ପର୍କକୁ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ତାଙ୍କୁ ଜନପ୍ରତିନିଧିର ପରିଚୟ ପାଲଲହଡ଼ା ହିଁ ଦେଇଛି ଏବଂ ଏହି ଅଞ୍ଚଳର ମୂଳ ପୁଞ୍ଜି ହେଉଛି ପାଠ। ଏକବିଂଶ ଶତାବ୍ଦୀରେ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଆମକୁ ଏହି ଅଞ୍ଚଳର ପିଲାମାନଙ୍କୁ ରୋଜଗାରଭିତ୍ତିକ, ଦକ୍ଷତା ଆଧାରିତ ଏବଂ ବ୍ୟବସାୟଭିତ୍ତିକ ପାଠପଢ଼ା ପ୍ରଦାନ କରିବାକୁ ହେବ। ଶିକ୍ଷା ସେତିକିବେଳେ ସାର୍ଥକ ହୁଏ, ଯେତେବେଳେ ସମାଜର ଶେଷ ଧାଡ଼ିରେ ଥିବା ଗରିବ ଓ ଅବହେଳିତ ଶ୍ରେଣୀର ପିଲାଟି ➪ପୃଷ୍ଠା-୬

ଆମ୍ବୁଲାନ୍ସରେ କୁନିଝିଅର ମୃତ୍ୟୁ ମାମଲା

### ଚାଳକ ସମେତ ଦୁଇ ନିଲମ୍ବିତ

**ଭବାନୀପାଟଣା,୧୦।୭(ସଂଚାର ବ୍ୟୁରୋ):** ଗତକାଲି ଆମ୍ବୁଲାନ୍ସ ଚକା ପଙ୍କ୍‌ଚର୍ ହେବା ଫଳରେ ପାଖାପାଖି ୩ ଘଣ୍ଟା ଧରି ଛଟପଟ ହେବା ପରେ ଜଣେ କୁନି ଝିଅର ମୃତ୍ୟୁ ହୋଇଥିବା ବେଳେ ଆଜି ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୧୦୮ ଆମ୍ବୁଲାନ୍ସ ପରିଚାଳନା ଦାୟିତ୍ୱରେ ଥିବା ଏଜେନ୍ସି ଆଜି ଉକ୍ତ ଆମ୍ବୁଲାନ୍ସର ଚାଳକ ଓ କ୍ଲଷ୍ଟର୍ ଲିଡର୍‌ଙ୍କୁ ନିଲମ୍ବନ କରାଯାଇଛି। ଏଥିସହ ନର୍ଲା ବ୍ଲକ୍‌ର ତୁଳାପଡ଼ା ଗ୍ରାମର ରିୟା ନାଏକଙ୍କ ମୃତ୍ୟୁ ପ୍ରସଙ୍ଗରେ ବିଳମ୍ବରେ ଆମ୍ବୁଲାନ୍ସ ପହଞ୍ଚିବା



ଅଭିଯୋଗକୁ ପରିଚାଳନା ସଂସ୍ଥା ପକ୍ଷରୁ ଖଣ୍ଡନ କରାଯାଇଛି। ପ୍ରଥମ ଆମ୍ବୁଲାନ୍ସର ପଛ ଟାୟାର୍ ପଙ୍କଚର୍ ହେବାର କେଇ ମିନିଟ୍ ପରେ ଦ୍ୱିତୀୟ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ରିୟାଙ୍କୁ କଳାହାଣ୍ଡି ଜିଲ୍ଲା ହସ୍ପିଟାଲ୍‌ରେ ପହଞ୍ଚାଇଦେଇଥିଲା। ତେବେ ରିୟାଙ୍କ ସ୍ଥିତି ଗୁରୁତର ଥିବାରୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ମାମଲାରେ ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଉଭୟ କର୍ମଚାରୀଙ୍କ ନିଲମ୍ବନ ଆଦେଶ କାଏମ ରହିବ ବୋଲି ପରିଚାଳନା ଏଜେନ୍ସି ପକ୍ଷରୁ କୁହାଯାଇଛି।

### ୪୦ ଦିନରେ ଫାଶୀ ଦଣ୍ଡାଦେଶ ରାୟ

**ଲକ୍ଷ୍ନୌ,୧୦।୭:** ଏକତରଫା ପ୍ରେମରେ ଅନ୍ଧହୋଇ ଏକ ଦେଢ଼ ବର୍ଷର ଶିଶୁ ଆରବକୁ ତଳେ କଚାଡ଼ି ମାରିଦେଇଥିବା ବିରାଜ ଓରଫ ଜିତେନ୍ଦ୍ର ପାଠକଙ୍କୁ ମାତ୍ର ୪୦ ଦିନରେ ଫାଶୀ ଦଣ୍ଡାଦେଶ ଦେଇ ଉତ୍ତର ପ୍ରଦେଶର ଫିରୋଜାବାଦ ଜିଲ୍ଲାକୋର୍ଟ ଉଲ୍ଲେଖନୀୟ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ଆରବର ମା' ରତିଙ୍କୁ ତାଙ୍କର ସମ୍ପର୍କୀୟ ଦିଅର ବିରାଜ ପାଠକ ଏକତରଫା ପ୍ରେମ କରୁଥିବା ବେଳେ ରତିଙ୍କର କୁନିପୁଅ ବିରାଜକୁ ରାସ୍ତାର କଣ୍ଟା ବୋଲି ଭାବି ତଳେ କଚାଡି କଚାଡି ମାରିଦେଇଥିଲା। ଘଟଣାର ମାତ୍ର ଛଅ ଦିନରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରାଯିବା ସହ ୧୩ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ କୋର୍ଟରେ ଉପସ୍ଥାପିତ ବୈଜ୍ଞାନିକ ପ୍ରମାଣକୁ ଆଧାର କରି ଜିଲ୍ଲା ଓ ଦୌରାଜଜ୍ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡାଦେଶ ଶୁଣାଇଛନ୍ତି।



### କାନ ଡେରିଆ

ଗରିବ ଗାଡ଼ିଟା
କବାଡ଼ ହେଉଛି
ଇଥାନଲ ଭର୍ତ୍ତି କରି
ଦର କମିବାର ନାଁ ଗନ୍ଧ ନାହିଁ
ଦେଲେଣି ପକେଟ ମାରି
ଗରିବ ଭାବେ ବିଚାରି...
ଲୋକେ ଏଥିପାଇଁ
ଭୋଟ ଦେଇଥିଲେ
ତେଣୁ ଦେଲ ତାଙ୍କୁ ଝୁଣି।

■ ଦେବାଶିଷ

## ପଞ୍ଚାୟତ ଲଢ଼େଇ ପାଇଁ ତିନି ଦଳର ପ୍ରସଙ୍ଗ ଖୋଜା

- ଗାଁମୁହାଁ ହେବାକୁ ନେତାଙ୍କୁ ସୁପ୍ରିମୋଙ୍କ ତାଗିଦ
- ତାରିଖ ଘୋଷଣା ପୂର୍ବରୁ ସକ୍ରିୟ ସାଇବର ଯୋଦ୍ଧା



**ଭୁବନେଶ୍ୱର,୧୦।୭(ସଂଚାର ବ୍ୟୁରୋ):** ରାଜ୍ୟ ନିର୍ବାଚନ କମିଶନ ପଞ୍ଚାୟତ ନିର୍ବାଚନ ପାଇଁ ବିଗୁଲ ବଜାଇବା ପରେ ଏବେ ରାଜ୍ୟର ତିନି ପ୍ରମୁଖ ଦଳ ବିଜେପି, ବିଜେଡି ଓ କଂଗ୍ରେସ ଗାଁ ଲୋକଙ୍କ ମନକୁ ପାଇଲା ଭଳି ପ୍ରସଙ୍ଗ ଖୋଜିବାରେ ଲାଗିଛନ୍ତି। ବିଭିନ୍ନ ଦଳର ନେତାମାନେ ଗାଁମୁହାଁ ହୋଇଥିବା ବେଳେ ନିଜ ନିଜର ସାଇବର ଟିମ୍‌କୁ ବି କାମରେ ଲଗାଇ ଦେଲେଣି। ଏଥିସହ ତିନି ପ୍ରମୁଖ ଦଳ ଏବେ ଜିଲ୍ଲା ସଙ୍ଗଠନ ସଜାଡ଼ିବା ସହ ତୃଣମୂଳ ସ୍ତରରେ ଥିବା କନ୍ଦଳର ସମାଧାନ ପାଇଁ ଅଣ୍ଟା ଭିଡ଼ିଛନ୍ତି।

ପଞ୍ଚାୟତ ନିର୍ବାଚନର ସୁରାକ ପାଇବା ମାତ୍ରେ ପାଠ୍ୟପୁସ୍ତକ ପ୍ରସଙ୍ଗକୁ ଏକପ୍ରକାର ପାସୋରି ଦେଇଥିବା ବିଜେଡି ଏବେ ସପ୍ତାହବ୍ୟାପୀ ଅଭିଯାନ ଆରମ୍ଭ କରିଦେଇଛି। ପିଲାଙ୍କ ବହି ଛପାରେ ଅସଙ୍ଗତିକୁ ନେଇ ରାସ୍ତାକୁ ଓହ୍ଲାଇଛି ଦଳ। ସେହିଭଳି ଦଳ ରବି ➪ପୃଷ୍ଠା-୬

ବିଳମ୍ବ ହେବ ତ୍ରିସ୍ତରୀୟ ନିର୍ବାଚନ

### ଏପ୍ରିଲ-ମେ'ରେ ପଞ୍ଚାୟତ ଓ ପୌର ଭୋଟ

**ଜୁନ୍ ସୁଦ୍ଧା ନିର୍ବାଚନ ସାରିବାକୁ ଲକ୍ଷ୍ୟ**



**ଭୁବନେଶ୍ୱର,୧୦।୭ (ସଂଚାର ବ୍ୟୁରୋ):** ଏଥର ଫେବ୍ରୁଆରୀ ନୁହେଁ, ଏପ୍ରିଲ-ମେ'ରେ ହୋଇପାରେ ପଞ୍ଚାୟତ ନିର୍ବାଚନ। ପୌର ନିର୍ବାଚନ ବି ସେହି ସମୟରେ ହୋଇପାରେ। ଏନେଇ ରାଜ୍ୟ ନିର୍ବାଚନ କମିସନଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଜନଗଣନା କାମ ମାର୍ଚ୍ଚ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଚାଲିବ। ଜନଗଣନା ପରେ ଏପ୍ରିଲରେ ପଞ୍ଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ। ତା'ପରେ ବର୍ଷା ପୂର୍ବରୁ ନିର୍ବାଚନ କରିବା ପାଇଁ ସମସ୍ତ ପ୍ରସ୍ତୁତି କରୁଛନ୍ତି ରାଜ୍ୟ ନିର୍ବାଚନ କମିସନ୍। ତେବେ ଏଥର ବଦଳୁଛି ଭୋଟର ତାଲିକା ପ୍ରସ୍ତୁତିର ଢଙ୍ଗ। ଟେବୁଲ୍ ୱର୍କ ନୁହେଁ, ଡୋର୍ ଟୁ ➪ପୃଷ୍ଠା-୬

SANCHAR ସଂଚାର

## ଚୋରା ମଦ ଜବତ, ୬ କୋର୍ଟ ଚାଲାଣ



କେନ୍ଦ୍ରାପଡ଼ା,୧୦।୭ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲା ର ଜମ୍ବୁ ମେରେଇନ ଓ ମାର୍ଶାଘାଇ ଥାନା ଅଧିନିସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ପ୍ରଭାକରପୁର ଗ୍ରାମର ଚନ୍ଦା ଖିଲର (ବୟସ-୫୦)ଙ୍କ ଠାରୁ ୨୭ ଲିଟର ଦେଶୀ ରନ୍ଧା ମଦ, ବଉଳକଣି ଗ୍ରାମର ରବି ଖିଲର (ବୟସ-୫୦)ଙ୍କ ଠାରୁ ୮୫୦ କିଗ୍ରାର ଗୁଡ ପୋଚ ମଦ, ଗୌରାଙ୍ଗ ରାଉତ (ବେଶ-୨୫) ଙ୍କ ଠାରୁ ୬୫୦ କିଗ୍ରା ର ଗୁଡ ପୋଚ ମଦ, ବଡପାଳ ଗ୍ରାମର ଶୋଭ ବେହେରା (ବୟସ-୫୮) ଙ୍କ ଠାରୁ ୭୧ ଲିଟର ବିଦେଶୀ ମଦ, ତିଖିରି ଗ୍ରାମର ତୁଳିଲତା ପଲାଇ (ବୟସ-୩୦) ଙ୍କ ଠାରୁ ୭୨ ଲିଟର ବିଦେଶୀ ମଦ ଓ ଡେକାନୀ ଗ୍ରାମର ନୃସିଂଙ୍ଘ ପ୍ରଧାନ (ବୟସ-୪୫) ଙ୍କ ଠାରୁ ୩୫୪ ଲିଟର ଗୁଡପୋଚ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ ଅଛି । ଏମାନଙ୍କ ପାକ୍ଷରୁ ସମୁଦାୟ ୨୦୧୪ ଲିଟର ବିଦେଶୀ ଓ ଦେଶୀ ରନ୍ଧା ମଦ ଜବତ କରାଯାଇ ୦୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି । ଏହି ଚଢ଼ାଉରେ ଅବକାରୀ ଉପ ନିରିକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର ଓ ଅନ୍ୟ କର୍ମଚାରି ସାମିଲ ଥିଲେ ।

## ମଦ ଦୋକାନକୁ ବିରୋଧ କରି ମହିଳାଙ୍କ ବିକ୍ଷୋଭ




କେନ୍ଦ୍ରାପଡ଼ା,୧୦।୭(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଦୁହୁରିଆ ଛକରେ ହୋଇଥିବା ଏକ ମଦଦୋକାନ ବନ୍ଦ ଦାବିରେ ମହିଳାମାନେ ବିକ୍ଷୋଭ କରିଛନ୍ତି। ଜମଧର ଗ୍ରାମପଞ୍ଚାୟତ ସରପଞ୍ଚ ରାଜକିଶୋର ଖୁଣ୍ଟିଆ ନେତୃତ୍ୱରେ ଶତାଧିକ ମହିଳା ମଦ ଦୋକାନ ଆଗରେ ଧାରଣାରେ ବସିବା ସହ ନାରାବାଜି କରିଥିଲେ।

ନୂଆକରି ଲାଇସେନ୍ସ ପାଇଥିବା ଏହି ଦୋକାନ ଧାର୍ଯ୍ୟ ସ୍ଥାନରେ ନହୋଇ ଗଜଲକ୍ଷ୍ମୀ ପୂଜା ଘର ନିକଟରେ କରାଯାଇଛି। ଅନ୍ୟପକ୍ଷରେ ଦୁହୁରିଆ ଫାଣ୍ଡିର ଠିକ୍ ପଛ ପଟରେ ରହିଛି ଏହି ମଦ ଦୋକାନ । କଟକ-ଚାନ୍ଦବାଲି ରାଜ୍ୟ ରାଜପଥ ଓ ୫୩ନମ୍ବର ଜାତୀୟ ରାଜପଥକୁ ଲାଗିକରି ରହିଛି ଏହି ମଦଦୋକାନ । ଏହା ସମସ୍ତ ଆଇନକୁ ଉଲ୍ଲଂଘନ କରି ଖୋଲା ଯାଇଥିବା ମହିଳାମାନେ ଅଭିଯୋଗ କରିଛନ୍ତି । ଏମିତିକି ପାଣ୍ଡିରି ଗାଁର ପ୍ରବେଶ ପଥରେ ଏହି ମଦ ଦୋକାନ ହେବା ଦ୍ୱାରା ଗାଁ ଲୋକେ ନାନା ସମସ୍ୟାରେ ପଡିବେ ବୋଲି ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି ।

ମଦ୍ୟପମାନେ ମଦ କିଣିନେଇ ପାଣ୍ଡିରି ଗାଁର ପ୍ରବେଶ ଦ୍ୱାରରେ ଥିବା କଲଭର୍ଟ ଉପରେ ବସି ଦିନ ଦ୍ୱିପହରରେ ମଦ୍ୟପାନ କରୁଛନ୍ତି । ଏହାସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି । ଯାହା ଫଳରେ ଏହି ରାସ୍ତା ଦେଇ ଗ୍ରାମର ସ୍କୁଲ ପିଲା, ଗ୍ରାମବାସୀ ଯାତାୟତ କରିବାକୁ ସୁରକ୍ଷିତ ମନେ କରୁନାହାନ୍ତି । ତେଣୁ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ମହିଳାମାନେ ଦାବି କରିଛନ୍ତି । ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି ।

ସରପଞ୍ଚ ରାଜକିଶୋର ଖୁଣ୍ଟିଆ ଏବଂ ପଞ୍ଚାୟତବାସୀ ପୂର୍ବରୁ ଜିଲ୍ଲା ପ୍ରଶାସନକୁ ଅବଗତ କରିଥିବା କହିଛନ୍ତି। ଏମିତିକି ଅବକାରୀ ବିଭାଗ ପାଖରେ ମଧ୍ୟ ଅଭିଯୋଗ କରାଯାଇଛି। କିନ୍ତୁ କେହି କର୍ଣ୍ଣପାତ କରୁ ନ ଥିବାରୁ ସେମାନେ ଆନ୍ଦୋଳନକୁ ଓହ୍ଲାଇଲେ ବୋଲି ଆନ୍ଦୋଳନ-କାରୀମାନେ ଅଭିଯୋଗ କରିଛନ୍ତି ।

## ଅଣ୍ଡରା ଏସ୍‌ବିଆଇ ଏଟିଏମ ଅଚଳ

ପଟ୍ଟାମୁଣ୍ଡାଇ,୧୦।୭ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଣ୍ଡରା ସମବାୟ ସମିତି କଲ୍ୟାଣ ମଣ୍ଡପରେ ଥିବା ଷ୍ଟେଟ ବ୍ୟାଙ୍କ ଏଟିଏମ ଦୀର୍ଘ ୪ମାସ ହେବ ସଂପୂର୍ଣ୍ଣ ଅଚଳ ହୋଇପଡିଛି । ଯାହାଫଳରେ ସାଧାରଣ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ଏହି ଏଟିଏମ ପୂର୍ବରୁ ଅମୃତମଣୋହି ଅଣ୍ଡରା ସୀମାରେ ଘରୋଇ ଜାଗାରେ ଖୋଲା ଯାଇଥିଲା। ବନ୍ୟା ସମୟରେ ଏଟିଏମ ବୁଡି ଯାଇଥିଲା । ଏହା ପରେ ଏହି ଏଟିଏମ ଅଣ୍ଡରାକୁ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ଜନସାଧାରଣଙ୍କ ବାରଣ ସତ୍ୱେ ଏଟିଏମର ପୁରୁଣା ମେସିନ ପରିବର୍ତ୍ତନ କରାନଯାଇ ସେହି ପୁରୁଣା ମେସିନ ବସାଯିବା ଫଳରେ ଏଟିଏମ ମେସିନ ଦୀର୍ଘ ୪ମାସ ହେବ ଅଚଳ ହୋଇପଡିଛି । ବିଭାଗୀୟ କତୃପକ୍ଷଙ୍କ ନିକଟରେ ବାରମ୍ବାର ଦାବୀ କଲେ ମଧ୍ୟ କିଛି ଫଳ ମିଳୁନାହିଁ । ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବିହିତ ପ୍ରତିକାର କରିବାକୁ ସମବାୟବିତ ଚିତ୍ତରଞ୍ଜନ ମଲ୍ଲିକ ଦାବି କରିଛନ୍ତି।

## ଗୃହକର୍ତ୍ତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଲକ୍ଷାଧିକ ଟଙ୍କାର ସୁନା ଓ ଟଙ୍କା ଲୁଟ୍

ଡେରାବିଶ, ୧୦।୭ (ସଂଚାର ବ୍ୟୁରୋ): ଡେରାବିଶ ଥାନା ଅଧୀନ ଚାଟରାଚକଡ଼ା ପଞ୍ଚାୟତ ଫକିରାବାଦ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଚିତରଞ୍ଜନ ଦାଶଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ନଗଦ ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଥିବା ନେଇ ଥାନାରେ ବୁଧବାର ଚିତରଞ୍ଜନଙ୍କ ବଡ଼ଭାଇ ମନୋଜ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତିକରି ଥାନାରେ ୧୭୪/୨୬ରେ ଏକ ମାମଲା ରୁଜୁ କରାଯାଇ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିଲା। ଘରେ ଲାଗିଥିବା ସିସିଟିଭି କ୍ୟାମେରାର ଫୁଟେଜ୍‌କୁ ଭିତ୍ତିକରି ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଗୁରୁବାର ସାଇଂଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଘଟଣା ସ୍ଥଳରେ ପହଞ୍ଚିଥିଲେ। ଥାନ ଅଧିକାରୀ ଅମ୍ବିକା ପ୍ରସାଦ ଦାସ ଓ ଏହି ଘଟଣାର ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ମାମୁନି ରାୟ ଘଟଣା ସ୍ଥଳରେ ଉପସ୍ଥିତ ରହି ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛନ୍ତି। ସିସିଟିଭି ଫୁଟେଜ୍ ଓ ସନ୍ଧାନୀ କୁକୁରର ସହାୟତା ନିଆଯାଇଥିବାରୁ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ୍ ପକ୍ଷରୁ ଜୋରଦାର ଉଦ୍ୟମ ଆରମ୍ଭ ହୋଇଥିବା ରାୟ ସୂଚନା ଦେଇଛନ୍ତି।

## ସ୍କୁଲ ଏସ୍‌ଏମ୍‌ସି କମିଟି ଗଠନ ବାତିଲ ନେଇ ଅସନ୍ତୋଷ

ମହାକାଳପଡ଼ା, ୧୦।୭ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ସାହାବାଜପୁର ଏମ୍.ଇ. ସ୍କୁଲରେ ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ସ୍କୁଲ ପରିଚାଳନା କମିଟି (ଏସ୍‌ଏମ୍‌ସି) ଗଠନ ବୈଠକ ଶେଷ ମୁହୂର୍ତ୍ତରେ ବାତିଲ ହୋଇଯାଇଛି। ବୈଠକ ପାଇଁ ଡକାଯାଇଥିବା ଶତାଧିକ ଅଭିଭାବକ ପ୍ରାୟ ଦୁଇ ଘଣ୍ଟା ଧରି ଅପେକ୍ଷା କରିବା ପରେ ନିରାଶ ହୋଇ ଫେରିଯାଇଥିଲେ। ଘଟଣାକୁ ନେଇ ଅଭିଭାବକ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



ସୂଚନା ଅନୁଯାୟୀ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮୯ ଜଣ ଛାତ୍ରଛାତ୍ରୀ ପାଠପଢ଼ୁଛନ୍ତି। ନୂତନ ଏସ୍‌ଏମ୍‌ସି କମିଟି ଗଠନ ପାଇଁ ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ଅଭିଭାବକମାନଙ୍କୁ ସ୍କୁଲ ପରିସରକୁ ଡକାଯାଇଥିଲା। କିନ୍ତୁ ନିର୍ଦ୍ଧାରିତ ସମୟ ଅତିକ୍ରମ କରିବା ସତ୍ତ୍ୱେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ କୌଣସି ଅଧିକାରୀ କିମ୍ବା ପ୍ରତିନିଧି ପହଞ୍ଚି ନଥିଲେ। ପରେ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ବେହେରା ବୈଠକ ବାତିଲ ହୋଇଥିବା ଘୋଷଣା କରିଥିଲେ। କମିଟି ଗଠନ ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା, କିନ୍ତୁ ବିଇଓ କାର୍ଯ୍ୟାଳୟରୁ କୌଣସି ପ୍ରତିନିଧି ନ ଆସିବାରୁ ବୈଠକ କରିବା ସମ୍ଭବ ହୋଇନଥିଲା ବୋଲି ସେ କହିଛନ୍ତି।

ଏପଟେ ଅଭିଭାବକମାନେ ନିଜ ନିଜ କାମ ଛାଡ଼ି ବୈଠକରେ ଯୋଗଦେବାକୁ ଆସିଥିଲେ ସୁଦ୍ଧା କୌଣସି ପୂର୍ବ ସୂଚନା ନ ଦେଇ ବୈଠକ ବାତିଲ କରାଯିବାକୁ ସେମାନେ ନାପସନ୍ଦ କରିଛନ୍ତି।

**ପାଞ୍ଚ କୋଟିର ରାସ୍ତା ପନ୍ଦର ଦିନ ନଯିବା ଘଟଣା**

## ଠିକାଦାରଙ୍କ ପୋଲ ଖୋଲିଲେ ଯନ୍ତ୍ରୀ

**ନିମ୍ନମାନର କାର୍ଯ୍ୟ ଲୁଚାଇ ରାତିରେ ହେଉଥିଲା**

**ତାଗିତ ପରେବି ମାନୁ ନଥିଲେ ଠିକାଦାର**

**କେବେ ହେବ କାର୍ଯ୍ୟାନୁଷ୍ଠାନ ?**



ଆଳି,୧୦।୭ (ସଂଚାର ବ୍ୟୁରୋ): ଆଳି ତଟବନ୍ଧ ବିଭାଗ ପକ୍ଷରୁ ୫ କୋଟି ଟଙ୍କା ବ୍ୟୟରେ ମଧୁବନ ଠାରୁ ଜୁଆଣିଆ ପର୍ଯ୍ୟନ୍ତ ଯାଇଥିବା ନଦୀବନ୍ଧ ରାସ୍ତା ନବୀକରଣ ହେବାର ୧୫ ଦିନ ମଧ୍ୟରେ ଭୁଶୁଡି ଯିବା ଘଟଣାରେ ଠିକା ଦାରଙ୍କ ପୋଲ ଖୋଲିଛନ୍ତି ଯନ୍ତ୍ରୀ । ଯାହା ଏକ ସାମାଜିକ ଗଣ ମାଧ୍ୟମରେ ଭାଇରାଲ ହୋଇଛି। କୋଉଠି ରାସ୍ତା ଫାଟି ଦୁଇଫାଳ ହୋଇଛି କୋଉଠି ଦୁଇ ପାର୍ଶ୍ୱ ଭୁଶୁଡି ନଦୀ ଅତଡାକୁ ଚାଲି ଯାଇଛି।

ସେ ପଟେ ଏମିତିକି ନିମ୍ନମାନର କାମ ସହ ଯନ୍ତ୍ରୀଙ୍କ ବିନା ଅନୁମତିରେ ରାତିରେ କାମ କରାଯାଇଥିବା ଯନ୍ତ୍ରୀ କହିଥିବା ଏକ ସାମାଜିକ ଗଣ ମାଧ୍ୟମରେ ଭାଇରାଲ ହୋଉଛି। ଏ ନେଇ ଯନ୍ତ୍ରୀ ଠିକାଦାରଙ୍କୁ ତାଗିତ କରିବା ସହ ବିଲ କରାଯିବନି ବୋଲି ଲୋକଙ୍କୁ କହୁଛନ୍ତି।

ଏଠି ପ୍ରଶ୍ନ ଉଠେ ଯଦି କାମ ନିମ୍ନମାନର ହୋଇଥିଲା ଯନ୍ତ୍ରୀ କିପରି ବିଲ କରିଥିଲେ। ଉପରିସ୍ଥ ଅଧିକାରୀ କରୁଥିଲେ କଣ? କାହା ଚାପରେ ଚେପା ହୋଇ ବିଲ କଲେ। ଯଦି ଠିକାଦାରଙ୍କୁ ତାଗିତ କରାଯାଇଥିଲା ଏଠି ଠିକାଦାର କାହା ବଳରେ ବଳିୟାନ ହୋଇ ନିମ୍ନମାନ କାର୍ଯ୍ୟ କଲେ। ଲୋକଙ୍କ ଟିକସ ଅର୍ଥକୁ କାହିଁକି ହରିଲୁଟ କରାଗଲା। କାହିଁକି ଏମାନଙ୍କର ଉପରେ କାର୍ଯ୍ୟାନୁଷ୍ଠାନ ହେବନି।

ଧୋୟାଞ୍ଚଳର ସୁରକ୍ଷା କବଚ ନଦୀବନ୍ଧ ରାସ୍ତା ହୋଇଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ତିନି କିଲୋମିଟର ରାସ୍ତା ସମ୍ପୂର୍ଣ୍ଣ ଭାବେ ଲଗାଣ ବର୍ଷାରେ ଧୋଇଯିବା ପରେ ତଟବନ୍ଧ ବିଭାଗ ପକ୍ଷରୁ ଆଳି ବ୍ଲକରେ କିଭଳି ଭାବେ କାର୍ଯ୍ୟ ହେଉଛି ତାହାର ଜ୍ୱଳନ୍ତ ଉଦାହରଣ ।

କୋଟି କୋଟି ଟଙ୍କାର କାମ ହେଉଥିବା ବେଳେ କୌଣସି ସ୍ଥାନରେ କାର୍ଯ୍ୟ ସମ୍ପର୍କରେ ସୂଚନା ଫଳକଟିଏ ମଧ୍ୟ ନଲଗା ଯିବାକୁ ନେଇ ବଡ ପ୍ରଶ୍ନ ବାଚୀ ସୃଷ୍ଟି କରିଛି । ଠିକାଦାର ଓ ତଦାରଖ ଯନ୍ତ୍ରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି ।

**ପାରାଦ୍ୱୀପ ବିଜେପିର ମିଶ୍ରଣ ପର୍ବ**

## ୧୦୦ରୁ ଉର୍ଦ୍ଧ୍ୱ ନୂଆ ସଦସ୍ୟ, ବିଧାୟକ ଓ ସାଂସଦ ଏକାଠି ମଞ୍ଚରେ




ପାରାଦ୍ୱୀପ, ୧୦।୭ (ସଂଚାର ବ୍ୟୁରୋ): ପାରାଦ୍ୱୀପ ପୌର ନିର୍ବାଚନକୁ ଆଖିରେ ରଖି ବିଜେପି ପକ୍ଷରୁ ଏକ ବଡ଼ ମିଶ୍ରଣ ପର୍ବର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ ପାରାଦ୍ୱୀପ ବାସିନ୍ଦା ବିଜେପିରେ ଯୋଗଦେଇଥିଲେ।

ମିଶ୍ରଣ ପର୍ବରେ ପାରାଦ୍ୱୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ଏବଂ ସ୍ଥାନୀୟ ସାଂସଦ ଉଭୟ ଏକାଠି ମଞ୍ଚରେ ଉପସ୍ଥିତ ଥିଲେ। ଉଭୟ ନେତା ନୂଆ ସଦସ୍ୟଙ୍କୁ ଦଳୀୟ ପତାକା ଓ ଫୁଲମାଳ ଦେଇ ସ୍ୱାଗତ କରିଥିଲେ ଏବଂ ଆଗାମୀ ପୌର ନିର୍ବାଚନରେ ଦଳକୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ!

ମିଶ୍ରଣ ପର୍ବରେ ଯୋଗଦେଇଥିବା ଲୋକଙ୍କ ମଧ୍ୟରେ ଜଣେ ବରିଷ୍ଠ କାଉନସିଲର ମଧ୍ୟ ଥିଲେ। ଯିଏ ପୂର୍ବରୁ କଂଗ୍ରେସ ଏବଂ ବିଜେଡିରେ ରହିବା ପରେ ଏବେ ବିଜେପିରେ ମିଶିଛନ୍ତି। ଏଭଳି ତିନିଥର ଦଳ ବଦଳାଇଥିବା ନେତାଙ୍କୁ ବଡ଼ ଧୂମଧାମରେ ସ୍ୱାଗତ କରାଯିବା ପୁରୁଣା ବିଜେପି କର୍ମୀଙ୍କୁ ଭଲ ଲାଗିନାହିଁ। ଜଣେ ପୁରୁଣା କର୍ମୀଙ୍କ କହିବା, "୧୦୦ଲୋକ ନୂଆ ଆସିଲେ ସଂଖ୍ୟା ବଢ଼ିପାରେ, କିନ୍ତୁ ଯଦି ପୁରୁଣା କର୍ମୀ ଅସନ୍ତୁଷ୍ଟ ହୁଅନ୍ତି ତେବେ ବୁଥ ସ୍ତରରେ କ୍ଷତି ହେବ। ଲୋକେ ଏହାକୁ ମିଶ୍ରଣ ନାଁରେ ଅପମିଶ୍ରଣ ବୋଲି କହୁଛନ୍ତି।"

## ଶିଳ୍ପ ପାଇଁ ଜମି ଅଧିଗ୍ରହଣକୁ ଜିଲ୍ଲା ଚାଷୀ ଶ୍ରମିକ ସଂଘର ବିରୋଧ

**ଅଧିଗ୍ରହଣ ପ୍ରକ୍ରିୟା ବନ୍ଦ ପାଇଁ ଜିଲ୍ଲାପାଳଙ୍କ ସୁପାରିସ୍**

ଡେରାବିଶ,୧୦।୭ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ତହସିଲ ଅଧୀନ ଗୋଲରାହାଟ ପଞ୍ଚାୟତ ତିଲକପୁର ଗ୍ରାମରେ ଶିଳ୍ପାନୁଷ୍ଠାନ ପାଇଁ ୧୧୭ ଏକର ଜମିକୁ ଅଧିଗ୍ରହଣ ପାଇଁ ଗତ ୨୦୨୫ ମସିହା ସେପ୍ଟେମ୍ବର ମାସରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରାମର ଚାଷୀମାନଙ୍କୁ ନୋଟିସ୍ କରାଯାଇଥିଲା। ନିଜର ଭାତହାଣ୍ଡି ସଦୃଶ ଚାଷଜମିକୁ ହରାଇବା ଚିନ୍ତାରେ ସମ୍ପୃକ୍ତ ଗ୍ରାମର ଚାଷୀମାନଙ୍କ ଉପରେ ଯେପରି ଚଡ଼କ ପଡ଼ିଥିଲା। ଏହି ଜମି ଅଧିଗ୍ରହଣ ହେଉଥିବା ନେଇ ବହୁପରିମାଣରେ ଭୟଭୀତ ହୋଇ ଚାଷୀମାନେ ଚିନ୍ତାଗ୍ରସ୍ତ ହୋଇପଡ଼ିଥିଲେ। ପ୍ରସ୍ତାବିତ ଜମି ଅଧିଗ୍ରହଣକୁ ବନ୍ଦ କରିବା ପାଇଁ ତିଲକପୁର ଗ୍ରାମର ୧୯୭ ଜଣ ଚାଷୀ ଜିଲ୍ଲାପାଳଙ୍କୁ ଭେଟି ଏହି ଜମି ଅଧିଗ୍ରହଣ ତୁରନ୍ତ ବନ୍ଦ କରିବା ପାଇଁ ନିବେଦନ କରିଥିଲେ। ଯଦି ଶିଳ୍ପ ପାଇଁ ଏହି ୧୧୭ ଏକର ଚାଷ ଜମି ଅଧିଗ୍ରହଣ ହୁଏ ତେବେ ସମସ୍ତ ଚାଷୀ ଭୂମିହୀନ ହୋଇଯିବେ ଏବଂ ନିଜର ଜିବିକା ମଧ୍ୟ ହରାଇବେ ବୋଲି ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ।

ଗ୍ରାମବାସୀମାନଙ୍କ ଦାବି ଯଥାର୍ଥ ହୋଇଥିବାରୁ ଏହାକୁ ଗୁରୁତ୍ୱ ଦେଇ କେନ୍ଦ୍ରାପଡ଼ା ଜିଲ୍ଲା ଚାଷି ଶ୍ରମିକ ସଂଘ ତୁରନ୍ତ ଅଧିଗ୍ରହଣକୁ ବିରୋଧ କରି ଜିଲ୍ଲାପାଳଙ୍କ ନିକଟରେ ଦାବି ରଖିଥିଲେ। ସଂଘର ଏହି ଦାବିକୁ ଜିଲ୍ଲାପାଳ ଅତି ଗୁରୁତ୍ୱର ସହ ଗ୍ରହଣ କରି ଏହାର ଶୁଣାଣୀ ପାଇଁ ଗତ ଫେବୃୟାରୀ ୬ ତାରିଖରେ ଜିଲ୍ଲାପାଳଙ୍କ ଦ୍ୱାରା ଏ ସଂକ୍ରାନ୍ତରେ ଆହୁତ ବୈଠକରେ ସଂଘର କର୍ମକର୍ତ୍ତା ଓ ପ୍ରଭାବିତ ହେବାକୁଥିବା ତିଲକପୁର ଗ୍ରାମର ସମସ୍ତ ଚାଷୀମାନେ ଉପସ୍ଥିତ ଥିଲେ। ତେବେ ଏହି ବୈଠକରେ ସଂଘର ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର, ସମ୍ପାଦକ କୃତିବାସ ଦାସ, ଧରଣୀଧର ପ୍ରଧାନ, ମଦନ ମହାନ୍ତି, ଗୋବିନ୍ଦ ବାରିକ, ତ୍ରିଲୋଚନ ରାଉତ, ରାମଚନ୍ଦ୍ର ରାଉତ ପ୍ରମୁଖ ଚାଷୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ସଂଘର ସଭାପତି ପଣ୍ଡିତ ମିଶ୍ରଙ୍କ ସୂଚନା ଅନୁଯାୟୀ ଇତିମଧ୍ୟରେ ଜିଲ୍ଲା ମୁଖ୍ୟ କୃଷୀ ଅଧିକାରୀ ତିଲକପୁର ଗ୍ରାମର ଚାଷଜମି ଜଳସେଚିତ ଏବଂ ଦୋଫସଲି ହୋଇଥିବାରୁ ସମ୍ପୃକ୍ତ ଗ୍ରାମର ଚାଷୀମାନେ ବିପୁଳ କ୍ଷତିର ସମ୍ମୁଖିନ ହେବେ ବୋଲି ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ତେବେ ଉପରୋକ୍ତ ସମସ୍ୟାକୁ ବିଚାର କରି ଜିଲ୍ଲାପାଳ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ବନ୍ଦ ରଖିବାକୁ ସରକାରଙ୍କୁ ସୁପାରିଶ କରିଥିବାରୁ ସମ୍ପୃକ୍ତ ଗ୍ରାମର ଚାଷୀ ଓ ଜିଲ୍ଲା ଚାଷୀ ଶ୍ରମିକ ସଂଘର କର୍ମକର୍ତ୍ତାମାନେ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ବାବା ପଞ୍ଚଲିଙ୍ଗେଶ୍ୱର ମହାଦେବଙ୍କୁ ଦର୍ଶନ କଲେ ଚାମେଲୀ



ନୀଳଗିରି,୧୦।୭ (ସଂଚାର ବ୍ୟୁରୋ): ଲୋକଙ୍କ ହକ ପାଇଁ ଯିଏ ନିଜ ଜୀବନକୁ ବାଜି ଲଗାଇ, ନ୍ୟାୟ ତଥା ନିଜ କର୍ତ୍ତବ୍ୟ ପଥରେ ଜୀବନ ମରଣ ଶହ ସଂଗ୍ରାମ କରି ସାରା ରାଜ୍ୟରେ ଓ ସୋସିଆଲ ମିଡିଆରେ ବେଶ ପ୍ରଶଂସା ସାଉଁଟିଥିବା ସରପଂଚ ଚମେଲି ଓଝା । ଓଡିଶା ରାଜନୀତିରେ ଜଣେ ଚର୍ଚ୍ଚିତ ଚେହେରା ଯଥା କିଛି ଦିନ ପୂର୍ବରୁ ସାରା ରାଜ୍ୟରେ ଚର୍ଚ୍ଚାରେ ଥିଲେ। କେନ୍ଦ୍ରାପଡା ଜିଲ୍ଲା ମହାକାଳ ପଡା ବ୍ଲକ ଟିକିରି ପଂଚାୟତ ର ମହାନ ଆଦର୍ଶବାଦୀ ସରପଞ୍ଚ ଚାମେଲୀ ଓଝା ଆଜି ବାଲେଶ୍ୱର ଗସ୍ତରେ ଆସି ମୋ ବସ ଦୁର୍ଘଟଣାରେ ମୃତ ମାନସ ପରିବାରଙ୍କୁ ଭେଟିଲା ପରେ ଆଜି ଅପରାହ୍ନ ୩.୩୦ମିନିଟ ସମୟରେ ବାବା ପଞ୍ଚଲିଙ୍ଗେଶ୍ୱର ମହାଦେବଙ୍କୁ ଦର୍ଶନ କରିଥିଲେ।

ତାଙ୍କୁ ଶ୍ୟାମସୁନ୍ଦର ପୁର ପଂଚାୟତ ସରପଂଚ ପୁରସ୍ତମ ସେଠୀ, ନାଏବେ ସରପଂଚ ଶ୍ରୀମତୀ ମାଳତୀ ନାୟକ, ଲକ୍ଷ୍ମୀଧର ସ, ୱାର୍ଡ ମେମ୍ବର କମଳା କାନ୍ତ ମହାନ୍ତି, ପ୍ରଭାକର ପଣ୍ଡା, ଆଦିକନ୍ଦମଲ୍ଲିକ, ଗଜାନନ ପଣ୍ଡା, ସିଦ୍ଧାନ୍ତ ସେଠୀ, ମାୟାଧର ପଣ୍ଡା ସମେତ ବହୁ ସ୍ଥାନୀୟ ଲୋକମାନେ ସରପଂଚ ଚମେଲି ଓଝାଙ୍କୁ ଫୁଲ ତୋଡା ଓ ଉତ୍ତୋରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ପରେ ବାବାଙ୍କ ଦର୍ଶନ ପରେ ଶ୍ୟାମସୁନ୍ଦରପୁର ପଂଚାୟତକୁ ଯାଇ ସରପଂଚ ଓ ସ୍ଥାନୀୟ ଲୋକମାନଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ।

ସରପଂଚ ଚମେଲି ଓଝା ତାଙ୍କ ବିପଦ ସମୟରେ ନୀଳଗିରି ସରପଂଚ ସଂଘ ଓ ନୀଳଗିରିବାସୀ ଛିଡା ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦଦେବା ସହିତ ବାବା ପଂଚଲିଙ୍ଗେଶ୍ୱର ନିକଟରେ ସେମାନଙ୍କର ଉତ୍ତୋରତର କାମନା କରିଥିଲେ। ସରପଞ୍ଚ ଚାମେଲୀ ଓଝାଙ୍କୁ ଦେଖିବା ପାଇଁ ଶ୍ୟାମସୁନ୍ଦରପୁର ଓ ପଂଚଲିଙ୍ଗେଶ୍ୱରରେ ବେଶ ଭିଡ଼ ଅଂଚଳରେ ଦେଖିବାକୁ ମିଳିଥିଲା।

## ୧୫ରେ ପଡ଼ିବ ଲକ୍ଷ୍ମୀ ମନ୍ଦିରର ଶୁଭ



ଯାଜପୁର,୧୦।୭ (ସଂଚାର ବ୍ୟୁରୋ): ବ୍ୟାସ-ସରୋବର ସ୍ଥିତ ଜଗନ୍ନାଥ ମନ୍ଦିର ରଥଯାତ୍ରା ଚୁଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ବଡପଣ୍ଡା ଶ୍ରୀ ଶ୍ରୀ ପୀତବାସ ପତି ଶର୍ମା ଅଧ୍ୟକ୍ଷତା କରିବା ସହ ୧୪ ତାରିଖରେ ନେତ୍ର ଉତ୍ସବ, ରଥଯାତ୍ରା ଗୁଣ୍ଡିଚା, ବାହୁଡା ଯାତ୍ରା ସମ୍ପର୍କରେ ଆଲୋଚନା କରିବା ସହ ୧୫ ତାରିଖରେ ଲକ୍ଷ୍ମୀ ମନ୍ଦିର ଶୁଭ ପଡିବ ବୋଲି ନିଷ୍ପତି ହୋଇଥିଲା। ରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଁଚି ଥିବା ବେଳେ ଆସନ୍ତାକାଲି ଠାରୁ ରଙ୍ଗ ଦିଆଯିବ। ବଡଦାଣ୍ଡ ମରାମତି କାର୍ଯ୍ୟ ସମାପନ ସରିଥିବା ଚନ୍ଦନ ପୋଖରି କାର୍ଯ୍ୟ ଆରମ୍ଭ ହୋଇଛି। ବୈଠକରେ ଗୋପାଳ ପତି, ସଙ୍କର୍ଷଣ ପଣ୍ଡା, କମିଟି ସଭ୍ୟ ରାକେଶ ରାଉତ, ନରେଶ ମସ୍କରା, ଅଶୋକ ରାଉତ, ରବୀନ୍ଦ୍ର ରାଉତ, ନିରଞ୍ଜନ ଘଡାଇ, ମହେଶ କୃଷ୍ଣ ମହାନ୍ତି, ଅନନ୍ତ ଦାସ, ବେଣୁ ପରିଡା, ତ୍ରିଲୋଚନ ବାରିକ, ନାରାୟଣ ଦାସ, ଅମୂଲ୍ୟ ରାଉତ, ରତ୍ନାକର ରାଉତ, ଅଇଁଠୁ ସ୍ୱାଇଁ, ବିଦ୍ୟାଧର ପ୍ରଧାନ, ହେମନ୍ତ ସେଠୀ, ପଦ୍ମ ନାଭ ରାଉତ, ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜମି ଓ କାର୍ଯ୍ୟାଳୟ ନିମନ୍ତେ ପ୍ରଶାସନକୁ ଦାବିପତ୍ର ଦେଲା ନିମାପଡ଼ା ସାମ୍ବାଦିକ ସଂଘ



ନିମାପଡା,୧୦।୭ (ସଂଚାର ବ୍ୟୁରୋ): ନିମାପଡ଼ା ସାମ୍ବାଦିକ ସଂଘକୁ ସରକାରୀ ଜମି ପ୍ରଦାନ କରିବା ପାଇଁ ସଂଘର ସଭାପତି ଅକ୍ଷୟ କୁମାର ନାୟକଙ୍କ ନେତୃତ୍ୱରେ ବହୁ ସାମ୍ବାଦିକ ନିମାପଡ଼ା ତହସିଲ କାର୍ଯ୍ୟାଳୟରେ ତହସିଲଦାର ମନୋଜ କୁମାର ପ୍ରଧାନଙ୍କୁ ଦାବି ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ଜମି ଓ ସାମ୍ବାଦିକ ଭବନ ନିର୍ମାଣ ପର୍ଯ୍ୟନ୍ତ ନିମାପଡ଼ା ସାମ୍ବାଦିକ ସଂଘ କାର୍ଯ୍ୟାଳୟ ନିମନ୍ତେ ସରକାରୀ ଗୃହ ପ୍ରଦାନ କରିବା ପାଇଁ ନିମାପଡ଼ା ଏନଏସି ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ ନିମାପଡ଼ା ସାମ୍ବାଦିକ ସଂଘର ସାମ୍ବାଦିକମାନେ ।

ସଂଘର କାର୍ଯ୍ୟକର୍ତ୍ତା ଓ ସଭ୍ୟମାନେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଭୁବନେଶ୍ୱର ସରକାରୀ ବାସଭବନରେ ସାକ୍ଷାତ ଏବଂ ଆଲୋଚନା କରିବା ସହିତ ଜମି ଓ କାର୍ଯ୍ୟାଳୟ ନିମନ୍ତେ ଦାବିପତ୍ର ଦେବା ସମୟରେ ଜମି ଓ କାର୍ଯ୍ୟାଳୟ ବିଷୟରେ ଶ୍ରୀମତୀ ପରିଡ଼ା ନିର୍ଭର ପ୍ରତିଶ୍ରୁତି ଦେଇ ତହସିଲଦାର ଆଉ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦାବି ପତ୍ର ଦେବା ପାଇଁ ପରାମର୍ଶ ଦେଇଥିଲେ। ନିମାପଡ଼ା ସାମ୍ବାଦିକମାନଙ୍କ ନିମନ୍ତେ ବିଗତ ଦିନରେ ଗୃହ ନଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହୋଇ ବାରମ୍ବାର ପ୍ରତିବାଦ କରୁଥିଲେ।

## ବର୍ଷାରେ ପଡ଼ିଥିବା ପିଚୁ ୧୦ ଦିନ ବି ତିଷ୍ଠିଲାନି

**ବଡ଼ ବଡ଼ ଖାଲ ପାଇଁ ବଢୁଛି ଦୁର୍ଘଟଣା**

**ଜାତୀୟ ରାଜପଥ କର୍ତ୍ତୃପକ୍ଷ କୁମ୍ଭକର୍ଣ୍ଣ ନିଦ୍ରାରେ**



ଆନନ୍ଦପୁର,୧୦।୭ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାର ଲାଇଫ୍ ଲାଇନ୍ କୁହାଯାଉଥିବା ୨୦ ନମ୍ବର ଜାତୀୟ ରାଜପଥ ଏବେ ପାଲଟିଛି ମରଣଯନ୍ତ୍ର। ଗୋଟିଏ ପଟେ ପ୍ରତି ୬୦ କିଲୋମିଟରରେ ଟୋଲ୍ ଆଦାୟ ଜୋରଦାର ଚାଲିଥିବା ବେଳେ, ଅନ୍ୟପଟେ ରାସ୍ତାର ଅବସ୍ଥା ଦେଖିଲେ ଲାଗୁଛି ଯାତ୍ରୀଙ୍କ ଜୀବନର କୌଣସି ମୂଲ୍ୟ ନାହିଁ। ବର୍ଷା ବେଳେ ତରବରିଆ ଭାବେ ପକାଯାଇଥିବା ପିଚୁ ମାତ୍ର ୧୦ ଦିନ ମଧ୍ୟରେ ଉଠିଯାଇଛି। ଏବେ ସେହି ସ୍ଥାନରେ ସୃଷ୍ଟି ହୋଇଛି ବିରାଟ ଖାଲ, ଜମି ରହୁଛି ପାଣି, ଆଉ ପ୍ରତିଦିନ ବଢ଼ୁଛି ଦୁର୍ଘଟଣାର ଆଶଙ୍କା।

ଗତ ୧୦ ଦିନ ପୂର୍ବେ ମୂଷଳଧାରା ବର୍ଷା ଚାଲିଥିବା ସମୟରେ ବାରିଗାଁରୁ ବେଲବାହାଲୀ ନୂଆ ବାଇପାସ୍ ପର୍ଯ୍ୟନ୍ତ ଜାତୀୟ ରାଜପଥର ଖାଲଖମାକୁ ପିଚୁ ପକାଯାଇଥିଲା। ସେହି ସମୟରେ ବର୍ଷାରେ ପିଚୁ ପକାଯାଉଥିବା ଘଟଣାକୁ ନେଇ ସଂଚାର ରେ ଖବର ପ୍ରସାରଣ ହୋଇଥିଲା। କିନ୍ତୁ ଏବେ ମାତ୍ର ୧୦ ଦିନ ପରେ ସବୁ ସତ ସାମ୍ନାକୁ ଆସିଛି। ପକାଯାଇଥିବା ପିଚୁ ସମ୍ପୂର୍ଣ୍ଣ ଉଠିଯାଇଛି। ରାସ୍ତା ପୁଣି ପୂର୍ବ ଭଳି ଖାଲଖମାରେ ପରିଣତ ହୋଇଛି। ଯେଉଁ ସ୍ଥାନରେ ପିଚୁ ପକାଯାଇଥିଲା, ସେଠାରେ ଏବେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ବର୍ଷା ପାଣି ଜମି ରହୁଥିବାରୁ ଯାନବାହନ ଚଳାଚଳରେ ଘୋର ସମସ୍ୟା ଦେଖାଦେଇଛି। ବିଶେଷ କରି ଦୁଇଚକିଆ ଚାଳକମାନେ ପ୍ରତିଦିନ ଦୁର୍ଘଟଣାର ମୁହାଁ ହେଉଛନ୍ତି।

ପ୍ରଶ୍ନ ଉଠୁଛି, ଟୋଲ୍ ଆଦାୟରେ କୌଣସି ଅବହେଳା ନଥିବା ବେଳେ ରାସ୍ତାର ମରାମତି କାମରେ ଏତେ ଅବହେଳା କାହିଁକି? ନିମ୍ନମାନର କାମ କରିଥିବା ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ? ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ନିରବ କାହିଁକି? ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ବୋଲି କଣ ଠିକା ସଂସ୍ଥାକୁ ସବୁ ତ୍ରୁଟି ପାଇଁ ଛାଡ଼ ମିଳୁଛି? ଲୋକଙ୍କ ଜୀବନଠାରୁ କି ଠିକାଦାରଙ୍କ ସ୍ୱାର୍ଥ ବଡ଼? ଏହାର ଉତ୍ତର ଏବେ ଜନସାଧାରଣ ଚାହୁଁଛନ୍ତି। ବର୍ଷାରେ ପକାଯାଇଥିବା ପିଚୁ ୧୦ ଦିନ ବି ତିଷ୍ଠି ପାରିଲା ନାହିଁ। ତେବେ ଏଭଳି କାମ ପାଇଁ ଦାୟୀ କିଏ? ନିମ୍ନମାନର କାର୍ଯ୍ୟ ପାଇଁ କେବେ ହେବ କାର୍ଯ୍ୟାନୁଷ୍ଠାନ? ନା ଏଭଳି ଅବହେଳା ଭିତରେ ଆହୁରି ଅନେକ ନିରୀହ ଜୀବନ ଚାଲିଯିବ? ତାହା ଏବେ ଦେଖିବାକୁ ବାକି ରହିଲା।

## ମାଇନିଂ ଏରିଆ ଟ୍ରକ ମାଲିକ ସଂଘ ନିର୍ବାଚନ ପାଇଁ ପ୍ରଚାର ଜୋରଦାର




ଯୋଡ଼ା,୧୦।୭ (ସଂଚାର ବ୍ୟୁରୋ): ଖଣି ବହୁଳ ଯୋଡ଼ା ଅଞ୍ଚଳର ମାଇନିଂ ଏରିଆ ଟ୍ରକ ମାଲିକ ସଂଘର ବହୁ ପ୍ରତୀକ୍ଷିତ ନିର୍ବାଚନ ଆସନ୍ତା ଜୁଲାଇ ୧୪ ତାରିଖରେ ଅନୁଷ୍ଠିତ ହେବ। ଏହାକୁ ନେଇ ସଂଘର ବିଭିନ୍ନ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ପ୍ରଚାରକୁ ଜୋରଦାର କରିଛନ୍ତି। ନିଜ ନିଜ ସମର୍ଥକଙ୍କୁ ସାଙ୍ଗରେ ନେଇ ପ୍ରାର୍ଥୀମାନେ ଟ୍ରକ ମାଲିକଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ କରି ସମର୍ଥନ ଲୋଡୁଛନ୍ତି।

ନିର୍ବାଚନୀ ପ୍ରଚାର ବେଳେ ପ୍ରାର୍ଥୀମାନେ ଟ୍ରକ ମାଲିକଙ୍କ ବିଭିନ୍ନ ସମସ୍ୟାର ସମାଧାନ, ପରିବହନ ବ୍ୟବସ୍ଥାର ସୁଧାର, ଭଡ଼ା ଦର ସମ୍ବନ୍ଧୀୟ ସମସ୍ୟାର ନିରାକରଣ ଏବଂ ସଂଘର ସାମଗ୍ରିକ ବିକାଶ ପାଇଁ କାମ କରିବେ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ବିଭିନ୍ନ ସ୍ଥାନରେ ଛୋଟ ଛୋଟ ବୈଠକ, ଜନସମ୍ପର୍କ ଅଭିଯାନ ଓ ଘରକୁ ଘର ବୁଲି ପ୍ରଚାର କାର୍ଯ୍ୟକ୍ରମ ଚାଲିଛି।

ସଭାପତି ପଦବୀ ପାଇଁ ଚତୁର୍ଭୁଜ ପଲେଇ ଓ ଚନ୍ଦ୍ରମୋହନ ପଲେଇଙ୍କ ମଧ୍ୟରେ ମୁକାବିଲା ହେଉଥିବାବେଳେ ସମ୍ପାଦକ ପଦବୀ ପାଇଁ ସତ୍ୟପ୍ରିୟ ବାରିକ ଓ ସଞ୍ଜୟ କୁମାର ଆପଟ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଉପସଭାପତି ପଦ ପାଇଁ ଅଜୟ ସିନ୍ହା ଓ ବିରସିଂ ମୁଣ୍ଡା, ଯୁଗ୍ମ ସମ୍ପାଦକ ପଦ ପାଇଁ ସାଗର ମଙ୍ଗରାଜ ଓ ଅମିତ କୁମାର ବାଗତି ଏବଂ କୋଷାଧ୍ୟକ୍ଷ ପଦ ପାଇଁ ଇନ୍ଦ୍ରଜିତ ଗୁପ୍ତା ଓ ସୁରେଶ ଚନ୍ଦ୍ର ଗିରି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ।

ଗତ ୭ରୁ ୮ ବର୍ଷ ଧରି ସଂଘର ଦାୟିତ୍ୱରେ ରହିଆସୁଥିବା ଏକ ଟିମ୍ ପୁନର୍ବାର ନିର୍ବାଚନ ମଇଦାନକୁ ଓହ୍ଲାଇଥିବାବେଳେ, ସେମାନଙ୍କ ବିପକ୍ଷରେ ଏକ ନୂଆ ଟିମ୍ ପ୍ରତିଦ୍ୱନ୍ଦ୍ୱିତା କରୁଛି। ନୂଆ ଟିମ୍ 'ପରିବର୍ତ୍ତନ'ର ନାରା ଦେଇ ଗାଡ଼ି ମାଲିକଙ୍କ ହକ୍ ଓ ସ୍ୱାର୍ଥ ପାଇଁ ସଂଘର୍ଷ କରିବାକୁ ପ୍ରତିଶ୍ରୁତି ଦେଉଥିବାବେଳେ, ପୁରୁଣା ଟିମ୍ ନିଜର ଅଭିଜ୍ଞତା ଓ ପୂର୍ବ କାର୍ଯ୍ୟଦକ୍ଷତାକୁ ଆଧାର କରି ପୁଣିଥରେ ସମର୍ଥନ ଲୋଡୁଛି।

# ସରକାରଙ୍କୁ ୧.୧୭ କୋଟିର ଲାଭାଂଶ ଦେଲା ଓଟିଡିସି



ଭୁବନେଶ୍ୱର,୧୦ା୭(ସଂଚାର ବ୍ୟୁରୋ): ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଓଡ଼ିଶା ସରକାରଙ୍କୁ ୧.୧୭ କୋଟିର ଲାଭାଂଶ ପ୍ରଦାନ କରିଛି। ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ, ପ୍ରଭାତୀ ପରିଡ଼ା, ଓଟିଡିସିର ପରିଚାଳନା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ରଙ୍କଠାରୁ ଏହି ଚେକ୍ ଗ୍ରହଣ କରିଛନ୍ତି।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଓଡ଼ିଶାର ପର୍ଯ୍ୟଟନ ଭିତ୍ତିଭୂମି ଓ ସେବା ପ୍ରଦାନକୁ ଅଧିକ ସୁଦୃଢ଼ କରିବା ଦିଗରେ ଓଟିଡିସିର ନିରନ୍ତର ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ସେ ଗୁରୁତ୍ୱାରୋପ କରି କହିଥିଲେ ଯେ ଆର୍ଥିକ ଦୃଷ୍ଟିରୁ ସକ୍ଷମ ଓ ବୃତ୍ତିଗତ ଭାବେ ପରିଚାଳିତ ପର୍ଯ୍ୟଟନ ନିଗମ, ପର୍ଯ୍ୟଟକମାନଙ୍କ ଅନୁଭୂତିକୁ ସମୃଦ୍ଧ କରିବା, ସ୍ଥାନୀୟ ଅର୍ଥନୀତିକୁ ସମର୍ଥନ କରିବା ଓ ରାଜ୍ୟର ବ୍ୟାପକ ପର୍ଯ୍ୟଟନ ଦୂରଦୃଷ୍ଟିକୁ ସାକାର କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଓଟିଡିସି ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି। ଏହି ନିଗମ ବର୍ତ୍ତମାନ ୧୪ଟି ପାନ୍ଥନିବାସ ହୋଟେଲ ୟୁନିଟ୍, ପାରମ୍ପରିକ ଓଡ଼ିଆ ଖାଦ୍ୟ ରେଷ୍ଟୁରାଣ୍ଟ ଓ ଏକ ବିଳାସପୂର୍ଣ୍ଣ ପର୍ଯ୍ୟଟନ ପରିବହନ ସେବା (ଟ୍ରାନ୍ସପୋର୍ଟ ଫ୍ଲିଟ୍) ପରିଚାଳନା କରି ଦେଶୀ ଓ ବିଦେଶୀ ପର୍ଯ୍ୟଟକମାନଙ୍କର ବିଭିନ୍ନ ଆବଶ୍ୟକତାକୁ ପୂରଣ କରୁଛି।

# ୯୨ କୁମ୍ଭୀର ବସା ଚିହ୍ନଟ

ରାଜନଗର,୧୦ା୭(ସଂଚାର ବ୍ୟୁରୋ): ଭିତରକନିକାରେ ଆଜି ସୁଦ୍ଧା ନଦୀ, ନାଳମାନଙ୍କରେ ବାସ କରୁଥିବା ବିରଳ ବଉଳା କୁମ୍ଭୀରଙ୍କ ୯୨ଟି ବସା ଚିହ୍ନଟ ହୋଇଥିବା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଗତବର୍ଷ ୧୧୭ଟି ବସା ଚିହ୍ନଟ ହୋଇଥିଲା। ଏବେ କୁମ୍ଭୀର ବସା ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଜୁଲାଇ ୨୦ ତାରିଖ ସୁଦ୍ଧା ଭିତରକନିକା ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟ ମଧ୍ୟରେ କେତେ ସଂଖ୍ୟକ କୁମ୍ଭୀର ବସା କରି ଅଣ୍ଡା ଦେଇଛନ୍ତି ତାହା ସ୍ପଷ୍ଟ ହେବ। ଆଜି ସୁଦ୍ଧା କନିକା ରେଞ୍ଜରେ ୯୦ଟି ଓ ରାଜନଗର ରେଞ୍ଜରେ ୨ଟି କୁମ୍ଭୀର ବସା ଚିହ୍ନଟ ହୋଇଛି। ପ୍ରତିବର୍ଷ ମେ ୧ରୁ ଜୁଲାଇ ୩୧ ତାରିଖ ଯାଏଁ ଦୀର୍ଘ ୩ ମାସ ଧରି ବିରଳ ବଉଳା କୁମ୍ଭୀରଙ୍କ ପ୍ରଜନନ ପ୍ରକ୍ରିୟା ଜାରି ରହିଥାଏ। ମା' କୁମ୍ଭୀର ଅନ୍ତଃସତ୍ତ୍ୱା ହେବା ପରେ ଅଣ୍ଡା ଦେବା ପାଇଁ ନିରାପଦ ସ୍ଥାନ ଖୋଜିଥାଏ। ନାଳଠୁଁ ଉଚ୍ଚା ସ୍ଥାନରେ ବସା କରିଥାଏ। ଖରଖରି ପତ୍ର ଓ କାଠି କୁଟକୁ ସଂଗ୍ରହ କରି ୨ ଫୁଟ ଉଚ୍ଚର ଗଦା କରିଥାଏ। ଗଦା ଉପରେ କୁମ୍ଭୀର ଅଣ୍ଡା ଦେବା ପରେ ତା' ଉପରେ ପୁଣି ଖରଖରି ପତ୍ର ଓ କାଠି କୁଟା ଘୋଡାଇ ଦେଇଥାଏ। ପ୍ରତ୍ୟେକ କୁମ୍ଭୀର ୪୦ରୁ ୬୦ଟି ଅଣ୍ଡା ଦେଇଥାଏ। ଅଣ୍ଡା ଦେବାର ୭୫ ଦିନ ମଧ୍ୟରେ ଛୁଆ ବାହାରିଥାଏ। କୁମ୍ଭୀର ଅଣ୍ଡା ଦେବା ପରେ ବସା ଉପରେ ଓ ବସା ପାଖରେ କିମ୍ବା ୫/୧୦ଫୁଟ ଦୂରତା ମଧ୍ୟରେ ବସାକୁ ଜଗି ରହିଥାଏ। ବନ ବିଭାଗ ପକ୍ଷରୁ ପ୍ରତିବର୍ଷ ମେ ୧ରୁ ଜୁଲାଇ ୩୧ ତାରିଖ ଯାଏଁ ୩ ମାସ ଧରି ଭିତରକନିକାକୁ ଦେଶବିଦେଶର ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯାଇଥାଏ।

## ଚୌଦ୍ୱାର ବିଜେଡିରେ ଫାଟ

# ତାଳି ପକେଇବାକୁ ବରିଷ୍ଠ ନେତାଙ୍କ ଉଦ୍ୟମ



କଟକ,୧୦ା୭ (ସଂଚାର ବ୍ୟୁରୋ): ଚୌଦ୍ୱାର କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଆଗାମୀ ୧୨ ତାରିଖ ଦିନ ବିଜେପି ଦଳରେ ମିଶିବେ ବୋଲି ଘୋଷଣା କଲାପରେ ଚୌଦ୍ୱାର କଟକ ବିଜେଡିରେ ହଟଚମଟ ସୃଷ୍ଟି ହୋଇଛି। ଗତ ଦୁଇଦିନ ଧରି କିଛି ପାରିଷଦ, ଯୁବ ଓ ଛାତ୍ର ସମୂହ ବିଜେଡି ଦଳର ପ୍ରାଥମିକ ସଦସ୍ୟ ପଦରୁ ଗଣମାଧ୍ୟମରେ ଇସ୍ତଫା ପ୍ରଦାନ କରିବା ଘଟଣା ବିଜେଡି ନେତୃତ୍ୱଙ୍କର ମୁଣ୍ଡବିନ୍ଧାର କାରଣ ସାଜିଥିଲା। ଏହାକୁ ନେଇ ଆଜି ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଜେନା, ପ୍ରଶାନ୍ତ ବେହେରା, କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂଙ୍କ ସମେତ କିଛି ଛାମୁଆ ନେତା ଅପରାହ୍ଣରେ ପୌରଅଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ଘରେ ଗୁପ୍ତ ବୈଠକ କରିଥିବା ଜଣାପଡିଛି। ଅପରପକ୍ଷରେ, ପ୍ରଭାତଙ୍କୁ ତୃଣମୂଳ ସ୍ତରରେ ବହୁ କର୍ମୀ ଓ ଛାମୁଆ ନେତାଙ୍କର ସମର୍ଥନ ମିଳୁଥିବା ବେଳେ ଆଜିର ଏହି ରଣନୀତି ବିଜେଡି ସଂଗଠନକୁ ମଝବୁତ କରିପାରିବ କି ନାହିଁ ବୋଲି ସନ୍ଦେହ ଘେରରେ ଅଛି। ବିଜେଡିର କର୍ମୀ ଓ ଛାମୁଆମାନଙ୍କର ଅସନ୍ତୋଷର କ୍ରୋଧକୁ ପୌରାଧ୍ୟକ୍ଷା ସମାଧାନ କରିପାରୁନଥିବା ବେଳେ ଆଜିର ଏହି ବୈଠକ ସଂଗଠନକୁ କେତେ ମଝବୁତ କରିବ ତାହା ଆଗାମୀ ୧୨ ତାରିଖ ପରେ ଜଣାପଡିବ। ଏହି ବୈଠକ ସମ୍ପର୍କରେ ପ୍ରତାପ ଜେନାଙ୍କ ମତରେ ବିଜୁବାବୁଙ୍କର ଏହି ନିର୍ବାଚନମଣ୍ଡଳୀ ସୁରକ୍ଷିତ ରହିବ ଓ ଯେଉଁମାନେ ଧୋକାଦେବେ ତାଙ୍କ ବିରୁଦ୍ଧରେ ଉଚିତ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ଜେନା କହିଛନ୍ତି।

# ପ୍ରଦେଶ ଯୁବ କଂଗ୍ରେସର ‘ଛାତ୍ରୋଁ କୀ ଗୁଞ୍ଜ’ କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୦ା୭(ସଂଚାର ବ୍ୟୁରୋ): ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ଅଧ୍ୟକ୍ଷତାରେ ଆଜି ମାଷ୍ଟର କ୍ୟାଣ୍ଟିନସ୍ଥିତ ଏକ୍ସଲେନ୍ସି ହୋଟେଲରେ ‘ଛାତ୍ରୋଁ କୀ ଗୁଞ୍ଜ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅଖିଳ ଭାରତ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଉଦୟଭାନୁ ଚିବ୍ ଯୋଗଦେଇ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ କିପରି ଅତ୍ୟାଚାରିତ ଓ ଶୋଷିତ ହେଉଛନ୍ତି, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଭୁବନେଶ୍ୱରର ବିଭିନ୍ନ କଲେଜ ଓ ୟୁନିର୍ଭସିଟିର ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟତଃ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ଯୁବ କଂଗ୍ରେସ ପକ୍ଷରୁ ୩ଟି ଦାବି ଉପସ୍ଥାପନ କରାଯାଇଥିଲା। ଶ୍ରୀ ଚିବ୍ କହିଛନ୍ତି ଯେ ଦେଶର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ, ସେମାନଙ୍କୁ ଓ ସେମାନଙ୍କର ଅଭିଭାବକଙ୍କୁ କିଭଳି ଶୋଷଣ କରାଯାଉଛି ଏବଂ ନିର୍ଯାତନା ଦିଆଯାଉଛି, ସେଥିପ୍ରତି ଜନନାୟକ ରାହୁଲ ଗାନ୍ଧି ଗଭୀର ଚିନ୍ତା ପ୍ରକଟ କରିବା ସହ ଉଜୁଡ଼ି ଯାଇଥିବା ଶିକ୍ଷା ବ୍ୟବସ୍ଥା ଓ ପରୀକ୍ଷା ପ୍ରକ୍ରିୟାର ସୁଧାର ପାଇଁ ଏକ ସଂକଳ୍ପବଦ୍ଧ ସଂଗ୍ରାମ କରିବାକୁ ଶ୍ରୀ ଗାନ୍ଧି ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଶ୍ରୀ ଚିବ୍ କହିଛନ୍ତି ଯେ ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ମଧ୍ୟ ଭୁଶୁଡ଼ି ପଡ଼ିଛି। ପାଠ୍ୟ ପୁସ୍ତକରେ ସାହିତ୍ୟ ବହିରେ ଗଣିତ, ଗଣିତ ବହିରେ ସାହିତ୍ୟ, ବୈଜ୍ଞାନିକ ନିଉଟନକୁ ପାଇଲଟ, ନିୟମଗିରି ପର୍ବତ ଝାଡ଼ଖଣ୍ଡରେ ଅବସ୍ଥିତ, ଓଡ଼ିଶା ବିଧାନସଭା ଜାଗାରେ କର୍ଣ୍ଣାଟକ ବିଧାନସଭା ଫଟୋ, ସାହିତ୍ୟ ପୁସ୍ତକରେ ନିମ୍ବୁଡା ନିମ୍ବୁଡା ଗୀତ ଆଦି ସ୍ଥାନିତ କରିବା ଘଟଣାରେ ଓଡ଼ିଆ ଜାତିର ସ୍ୱାଭିମାନ, ସମ୍ମାନ ଓ ଓଡ଼ିଆ ଅସ୍ମିତା ଭୂଲୁଣ୍ଠିତ ହୋଇଛି।

# ଦଶପଲ୍ଲାର ଗୁରହାରେ ପହଞ୍ଚିଲା ସ୍ୱଚ୍ଛ ପାନୀୟ ଜଳ

## ● ସହଯୋଗର ହାତ ବଢ଼ାଇଲା ଇଣ୍ଡିଆ ଟୁଡେ ଫଣ୍ଡ୍



ଭୁବନେଶ୍ୱର,୧୦ା୭(ସଂଚାର ବ୍ୟୁରୋ): ନିରାପଦ ପାନୀୟ ଜଳ ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଇଣ୍ଡିଆ ଟୁଡେ ଗ୍ରୁପ୍‌ର ଏକ ପଦକ୍ଷେପ ‘କେୟାର ଟୁଡେ ଫଣ୍ଡ’ ଜୀବନ ରେଖା ପରିଷଦ (ଜେଆରପି) ସହଯୋଗରେ ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକର ଗୁରହା ଗ୍ରାମରେ ସୌର ଶକ୍ତିଚାଳିତ ଲୌହ ନିଷ୍କାସନ ପ୍ଲାଣ୍ଟ (ଆଇଆରପି) ସ୍ଥାପନ କରିଛି। ଏହି ପ୍ରକଳ୍ପ ଦ୍ୱାରା ୫୫ଟି ପରିବାର ଉପକୃତ ହେଉଛନ୍ତି, ଯେଉଁଥିରେ ପାଖାପାଖି ୩୫୦ ଜଣ ଦୁର୍ବଳ ଓ ଅବହେଳିତ ବ୍ୟକ୍ତି ସାମିଲ ଅଛନ୍ତି, ଯେଉଁମାନେ ଦୀର୍ଘ ଦିନ ଧରି ଭୂତଳ ଜଳ ଉପରେ ନିର୍ଭର କରୁଥିଲେ ଓ ଏହି ଜଳରେ ୧.୬ ମିଗ୍ରା/ଲିଟର ର ଅଧିକ ଲୌହ ଅଂଶ ରହିବା ଯୋଗୁଁ ଜଳଜନିତ ରୋଗ ଓ ଅନ୍ୟାନ୍ୟ ରୋଗ ସୃଷ୍ଟି ହେଉଥିଲା। ଆଇଏମ୍‌ଏମ୍‌ଟି, ଭୁବନେଶ୍ୱର ଦ୍ୱାରା ବିକଶିତ ଓ ଲିଭ୍‌ପିଓର୍ ଫାଉଣ୍ଡେସନ ଦ୍ୱାରା ପ୍ରୋତ୍ସାହିତ ଟେରାଫିଲ୍ ଟେକ୍ନୋଲୋଜି ସହ ଲୌହ ଅପସାରଣ ପ୍ଲାଣ୍ଟ ସ୍ଥାପନ କରାଯାଇଛି। ଏହାର ସ୍ଥାପନ ପରଠାରୁ, ଲୌହଅଂଶର ସାନ୍ଦ୍ରତା ୦.୩ ମିଗ୍ରା/ଲିଟର ତଳକୁ ହ୍ରାସ ପାଇଛି, ଯାହା ପାଣି ପିଇବା ଏବଂ ଅନ୍ୟାନ୍ୟ ଘରୋଇ ବ୍ୟବହାର ପାଇଁ ନିରାପଦ ଅଟେ।ଅଧିକାରୀମାନେ ‘କେୟାର୍ ଟୁଡେ ଫଣ୍ଡ’ ଓ ‘ଜୀବନ ରେଖା ପରିଷଦ’ର ଉତ୍ତମ ଚିନ୍ତାଧାରା ଏବଂ ସ୍ୱଚ୍ଛ ଏବଂ ନିରାପଦ ପାନୀୟ ଜଳ ପାଇବା ପାଇଁ ଦୁର୍ବଳ ସମ୍ପ୍ରଦାୟର ଉନ୍ନତି ପାଇଁ ସେମାନଙ୍କର ଅକ୍ଳାନ୍ତ ସକାଶେ ଅତ୍ୟନ୍ତ ପ୍ରଶଂସା କରିଥିଲେ, ଯାହା ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣରେ ବ୍ୟାପକ ଉନ୍ନତି ଘଟିଛି। ଓଡ଼ିଶାର ଅନ୍ୟାନ୍ୟ ଉଚ୍ଚ ଲୌହଯୁକ୍ତ ଜଳ ଗ୍ରାମରେ ଏଭଳି ଆଇଆର୍‌ପି ସ୍ଥାପନ କରିବା ଲାଗି ଅଧିକାରୀମାନେ ‘କେୟାର୍ ଟୁଡେ ପାଣ୍ଠି’କୁ ଅନୁରୋଧ କରିଥିଲେ। ଏହି ପଦକ୍ଷେପ କେବଳ ସ୍ୱଚ୍ଛ ଏବଂ ନିରାପଦ ପାନୀୟ ଜଳ ପ୍ରଦାନ କରିନାହିଁ, ବରଂ ଲୌହ ଅପସାରଣ ପ୍ଲାଣ୍ଟର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ଗୋଷ୍ଠୀ ପରିଚାଳନାକୁ ମଧ୍ୟ ପ୍ରୋତ୍ସାହିତ କରିଛି।

## ● ବ୍ରହ୍ମପୁରରେ ବିଜେଡିର ଶିକ୍ଷା ବଞ୍ଚାଅ ଆନ୍ଦୋଳନ

# ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି

ଭୁବନେଶ୍ୱର,୧୦ା୭(ସଂଚାର ବ୍ୟୁରୋ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟ ପୁସ୍ତକରେ ସାଂଘାତିକ ତ୍ରୁଟି ରହିଛି। ବିଜେପି ସରକାର ତା'ର ସଂଶୋଧନ ନ କରି ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଭୁଶୁଡ଼ାଇଦେଲେଣି। ଏହାକୁ ବିରୋଧ କରି ବିଜେଡି ପକ୍ଷରୁ ଶିକ୍ଷା ବଞ୍ଚାଅ ଆନ୍ଦୋଳନ ସାରା ରାଜ୍ୟରେ ଆରମ୍ଭ ହୋଇଛି। ଏହି କ୍ରମରେ ବ୍ରହ୍ମପୁର ଆରଡିସି କାର୍ଯ୍ୟାଳୟ ସମ୍ମୁଖରେ ବିରାଟ ଗଣବିକ୍ଷୋଭ ହୋଇଛି।

ଉକ୍ତ କାର୍ଯ୍ୟକ୍ରମରେ ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଚିନ୍ମୟ ସାହୁ ଉପସ୍ଥିତ ଥିଲେ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟ ପୁସ୍ତକରେ ସାଂଘାତିକ ତ୍ରୁଟି ଥିବା ବେଳେ ବିଜେପି ନିଜ ଦୋଷ ସ୍ୱୀକାର କରି ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରତ୍ୟାହାର କରିବାରେ ଟାଳଟୁଳ ନୀତି ଗ୍ରହଣ କରିଛି। ଏହାକୁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଦୃଢ଼ ବିରୋଧ କରାଯିବା ସହ ରାଜ୍ୟବ୍ୟାପୀ ‘ଶିକ୍ଷା ବଞ୍ଚାଅ ଆନ୍ଦୋଳନ’ ଆରମ୍ଭ କରାଯାଇଛି। ପାଠ୍ୟପୁସ୍ତକ ପ୍ରକାଶ ନାଁରେ ୩୮୦ କୋଟି ଟଙ୍କାର ଦୁର୍ନୀତି ହୋଇଥିବାରୁ ସିବିଆଇ ତଦନ୍ତ ଓ ମନ୍ତ୍ରୀଙ୍କ ଇସ୍ତଫା ନେଇ ବିଜେଡି ପକ୍ଷରୁ ପୂର୍ବରୁ ବିଭିନ୍ନ ଫୋରମ୍ ଜରିଆରେ ଦାବି କରାଯାଇଥିଲା।



# ନବୀନଙ୍କୁ ଭେଟିଲେ ସୁନ୍ଦରଗଡ଼ ବିଜେଡି ନେତା ଓ କର୍ମୀ

■ ପଞ୍ଚାୟତ ନିର୍ବାଚନ ପାଇଁ ଏକାଠି କାମ କରିବାକୁ ପରାମର୍ଶ



ଭୁବନେଶ୍ୱର,୧୦ା୭(ସଂଚାର ବ୍ୟୁରୋ): ବିଧାୟକ ତଥା ସୁନ୍ଦରଗଡ ବିଜେଡି ସଭାପତି ଯୋଗେଶ କୁମାର ସିଂଙ୍କ ନେତୃତ୍ୱରେ ସୁନ୍ଦରଗଡ ଜିଲ୍ଲାର ବିଜେଡି ନେତା ଓ ଶହ ଶହ କର୍ମୀ ଆଜି ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ। ଏହି ଅବସରରେ ନବୀନ ସମସ୍ତଙ୍କୁ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବା ପାଇଁ ପରାମର୍ଶ ଦେଇଥିଲେ। ଓଡ଼ିଶା ବିଜେପି ସରକାର ଲୋକଙ୍କୁ ସେବା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ମତ ଦେବା ସହ ସରକାରଙ୍କ ବିଫଳତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ନବୀନ ପରାମର୍ଶ ଦେଇଥିଲେ।

ନବୀନ କହିଥିଲେ ଯେ ବିଜେଡି ସବୁବେଳେ ଓଡ଼ିଶାବାସୀଙ୍କ ସୁଖଦୁଃଖରେ ରହିଛି। ତେଣୁ ବିଜେଡିର ନେତା ଓ କର୍ମୀମାନେ ସବୁବେଳେ ଲୋକଙ୍କ ସହ ରହି ସେମାନଙ୍କ ସମସ୍ୟା ସମାଧାନ ପାଇଁ ଉଦ୍ୟମ ଜାରି ରଖିବା ଆବଶ୍ୟକ ବୋଲି ସେ କହିଥିଲେ। ଦଳର ପ୍ରତି ନେତା ଓ କର୍ମୀ ଲୋକଙ୍କ ଆଶା ଆକାଂକ୍ଷା ପୂରଣ ପାଇଁ ସମର୍ପଣ ଭାବେ କାମ କଲେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ ବିପୁଳ ବିଜୟ ଲାଭ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି ଅବସରରେ ରାଜଗାଙ୍ଗପୁର ମ୍ୟୁନିସିପାଲିଟିର ଚେୟାରମ୍ୟାନଙ୍କ ସମେତ ସୁନ୍ଦରଗଡ଼, ତଲସରା ଓ ରାଜଗାଙ୍ଗପୁର ଅଞ୍ଚଳର ଜିଲ୍ଲା ପରିଷଦ ପ୍ରତିନିଧି, ବ୍ଲକ ଚେୟାରମ୍ୟାନ୍, ପଞ୍ଚାୟତ ପ୍ରତିନିଧିଙ୍କ ସମେତ ଜିଲ୍ଲାର ନେତୃବୃନ୍ଦ ଓ କର୍ମୀମାନେ ଉପସ୍ଥିତ ଥିଲେ।

# ବନ ମହୋତ୍ସବ ପାଳିଲା ବେଦାନ୍ତ ଆଲୁମିନିୟମ୍



ଝାରସୁଗୁଡ଼ା,୧୦ା୭(ସଂଚାର ବ୍ୟୁରୋ): ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଓଡ଼ିଶାରେ ଏହାର କାର୍ଯ୍ୟ ପରିସର ମଧ୍ୟରେ ଜୈବ ବିବିଧତା ସଂରକ୍ଷଣ ଓ ବନୀକରଣ ପଦକ୍ଷେପ ମାଧ୍ୟମରେ ବନ ମହୋତ୍ସବ ୨୦୨୬ ପାଳନ କରିଛି। କର୍ମଚାରୀ, ସ୍ଥାନୀୟ ସମ୍ପ୍ରଦାୟ, ଛାତ୍ରଛାତ୍ରୀ ଓ ତୃଣମୂଳ ସ୍ତରର ସଂଗଠନଗୁଡ଼ିକୁ ଏକତ୍ର କରି କମ୍ପାନୀ ପ୍ରାକୃତିକ ପୁନର୍ଜନ୍ମକୁ ସମର୍ଥନ କରିବା ପାଇଁ ୧୧୦୦ରୁ ଅଧିକ ଚାରା ରୋପଣ କରିବା ସହ ୭୫୦ରୁ ଅଧିକ ବିହନ ବଲ୍ ବିସ୍ତାର କରିଛି। ଏହି ପଦକ୍ଷେପ ସବୁଜ ଆବରଣ ବିସ୍ତାର କରିବା, ସ୍ଥାନୀୟ ପ୍ରଜାତିକୁ ପ୍ରୋତ୍ସାହିତ କରିବା ଓ ସ୍ଥାନୀୟ ଇକୋସିଷ୍ଟମକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେଇଛି। ରୋପଣ କାର୍ଯ୍ୟକଳାପ ବ୍ୟତୀତ ଏହି କାର୍ଯ୍ୟକ୍ରମ ପରିବେଶଗତ ସୁରକ୍ଷା ଓ ଜୈବ ବିବିଧତା ସଂରକ୍ଷଣରେ ଅଧିକ ସମ୍ପ୍ରଦାୟ ବ୍ୟାପୀ ଅଂଶଗ୍ରହଣକୁ ଉତ୍ସାହିତ କରିଥିଲା। ଏହି ପ୍ରୟାସଗୁଡ଼ିକ ଜଳବାୟୁ ସ୍ଥିରତା, ପରିବେଶଗତ ସନ୍ତୁଳନ ଓ ଦୀର୍ଘକାଳୀନ ସ୍ଥାୟିତ୍ୱରେ ଅବଦାନ ରଖେ। ଏହି ପ୍ରୟାସ ବେଦାନ୍ତ ଆଲୁମିନିୟମର ଦାୟିତ୍ୱପୂର୍ଣ୍ଣ ଅଭିବୃଦ୍ଧି ଓ ପରିବେଶ ସୁରକ୍ଷା ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି।

ଚଳିତ ମାସ ପ୍ରଥମ ସପ୍ତାହରେ ପ୍ରତିବର୍ଷ ପାଳିତ ହେଉଥିବା ବନ ମହୋତ୍ସବ ଭାରତର ପ୍ରମୁଖ ବନୀକରଣ ଆନ୍ଦୋଳନ ଭାବରେ ବେଶ ଜଣାଶୁଣା ଓ ପରିବେଶ ସଂରକ୍ଷଣ ଏବଂ ପ୍ରାକୃତିକ ପରିସଂସ୍ଥାର ସୁରକ୍ଷା ପ୍ରତି ସାମୂହିକ କାର୍ଯ୍ୟକୁ ଉତ୍ସାହିତ କରିଥାଏ। ମହୋତ୍ସବର ଭାବନାକୁ ପାଳନ କରି ବେଦାନ୍ତ ଆଲୁମିନିୟମ ସମଗ୍ର ଓଡ଼ିଶାରେ ଜୈବ ବିବିଧତା ବୃଦ୍ଧି ଓ ଚାରା ରୋପଣ ପଦକ୍ଷେପର ଏକ ଶୃଙ୍ଖଳା ହାତକୁ ନେଇଛି, ଯେଉଁଥିରେ କର୍ମଚାରୀ, ଛାତ୍ର, ସ୍ଥାନୀୟ ସମ୍ପ୍ରଦାୟ ଓ ସହଭାଗୀ ସଂଗଠନଗୁଡ଼ିକୁ ସାମିଲ କରାଯାଇଛି। ଏହି କାର୍ଯ୍ୟକ୍ରମ କେବଳ ପରିବେଶ ସଂରକ୍ଷଣରେ ଅବଦାନ ଦେଇନାହିଁ, ବରଂ ସ୍ଥାୟୀ ପରିବେଶଗତ ଅଭ୍ୟାସ ବିଷୟରେ ସଚେତନତାକୁ ମଧ୍ୟ ମଝବୁତ କରିଛି, ଯାହା ଦାୟିତ୍ୱପୂର୍ଣ୍ଣ ଅଭିବୃଦ୍ଧି ଓ ଦୀର୍ଘକାଳୀନ ଜଳବାୟୁ ସ୍ଥିରତା ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି। ଏହି ପ୍ରୟାସ ବିଷୟରେ ସୂଚନା ଦେଇ ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମରେ ପରିବେଶଗତ ଦାୟିତ୍ୱ ହେଉଛି ଆମେ କିପରି ବୃଦ୍ଧି ଓ କାର୍ଯ୍ୟ କରୁ ତା'ର ଏକ ଅବିଚ୍ଛେଦ୍ୟ ଅଂଶ। ଆମର ବନ ମହୋତ୍ସବ ପ୍ରୟାସ କର୍ମଚାରୀ, ସମ୍ପ୍ରଦାୟ ଏବଂ ସ୍ଥାନୀୟ ଅନୁଷ୍ଠାନଗୁଡ଼ିକୁ ବନୀକରଣ ଏବଂ ଜୈବ ବିବିଧତା ସଂରକ୍ଷଣକୁ ସମର୍ଥନ କରିବା ପାଇଁ ଏକତ୍ର କରି ଏହି ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ଆମେ ନେଟ୍ ଶୂନ୍ୟ କାର୍ବନ ନିର୍ଗମନ ଦିଗରେ ଆମର ଯାତ୍ରାରେ ଅଗ୍ରଗତି କରିବା ସହ ଏହିପରି ପ୍ରୟାସ ସବୁଜ ଆବରଣ ବୃଦ୍ଧି, ପରିବେଶ ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ସ୍ଥାୟୀ ପରିବେଶଗତ ମୂଲ୍ୟ ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

## ପଞ୍ଚାୟତ ପ୍ରତିନିଧିଙ୍କୁ ଅଭିନବ ପ୍ରଶିକ୍ଷଣ

# ୫୦୦ ଟଙ୍କା, ୨୦ ମିନିଟ୍ ଓ ରାଜା-ରାଣୀ ଖେଳ



ଭୁବନେଶ୍ୱର,୧୦ା୭(ସଂଚାର ବ୍ୟୁରୋ): ସୀମିତ ପାଣ୍ଠି, ନିର୍ଦ୍ଧାରିତ ସମୟ ଓ ଲୋକଙ୍କ ବିଭିନ୍ନ ଆବଶ୍ୟକତା ମଧ୍ୟରେ କିପରି ସଠିକ୍ ପ୍ରାଥମିକତା ନିର୍ଦ୍ଧାରଣ କରି ଏକ ପ୍ରଭାବଶାଳୀ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା (ଜିପିଡିପି) ପ୍ରସ୍ତୁତ କରାଯାଇପାରିବ, ତାହାକୁ ଏକ ଅଭିନବ ଓ ବ୍ୟାବହାରିକ ଖେଳ ମାଧ୍ୟମରେ ବୁଝାଇଛି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ (ଏସଆଇଆରଡି)।

ଏସଆଇଆରଡିଠାରେ ଆୟୋଜିତ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତିରେ ପ୍ରକଳ୍ପ ପରିଚାଳନାର ପ୍ରାସଙ୍ଗିକତା ସମ୍ପର୍କରେ ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନକୁ ଏସଆଇଆରଡି ଉପନିର୍ଦ୍ଦେଶକ ସନ୍ତୋଷ କୁମାର ପାତ୍ର ପରିଚାଳନା କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବାଲେଶ୍ୱର, ବୌଦ୍ଧ, ଜଗତସିଂହପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡା, କେନ୍ଦୁଝର ଓ ସୋନପୁର ଜିଲ୍ଲାରୁ ୬୩ ଜଣ ସରପଞ୍ଚ ଯୋଗ ଦେଇଥିଲେ। ଅଧିବେଶନରେ ଯୋଗଦେଇଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ଦୁଇଟି ଦଳରେ ବିଭକ୍ତ କରାଯାଇ ପ୍ରତ୍ୟେକ ଦଳକୁ ୫୦୦ ଟଙ୍କାର ବଜେଟ୍ ପ୍ରଦାନ କରାଯାଇଥିଲା। ଉଭୟ ଦଳ ମଧ୍ୟରୁ ଜଣଙ୍କୁ ରାଜା ଓ ଅନ୍ୟ ଜଣଙ୍କୁ ରାଣୀ ଚୟନ କରି ସଜାଇବାର ଲକ୍ଷ୍ୟ ନିର୍ଦ୍ଧାରିତ କରାଗଲା। ମାତ୍ର ୨୦ ମିନିଟ୍ ମଧ୍ୟରେ ରାଜା ଓ ରାଣୀଙ୍କ ଆବଶ୍ୟକତା ଅନୁଯାୟୀ ବଜାରରୁ ଆବଶ୍ୟକତାର ଆକଳନ ଓ ପ୍ରାଥମିକତା ନିର୍ଦ୍ଧାରଣକୁ ପ୍ରତିଫଳିତ କରୁଥିବା ବେଳେ ଖେଳର ୨୦ ମିନିଟ୍‌ର ସମୟସୀମା ଗ୍ରାମ ପଞ୍ଚାୟତ ଯୋଜନା ପ୍ରସ୍ତୁତି ଓ ପ୍ରକଳ୍ପ କାର୍ଯ୍ୟାନ୍ୱୟନର ନିର୍ଦ୍ଧାରିତ ସମୟସୀମାକୁ ଦର୍ଶାଉଥିଲା। ଗ୍ରାମ ପଞ୍ଚାୟତଗୁଡ଼ିକ

## ● ପ୍ରସ୍ତୁତ ହେଲା ପଞ୍ଚାୟତ ବିକାଶ ଯୋଜନା

ଆବଶ୍ୟକ ସାମଗ୍ରୀ ଯଥା ପେପର, କଇଁଚି, ଷ୍ଟାପଲର, ଅଠା, ରବର, ସେଫ୍ଟି ପିନ୍, ସ୍କେଚ୍ ପେନ୍ ଆଦି କିଣିବାକୁ ସେମାନଙ୍କୁ କୁହାଯାଇଥିଲା। ଖେଳ ଶେଷରେ ଏହା ପଛରେ ଥିବା ପ୍ରକଳ୍ପ ପରିଚାଳନାର ମୂଳ ଶିକ୍ଷାକୁ ପ୍ରଶିକ୍ଷାର୍ଥୀମାନଙ୍କ ସମ୍ମୁଖରେ ବ୍ୟାଖ୍ୟା କରାଯାଇଥିଲା। ୫୦୦ ଟଙ୍କାର ବଜେଟ୍ ହେଉଛି ଗ୍ରାମ ପଞ୍ଚାୟତ ପାଖରେ ଉପଲବ୍ଧ ସୀମିତ ପାଣ୍ଠି। ସେହିପରି ରାଜା ଓ ରାଣୀଙ୍କୁ ସଜାଇବା ପାଇଁ ଆବଶ୍ୟକ ସାମଗ୍ରୀ ଚୟନ, ଗ୍ରାମବାସୀଙ୍କ ପ୍ରକୃତ କିପରି ନିଜସ୍ୱ ଆୟ ବୃଦ୍ଧି କରିପାରିବେ, ସେମାନଙ୍କ ପାଖରେ ଏଥିପାଇଁ କେଉଁ ଉତ୍ସ ରହିଛି ଓ ଉପଲବ୍ଧ ସମ୍ବଳର ଯୋଜନାବଦ୍ଧ ଓ ପ୍ରଭାବଶାଳୀ ବିନିଯୋଗ ଉପରେ ଏହି ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଛି। ଏଥିସହ ଗ୍ରାମବାସୀଙ୍କ ପ୍ରକୃତ ଆବଶ୍ୟକତା ଆଧାରରେ ଦୃଢ଼, ବାସ୍ତବମୁଖୀ ଓ ଫଳପ୍ରଦ ଜିପିଡିପି ପ୍ରସ୍ତୁତି ପାଇଁ ଆବଶ୍ୟକ ଜ୍ଞାନ ଓ ବ୍ୟାବହାରିକ ଦକ୍ଷତା ବିକାଶ ଉପରେ ମଧ୍ୟ ପ୍ରଶିକ୍ଷଣରେ ଗୁରୁତ୍ୱ ଦିଆଯାଇଛି।

# ବ୍ରାଇଟ୍ ବନିଜ୍‌କୁ ‘ଭାରତର ସର୍ବଶ୍ରେଷ୍ଠ ପ୍ରି-ସ୍କୁଲ୍’ ସମ୍ମାନ

କଟକ,୧୦ା୭ (ସଂଚାର ବ୍ୟୁରୋ): କଟକର ବ୍ରାଇଟ୍ ବନିଜ୍ ପ୍ଲେ ସ୍କୁଲ୍ ଗୁରୁଗ୍ରାମରେ ଆୟୋଜିତ ଏଡୁକେସନ୍ ଆଇକନ୍ ଆୱାର୍ଡସ୍ ୨୦୨୬ ରେ ‘ଭାରତର ସର୍ବଶ୍ରେଷ୍ଠ ପ୍ରି-ସ୍କୁଲ୍’ ପୁରସ୍କାର ଜିତିଛି। ଏହି ସମ୍ମାନ ବ୍ରାଇଟ୍ ବନିଜର ଶିଶୁକେନ୍ଦ୍ରିକ ଓ ଅଭିନବ ଶିକ୍ଷା ପ୍ରଣାଳୀର ପ୍ରତୀକ ବୋଲି ସ୍କୁଲର ପ୍ରତିଷ୍ଠାତ୍ରୀ ପୁନମ ପରିଜା କହିଛନ୍ତି। ଏହି ଅବସରରେ ପୁନମ ପରିଜା ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।




## ନିଶାମୁକ୍ତ ଓଡ଼ିଶା ଅଭିଯାନ

# ୧୦୮.୯୦ ମେଟ୍ରିକ ଟନ୍ ଗଞ୍ଜେଇ ନଷ୍ଟ

ଭୁବନେଶ୍ୱର,୧୦ା୭(ସଂଚାର ବ୍ୟୁରୋ): ନିଶାମୁକ୍ତ ଓଡ଼ିଶା ଅଭିଯାନ ଅନ୍ତର୍ଗତରେ ଓଡ଼ିଶା ପୋଲିସ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ଗତ ଜୁନ୍ ୨ରୁ ଆଜି ପର୍ଯ୍ୟନ୍ତ ଚାଲିଥିବା ଜାତୀୟ ପ୍ରି-ଟ୍ରାଏଲ୍ ନିଶାଦ୍ରବ୍ୟ ବିନଷ୍ଟୀକରଣ ସ୍ପେଶାଲ ଡ୍ରାଇଭ୍‌ରେ ମୋଟ ୧୦୮.୯୦ ମେଟ୍ରିକ ଟନ ଜବତ ଗଞ୍ଜେଇ ନଷ୍ଟ କରାଯାଇଛି। ଡିଜିପି ୱାଇବି ଖୁରାନିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିଆଇଡି କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ ଦ୍ୱାରା ଏହି ସ୍ୱତନ୍ତ୍ର ଅଭିଯାନ ପରିଚାଳିତ ହେଉଛି। ଏହି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ସମୟରେ ବିଭିନ୍ନ ପୁଲିସ ଜିଲ୍ଲା ଓ ୟୁନିଟ୍ ଦ୍ୱାରା ୧୦.୦୭.୨୦୨୬ ସୁଦ୍ଧା ମୋଟ ୭୮,୬୦୦.୩୮୩ କେଜି ଜବତ ଗଞ୍ଜେଇ ନଷ୍ଟ ପାଇଁ ଚିହ୍ନଟ କରାଯାଇଥିଲା। ଓଡ଼ିଶା ପୁଲିସ ମୋଟ ୧୦୮,୯୦୪.୯ କେଜି ଗଞ୍ଜେଇ ନଷ୍ଟ କରିଛି, ଯାହାର ଆନୁମାନିକ ବଜାର ମୂଲ୍ୟ ୫୪୪.୫୨ କୋଟି ଟଙ୍କା ହେବ। ଏହି ଅଭିଯାନ ସମୟରେ ଓଡ଼ିଶା ପୁଲିସ ମୋଟ ୧୨ କେଜି ୩୯୮.୮୫ ଗ୍ରାମ ବ୍ରାଉନସୁଗର ନଷ୍ଟ କରିଛି, ଯାହାର ଆନୁମାନିକ ବଜାର ମୂଲ୍ୟ ୨୪.୮୦ କୋଟି ଟଙ୍କା ଓ ଏଥିସହ ୩,୬୩୧ ବୋତଲ କଫ ସିରପ ମଧ୍ୟ ନଷ୍ଟ କରାଯାଇଛି। ବାଲେଶ୍ୱର ପୁଲିସ ୧୧ କେଜି ୨୯୩ ଗ୍ରାମ, ସ୍ପେଶାଲ ଟାସ୍କ ଫୋର୍ସ ଓଡ଼ିଶା ୧ କେଜି ୯୦ ଗ୍ରାମ ଓ କେନ୍ଦୁଝର ପୁଲିସ ୧୫.୮୫ ଗ୍ରାମ ନଷ୍ଟ କରିଛନ୍ତି। ବରଗଡ଼ ପୁଲିସ ମଧ୍ୟ ୩,୬୩୧ ବୋତଲ କଫ ସିରପ ନଷ୍ଟ କରିଛି।

## ବୌଦ୍ଧ ପୋଲିସର କାର୍ଯ୍ୟାନୁଷ୍ଠାନ

# ୫୫୬ କେଜି ଗଞ୍ଜେଇ, ବିପୁଳ ମଦ ଜବତ

ବୌଦ୍ଧ,୧୦ା୭ (ସଂଚାର ବ୍ୟୁରୋ): ବୌଦ୍ଧ ଜିଲ୍ଲାରେ ଡ୍ରଗ୍ ସିଣ୍ଡିକେଟ୍ ଓ ବେଆଇନ ମଦ କାରବାର ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଜାରି ରଖିଛି। ନିର୍ଦ୍ଦିଷ୍ଟ ଗୁଇନ୍ଦା ସୂଚନା ଆଧାରରେ ମନମୁଣ୍ଡା ଓ ବୌଦ୍ଧ ଥାନା ପୋଲିସ ପକ୍ଷରୁ ଚାଲିଥିବା ସମନ୍ୱିତ ଆଣ୍ଟି-ନାର୍କୋଟିକ୍ସ ଅଭିଯାନରେ ମୋଟ ୫୫୬ କେଜି ଗଞ୍ଜେଇ ଜବତ କରାଯାଇଛି। ଏଥିସହ ୫ଟି ମୋଟର ସାଇକେଲ ଓ ଗୋଟିଏ ମାରୁତି ସୁଜୁକି ସ୍ୱିଫ୍ଟ ଡିଜାୟର କାର ଜବତ ହୋଇଥିବା ବେଳେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏଥିସହ ବେଆଇନ ମଦ କାରବାର ବିରୋଧରେ ଚାଲିଥିବା ସ୍ୱତନ୍ତ୍ର ଅଭିଯାନରେ ୬ଟି ଅବକାରୀ ମାମଲା ରୁଜୁ କରାଯାଇଛି। ପୁଲିସ ୨୧୯.୩୩୦ ଲିଟର ବେଆଇନ ବିଦେଶୀ ମଦ ଓ ୫୦.୨୦୦ ଲିଟର ବେଆଇନ ଦେଶୀ ମଦ ଜବତ କରିଛି। ଉଭୟ ମାମଲାରେ ଆଇନଗତ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

# ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ



କଟକ, ୧୦ା୭ (ସଂଚାର ବ୍ୟୁରୋ): ଜାତୀୟ ମତ୍ସ୍ୟଚାଷୀ ଦିବସ ଅବସରରେ ଶୁକ୍ରବାର ସର୍ବେକ୍ଷଣ ଓ ମାନଚିତ୍ର ପ୍ରକାଶନ ସଂସ୍ଥାର ସମ୍ମିଳନୀ କକ୍ଷଠାରେ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ସୁଶାନ୍ତ ନାୟକ ଓ ମଣ୍ଡଳ ସମବାୟ ନିରୀକ୍ଷକ ରମେଶ ସ୍ୱାଇଁ ଓ ସଫଳ ମତ୍ସ୍ୟ ଉଦ୍ୟୋଗୀ ସୌରଭ ବିଶ୍ୱାଳ ଯୋଗଦେଇ ରାଜ୍ୟ ସରକାରଙ୍କ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ପ୍ରାରମ୍ଭରେ ଉପ-ମତ୍ସ୍ୟ ନିର୍ଦ୍ଦେଶିକା ବବିତା ମହାନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳନର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସୂଚନାଯୋଗ୍ୟ ଯେ, ୧୯୫୭ ମସିହା ଜୁଲାଇ ୧୦ ତାରିଖ ଦିନ ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ସରକାରୀ ମାଛଫାର୍ମରେ କାର୍ପ ମାଛର କୃତ୍ରିମ ପ୍ରଜନନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଥିଲା। ଏହି ମହତ୍ୱପୂର୍ଣ୍ଣ ଐତିହାସିକ ସଫଳତାକୁ ମନେ ରଖିବା ପାଇଁ ପ୍ରତି ବର୍ଷ ଜୁଲାଇ ୧୦ ତାରିଖକୁ ସାରା ଭାରତରେ ଜାତୀୟ ମତ୍ସ୍ୟଜୀବୀ ଦିବସ ରୂପେ ପାଳନ କରାଯାଉଛି।

# ରଥଯାତ୍ରାର କମିଟିର ପ୍ରସ୍ତୁତି ସଭା

କଟକ,୧୦ା୭(ସଂଚାର ବ୍ୟୁରୋ): କଟକ ହରିପୁର ଦୋଳମୁଣ୍ଡାଇସ୍ଥିତ ଶ୍ରୀଶ୍ରୀ ପତିତପାବନ ଜୀଉଙ୍କ ପବିତ୍ର ରଥଯାତ୍ରା ଉପଲକ୍ଷେ ଏକ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି। ହରେକୃଷ୍ଣ ପ୍ରଧାନ ଓ ଲିଙ୍ଗରାଜ ହାତୀଙ୍କ ଦ୍ୱାରା ପରିଚାଳିତ ଏହି ସଭାରେ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ କାର୍ଯ୍ୟ ଶେଷ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ତଥା ବିଭାଗୀୟ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଅତିଥି ଭାବେ ମେୟର ସୁବାସ ସିଂ, ସମ୍ମାନିତ ଅତିଥି ଭାବେ ସେଣ୍ଟ୍ରାଲ ରେଡ୍ କ୍ରସ ଆୱାରନେସ କମିଟିର ଅଧ୍ୟକ୍ଷ ରଞ୍ଜନ କୁମାର ବିଶ୍ୱାଳ, ଜୋନ-୬ ଏସିପି ଅଶୋକ କୁମାର ଗିରି ପ୍ରମୁଖ ଯୋଗ ଦେଇଥିଲେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

# ବେଆଇନ ଓ ନିଷିଦ୍ଧ ଔଷଧ



ସ୍ୱାସ୍ଥ୍ୟ ହେଉଛି ମଣିଷର ସବୁଠାରୁ ବଡ଼ ସମ୍ପଦ। ରୋଗରୁ ମୁକ୍ତି ପାଇବା ପାଇଁ ଲୋକମାନେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ କରନ୍ତି। କିନ୍ତୁ ଯଦି ସେହି ଔଷଧ ନିଷିଦ୍ଧ, ନକଲି କିମ୍ବା ମାନହୀନ ହୁଏ, ତେବେ ତାହା ରୋଗରୁ ଉପସମ ଦେବା ପରିବର୍ତ୍ତେ ଜୀବନକୁ ବିପଦରେ ପକାଇଦିଏ। ଦୁଃଖର ବିଷୟ, ଓଡ଼ିଶାର ବିଭିନ୍ନ ସ୍ଥାନରୁ ସମୟ ସମୟରେ ନିଷିଦ୍ଧ କିମ୍ବା ବେଆଇନ ଔଷଧ ଜବତ ହେବାର ଘଟଣା ସାମ୍ନାକୁ ଆସୁଛି। ଏହା କେବଳ ଆଇନ ପ୍ରୟୋଗର ପ୍ରଶ୍ନ ନୁହେଁ, ବରଂ ଜନସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ଏକ ଗୁରୁତର ଚ୍ୟାଲେଞ୍ଜ।

ପ୍ରଶ୍ନ ଉଠୁଛି, ଯେଉଁ ଔଷଧକୁ ସରକାର ନିଷିଦ୍ଧ କରିଛନ୍ତି କିମ୍ବା ଯାହାର ବିକ୍ରି ଉପରେ କଟକଣା ରହିଛି, ସେଗୁଡ଼ିକ ଏତେ ସହଜରେ ବଜାରକୁ କିପରି ଆସୁଛି? ଏହାର ମୁଖ୍ୟ କାରଣ ହେଉଛି ନିରୀକ୍ଷଣ ବ୍ୟବସ୍ଥାର ଦୁର୍ବଳତା। ଔଷଧ ଦୋକାନ, ଗୋଦାମ ଓ ବିତରକଙ୍କ ଉପରେ ନିୟମିତ ଯାଞ୍ଚ ହେଉନଥିବାରୁ କିଛି ଅସାଧୁ ବ୍ୟବସାୟୀ ଆଇନର ଫାଇଦା ଉଠାଉଛନ୍ତି। ଯେପର୍ଯ୍ୟନ୍ତ ଚଢ଼ାଉ ହୁଏ ନାହିଁ, ସେପର୍ଯ୍ୟନ୍ତ ଏହି କାରବାର ନିର୍ବିଘ୍ନରେ ଚାଲିଥାଏ।

ଅନ୍ୟ ଏକ ବଡ଼ କାରଣ ହେଉଛି ଅଧିକ ଲାଭର ଲୋଭ। କେତେକ ନିଷିଦ୍ଧ ଔଷଧର ଚାହିଦା ଥିବାରୁ ଏହାର ଚୋରା କାରବାର ବେଶ ଲାଭଜନକ ହୋଇପଡ଼ିଛି। ନିୟମକୁ ଖାତିର ନକରି କିଛି ଅସାଧୁ ବ୍ୟବସାୟୀ ଏବଂ ଯୋଗାଣକାରୀ ଅର୍ଥଲୋଭରେ ଲୋକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। ଏହି ବେଆଇନ ବ୍ୟବସାୟ ପଛରେ ଏକ ସୁସଂଗଠିତ ନେଟୱାର୍କ କାମ କରୁଥିବାର ସନ୍ଦେହ ମଧ୍ୟ ପ୍ରକାଶ ପାଉଛି। ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ମଧ୍ୟ ଏହି ସମସ୍ୟାକୁ ବଢ଼ାଉଛି। ଅନେକେ ଡାକ୍ତରଙ୍କ ପରାମର୍ଶ ବିନା ଔଷଧ କିଣୁଛନ୍ତି କିମ୍ବା କୌଣସି ଔଷଧ ନିଷିଦ୍ଧ କି ନୁହେଁ, ତାହା ଜାଣିବାକୁ ଚେଷ୍ଟା କରୁନାହାନ୍ତି। କେତେକ ଔଷଧ ଦୋକାନ ମଧ୍ୟ ପ୍ରେସକ୍ରିପ୍ସନ ବିନା ଔଷଧ ବିକ୍ରି କରୁଛନ୍ତି, ଯାହା ନିୟମର ସିଧାସଳଖ ଉଲ୍ଲଙ୍ଘନ। ଏହି ପ୍ରବୃତ୍ତିକୁ ରୋକିବା ପାଇଁ ସଚେତନତା ସହ କଡ଼ା ନିରୀକ୍ଷଣ ଅତ୍ୟାବଶ୍ୟକ।

ସରକାରଙ୍କ ଔଷଧ ନିୟନ୍ତ୍ରଣ ବ୍ୟବସ୍ଥାକୁ ଆହୁରି ଶକ୍ତିଶାଳୀ କରିବାର ସମୟ ଆସିଛି। ଡ୍ରଗ୍ସ ଇନ୍ସପେକ୍ଟରଙ୍କ ସଂଖ୍ୟା ବଢ଼ାଇବା, ନିୟମିତ ଯାଞ୍ଚ, ଔଷଧର ଗୁଣବତ୍ତା ପରୀକ୍ଷା ଏବଂ ଦୋଷୀଙ୍କ ବିରୋଧରେ ତ୍ୱରିତ ଆଇନଗତ କାର୍ଯ୍ୟାନୁଷ୍ଠାନ ଏହି ସମସ୍ୟାର ସମାଧାନର ମୁଖ୍ୟ ଉପାୟ ହୋଇପାରେ। କେବଳ ଔଷଧ ଜବତ କରିଦେଲେ ହେବ ନାହିଁ, ବରଂ ଏହାର ଉତ୍ପାଦକ, ଯୋଗାଣକାରୀ ଏବଂ ବିକ୍ରେତାଙ୍କ ସମଗ୍ର ଶୃଙ୍ଖଳାକୁ ଚିହ୍ନଟ କରି କଡ଼ା ଦଣ୍ଡ ଦେବା ଦରକାର।

ଡିଜିଟାଲ ଟ୍ରାକିଂ ବ୍ୟବସ୍ଥା, ବାରକୋଡ୍ ଯାଞ୍ଚ ଏବଂ ଔଷଧର ଉତ୍ପାଦନରୁ ବିକ୍ରି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନଜରଦାରି ବ୍ୟବସ୍ଥାକୁ ସୁଦୃଢ଼ କରାଗଲେ ଏଭଳି ବେଆଇନ କାରବାର ଅନେକାଂଶରେ ରୋକାଯାଇପାରିବ। ଏଥିସହ ଲୋକମାନେ ମଧ୍ୟ କେବଳ ପଞ୍ଜୀକୃତ ଔଷଧ ଦୋକାନରୁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ କିଣିବା ଅଭ୍ୟାସ ଗଢ଼ି ତୋଳିବା ଉଚିତ।

ଏହା ମଧ୍ୟ ସତ୍ୟ ଯେ ନିଷିଦ୍ଧ ଔଷଧର କାରବାର କେବଳ ସରକାରଙ୍କ ବିଫଳତା ନୁହେଁ; ସମାଜର ସମସ୍ତ ଅଂଶୀଦାରଙ୍କ ଦାୟିତ୍ୱ ମଧ୍ୟ ରହିଛି। ଡାକ୍ତର, ଫାର୍ମାସିଷ୍ଟ, ଔଷଧ ବ୍ୟବସାୟୀ, ପ୍ରଶାସନ ଓ ସାଧାରଣ ଲୋକ ସମସ୍ତେ ମିଳିତ ଭାବେ ଦାୟିତ୍ୱବୋଧର ସହ କାମ କଲେ ହିଁ ଏହି ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ।

ଜନସ୍ୱାସ୍ଥ୍ୟ ସହ କୌଣସି ପ୍ରକାରର ଆପୋଷ ବୁଝାମଣାକୁ ବରଦାସ୍ତ କରାଯାଇପାରିବ ନାହିଁ। ଓଡ଼ିଶାରେ ନିଷିଦ୍ଧ ଔଷଧର ପ୍ରସାର ରୋକିବା ପାଇଁ କଡ଼ା ଆଇନ ପ୍ରୟୋଗ, ସ୍ୱଚ୍ଛ ଔଷଧ ବଜାର, ସଚେତନ ଜନସାଧାରଣ ଓ ଦାୟିତ୍ୱସମ୍ପନ୍ନ ପ୍ରଶାସନ ହିଁ ଏକମାତ୍ର ବାଟ। ଲୋକଙ୍କ ଜୀବନଠାରୁ ବଡ଼ କୌଣସି ବ୍ୟବସାୟ ନାହିଁ। ତେଣୁ ଏବେ ସମୟ ଆସିଛି ନିଷିଦ୍ଧ ଔଷଧ ବିରୋଧରେ ଶୂନ୍ୟ ସହନଶୀଳତାର ନୀତି ଗ୍ରହଣ କରି ସୁସ୍ଥ ଓ ସୁରକ୍ଷିତ ଓଡ଼ିଶା ଗଠନ ଦିଗରେ ଦୃଢ଼ ପଦକ୍ଷେପ ନେବାର।

# ଶିକ୍ଷା ବ୍ୟବସ୍ଥାରେ ବିଶ୍ୱାସହାନୀ ଓ ବ୍ରେନ୍‌ଡ୍ରେନ

ମନସିଜ୍ ଦାସ



ଭାରତର ବିଶାଳ ଅଭିବୃଦ୍ଧି ବିଶେଷକରି ଶିକ୍ଷା ଓ ଯୁବ ବର୍ଗଙ୍କୁ ନେଇ ଗର୍ବ କରୁଥିବାବେଳେ ସମସ୍ତେ ଯୁବପିଢ଼ି ହିଁ ଆମ ଦେଶର ସବୁଠାରୁ ମୂଲ୍ୟବାନ ସମ୍ପଦ ଭାବେ ଜାଣନ୍ତି। ସେମାନଙ୍କର ସ୍ୱର୍ଣ୍ଣିମ ଭବିଷ୍ୟତ ଦେଶର ଅଗ୍ରଗତି ପାଇଁ କର୍ଣ୍ଣଧାର ସଦୃଶ କିନ୍ତୁ ଏ ସବୁ ଭିତରେ ଏକ ଗୁରୁତର ପ୍ରଶ୍ନ ଉଙ୍କି ମାରୁଛି - ଆମର ଶିକ୍ଷା ଓ ପରୀକ୍ଷା ବ୍ୟବସ୍ଥା ଅଜାଣତରେ ଆମ ଦେଶର ଶ୍ରେଷ୍ଠ ପ୍ରତିଭାବାନ ମାନଙ୍କୁ ଦେଶ ଛାଡ଼ିବା ପାଇଁ ପ୍ରକାରାନ୍ତରେ ପ୍ରେରିତ କରୁନାହିଁ କି? ଗତ ନିଟ୍ ପ୍ରଶ୍ନପତ୍ର ଲିକ୍ ବିଭ୍ରାଟ, ବିହାରରେ ପରୀକ୍ଷା ବିଭ୍ରାଟ, ମେଧାସମ୍ପନ୍ନ ତୀବ୍ର ପ୍ରତିଯୋଗିତା ମୂଳକ ପରୀକ୍ଷା ପରିଚାଳନାରେ ଅବ୍ୟବସ୍ଥା ଠାରୁ ମୂଲ୍ୟାୟନରେ ତ୍ରୁଟି ଓ ଅସଂଗତି ଏସବୁ ଭିତରେ ଫଳାଫଳକୁ ନେଇ ବିବାଦ ଓ ନିଯୁକ୍ତି ପରୀକ୍ଷାରେ ବାରମ୍ବାର ବିଳମ୍ବ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମନରେ ଯେତିକି ଅସନ୍ତୋଷ ସେତିକି କ୍ଷୋଭ ଏବଂ ନିରାଶା ମଧ୍ୟ। ସିବିଏସଇ, ନିଟ୍, ଏସଏସସି-ଜିଡ଼ି ଭଳି ପରୀକ୍ଷାରେ ଯେଉଁଭଳି ବିଭ୍ରାଟ ଏହା ପଛରେ କେବଳ ପ୍ରଶାସନିକ ତ୍ରୁଟି ରହିନି ବରଂ ସେମାନଙ୍କ ମନୋବଳକୁ ଭାଙ୍ଗିବା ପାଇଁ ଏକ ଅଯଥାର୍ଥ ଚାପ ସଦୃଶ। ଏହା ଭବିଷ୍ୟତ ପିଢ଼ିର ବିଶ୍ୱାସ ଉପରେ ସିଧାସଳଖ ଆଘାତ।

ଧରନ୍ତୁ ମୁଁ ଜଣେ ସିବିଏସଇ ଦ୍ୱାଦଶ ଶ୍ରେଣୀର ଛାତ୍ର। କଠୋର ଅଧ୍ୟବସାୟ, ଦିନରାତିର ପରିଶ୍ରମ ସତ୍ତ୍ୱେ ଯଦି ଫଳାଫଳରେ ଅସ୍ପଷ୍ଟତା, ମାର୍କିଂରେ ଅସଙ୍ଗତି, ବିଭ୍ରାଟ ବା ବିବାଦ ତେବେ ଏ ସବୁ ସ୍ୱାଭିବକ ଭାବରେ ମୋ ଭିତରେ କ୍ଷୋଭ ସୃଷ୍ଟି କରିବ। ମୋତେ ଏହା ଭାବିବା ପାଇଁ ବାଧ୍ୟ କରିବ, ଯେଉଁଠି ମୋ ଦିନ ରାତିର ପରିଶ୍ରମର ନ୍ୟାୟ ସଂଗତ ମୂଲ୍ୟ ମିଳୁନି ସେଠାରେ ଭବିଷ୍ୟତ ଗଢ଼ିବା କେତେ ସୁରକ୍ଷିତ? ଏପରି ସମୟରେ ଅନେକ ମେଧାବୀ ନିଜର ଅନିଶ୍ଚିତ ଭବିଷ୍ୟତ ଆଶଙ୍କା କରି ବିଦେଶରେ ଉଚ୍ଚଶିକ୍ଷାସହ ସେଇଠି ହିଁ କ୍ୟାରିୟର ଗଢ଼ିବାକୁ ନିରାପଦ, ନିର୍ଭରଯୋଗ୍ୟ ଶ୍ରେୟସ୍କର ମନେ କରିବେ। ଅନ୍ୟପଟେ ଜାପାନ, ଜର୍ମାନ ସମେତ ଅନେକ ବିକଶିତ ଦେଶ ଆଜି ଜନସଂଖ୍ୟା ହ୍ରାସ ଓ ଦକ୍ଷ ଜନଶକ୍ତିର ଅଭାବର ସମ୍ମୁଖୀନ। ସେମାନଙ୍କର ଅର୍ଥନୀତିକୁ ଆଗକୁ ନେବା ପାଇଁ କୁଶଳୀ, ଦକ୍ଷ ପେଷାଦାର, ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ, ପ୍ରଯୁକ୍ତିବିତ୍‌ଙ୍କ ଆବଶ୍ୟକତା ଦିନକୁ ଦିନ ବଢ଼ୁଛି। ବିଦେଶୀ ପ୍ରତିଭାମାନଙ୍କୁ ଆକର୍ଷିତ କରିବାରେ ସେ ଦେଶ ଗୁଡ଼ିକ ଅନେକ କ୍ଷେତ୍ର ମଧ୍ୟ ପ୍ରସ୍ତୁତ କରୁଛନ୍ତି। ଏପରି ସମୟରେ ଭାରତର ଶିକ୍ଷା ବ୍ୟବସ୍ଥାର ତ୍ରୁଟି ଓ ଦୁର୍ବଳତା ଅନ୍ୟ ଦେଶ ମାନଙ୍କ ପାଇଁ ସୁଯୋଗରେ ପରିଣତ ହେଉଛି।

ସମସ୍ୟାଟି କେବଳ ଛାତ୍ରଛାତ୍ରୀଙ୍କ ଭିତରେ ସୀମିତ ରହିନି। ଏହାର ପ୍ରଭାବ ଅଭିଭାବକଙ୍କ ଉପରେ ଗୁରୁତର ଭାବେ ଯେତିକି ଚିନ୍ତିତ କରୁଛି ସେତିକି ବିରକ୍ତ। ପିଲାମାନଙ୍କ ଭବିଷ୍ୟତକୁ ନେଇ ବିକଳ୍ପ ରାସ୍ତା ଖୋଜିବା ପାଇଁ ଅଭିଭାବକମାନେ ନିଜ ଅନୁଭବକୁ ଦେଖି ଆରମ୍ଭରୁ ହିଁ ନିଜ ସନ୍ତାନଙ୍କ ପାଇଁ ବିଦେଶୀ ଶିକ୍ଷା କିମ୍ବା ଅନ୍ୟ ବିକଳ୍ପ ବ୍ୟବସ୍ଥାର ଯୋଜନା କରିପାରନ୍ତି। ଆମେ ଆଲୋଚନା କରୁଥିବା 'ବ୍ରେନ୍‌ଡ୍ରେନ୍' ବା ମେଧା ପଳାୟନକୁ ସାଧାରଣତଃ ଆର୍ଥିକ ସମସ୍ୟା ଭାବରେ ଦେଖିଥାଉ। କିନ୍ତୁ ଏହା ପଛରେ ସ୍ୱାଭାବିକ ଭାବରେ ରହିଛି ଅନେକ ପ୍ରଶ୍ନ। ଯେଉଁଠି ପ୍ରତିଭାର ପରିଶ୍ରମର ଆଦର ନାହିଁ ପରୀକ୍ଷାରେ ସ୍ୱଚ୍ଛତା ରହୁନି ସେଠି ବିଶ୍ୱାସ ଓ ଭରସା ଭାଙ୍ଗି ଯିବା ସହ ଅନ୍ୟ ସୁଯୋଗ ହିଁ ପ୍ରାଥମିକତା। ତେଣୁ ଏହିପରି ଏକ ସମୟରେ ପ୍ରତିଭାବାନମାନେ ନିଜ ଗନ୍ତବ୍ୟ ଖୋଜି ନିଅନ୍ତି। ଭାରତ ପାଇଁ ଏହା ଏକ ଗମ୍ଭୀର ସତର୍କ ବାଣୀ କହିଲେ ଅତ୍ୟୁକ୍ତି ହେବନାହିଁ। ଆମର ଶିକ୍ଷା ଓ ପରୀକ୍ଷା ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ଉତ୍ତରଦାୟୀ ଓ ବିଶ୍ୱସନୀୟ କରିବା ଆବଶ୍ୟକ। ଅନେକ ସମୟରେ ପ୍ରଶ୍ନପତ୍ର ଲିକ୍, ପ୍ରତ୍ୟେକ ଅସଙ୍ଗତ ମୂଲ୍ୟାୟନ ଓ ମେଧାର ଅନିଶ୍ଚିତତା ହିଁ ଯୁବପିଢ଼ିର ବିଶ୍ୱାସକୁ ଭାଙ୍ଗି ଦେଉଛି। ଦେଶ କେବଳ ପ୍ରତିଭା ସୃଷ୍ଟିକଲେ ଚଳିବ ନାହିଁ ବରଂ ସେହି ପ୍ରତିଭାକୁ ଦେଶ ଭିତରେ ରଖି ସେମାନଙ୍କ ସ୍ୱପ୍ନକୁ ସାକାର କରିବା ସହ ଦେଶର ଅଭିବୃଦ୍ଧି କ୍ଷେତ୍ରରେ ଯୁବପିଢ଼ିଙ୍କ ମେଧାଶକ୍ତିର ମଧ୍ୟ ଯଥାର୍ଥ ମୂଲ୍ୟାୟନ ହୋଇପାରିବ। ତେଣୁ ଏହିପରି ଏକ ସମୟରେ ଯଦି ଆମେ ଆମର ଯୁବପିଢ଼ିର ବିଶ୍ୱାସକୁ ସୁରକ୍ଷିତ ରଖିପାରିବା ତେବେ ବ୍ରେନ୍ ଡ୍ରେନ୍‌ର ଅନ୍ତ ସମ୍ଭାବନା ଦେଖାଯିବ।

**ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ, ଗୁରୁଗ୍ରାମ, ହରିୟାନା**



# ଉତ୍କଳର ଶ୍ରୀଜଗନ୍ନାଥ ସଂସ୍କୃତିରେ ମିଶରୀୟ ପୌରାଣିକ ସଂସ୍କୃତିର ପ୍ରଭାବ

ଡକ୍ଟର ପ୍ରଦୀପ ସେନାପତି



ଶ୍ରୀଜଗନ୍ନାଥଙ୍କ ବିଷୟରେ କେତେକ ପୁରାଣରେ ବର୍ଣ୍ଣିତ ଆଖ୍ୟାନ ସ୍ଥାନୀୟ ଲୋକଗଳ୍ପକୁ ନେଇ ରଚିତ ହୋଇଛି। ସାରଳା ଦାସଙ୍କ ମହାଭାରତରେ ବର୍ଣ୍ଣିତ ଶ୍ରୀକୃଷ୍ଣଙ୍କ ଅର୍ଦ୍ଧଦଗ୍ଧ ଶବ ସମୁଦ୍ରରେ ଭାସି ଭାସି କାଳକ୍ରମେ ଦାରୁରେ ପରିଣତ ହେଲା ଓ ସେହି ଦାରୁ ପୁରୀ ସମୁଦ୍ର ତଟରେ ଲାଗିବା ପରେ ତାହା ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ସଂଗୃହୀତ ହୋଇ ସେଥିରେ ଜଗନ୍ନାଥ ମୂର୍ତ୍ତି ନିର୍ମିତ ହେଲା।

ପ୍ରାଚୀନ ଇଜିପ୍ଟର ପୌରାଣିକ ଲୋକଗଳ୍ପ ଅନୁଯାୟୀ ସୂର୍ଯ୍ୟ ଦେବତାଙ୍କର 'ନଟ୍' ଓ 'ଜେବ୍' ନାମକ ପୁତ୍ର ଓ କନ୍ୟା ଥିଲେ। ପରବର୍ତ୍ତୀ କାଳରେ ସେମାନେ ମଧ୍ୟ 'ପତି ଓ ପତ୍ନୀ' ହୋଇଥିଲେ। ସେମାନଙ୍କର ପୁତ୍ର ଓ କନ୍ୟା ଯଥାକ୍ରମେ ଓସିରିସ୍ ଓ ଇସିସ୍ ମଧ୍ୟ ପତି ଓ ପତ୍ନୀ ହେଲେ। ସୂର୍ଯ୍ୟ ଦେବତାଙ୍କର ଇଚ୍ଛାନୁଯାୟୀ ଓସିରିସ୍ ଇଜିପ୍ଟର ସମ୍ରାଟ ହୋଇଥିଲେ। କିନ୍ତୁ ତାଙ୍କ ସାନଭାଇ 'ସେଟ୍' ଏଥିପାଇଁ ଓସିରିସ୍‌ଙ୍କୁ ଭୀଷଣ ଈର୍ଷା କରୁଥିଲେ। ଥରେ ସେ କୌଶଳରେ 'ଓସିରିସ୍'ଙ୍କୁ ବନ୍ଦୀ କରି ଏକ ସିନ୍ଦୁକରେ ପୂରାଇ ନୀଳନଦୀରେ ଭସାଇ ଦେଲେ।

ନଦୀରୁ ଯାଇ ସିନ୍ଦୁକଟି ସମୁଦ୍ରରେ ବହୁ ଦୂରକୁ ଭାସିଗଲା ଓ ଶେଷରେ କୂଳରେ ଆସି ଗୋଟିଏ ଗଛା ଗଛରେ ଲାଗିଲା। ଗଛଟି ଧୀରେ ଧୀରେ ବଢ଼ିବାରୁ ସିନ୍ଦୁକଟି ଗଛର ଗଣ୍ଡି ଭିତରେ ରହିଗଲା ଓ ସେହି ଗଛଟିକୁ ସେହି ଅଞ୍ଚଳର ରାଜା କାଟିନେଲେ। ତା' ଗଣ୍ଡିରେ ନିଜ ଉଆସ ପାଇଁ ଏକ ଖମ୍ବ ନିର୍ମାଣ କଲେ। ଓସିରିସ୍‌ଙ୍କ ପତ୍ନୀ ଓ ଭଗ୍ନୀ ଇସିସ୍ ଏହା ମନ୍ତ୍ର ବଳରେ ଜାଣିପାରି ବହୁ କଷ୍ଟରେ ସେହି ଖମ୍ବରୁ ଓସିରିସ୍‌ଙ୍କ ଦେହରୁ ଉଦ୍ଧାର କଲେ। କିନ୍ତୁ ତାଙ୍କ ଜୀବନ ଦେଇପାରିଲେ ନାହିଁ।

ଏହି ଦୁଇଟି ଆଖ୍ୟାନରେ ଗୋଟିଏ ସାମଞ୍ଜସ୍ୟ ରହିଛି। ଦେବତାଙ୍କ ଦେହ ସମୁଦ୍ରରେ ଭାସିଯିବା ପରେ ଦାରୁ ବା କାଠ ଗଣ୍ଡିରେ ପରିଣତ ହେବା। କିନ୍ତୁ ଏତିକିରେ ଏହାର ଶେଷ ହୁଏ ନାହିଁ। ପୁଣି ଯାମଳତନ୍ତ୍ରରେ (ଉଷବକ୍ତ୍ର ଙଙଙଙ ୧୧ ଝକ୍ଷ. ୧୧୨) ମଧ୍ୟ ସୁଭଦ୍ରାଙ୍କୁ ଜଗନ୍ନାଥଙ୍କ ଶକ୍ତି ରୂପେ ଗ୍ରହଣ କରାଯାଇଛି। ଅର୍ଥାତ୍ ମିଶରୀୟ ପୁରାଣ ଓ ଜୀବନଶୈଳୀର ପ୍ରଭାବ ଦିନେ ଏଠାରେ ଧର୍ମ ଦର୍ଶନ ଗଢ଼ି ଉଠିଲା। ଏହାର ପ୍ରତିଚ୍ଛବି ମିଆନ୍‌ମାର ବା ବର୍ମାର ଶ୍ରୀକ୍ଷେତ୍ର ଇତିହାସରେ ଦେଖିବାକୁ ମିଳେ। ଏହି ଶ୍ରୀକ୍ଷେତ୍ର ପଞ୍ଜିକା ଅନୁଯାୟୀ ଏଠାରେ 'ପ୍ୟୁ' ବଂଶୀୟ ରାଜା 'ଦ୍ୱାତବଙ୍ଗ' ନିଜର ଭଉଣୀକୁ ବିବାହ କରିଥିଲେ। ରାଜ ପରିବାରରେ ଭାଇଭଉଣୀ ବିବାହ ହେବା ପ୍ରଥା ସେଠାରେ ନବମ ଶତାବ୍ଦୀ, ଅର୍ଥାତ 'ପ୍ୟୁ' ରାଜବଂଶର ଶେଷକାଳ ପର୍ଯ୍ୟନ୍ତ ରହିଥିଲା। ପ୍ରାଚୀନ କଳିଙ୍ଗର ଶ୍ରୀକ୍ଷେତ୍ରରୁ ବର୍ମାଯାଇ ସେଠାରେ ଏକ ଶ୍ରୀକ୍ଷେତ୍ର ନଗରୀ ପ୍ରତିଷ୍ଠା କରିଥିବା ଲୋକ ଓ ସେମାନଙ୍କ ରାଜାଙ୍କର ଜୀବନଯାପନ ଶୈଳୀ ମିଶରୀୟ ସଂସ୍କୃତି ଦ୍ୱାରା ନିୟନ୍ତ୍ରିତ ହେଉଥିଲା। ଏମିତି ଅନେକ ପ୍ରମାଣ ସେଇ ମିଆନ୍‌ମାର ଇତିହାସରେ ଦେଖିବାକୁ ମିଳେ।

ଖ୍ରୀଷ୍ଟୀୟ ନବମ ଶତାବ୍ଦୀରେ 'ପ୍ୟୁ' ମାନଙ୍କ ସାମ୍ରାଜ୍ୟର ପତନ ଆରମ୍ଭ ହେବାରୁ ଦଳେ 'ପ୍ୟୁ' ଶ୍ରୀକ୍ଷେତ୍ର ନଗରୀରୁ ପଳାଇ ଯାଇ ଇସାବତୀ ଓ ଚିନ୍‌ଡଉଇନ୍ ନଦୀର ମିଳନ ସ୍ଥଳରେ 'ପାଗାନ' ନଗରୀ ସ୍ଥାପନ କରି ସୋଂରେ ବସବାସ ଆରମ୍ଭ କରିଥିଲେ। ସ୍ଥାନୀୟ ଲୋକଙ୍କ ପ୍ରେତ ପୂଜାକୁ ଅବଲମ୍ବନ କରି ସେମାନେ 'ପୋ ପ୍ରା' ନାମକ ପାହାଡ଼ରେ ଏକ ଦେବତା ଓ ତାଙ୍କ ଭଗ୍ନୀଙ୍କର ପୂଜା ଆରମ୍ଭ କଲେ। ଏହି ଦେବତାଙ୍କ ବ୍ୟାପାରରେ ଥିବା ଲୋକଗଳ୍ପରୁ ଜଣାଯାଏ ଏକଦା ଲୋକମାନଙ୍କ ଦ୍ୱାରା ଆଦୃତ ଭାଇ ଓ ଭଉଣୀ ଦୁଇଜଣଙ୍କୁ ଜଣେ ରାଜା ଅନ୍ୟାୟରେ ହତ୍ୟା କଲେ। ମୃତ୍ୟୁ ପରେ ସେମାନେ ଗୋଟଏ ଗଛ ହୋଇ ପୁର୍ବଜନ୍ମ ଲାଭ କଲେ। ସେଇ ଗଛଟିକୁ କେହି ଭାଟିଦେବାରୁ ତା'ର ଗଣ୍ଡି ନଦୀରେ ପଡ଼ି ପାଗାନ ନଗରୀକୁ ଭାସି ଆସିଲା। ସେଇ କାଠରେ ଦେବଦେବୀଙ୍କ ମୂର୍ତ୍ତି ତିଆରି କରି ଲୋକେ ତାହାକୁ ପୋପ୍ପା ପର୍ବତରେ ରଖି ଭକ୍ତିର ସହ ପୂଜା କଲେ। ସାରଳା ଦାସଙ୍କ ମହାଭରତର ୬୦୦ବର୍ଷ ପୂର୍ବରୁ ମ୍ୟୁ ଅଧ୍ୟୁଷିତ 'ପାଗାନ' ନଗରୀର ଏହି ଜନଗଳ୍ପରେ ଇଜିପ୍ଟର ପୁରାଣ ଓ କଳିଙ୍ଗର ଶ୍ରୀକ୍ଷେତ୍ରରେ ପୂଜିତ ଦେବତାଙ୍କ ସମ୍ପର୍କୀୟ ଲୋକଗଳ୍ପର ପ୍ରତିଧ୍ୱନି ଶୁଣିବାକୁ ମିଳେ। ଏଥିରୁ ଜଣାପଡ଼େ ମୂଳରୁ ଶ୍ରୀକ୍ଷେତ୍ର (ପୁରୀ)ର ମୁଖ୍ୟ ଦେବତାଙ୍କ ମୂର୍ତ୍ତି କାଠରେ ନିର୍ମିତ ହେଉଥିଲା ଓ ତାଙ୍କ ସହ ତାଙ୍କ ଭଉଣୀଙ୍କ ପୂଜା ମଧ୍ୟ ସେଠାରେ ହେଉଥିଲା।

ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଏଠାରେ ମୂଳ ଇନ୍ଦ୍ରଦେବତା। ଅସୁର ଦେବତା ବାରଦୁକ୍ ଓ ବଳରାମଙ୍କ ସହିତ ହସ୍ତୀରୂପକ ବୁଦ୍ଧଙ୍କର ଉପାସନା ମଧ୍ୟ ଆରମ୍ଭ ହେଲା ଓ ବୌଦ୍ଧ ହୀନଯାନ ଧର୍ମର ଅଗ୍ରଗତି ଯୋଗୁଁ ଏହି ନୂତନ ଦେବତାଙ୍କ ପ୍ରାଧାନ୍ୟ ବଢ଼ିଲା। ଏହାର ଦୁଇବର୍ଷ ପରେ ବୁଦ୍ଧ ବିଷ୍ଣୁଙ୍କର ଅବତାର ରୂପେ ଗୃହୀତ ହେବାରୁ ବୁଦ୍ଧ ଜଗନ୍ନାଥ ମୁଖ୍ୟ ଦେବତା ରୂପେ ସ୍ୱୀକୃତ ହେଲେ। ପୂର୍ବରୁ ବଳରାମ ଓ ତାଙ୍କ ଭଗ୍ନୀ ଶ୍ରୀଦେବୀଙ୍କ ସମ୍ପର୍କରେ ଥିବା ଆଖ୍ୟାନମାନ କାଳକ୍ରମେ ଜଗନ୍ନାଥ ତାଙ୍କ ଭଉଣୀ ସୁଭଦ୍ରାଙ୍କ ଠାରେ ଆରୋପିତ ହେଲା। ତେଣୁ 'ସ୍କନ୍ଦପୁରାଣ' ଓ 'ରୁଦ୍ର ଯାମଳତନ୍ତ୍ର'ରେ ଥିବା ଜଗନ୍ନାଥ ଓ ସୁଭଦ୍ରାଙ୍କ ସମ୍ପର୍କକୁ ବଳରାମ ଓ ଶ୍ରୀଦେବୀଙ୍କ ଭିତରେ ଥିବା ସମ୍ପର୍କ ବୋଲି ବୁଝିବାକୁ ହେବ। ସେଥିପାଇଁ ବଳରାମଙ୍କୁ ହଳଧର ଏବଂ ଲଙ୍ଗଳଧାରୀ କୁହାଯାଏ। କାରଣ ସେ ଦିନେ କୃଷି ଦେବତା ଥିଲେ। ଇଜିପ୍ଟର ଦେବୀ 'ଇସିପ୍' ନିଜ ସ୍ୱାମୀଙ୍କ ଅନୁପସ୍ଥିତି କାଳରେ ଲୋକଙ୍କୁ ସଭ୍ୟତାର ଅଗ୍ରଗତି ପାଇଁ (ଭୂମିଚାଷ ଉଦ୍ଦେଶ୍ୟରେ) ଶିକ୍ଷା ଦେବା କଥା ପୁରାଣରେ ଲେଖାଅଛି। ଶ୍ରୀଦେବୀଙ୍କୁ ମଧ୍ୟ କୃଷି କ୍ଷେତ୍ରର ଦେବୀ ରୂପେ ଦକ୍ଷିଣ-ପୂର୍ବ ଏସିଆର କେତେକ ଦେଶରେ ପୂଜା କରାଯାଏ। ଏଥିରୁ ଯାହା ଜଣାଯାଏ ପ୍ରାଚୀନ କଳିଙ୍ଗରେ ମଧ୍ୟ କୃଷିକ୍ଷେତ୍ରରେ ଦେବୀ ସ୍ୱୀକୃତ ହୋଇଥିଲେ। ଏହା ବ୍ୟତୀତ ବଳରାମ ଗୋତ୍ରୀ ବ୍ରାହ୍ମଣମାନଙ୍କୁ 'ହଳୁଆ ବ୍ରାହ୍ମଣ' କୁହାଯାଏ। ଓଡ଼ିଶାର ଉପକୂଳ ଜିଲ୍ଲାରେ ବସବାସ କରୁଥିବାର ଜଣାଯାଏ। କୃଷି କର୍ମହିଁ ଏମାନଙ୍କର ପ୍ରଧାନ ଜୀବିକା। ଏମାନଙ୍କର ପୂର୍ବ ପୁରୁଷ ମିଶରରୁ ଆସି ଏଠାରେ ବଳରାମଙ୍କ ଉପାସକ ହୋଇଥିବାର ଅନୁମାନ କରାଯାଏ। ଏକଦା ପୂଜକ ଭାବରେ ଏମାନଙ୍କର ସମାଜରେ ପ୍ରତିଷ୍ଠା ଓ ସମ୍ମାନ ରହିଥିଲା। ଓସିରିସ୍‌ଙ୍କ ବ୍ୟତୀତ ତାଙ୍କ ପୁତ୍ର ହୋରସ୍‌ଙ୍କର କେତେକ ଗୁଣ ମଧ୍ୟ ବଳରାମଙ୍କ ନିକଟରେ ଅଛି। ପ୍ରାଚୀନ ମିଶରୀୟ ଗ୍ରନ୍ଥରେ ହୋରସ୍‌ଙ୍କୁ ଗୋଦେବୀ 'ହା ଥୋର' (ଏକଗାଭୀ)ଙ୍କ ପୁତ୍ର ରୂପେ ଦର୍ଶାଯାଇଛି। ବଳରାମଙ୍କ ମାତା ରୋହିଣୀଙ୍କୁ 'ବାୟୁ ପୁରାଣ'ରେ ସ୍ୱର୍ଗଲୋକର ଗାଭୀ ସୁରଭିଙ୍କ କନ୍ୟା କୁହାଯାଉଥିବାରୁ ଦୀର୍ଘ ଅତୀତରେ ଏହି କଥାବସ୍ତୁ ଉପରେ ଆର୍ଯ୍ୟ ପ୍ରଭାବ ପଡ଼ିବା ପୂର୍ବରୁ ରୋହିଣୀ ଏକଗାଭୀ ଥିଲେ। ସେହି କାରଣରୁ ବଳରାମଙ୍କ ଜନ୍ମ ଦିବସକୁ ଏକ ଗୋ-ପୂଜାର ଦିନ ଭାବେ ଗ୍ରହଣ କରାଯାଏ।

ଖ୍ରୀ ୧୨୦୦ରେ ସେଠାରୁ ରାଜଧାନୀ ବାରଣାସୀ କଟକ ଆଧୁନିକ କଟକକୁ ସ୍ଥାନାନ୍ତରିତ ହେଲା। ସେତେବେଳକୁ କଳିଙ୍ଗ ରାଜ୍ୟର ସୀମା ଦକ୍ଷିଣରେ ଗୋଦାବରୀଠାରୁ ପୂର୍ବରେ ଗଙ୍ଗା ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା। ଖ୍ରୀ୧୩୦୦ରେ ମହାରାଜା ଅନଙ୍ଗ ଭୀବଦେବ ଶ୍ରୀ ଜଗନ୍ନାଥଙ୍କୁ ତାଙ୍କ ସାମ୍ରାଜ୍ୟର ଅଧିଶ୍ୱର ରୂପେ ଗ୍ରହଣ କରି ନିଜେ ତାଙ୍କ ଅଧୀନସ୍ଥ 'ରାଉତ'(ସେବକ) ଉପାଧି ପାଇଥିଲେ। ସେତେବେଳକୁ ଉତ୍କଳରେ ବୈଷ୍ଣବ ଧର୍ମର ପ୍ରସାର ହୋଇସାରିଥିଲା। ନୀଳାଚଳର ପ୍ରସିଦ୍ଧି ଭାରତର ଚତୁର୍ଦ୍ଦିଗରେ ବ୍ୟାପି ସାରିଥିଲା।

ଶିଳାଖଣ୍ଡରୂପେ ଶବରୀ ନାରାୟଣରୁ ଦାରୁବ୍ରହ୍ମ ରୂପୀ ଜଗନ୍ନାଥଙ୍କ ଏହି ଅଭିବ୍ୟକ୍ତି ମଧ୍ୟରେ ଶାବରା ବୌଦ୍ଧ, ଜୈନ, ଶୈବ, ସୌର, ଗାଣପତ୍ୟ, ଶାକ୍ତ, ବୈଷ୍ଣବ ପ୍ରଭୃତି ସବୁ ଧର୍ମ ଓ ମତବାଦର ସମନ୍ୱୟ ଘଟିଲା। କିନ୍ତୁ କେହି କାହାର ସତ୍ତା ହରାଇଲେ ନାହିଁ। ଏହା ହେଉଛି ଜଗନ୍ନାଥ ସଂସ୍କୃତିର ମୂଳ ଆଦର୍ଶ। ଏହି ପରିପ୍ରେକ୍ଷୀରେ ମହେନ୍ଦ୍ର ଗିରି ନିକଟସ୍ଥ ଶବର ପଲ୍ଲୀମାନଙ୍କରେ ଦାରୁବିଗ୍ରହ ପୂଜା ପାଉଛନ୍ତି। ପ୍ରଭୁ ଜଗନ୍ନାଥ 'କିତୁଙ୍ଗ ବା ଜଗନ୍ତ' ନାମରେ ସେମାନଙ୍କ ଦ୍ୱାରା ପୂଜିତ ହେଉଛନ୍ତି। ଶାବର ଜଗନ୍ନାଥ ସପୂର୍ଣ୍ଣତଃ ବ୍ରାହ୍ମପ୍ୟାୟୀତ ହୋଇଥିଲେ ହେଁ ନିଜର ଶାବର ସତ୍ତା ଅକ୍ଷୁର୍ଣ୍ଣ ହୋଇ ରହିଅଛନ୍ତି।

**ରାଜ୍ୟ ସଭାପତି, ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ, ସାମନ୍ତରାପୁର, ପୁରୁଣା, ଭୁବନେଶ୍ୱର-୨, ମୋବାଇଲ୍‌ଃ୭୮୪୮୮୯୮୪୫୬**

# ମଣିଷ ଭଳି ମନେମନେ ଅଙ୍କ କଷିପାରେ ଜିରାଫ



ସୁବାସ ଷଡଙ୍ଗୀ

ଆମେମାନେ ଅନେକ କଥା ଜାଣୁନା। ପ୍ରାଣୀ ଜଗତରେ ମଣିଷ ହେଉଛି ଏକମାତ୍ର ପ୍ରାଣୀ ଯିଏ ନିଜର ବୁଦ୍ଧି ଖଟାଇପାରେ। ବିଭିନ୍ନ ତଥ୍ୟ ଏବଂ ବସ୍ତୁ ତିଆରି କରିପାରେ। କଥା ମନେରଖିପାରେ। ମଣିଷକୁ ଛାଡିଦେଲେ, ଏମିତି ମନେ ରଖୁଥିବା ପ୍ରାଣୀ ହେଲେ ଶିମ୍ପାଞ୍ଜି, ଡଲଫିନ ଓ ହାତୀ। କିନ୍ତୁ ନିକଟରେ ଗବେଷକମାନେ ଜାଣି ପାରିଛନ୍ତି, ଜିରାଫ ମଧ୍ୟ ଅନେକକଥା ମନେରଖିପାରେ। ଜିରାଫର ବୁଦ୍ଧି ଅଛି। ଗଣିତ ବିଦ୍ୟାରେ ତାର ପାରଦର୍ଶିତା ରହିଛି। ସ୍ପେନର ଏକ ଗବେଷଣାରେ ଏକଥା ଜଣାପଡ଼ିଛି। ଗବେଷକମାନେ ଜାଣି ପାରିଛନ୍ତି, ଜିରାଫ ଗଣିତର ପ୍ରଥମ ଧାପ, ଅର୍ଥାତ ସରଳତମ ଯୋଗ ସେମାନେ ନିଜେ କରିପାରନ୍ତି। ମନେ ମନେ ସଂଖ୍ୟାସହିତ ସଂଖ୍ୟାକୁ ଯୋଡି ଯୋଗଫଳର ଏକ ଧାରଣା ସେମାନେ ସହଜରେ କରିନେଇ ପାରନ୍ତି। କିନ୍ତୁ ସେମାନଙ୍କୁ 'ଫେଡାଣ' ବା ମାଇନସ ବିଲକୁଲ ଆସେ ନାହିଁ।

କେଉଁ ଧରଣର ଗବେଶଣାରୁ ଗବେଶକମାନେ ଏକଥା ଜାଣିବାକୁ ପାଇଲେ? ସ୍ପେନର ବାର୍ସାଲୋନା ବିଶ୍ୱ ବିଦ୍ୟାଳୟର ଅଧ୍ୟାପକ ଇକର ଲୟଡିଙ୍କ ନେତୃତ୍ୱରେ ଦଳେ ଗବେଶକ ଏଭଳି ପରୀକ୍ଷା ଚଳାଇଥିଲେ। ସେମାନଙ୍କ ଗବେଷଣାର ଫଳ ପ୍ରକାଶିତ ହୋଇଛି, 'ସାଇଂଟିଫିକ ରିପୋର୍ଟର୍ସ' ନାମକ ଏକ ପତ୍ରିକାରେ। ପରୀକ୍ଷାମୂଳକଭାବେ ସେମାନେ ଚାରୋଟି ଜିରାଫଙ୍କ ଆଗରେ ଏକ ନିଚା ଟେବୁଲ ରଖିଲେ, ତା ଉପରେ ତିନୋଟି ପାତ୍ର ରଖିଲେ। ଏଇ ତିନୋଟି ପାତ୍ରରେ ରହିଥିଲା ଗାଜର ଖଣ୍ଡ। ପାତ୍ର ଗୁଡିକ ଏପରିଭାବେ ରଖାଯାଇଥିଲା, ଯେଉଁଥିରେ ଜିରାଫମାନେ ଭଲଭାବରେ ପାତ୍ର ଭିତରେ କଣ ସବୁ ଅଛି, ତାହା ଜାଣିପାରିବେ ନାହିଁ। ପ୍ରଥମ ଦୁଇଟି ପାତ୍ରର ଢାଙ୍କୁଣି ଖୋଲି ପାଞ୍ଚ ସେକେଣ୍ଡ ପାଇଁ ଜିରାଫମାନଙ୍କୁ ଦେଖେଇ ଦିଆଯାଇଥିଲା ଗାଜର ଖଣ୍ଡଗୁଡିକୁ। ତାପରେ ତୃତୀୟ ପାତ୍ରରୁ ତିନୋଟି ଗାଜର ବାହାର କରି ପ୍ରଥମ ପାତ୍ରରେ ରଖି ଦିଆଯାଇଥିଲା। ଏହାପରେ ପାତ୍ରଗୁଡିକ ପୁଣିଥରେ ଜିରାଫମାନଙ୍କ ସମ୍ମୁଖରେ ରଖିଦିଆଯାଇଥିଲା। ଦେଖାଗଲା, ପାଞ୍ଚ ସେକେଣ୍ଡର ସେଇ ସ୍ମୃତି ଧରି ରଖି ଜିରାଫମାନେ ପ୍ରଥମ ପାତ୍ରଟିକୁ ବାଛି ନେଇଛନ୍ତି। ସେଥିରେ ଅଧିକ ସଂଖ୍ୟକ ଗାଜର ରହିଥିଲା। ଥରେ ନୁହେଁ, ବାରମ୍ବାର ସେମାନଙ୍କୁ ଏଭଳି ସୁଯୋଗ ଦିଆଯାଇଥିଲା। ଦୁଇ ତୃତୀୟାଂଶ କ୍ଷେତ୍ରରେ ଜିରାଫମାନେ ସଠିକ ପାତ୍ରଟିକୁ ବାଛି ନେଇଥିଲେ। ଗବେଷକମାନେ ଦାବି କରନ୍ତି, ଏହା କେବଳ ଏକ ଅନ୍ଦାଜ ନୁହେଁ, ତିନୋଟି ଗାଜର ମନେ ମନେ ସେମାନେ ଯୋଗ କରିଥିଲେ। ଏହା ପୂର୍ବରୁ କୌଣସି ଜିରାଫଙ୍କ କ୍ଷେତ୍ରରେ ଏଭଳି କିଛି ପରୀକ୍ଷା କରାଯାଇ ନଥିଲା। ତେବେ ପୂର୍ବରୁ ବାନର ବା ଶିମ୍ପାଞ୍ଜିମାନଙ୍କ କ୍ଷେତ୍ରରେ ଏଭଳି ପରୀକ୍ଷା ଅନେକ ଥର କରାଯାଇଛି। ସେଥିରୁ ସେମାନଙ୍କ ପାରଦର୍ଶିତାର ପ୍ରମାଣ ମିଳିଛି। ଅନ୍ୟ କୌଣସି ପ୍ରାଣୀ ଏହା ପୂର୍ବରୁ ଏଭଳି ପରୀକ୍ଷାରେ ପାସ କରି ପାରି ନାହାନ୍ତି। ବିଶେଷ କରି କ୍ଷୁରଯୁକ୍ତ ପ୍ରାଣୀମାନଙ୍କ କ୍ଷେତ୍ରରେ ଏହା ପ୍ରମାଣିତ ହୋଇ ନାହିଁ।

ଏଇ ଜିରାଫମାନଙ୍କ ଠାରୁ ଆଉ ଏକ ଶିକ୍ଷା ମିଳିଲା। ଯୋଗ କରିବା ପରିବର୍ତ୍ତେ, ଯେତେବେଳେ ପାତ୍ରଟିରୁ ତିନୋଟିଯାକ ଗାଜର କାଢି ନିଆଗଲା, ସେତେବେଳେ ସେମାନେ ପାତ୍ରଟିକୁ ଚିହ୍ନଟ କରିପାରି ନଥିଲେ। ଏହାର ଅର୍ଥ ସେମାନେ ଫେଡାଣ ବା ମାଇନସରେ ପୁରାପୁରି ଫେଲ। ଏ କ୍ଷେତ୍ରରେ ମଣିଷ ଶିଶୁ ସହିତ ଜିରାଫର କିଛିଟା ସାମଞ୍ଜସ୍ୟ ରହିଛି ବୋଲି ଗବେଷକମାନେ ମନେ କରନ୍ତି। ସାଧାରଣଭାବରେ ଯୋଗ ଠାରୁ ବିୟୋଗ ବା ଫେଡାଣ ଅଧିକ କଷ୍ଟସାଧ୍ୟ। ଏଣୁ ପିଲାମାନଙ୍କୁ ଯେତେବେଳେ ଶିକ୍ଷା ଦିଆଯାଏ, ପ୍ରଥମେ ଯୋଗ ବା ମିଶେଇବା ଶିଖାଯାଏ। ଫେଡାଣ ବା ମାଇନସ ଶିଖିବାକୁ ପିଲାଙ୍କୁ ଟିକିଏ ଅଧିକ ସମୟ ଲାଗେ। ଗବେଷକମାନଙ୍କର ଦାବି, ସ୍ୱୟଂକ୍ରିୟ ପ୍ରକ୍ରିୟାକରଣର ପରିବର୍ତ୍ତେ ମସ୍ତିଷ୍କର ଧୀର ବିବେଚନା ସହିତ ଯୁକ୍ତ ଅଞ୍ଚଳ ଗୁଡିକ ଉପରେ ଫେଡାଣ ନିର୍ଭର କରିଥାଏ। ଜିରାଫମାନଙ୍କ ମସ୍ତିଷ୍କର ସେସବୁ ଅଂଶ ବିକଶିତ ନୁହେଁ। ଲୟଡିଙ୍କ କଥାରେ, 'ମଣିଷକ୍ଷେତ୍ରରେ ଆମେ ଯାହା ଦେଖୁ ଏହା ସହିତ ଜିରାଫଙ୍କ ଗବେଷଣାର ଫଳାଫଳଗୁଡିକର ଅନେକ ସାଦୃଶ୍ୟ ରହିଛି। ସଂଖ୍ୟାର ସମସ୍ୟା ସମାଧାନରେ ମଣିଷ କ୍ଷେତ୍ରରେ ବ୍ୟକ୍ତି ବିଶେଷଙ୍କର ପାର୍ଥକ୍ୟ ରହିଛି। ସାଧାରଣଭାବରେ ଆମେ ଯୋଗ କରିବାକୁ ସହଜ ମନେ କରୁ ଆଉ ଫେଡାଣ କରିବାକୁ ଅଧିକ ସମୟ ନେଉ।

ଲଉଡିଙ୍କ ଏଭଳି ପରୀକ୍ଷା ନେଇ କେହି ପ୍ରଶ୍ନ କରିପାରନ୍ତି। ସତରେ କଣ ଜିରାଫମାନେ ଗାଜରର ସଂଖ୍ୟା ମନେ ମନେ ଗଣୁଥିଲେ? ନା, ପାତ୍ର ଉପରେ ମଣିଷର ହାତର ସ୍ପର୍ଶ ଅନୁସରଣ କରୁଥିଲେ? ଏ କ୍ଷେତ୍ରରେ ନିଶ୍ଚିତ ହେବାକୁ ଏକାଧିକ ପାତ୍ର ସ୍ପର୍ଶ କରିଥବଲେ ଗବେଷକମାନେ। ପ୍ରତି କ୍ଷେତ୍ରରେ ଅଧିକ ଥିବା ଗାଜର ପାତ୍ର ଗୁଡିକୁ ଜିରାଫମାନେ ବାଛି ନେଇଥିଲେ।

ଜିରାଫମାନଙ୍କ କ୍ଷେତ୍ରରେ ଏଭଳି ସଂଖ୍ୟାଗତ ଦକ୍ଷତାର ବିକାଶ କିପରି ହେଲା? ସାଧାରଣଭାବରେ ଦେଖିବାକୁ ଗଲେ, ଆଫ୍ରିକାର ସାହାରା ମରୁଭୂମି ସଂଲଗ୍ନ ଅଞ୍ଚଳ ଗୁଡିକରେ ଏମାନେ ବାସ କରନ୍ତି। ଲଉଡିଙ୍କ ଗବେଷକ ଗୋଷ୍ଠୀମାନେ ମନେ କରନ୍ତି, ଜଙ୍ଗଲରେ ଏମାନେ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ ରହନ୍ତି। ଅନେକ ସମୟରେ କେତେକ ଦଳରୁ ବିଚ୍ଛନ୍ନ ହୋଇଯାହାନ୍ତି, ପୁଣି କେବେ ଏକାଠି ହୋଇଯାଆନ୍ତି। ସାଭନା ଅଞ୍ଚଳରେ ବଢ଼ୁଥିବା ଗଛପତ୍ରଗୁଡିକ ହେଉଛି, ଏମାନଙ୍କର ଖାଦ୍ୟ। ସଂଖ୍ୟା ଏବଂ ଖାଦ୍ୟ ପରିମାଣର ମୋଟାମୋଟି ହିସାବ ରଖିବା ଯୋଗୁଁ ସେମାନେ ଗଣନା ଜାଣିପାରନ୍ତି। ତେବେ ଏନେଇ ଗବେଷକମାନେ ମନେ କରନ୍ତି, ଅନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ଏଭଳି ପରୀକ୍ଷା ହେବା ଦରକାର। ଜିରାଫମାନଙ୍କ ସଂଖ୍ୟାବୋଧ କେତେଦୂର ପର୍ଯ୍ୟନ୍ତ ବିସ୍ତୃତ, ସେ ନେଇ ଆହୁରି ଗବେଶଣା ଦରକାର। ଖାଲି ଜିରାଫ କାହିଁକି, ଏମିତି ଅନେକ ପ୍ରାଣୀ ଅଛନ୍ତି, ଯେଉଁମାନଙ୍କ ଠାରେ ଏଇସବୁ ଗୁଣ ରହିଛି। ସେ ନେଇ ଗବେଷଣା ହେଲେ ଅନେକ କଥା ଜଣା ପଡ଼ିବ।

**ଭୁବନେଶ୍ୱର, ମୋବାଇଲ୍‌ଃ୯୪୩୯୬୫୨୩୨୨**



# ଇରାନ୍‌ର ବୁଶେହରରେ ବିସ୍ଫୋରଣ

## ଆକ୍ରମଣକୁ ଅସ୍ୱୀକାର କଲା ଆମେରିକା



ନୂଆଦିଲ୍ଲୀ,୧୦।୭: ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନିଇଙ୍କ ଅନ୍ତିମ ସଂସ୍କାର ଭିତରେ ପୁଣି ତେହରାନର ବୁଶେହର ସମେତ ଅନେକ ସ୍ଥାନରେ ବଡ଼ ବିସ୍ଫୋରଣ ହୋଇଛି। ତେବେ ଇରାନ ଉପରେ ଏହି ନୂଆ ଆକ୍ରମଣକୁ ଆମେରିକା ଖାରଜ କରିଛି। ଇରାନୀ ଗଣମାଧ୍ୟମ ଦାବି କରିଛି ଯେ, ବୁଶେହର, କୋନାରାକ, ଚାବାହାର ଓ ବନ୍ଦର ଆବାସ ସହରରୁ ବିସ୍ଫୋରଣର ରିପୋର୍ଟ ଆସିଛି। ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, କୋନାରାକରେ ୩ଟି ବିସ୍ଫୋରଣ ଶୁଣାଯାଇଛି। ବୁଶେହର ଓ ଚୋଘଡାକରୁ ମଧ୍ୟ ବିସ୍ଫୋରଣ ହୋଇଥିବା ଜଣାପଡ଼ିଛି। ଏହି ବିସ୍ଫୋରଣର କାରଣ ଏପର୍ଯ୍ୟନ୍ତ ସରକାରୀ ଭାବରେ ନିଶ୍ଚିତ କରାଯାଇ ନାହିଁ। ବିସ୍ଫୋରଣରେ ସାମରିକ କାର୍ଯ୍ୟକଳାପ କିମ୍ବା ଅନ୍ୟ କୌଣସି କାରଣରୁ ହୋଇଛି କି ନାହିଁ ତାହା ସ୍ପଷ୍ଟ ନୁହେଁ। ସ୍ଥାନୀୟ କର୍ତ୍ତୃପକ୍ଷ ଏହି ଘଟଣାର ତଦନ୍ତ କରୁଛନ୍ତି। କୌଣସି ପକ୍ଷ ଦ୍ୱାରା କାରଣ କିମ୍ବା ସମ୍ଭାବ୍ୟ ଆକ୍ରମଣର କୌଣସି ସରକାରୀ ନିଶ୍ଚିତ କରାଯାଇ ନାହିଁ। ଆକ୍ରମଣକୁ ଆମେରିକା ଅସ୍ୱୀକାର କରିଛି। ଜଣେ ଆମେରିକୀୟ ଅଧିକାରୀ କହିଛନ୍ତି ଯେ, ଗତ କିଛି ଘଣ୍ଟା ମଧ୍ୟରେ ଆମେରିକୀୟ ସେନା ଇରାନରେ କୌଣସି ଆକ୍ରମଣ କରିନାହିଁ। ଇରାନର ସରକାରୀ ଗଣମାଧ୍ୟମ ଓ ବୁଶେହର ପରମାଣୁ କେନ୍ଦ୍ର ନିକଟବର୍ତ୍ତୀ ଅଞ୍ଚଳ ସମେତ ଦେଶର ଦକ୍ଷିଣ ଭାଗରେ ସ୍ଥାନୀୟ ଅଧିକାରୀମାନେ ଆକ୍ରମଣ କରିଥିବା ରିପୋର୍ଟ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆକ୍ରମଣକୁ ଖଣ୍ଡନ କରିଛନ୍ତି। ଇରାନ୍ ଉପରେ ଫ୍ରେସ୍ ଆକ୍ରମଣ ଭିତରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ କଥା ହୋଇଛନ୍ତି ଡୋନାଲ୍ଡ ଟ୍ରମ୍ପ।

ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି, ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର ସନ୍ଧ୍ୟାରେ ପୁଣି ଥରେ ଫୋନରେ ହୋଇଛନ୍ତି। ସେମାନେ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଦେଶ ମଧ୍ୟରେ ଘନିଷ୍ଠ ସମନ୍ୱୟ ବଜାୟ ରଖିବାକୁ ସହମତ ହୋଇଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ପ୍ରଧାନମନ୍ତ୍ରୀଙ୍କୁ ଉପସାଗରୀୟ ଅଞ୍ଚଳରେ ସାମ୍ପ୍ରତିକ ଆମେରିକାର ବିକାଶ ବିଷୟରେ ଅବଗତ କରାଇଛନ୍ତି।



# ଦଳାଚକଟା ପୀଡ଼ିତଙ୍କୁ ଦେବେ ସରକାରୀ ଚାକିରି

## ବିଜୟଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୧୦।୭: ତାମିଲନାଡୁର ମୁଖ୍ୟମନ୍ତ୍ରୀ ସି ଜୋଶେଫ୍ ବିଜୟଙ୍କୁ ମାଡ୍ରାସ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ହାଇକୋର୍ଟ ତାଙ୍କୁ କରୁର ପୀଡିତଙ୍କ ପରିବାର ଲୋକଙ୍କୁ ସରକାରୀ ନିଯୁକ୍ତି ପତ୍ର ବାଣ୍ଟିବାର ଅନୁମତି ପ୍ରଦାନ କରିଛନ୍ତି। ସିଏମ୍ ବିଜୟ ଶୁକ୍ରବାର ହିଁ କରୁର ଯିବେ। ହାଇକୋର୍ଟ କହିଛନ୍ତି ଯେ, ଏହି ଚାକିରି ଅସ୍ଥାୟୀ ରହିବ ଓ ଏହା ଉପରେ ଆଗକୁ ବିଚାର କରାଯିବ। ଜଷ୍ଟିସ ସିଭି କାର୍ତ୍ତିକେୟନ୍ ଓ ଜଷ୍ଟିସ୍ ଆର ଶକ୍ତିଭେଲଙ୍କ ଖଣ୍ଡପୀଠ କହିଛନ୍ତି, ଯେଉଁ ପର୍ଯ୍ୟନ୍ତ ମାମଲାର ଶୁଣାଣି ହୋଇନି ସେ ପର୍ଯ୍ୟନ୍ତ ଲୋକଙ୍କୁ ବେତନ ମିଳିବନି।

କୋର୍ଟ ରାଜ୍ୟ ସରକାରଙ୍କୁ କହିଛନ୍ତି ଯେ, ଗତ ବର୍ଷ ହୋଇଥିବା ଦଳାଚକଟା ଘଟଣାରେ ଅତି କମ୍‌ରେ ୪୧ ଜଣଙ୍କର ମୃତ୍ୟୁ ହୋଇଥିଲା। ଏମାନଙ୍କ ଭିତରୁ ୩୨ ଜଣଙ୍କ ପରିବାରକୁ ସିଏମ୍ ବିଜୟ ନିଯୁକ୍ତି ପତ୍ର ବାଣ୍ଟିବେ। ୨୭ ସେପ୍ଟେମ୍ବର ୨୦୨୫ ରେ ତାମିଲଗା ଭେଟ୍ରି କାଝାଗମ୍ (ଟିଭିକେ)ର ଏକ ରାଲି ବେଳେ ହୋଇଥିବା ଦଳାଚକଟା ଘଟଣାରେ ମୃତ ୪୧ ଜଣଙ୍କ ପରିବାର ଲୋକଙ୍କୁ ସାକ୍ଷାତ କରି ତାଙ୍କୁ ସ୍ୱାନ୍ତନା ଦେବେ। କାରଣ ସେ ଏହି ରାଲିରେ ସାମିଲ ଥିଲେ।

ପୀଡିତ ପରିବାରଙ୍କୁ ସିଏମ୍ ବିଜୟ ସାକ୍ଷାତ କରିବେ ଓ ତାଙ୍କୁ ଅନୁକମ୍ପା ଆଧାରରେ ସରକାରୀ ଚାକିରୀ ନିଯୁକ୍ତି ପତ୍ର ପ୍ରଦାନ କରିବେ। ତେବେ ସରକାରଙ୍କୁ ବାହାରେ ଥାଇ ସମର୍ଥନ ଦେଉଥିବା ବାମପନ୍ଥୀ ଦଳ ପୀଡିତଙ୍କୁ ସରକାରୀ ଚାକିରି ଦେବା ନିଷ୍ପତ୍ତିକୁ ବିରୋଧ କରିଛି।

# ଆନ୍ଧ୍ରପ୍ରଦେଶରେ ୨ ମୁଣ୍ଡ ନେଲା କରୋନା

ଅମରାବତି,୧୦।୭: ଆନ୍ଧ୍ରପ୍ରଦେଶରେ ମାରାତ୍ମକ କରୋନା ଭାଇରସ ଫେରିବାର ସଙ୍କେତ ମିଳିଛି। ରାଜ୍ୟର କଡ଼ପ୍ପା ଜିଲାରେ କୋଭିଡ-୧୯ର କିଛି ନୂଆ ମାମଲା ସାମ୍ନାକୁ ଆସିବା ସହ କରୋନା ସଂକ୍ରମଣ ଯୋଗୁ ୨ ଜଣଙ୍କର ମୃତ୍ୟୁ ଘଟିଛି। ଏହା ବ୍ୟତୀତ ଆଉ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

ରିପୋର୍ଟ ଅନୁଯାୟୀ, ଆନ୍ଧ୍ରପ୍ରଦେଶରେ ଦୀର୍ଘ ୪ ବର୍ଷ ପରେ କରୋନା ଜନିତ ମୃତ୍ୟୁର ପ୍ରଥମ ମାମଲା ସାମ୍ନାକୁ ଆସିଛି। କଡ଼ପ୍ପା ଜିଲାରେ ଗତ ୯ ଜୁଲାଇରେ ଏହି ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଚିହ୍ନଟ ହୋଇଥିବା ୪ ଜଣ ନୂଆ ସଂକ୍ରମିତଙ୍କ ମଧ୍ୟରୁ ୩ ଜଣଙ୍କୁ ସେମାନଙ୍କ ଘରେ ଆଇସୋଲେଟ କରାଯାଇଥିବା ବେଳେ ଜଣେ ରୋଗୀଙ୍କୁ ହସ୍ପିଟାଲର ସ୍ପେଶାଲ କୋଭିଡ ୱାର୍ଡରେ ଭର୍ତ୍ତି କରାଯାଇଛି।

ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ଚାରିଜଣ ଯାକ ସଂକ୍ରମିତ କରୋନା ଭ୍ୟାକ୍ସିନର ଡବଲ ଡୋଜ ନେଇ ସାରିଥିଲେ। ଏପରିକି ସେମାନଙ୍କ ମଧ୍ୟରୁ ଜଣେ ବୁଷ୍ଟର ଡୋଜ ମଧ୍ୟ ନେଇଥିଲେ, ତଥାପି ସେମାନେ କରୋନା କବଳରୁ ରକ୍ଷା ପାଇପାରି ନାହାନ୍ତି। କଡ଼ପ୍ପା ଭାଇରୋଲୋଜି ଲାବୋରେଟୋରୀରେ ହୋଇଥିବା ଆରଟି-ପିସିଆର ଟେଷ୍ଟରୁ ସେମାନେ ପଜିଟିଭ ଥିବା ଜଣାପଡ଼ିଛି।

ଗତ ଜୁନ ୨୮ ତାରିଖରେ ସିଏମସି ଭେଲୋରରେ ଜଣେ ୬୦ ବର୍ଷ ବୟସ୍କ ବୃଦ୍ଧଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ତାଙ୍କୁ ପ୍ରଥମେ ତିରୁପତିର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, କିନ୍ତୁ ଅବସ୍ଥା ଗୁରୁତର ହେବାରୁ ଭେଲୋର ସ୍ଥାନାନ୍ତର କରାଯାଇଥିଲା, ଯେଉଁଠି ସେ କରୋନା ପଜିଟିଭ ଥିବା ସ୍ପଷ୍ଟ ହୋଇଥିଲା। ଅନ୍ୟ ଜଣେ ୪୩ ବର୍ଷୀୟ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ତାଙ୍କ ଛାତିର ସିଟି ସ୍କାନ ରିପୋର୍ଟରୁ କରୋନା ସଂକ୍ରମଣ ବିଷୟରେ ଜଣାପଡ଼ିଥିଲା।

ଏହି ଦୁଇ ମୃତକଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନଙ୍କୁ ଚିହ୍ନଟ କରାଯିବା ପରେ ଅନ୍ୟ ୪ ଜଣଙ୍କ ରିପୋର୍ଟ ପଜିଟିଭ ଆସିଛି। କରୋନା ମାମଲା ସାମ୍ନାକୁ ଆସିବା ପରେ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ସମ୍ପୃକ୍ତ ଅଞ୍ଚଳରେ ନଜର ରଖିବା ସହ ସତର୍କତା ବଢ଼ାଇ ଦେଇଛି।



ଆଇସୋଲେସନ୍‌ରେ ୪ ସଂକ୍ରମିତ

# ବର୍ଷା ପାଣିରେ ପଡ଼ି ଶିଶୁ ମୃତ

ଗାଜିଆବାଦ, ୧୦।୭: ଉତ୍ତର ପ୍ରଦେଶରେ ଗାଜିଆବାଦରେ ଗୁରୁବାର ପ୍ରବଳ ବର୍ଷା ହୋଇଥିବାବେଳେ ବିଭିନ୍ନ ରାସ୍ତାଘାଟ ପାଣିରେ ବୁଡ଼ି ରହିଥିଲା। ବିଭିନ୍ନ ସ୍ଥାନରେ ପାଣି ଜମି ରହିଥିବାରୁ ସାଧାରଣ ଜୀବନ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ଗାଜିଆବାଦରେ ଘର ବାହାରେ ଜମା ହୋଇଥିବା ବର୍ଷା ପାଣିରେ ପଡ଼ିଯାଇ ଜଣେ ୩ ବର୍ଷର ଶିଶୁର ମୃତ୍ୟୁ ହେବା ପରି ଦୁଃଖଦ ଘଟଣା ଦେଖିବାକୁ ମିଳିଛି। ବିଜୟନଗର ପୁଲିସ ଷ୍ଟେସନ ଅନ୍ତର୍ଗତ ସର୍ବୋଦୟ ନଗର ଅଞ୍ଚଳରେ ଶିଶୁଟିର ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। ବିଜୟନଗର ଏସିପି ଉପାସନା ପାଣ୍ଡେ କହିଛନ୍ତି, ପୁଲିସ ଘଟଣାସ୍ଥଳ ଯାଞ୍ଚ କରିବ ଓ ସମସ୍ତ ଆବଶ୍ୟକୀୟ ଆଇନଗତ ଏବଂ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୁନିଶ୍ଚିତ କରିବ। ଘର ବାହାରେ ଜମା ହୋଇଥିବା ପାଣିରେ ଶିଶୁଟି ପଡ଼ିଯାଇଥିଲା। ଶିଶୁଟିର ମୃତ୍ୟୁକୁ ନେଇ ତାଙ୍କ ପରିବାର ଲୋକ ଉତକ୍ଷିପ୍ତ ହୋଇଥିବା ପୁଲିସ କହିଛି।

## ପୁଣି ଜେଲ୍ ଯିବେ ରାଜପାଲ



ମୁମ୍ବାଇ,୧୦।୭: ବଲିଉଡ୍ ଅଭିନେତା ରାଜପାଲ ଯାଦବ ତାଙ୍କ ଚେକ୍ ବାଉନ୍ସ ମାମଲା ପାଇଁ ଚର୍ଚ୍ଚାରେ ରହିଛନ୍ତି। ଶୁକ୍ରବାର ଦିଲ୍ଲୀ ହାଇକୋର୍ଟ ଏହି ମାମଲାର ଶୁଣାଣି କରି ୭ଟି ମାମଲାରେ ତାଙ୍କ ଦୋଷୀ ସାବ୍ୟସ୍ତ ଏବଂ ଦଣ୍ଡକୁ ବଜାୟ ରଖିଛନ୍ତି। ତାଙ୍କୁ ଏବେ ପୁଣି ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ। ହାଇକୋର୍ଟ କହିଛନ୍ତି, ତାଙ୍କୁ ଅନେକ ସୁଯୋଗ ଦିଆଯାଇଛି, କିନ୍ତୁ ସେ ତାହା ପାଳନ କରିନାହାନ୍ତି। କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ସମସ୍ତ ଦଣ୍ଡ ଏକକାଳୀନ ଚାଲିବ। ତେଣୁ ତାଙ୍କୁ ମୋଟ ତିନି ମାସ କାଟିବାକୁ ପଡ଼ିବ। କୋର୍ଟ ପ୍ରତ୍ୟେକ ମାମଲାରେ ୧.୫ କୋଟି ଜରିମାନା ମଧ୍ୟ ଲଗାଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ପ୍ରତ୍ୟେକ ମାମଲାରେ ଅଭିଯୋଗକାରୀଙ୍କୁ ୧ କୋଟି ୪ ଲକ୍ଷ ୭୫ ହଜାର ଟଙ୍କା ଏବଂ ରାଜ୍ୟକୁ ୨୫ ହଜାର ଟଙ୍କା ପ୍ରଦାନ କରାଯିବ।

## ମଣିପୁରରେ ୬ ନାଗା ହତ୍ୟା ମାମଲା

## ଦୁଇ ଅଭିଯୁକ୍ତଙ୍କୁ ଗିରଫ କଲା ଏନ୍‌ଆଇଏ



ଇମ୍ଫାଲ, ୧୦।୭: ମଣିପୁରର କାଙ୍ଗପୋକପି ଜିଲ୍ଲାରେ ୬ଜଣ ନାଗା ନାଗରିକଙ୍କୁ ନିର୍ମମ ଭାବେ ହତ୍ୟା କରାଯିବା ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ), ମଣିପୁର ପୋଲିସ ଓ ସିଆରପିଏଫର ମିଳିତ ଟିମ୍ ଶୁକ୍ରବାର ସକାଳୁ ଏକ ଗୁପ୍ତ ସୂଚନା ଆଧାରରେ ଜିଲ୍ଲାର ଲୈଲୋନ୍ ଭାଇଫେଇ ଗ୍ରାମରେ ଏକ ସ୍ୱତନ୍ତ୍ର ଅପରେସନ ଚଲାଇ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଦୁଇ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ମହିଳା ଥିବା ସୂଚନା ରହିଛି। ମହିଳା ଅଭିଯୁକ୍ତଙ୍କ ନାମ ଆୟଙ୍ଗବି ଓ ଆଉ ଜଣେ ପ୍ରଦୀପ ବୋଲି ଚିହ୍ନଟ କରାଯାଇଛି। ଗତ ମେ' ୧୩ ତାରିଖରେ ହୋଇଥିବା ହତ୍ୟାକାଣ୍ଡରେ ଏହି ଦୁହିଁଙ୍କ ସମ୍ପୃକ୍ତି ଥିବା ପୋଲିସ ସୂଚନା ଦେଇଛି। ଏହି ହତ୍ୟାକାଣ୍ଡକୁ ନେଇ ରାଜ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ନାଗା ଓ ମୈତେଇ ସଂଗଠନଗୁଡ଼ିକ ପକ୍ଷରୁ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ବ୍ୟାପକ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ କାଙ୍ଗପୋକପି ଜିଲ୍ଲାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଗୁଡ଼ିକୁ ଅବରୋଧ କରାଯାଇଛି।

## ମହାକାଶ ଯିବେ ଅନିଲ ମେନନ୍



ୱାଶିଂଟନ, ୧୦।୭: ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସାର ମହାକାଶଚାରୀ ଭାରତୀୟ ବଂଶୋଦ୍ଭବ ଅନିଲ ମେନନ୍ ଇତିହାସ ରଚିବାକୁ ଯାଉଛନ୍ତି। ଅନିଲ ମେନନ ଜୁଲାଇ ୧୪ ତାରିଖରେ ପ୍ରଥମ ଥର ପାଇଁ ଆନ୍ତର୍ଜାତିକ ସ୍ପେଶ୍ ଷ୍ଟେସନ (ଆଇଏସ୍‌ଏସ୍) ଯିବେ। ୪୯ ବର୍ଷୀୟ ମେନନ୍ ରୁଷୀୟ ମହାକାଶଚାରୀ ପ୍ୟୋଟ୍ର ଡୁବ୍ରୋଭ ଓ ଆନ୍ନା କିକିନାଙ୍କ ସହ କାଜାଖସ୍ତାନର ବୈକୋନୁର କସମୋଡ୍ରୋମରୁ ରୋସକସମସ୍ ସୋୟୁଜ୍ ଏମ୍‌ଏସ୍-୨୯ ମହାକାଶଯାନରୁ ଉଡ଼ାଣ କରିବେ। ଏହି ମିଶନ ପ୍ରାୟ ଆଠ ମାସ ପର୍ଯ୍ୟନ୍ତ ଚାଲିବ। ଆମେରିକା ବାୟୁସେନାରେ କାର୍ଯ୍ୟ କରୁଥିବା ସମୟରେ ମେନନଙ୍କୁ 'ଅପରେସନ ଏଣ୍ଡ୍ୟୁରିଂ ଫ୍ରିଡମ' ଆଫଗାନିସ୍ତାନରେ ନିୟୋଜିତ କରାଯାଇଥିଲା। ମାଉଣ୍ଟ ଏଭରେଷ୍ଟରେ ପର୍ବତାରୋହୀମାନଙ୍କୁ ଚିକିତ୍ସା ସେବା ଯୋଗାଉଥିବା ହିମାଳୟାନ ରେସକ୍ୟୁ ଆସୋସିଏସନ ସହିତ ମଧ୍ୟ କାମ କରିଥିଲେ।]

## ବର୍ଷା ଓ ଭୂସ୍ଖଳନରେ ୧୦ ମୃତ

ନୂଆଦିଲ୍ଲୀ, ୧୦।୭: ସାରା ଦେଶରେ ଗୁରୁବାର ବର୍ଷାଜନିତ କାରଣରୁ ୧୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ଉତ୍ତରାଖଣ୍ଡର ଉତ୍ତରକାଶୀର ସାୟନାଚଟି ନିକଟରେ ଯମୁନୋତ୍ରୀ ହାଇୱେ ଓ ନାଲୁପାଣି ନିକଟରେ ଗଙ୍ଗୋତ୍ରୀ ହାଇୱେ ଭୂସ୍ଖଳନ ଯୋଗୁଁ ବନ୍ଦ ରହିଛି। ଯମୁନୋତ୍ରୀ ମାର୍ଗ ବନ୍ଦ ହେବା ଯୋଗୁଁ ପ୍ରାୟ ୧,୦୦୦ ତୀର୍ଥଯାତ୍ରୀ ଫସି ରହିଛନ୍ତି। ୧୦ଟି ଜିଲ୍ଲାରେ ବର୍ଷା ଯୋଗୁଁ ସ୍କୁଲଗୁଡ଼ିକୁ ବନ୍ଦ ଘୋଷଣା କରାଯାଇଛି। ପଥର ଖସିବା ଯୋଗୁଁ ପିଥୋରାଗଡ଼ର ଆଦି କୈଳାସ ମାର୍ଗ ବନ୍ଦ ରହିଛି। ହରିଦ୍ୱାରରେ ରାସ୍ତାଗୁଡ଼ିକ ଉପରେ ୩ ରୁ ୪ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଛି।



# ଭାରତରେ ହେବ ବଡ଼ ଆତଙ୍କବାଦୀ ହମ୍‌ଲା!

## ବାହାରକୁ ଆସିଲା ଲସ୍କର-ଏ-ତୋଇବା ଭିଡ଼ିଓ

ଇସଲାମାବାଦ, ୧୦।୭: ସିନ୍ଧୁ ନଦୀ ଜଳ ବିବାଦକୁ ନେଇ ଭାରତ ବିରୋଧରେ କଠୋର ଆଭିମୁଖ୍ୟ ଆପଣାଇଛି ପାକିସ୍ତାନ। ଏହାକୁ କେନ୍ଦ୍ରକରି ଭାରତରେ ଆତଙ୍କବାଦୀ ଆକ୍ରମଣ ଘଟାଇବା ଲାଗି ଷଡ଼ଯନ୍ତ୍ର କରୁଛି। ଏଭଳି ସ୍ଥିତିରେ ଆମେରିକା ଦ୍ୱାରା ଆତଙ୍କବାଦୀ ଘୋଷିତ ଲସ୍କର-ଏ-ତୋଏବା (ଏଲଇଟି)ର ସଦସ୍ୟ ହାରିସ୍ ଡାର୍ ଭାରତ ବିରୋଧରେ ବଡ଼ ଆକ୍ରମଣ ନେଇ ଧମକ ଦେଇଛି। ଜଳ ପ୍ରସଙ୍ଗକୁ ନେଇ ଏ ବର୍ଷ କିଛି ବଡ଼ ଘଟିବା ନେଇ ମନ୍ତବ୍ୟ ଦେଇଛି।

ଏକ ଭିଡିଓରେ ହାରିସ୍ ଡାର୍ ସନ୍ତରଣ ତାଲିମ ନେଉଥିବା କେତେକ ଆତଙ୍କବାଦୀଙ୍କୁ ସମ୍ବୋଧନ କରି କହୁଛି ଯେ, ପରିସ୍ଥିତି ସୁଧୁରିବାକୁ ଯାଉଛି। ତୁମ୍ଭେମାନେ ଏହି ସନ୍ତରଣ ତାଲିମ ନେଇଛ। ପାଣିକୁ ନେଇ ଆମର ବଡ଼ ସମସ୍ୟା ହେଉଛି ଭାରତ ଏହାକୁ ନିୟନ୍ତ୍ରଣ କରୁଛି। ଆମ ମନ୍ତ୍ରୀମାନେ ବୟାନ ଦେଇ କହିଛନ୍ତି, ଯଦି ତୁମେ ଆମ ପାଣି ବନ୍ଦ କରିବ, ଆମେ ତୁମ ନିଃଶ୍ୱାସ ବନ୍ଦ କରିଦେବୁ। ତେଣୁ ଗୋଟିଏ କଥା ମନେରଖ - ଏହି ବର୍ଷ ୨୦୨୬ରେ, ଜଳ ପ୍ରସଙ୍ଗକୁ ନେଇ କିଛି ବଡ଼ ଘଟିବ ଏବଂ ଆଲ୍ଲା ଆମକୁ ନିଶ୍ଚିତ ବିଜୟ ପ୍ରଦାନ କରିବେ। ଏହି ଭିଡିଓ ପାକିସ୍ତାନର ଶେଖପୁରା ଅଞ୍ଚଳରୁ ଆସିଥିବା ରିପୋର୍ଟରୁ ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ ଭାରତ କଠୋର ଆଭିମୁଖ୍ୟ ଆପଣାଇଥିଲା। ପ୍ରଥମ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ନୂଆଦିଲ୍ଲୀ ସିନ୍ଧୁ ନଦୀ ଜଳ ଚୁକ୍ତିକୁ ସ୍ଥଗିତ ରଖିଥିଲା। ରକ୍ତ ଓ ପାଣି ଏକସଙ୍ଗେ ବୋହିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ।

# ମାଟି ତଳୁ ଚୋରି ହେଉଥିଲା ଅଶୋଧିତ ତୈଳ



ଟଙ୍କ, ୧୦।୭: ରାଜସ୍ଥାନର ଟଙ୍କ ଜିଲ୍ଲାରୁ ତେଲ ଚୋରି କରୁଥିବା ଏକ ବଡ଼ ଗ୍ୟାଙ୍ଗର କାରସାଦି ସାମ୍ନାକୁ ଆସିଛି। ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍ (ଆଇଓସିଏଲ୍)ର ମୁଖ୍ୟ ପାଇପଲାଇନରୁ ବେଆଇନ ଭାବେ ଅଶୋଧିତ ତେଲ ଚୋରି କରିବା ପାଇଁ ମାଟି ତଳେ ପ୍ରାୟ ୪୦ ଫୁଟ୍ ଲମ୍ବର ଏକ ଗୁପ୍ତ ପାଇପଲାଇନ୍ ବିଛାଯାଇଥିବା ସୂଚନା ମିଳିଛି। କମ୍ପାନିର ମୁଖ୍ୟ ଲାଇନରେ ହଠାତ୍ ଅସ୍ୱାଭାବିକ ଭାବେ ତେଲର ଚାପ କମିଯିବା ପରେ ଯେତେବେଳେ ଯାଞ୍ଚ କରାଯାଇଥିଲା, ସେତେବେଳେ ଏହି ବେଆଇନ ନେଟୱାର୍କ ବିଷୟରେ ଜଣାପଡ଼ିଥିଲା। ଏହି ଘଟଣା ପରେ ସ୍ଥାନୀୟ ପୁଲିସ ଏକ ମାମଲା ରୁଜୁ କରି ଅଜ୍ଞାତ ଦୁର୍ବୃତ୍ତମାନଙ୍କ ବିରୋଧରେ ତଦନ୍ତ ଆରମ୍ଭ କରିଛି।

ଆଧିକାରୀକ ସୂଚନା ଅନୁଯାୟୀ, ଗତ ଜୁନ୍ ୧ ତାରିଖରୁ ଆଇଓସିଏଲ୍ କମ୍ପାନି ନିଜ ପାଇପଲାଇନରେ କମ୍ ପ୍ରେସର ଥିବା ଲକ୍ଷ୍ୟ କରିଥିଲା। ଏହା ପରେ ବିଶେଷଜ୍ଞଙ୍କ ଏକ ଦଳ ସମ୍ପୂର୍ଣ୍ଣ ରୁଟର ତୀକ୍ଷ୍ଣ ଯାଞ୍ଚ କରିବା ଆରମ୍ଭ କରିଥିଲେ। ଗୁରୁବାର ମାଲପୁରା ସବଡିଭିଜନ୍ ଅନ୍ତର୍ଗତ ଲାଡି ଗ୍ରାମର ଏକ ଚାଷ ଜମି ଦେଇ ଯାଇଥିବା ମୁଖ୍ୟ ଲାଇନ୍ ଯାଞ୍ଚ କରିବା ସମୟରେ ଇଞ୍ଜିନିୟରମାନେ ମାଟି ତଳେ ପୋତାଯାଇଥିବା ସେହି ୪୦ ଫୁଟ୍ ଲମ୍ବର ବେଆଇନ ପାଇପ୍ଲାଇନର ସନ୍ଧାନ ପାଇଥିଲେ, ଯାହାକୁ ମୁଖ୍ୟ ହାଇ-ପ୍ରେସର କ୍ରୁଡ୍ ଅଏଲ୍ ଲାଇନ୍ ସହ ସଂଯୋଗ କରାଯାଇଥିଲା। କମ୍ପାନି ପକ୍ଷରୁ ତୁରନ୍ତ ଉକ୍ତ ବେଆଇନ ସଂଯୋଗକୁ ହଟାଇ ପାଇପଲାଇନ୍ ମରାମତି କରାଯିବା ସହ ପୁଲିସ ନିକଟରେ ଅଭିଯୋଗ କରାଯାଇଛି।

# ଆମେରିକାରେ ନିର୍ବାଚନ ଲଢ଼ିବେ ଭାରତୀୟ ବଂଶୋଦ୍ଭବ



ୱାଶିଂଟନ୍,୧୦।୭: ଆମେରିକାର ମେନ୍ ରାଜ୍ୟର ଗର୍ଭନର ପଦରେ ପ୍ରାର୍ଥୀ ଚୟନ ପାଇଁ ଡେମୋକ୍ରାଟିକ୍ ପାର୍ଟିର 'ପ୍ରାଇମେରୀ' ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି ଭାରତୀୟ ବଂଶୋଦ୍ଭବ ତଥା ମହାମାରୀ ବିଶେଷଜ୍ଞ ନିରବ ଡି.ଶାହ। ସେ ଆମେରିକା ସିନେଟ୍ ନିର୍ବାଚନ ଲଢ଼ିବା ନେଇ ଗୁରୁବାର ଘୋଷଣା କରିଛନ୍ତି। ଡେମୋକ୍ରାଟିକ୍ ପ୍ରାର୍ଥୀ ଗ୍ରାହମ ପ୍ଲାଟନର ଯୌନ ଉତ୍ପୀଡନ ଅଭିଯୋଗ ଭିତରେ ନିଜ ପ୍ରାର୍ଥୀଙ୍କୁ ଫେରାଇ ନେଇଛନ୍ତି। ଏହାପରେ ନିରବ ଏହି ଘୋଷଣା କରିଛନ୍ତି। ୱିସ୍କନସିନରେ ଭାରତୀୟ ପ୍ରବାସୀ ମାତା-ପିତାଙ୍କ ଘରେ ଜନ୍ମିତ ନୀରବ ଶାହ କୋଭିଡ୍-୧୯ ମହାମାରୀ ବେଳେ ମେନ୍‌ର ରୋଗ ନିୟନ୍ତ୍ରଣ କେନ୍ଦ୍ରର ନିର୍ଦ୍ଦେଶକ ଥିଲେ। ଏହାଛଡା ସେ ମେନ୍‌ର ଗର୍ଭନର ପଦ ପାଇଁ ହୋଇଥିବା ଡେମୋକ୍ରାଟିକ୍ ପ୍ରାଇମେରୀ ନିର୍ବାଚନର ଅନ୍ତିମ ପର୍ଯ୍ୟାୟରେ ଦ୍ୱିତୀୟ ସ୍ଥାନରେ ଥିଲେ।

# ଏମ୍‌ସିଜି ବୁଲିଲେ ମୋଦି



ନୂଆଦିଲ୍ଲୀ,୧୦।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଷ୍ଟ୍ରେଲିଆ ଗସ୍ତ ସମୟରେ ପ୍ରତିଷ୍ଠିତ ମେଲବୋର୍ନ କ୍ରିକେଟ୍ ଗ୍ରାଉଣ୍ଡ (ଏମସିଜି) ପରିଦର୍ଶନ କରିଥିଲେ। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ କ୍ରୀଡା କୂଟନୀତିକୁ ଆହୁରି ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଅଷ୍ଟ୍ରେଲିଆର ଅନ୍ତର୍ଜାତୀୟ ମାସ୍କଟ 'ରୁବି ଦି ରୁ'କୁ ଭେଟିଥିଲେ।

କ୍ରିକେଟ୍, କ୍ରୀଡା ଭିତ୍ତିଭୂମି, ଖେଳାଳି ବିକାଶ, ସୂଚନା ଆଦାନପ୍ରଦାନ, ଆଇପିଏଲ-ବିବିଏଲ ସହଭାଗୀତା ଏବଂ ପ୍ରମୁଖ ବିଶ୍ୱସ୍ତରୀୟ କ୍ରୀଡ଼ା ଇଭେଣ୍ଟ, ଯେପରିକି ୨୦୩୨ ବ୍ରିସବେନ୍ ଅଲିମ୍ପିକ୍ସ ଏବଂ ୨୦୩୬ ଅଲିମ୍ପିକ୍ସ ପାଇଁ ଭାରତର ଦାବି, ଉପରେ ସହଯୋଗ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀ ମୋଦିଙ୍କ ସହିତ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିଜ୍ ଏବଂ ପୂର୍ବତନ ଅଷ୍ଟ୍ରେଲିଆ ପୁରୁଷ କ୍ରିକେଟ୍ ଦଳର ଅଧିନାୟକ ଷ୍ଟିଭ୍ ୱା ମଧ୍ୟ ଉପସ୍ଥିତ ଥିଲେ। ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ କ୍ରୀଡା ସହଯୋଗ ବୃଦ୍ଧି କରିବା ପାଇଁ ଏକ ଐତିହାସିକ ନିଷ୍ପତ୍ତି ନିଆଯାଇଛି। ଅଷ୍ଟ୍ରେଲିଆର ପ୍ରସିଦ୍ଧ ଟି-ଟ୍ୱେଣ୍ଟି ଲିଗ୍, ବିଗ୍ ବାଶ ଲିଗ୍ (ବିବିଏଲ)ର ଉଦଘାଟନୀ ମ୍ୟାଚ୍ ଚଳିତ ଡିସେମ୍ବରରେ ଚେନ୍ନାଇରେ ଅନୁଷ୍ଠିତ ହେବ। ଉଲ୍ଲେଖନୀୟ ଯେ, ଏହା ଇତିହାସରେ ପ୍ରଥମଥର ପାଇଁ ଯେ କୌଣସି ବିଦେଶୀ କ୍ରିକେଟ୍ ଲିଗ୍ ଭାରତୀୟ ମାଟିରେ ଏକ ମ୍ୟାଚ୍ ଖେଳାଯିବ। ଯେଉଁଥିରେ ଅଷ୍ଟ୍ରେଲିଆ ସଂସ୍କୃତି, ବ୍ୟବସାୟ ଏବଂ କ୍ରୀଡା ସହିତ ଜଡିତ ବିଭିନ୍ନ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବ।

# ଷ୍ଟକ୍ ମାର୍କେଟରେ ଲାଗିଛି ରାମ ମନ୍ଦିର ଦାନ ଅର୍ଥ



ଲକ୍ଷ୍ନୌ, ୧୦।୭: ରାମ ମନ୍ଦିର ଦାନ ପାଣ୍ଠିରୁ ଚୋରି ହୋଇଥିବା ଟଙ୍କାର ଏକ ଅଂଶ ଷ୍ଟକ୍ ମାର୍କେଟ ଓ ଅନ୍ୟାନ୍ୟ ଆର୍ଥିକ କାରବାରରେ ନିବେଶ କରାଯାଇଥିବା ଜାଣିବାକୁ ପାଇଛନ୍ତି। ଦାନ ଅର୍ଥକୁ କେବଳ ଲୁଚାଇବା ପାଇଁ ନୁହେଁ, ବରଂ ଲାଭ ପାଇବା ପାଇଁ ମଧ୍ୟ ବ୍ୟବହାର କରାଯାଉଥିଲା। ଅଯୋଧ୍ୟା ପୁଲିସ ଅଭିଯୁକ୍ତଙ୍କ ଘର ପୁଣିଥରେ ଚଢ଼ାଉ କରିବା ସହିତ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଜବତ କରିଛି। ତଦନ୍ତ ସମ୍ପର୍କରେ ଅବଗତ ଥିବା ସୂତ୍ରରୁ ଜଣାପଡ଼ିଛି ଯେ, ପୁଲିସ ଗୁରୁବାର ଅଭିଯୁକ୍ତ ଅନୁକଳ୍ପ ମିଶ୍ରକୁ ତାଙ୍କ ଘରକୁ ନେଇଥିଲା, ଘର ତଲାସି କରିବା ସହିତ ପରିବାର ସଦସ୍ୟଙ୍କୁ ପଚରାଉଚରା କରିଥିଲା। ଜେରା ବେଳେ ଅନୁକଳ୍ପ ମିଶ୍ର କହିଥିଲା ଯେ, ସେ ଓ ଅବିନାଶ ଶୁକ୍ଲା ଚୋରି ଟଙ୍କାକୁ ଷ୍ଟକ ମାର୍କେଟରେ ନିବେଶ ପାଇଁ ବ୍ୟବହାର କରିଥିଲେ। ସେମାନେ ଚୋରି ଦାନ ଅର୍ଥକୁ ସୁଧରେ ଦେଉଥିଲେ ଓ ଟଙ୍କା ନିଜ ଆକାଉଣ୍ଟକୁ ଫେରାଇବା ପୂର୍ବରୁ ସେମାନଙ୍କ ସମ୍ପର୍କୀୟ ଓ ନିକଟ ବନ୍ଧୁମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରୁଥିଲେ।

# ମତେ ଚୁପ୍ କରିବାକୁ ହେଲେ ମାରିବାକୁ ପଡ଼ିବ



ବିଜେପି ଉପରେ ବର୍ଷିଲେ ମମତା

କୋଲକାତା, ୧୦।୭: ପଶ୍ଚିମବଙ୍ଗର ଶାସକ ଦଳ ବିଜେପି (ଭାରତୀୟ ଜନତା ପାର୍ଟି) ଓ ଟିଏମସି (ତୃଣମୂଳ କଂଗ୍ରେସ) ମଧ୍ୟରେ ଚାଲିଥିବା ରାଜନୈତିକ ବିଦ୍ରୋହ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜର ନିରବତା ଭାଙ୍ଗିଛନ୍ତି। ମମତା କହିଛନ୍ତି ମତେ ଚୁପ କରିବାକୁ ହେଲେ ମତେ ମାରିବାକୁ ପଡ଼ିବ, ଅବଶ୍ୟ ବିଜେପି ଏହା କରିବା ପାଇଁ କୌଣସି ଚେଷ୍ଟା ବାକି ରଖିନାହିଁ।

ବିଜେପି ପକ୍ଷରୁ ମହୁଆ ମୈତ୍ରା, ଅଭିଷେକ ବାନାର୍ଜୀ ଓ କଲ୍ୟାଣ ବାନାର୍ଜୀଙ୍କ ଭଳି ବରିଷ୍ଠ ଟିଏମସି ନେତାମାନଙ୍କୁ କ୍ରମାଗତ ଭାବେ ଆକ୍ରମଣ କରାଯାଇଛି, ଏପରିକି ତାଙ୍କ ଘର ଉପରକୁ ମଧ୍ୟ ଆକ୍ରମଣ କରାଯାଇଛି ବୋଲି ମମତା ଅଭିଯୋଗ କରିଛନ୍ତି।

ଏହି ସଙ୍କଟ ଜନିତ ପରିସ୍ଥିତି ମଧ୍ୟରେ ମମତା ଆହୁରି କହିଛନ୍ତି ଯେ ପୁଲିସ ହେପାଜତରେ ତାଙ୍କ ଦଳର ନେତାମାନଙ୍କୁ ଅତି ଅମାନୁଷିକ ଓ ଅମାନବୀୟ ବ୍ୟବହାର କରାଯାଉଛି। ଅନେକ ସହକର୍ମୀଙ୍କୁ ଚଟାଣରେ ଶୁଆଇ ଦିଆଯାଉଛି, ଅଣ୍ଟାରେ ଦଉଡ଼ି ଓ ଗୋଡ଼ରେ ବେଡ଼ି ପକାଇ ଚଲାଯାଉଛି, କାହାକୁ ଲଙ୍ଗଳା କରାଯାଉଛି ତ କାହା ଉପରକୁ ଅତି ଅପବିତ୍ର ଜିନିଷ ଫିଙ୍ଗାଯାଉଛି, ଯାହା ବିଷୟରେ କହିବା ମଧ୍ୟ ଲଜ୍ଜାଜନକ। ଏହା ସତ୍ତ୍ୱେ ଟିଏମସି ନିଜର ରାଜନୈତିକ ଲଢ଼େଇ ଜାରି ରଖିବ ଏବଂ କାହାକୁ ଭୟ କରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

## ମା'ଙ୍କୁ ହେଲା ଅପମାନ, ଝିଅ ହେଲେ ଆଇପିଏସ୍

# ତୁମେ କ'ଣ ଡିସି, ତମ କଥା ମାନିବୁ



ନୂଆଦିଲ୍ଲୀ, ୧୦।୭ : ମା' ସହ ବସ୍ ରେ ଯାତ୍ରା କରୁଥିଲା ଜଣେ କୁନି ଝିଅ। ସେହି ବସ୍ ରେ କଣ୍ଡକ୍ଟର ଥିଲେ ତାଙ୍କ ବାପା। ଏତିକି ବେଳେ ବସ୍‌ରେ ହୋଇଗଲା ଖଚାଖଚ୍ ଭିଡ଼। କୁନି ଝିଅଟିର ମା ବସିଥିବା ସିଟ୍ ପଛପଟେ ସପୋର୍ଟ ପାଇଁ ହାତ ରଖିଥିଲେ ଜଣେ ଅଜଣା ଯାତ୍ରୀ। ଅସୁବିଧା ହେବାରୁ ହାତ ହଟାଇବାକୁ ବିନମ୍ରତାର ସହ କହିଲେ ମହିଳା ଜଣଙ୍କ। ହେଲେ ହାତ ହଟାଇବା ବଦଳରେ ମହିଳାଙ୍କୁ ବେଜିତ୍ କରିବାକୁ ଲାଗିଲେ ଯାତ୍ରୀ ଜଣଙ୍କ। କହିଲେ, ତୁମେ କ'ଣ ଡେପୁଟି କଲେକ୍ଟର (ଡିସି) ? ତୁମ କଥା ଆମକୁ ମାନିବାକୁ ପଡ଼ିବ। ବାସ୍ କଥା ଥିଲା ଏତିକି। ସେଦିନର ସେହି ଡିସି ଶବ୍ଦ ଶୁଣି ଭାବନାରେ ପଡ଼ିଯାଇଥିଲା କୁନି ଝିଅଟି। ଏହି ଡିସି ପୁଣି କିଏ? ସେ କଣ ଏତେ ପାୱାରଫୁଲ୍ ଯେ ତାଙ୍କ କଥା ସମସ୍ତେ ମାନନ୍ତି।

ସେଦିନ ମା'ଙ୍କ ତିରସ୍କାର ଶୁଣି ତୁନି ରହିଥିବା କୁନି ଝିଅଟି ସ୍ଥିର କରିସାରିଥିଲା ଯେ, ବଡ଼ ହେଲେ ସେ ଡିସି ହେବ। ସେଦିନର ସେହି କୁନି ଝିଅଟି ହେଉଛନ୍ତି ଆଇପିଏସ୍ ଅଫିସର ଶାଳିନୀ ଅଗ୍ନିହୋତ୍ରୀ। ୧୦ ଶ୍ରେଣୀରେ ପଢ଼ିଲା ବେଳକୁ ସେ ବୁଝି ସାରିଥିଲେ ଯେ, ଜିଲ୍ଲା କଲେକ୍ଟର ଏବଂ ଏସପି ପଦ ହେଉଛି ପ୍ରଶାସନିକ ବ୍ୟବସ୍ଥାର ଦୁଇଟି ପ୍ରମୁଖ ପଦବୀ। ହିମାଚଳ ପ୍ରଦେଶର ଉନା ଜିଲ୍ଲାର ଶାଳିନୀ ଅଗ୍ନିହୋତ୍ରୀ। ତାଙ୍କ ପିତା ହିମାଚଳ ରୋଡୱେଜ୍‌ରେ ବସ୍ କଣ୍ଡକ୍ଟର ଥିଲେ। ଧର୍ମଶାଳାରେ ସ୍କୁଲ ଶିକ୍ଷା ସମାପ୍ତ ହେବା ପରେ ଶାଳିନୀ ହିମାଚଳ ପ୍ରଦେଶ ୟୁନିଭରସିଟିରେ ଏଗ୍ରିକଲଚରରେ ଗ୍ରାଜୁଏସନ ଏବଂ ପରେ ପୋଷ୍ଟ ଗ୍ରାଜୁଏସନ କଲେ। ୧୦ମରେ ସେ ୯୨ ପ୍ରତିଶତ ଏବଂ ଦ୍ୱାଦଶରେ ୭୭ ପ୍ରତିଶତ ନମ୍ବର ରଖିଥିଲେ। ଗ୍ରାଜୁଏସନ କରିବା ବେଳେ ପରିବାର ଲୋକଙ୍କୁ ନଜଣାଇ ୟୁପିଏସସି ସିଭିଲ୍ ସର୍ଭିସ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। ୨୦୧୧ରେ ସେ ପ୍ରଥମ ଚେଷ୍ଟାରେ ବିନା କୋଚିଂରେ ଅଲ୍ ଇଣ୍ଡିଆ ରାଙ୍କରେ ୨୮୫ତମ ସ୍ଥାନରେ ରହି ଆଇପିଏସ୍ ଅଫିସର ହୋଇଥିଲେ। ତାଙ୍କୁ ହିମାଚଳ କ୍ୟାଡର ଆଲର୍ଟ ହୋଇଥିଲା।

ପିଲାଦିନେ ଶାଳିନୀ ଟମ୍ ବୟ ଭଳି ଦେଖାଯାଉଥିଲେ। ପୁଅମାନଙ୍କ ସହ ମିଶି କ୍ରିକେଟ୍, କୁଆବାଡି ଖେଳୁଥିଲେ। ତାଙ୍କ ଆତ୍ମବିଶ୍ୱାସ ବଢ଼ାଇବାରେ ତାଙ୍କ ମା'ଙ୍କ ବଡ଼ ଅବଦାନ ରହିଛି। ସେ ୭ମ ଶ୍ରେଣୀରେ ପଢ଼ିଲା ବେଳକୁ ବ୍ୟାଙ୍କରେ ଟଙ୍କା ଜମା କରିବା ପାଇଁ ତାଙ୍କ ମା' ତାଙ୍କୁ ବ୍ୟାଙ୍କକୁ ଏକୁଟିଆ ପଠାଉଥିଲେ। ସେ ପାଠ ପଢ଼ିବା ପାଇଁ ଯେତେବେଳେ ଟଙ୍କା ମାଗୁଥିଲେ, ତାଙ୍କ ବାପା ଅସୁବିଧା ସତ୍ତ୍ୱେ ଟଙ୍କା ଯୋଗାଡ଼ କରି ବଢ଼ାଇ ଦେଉଥିଲେ। ଶାଳିନୀ ଏବେ ଦେଶର ଲୋକପ୍ରିୟ ଆଇପିଏସ୍ ଅଫିସରଙ୍କ ମଧ୍ୟରୁ ଜଣେ। ଫେମ୍ ଇଣ୍ଡିଆ ମାଗାଜିନର ସର୍ଭେରେ ଦେଶର ୫୦ ଟପ୍ ଆଇପିଏସ୍ ଙ୍କ ମଧ୍ୟରେ ରହିଛି ଶାଳିନୀଙ୍କ ନାମ।

# ସିଜେଆଇଙ୍କୁ ଗାଳି କଲେ, କାଗଜ ଫିଙ୍ଗିଲେ




ନୂଆଦିଲ୍ଲୀ, ୧୦ା୭:ଏକ ବିରଳ ତଥା ନାଟକୀୟ ଘଟଣାକ୍ରମରେ ସୁପ୍ରିମକୋର୍ଟରେ ଶୁକ୍ରବାର ନିଜ ପାଇଁ ନିଜେ ଲଢୁଥିବା ଜଣେ ଆବେଦନକାରୀ ବିଚାରପତିଙ୍କ ଆଡ଼କୁ କାଗଜ ବଣ୍ଡଲ ଫିଙ୍ଗିବା ସହ ସେମାନଙ୍କ ପ୍ରତି ଅପଶବ୍ଦ ପ୍ରୟୋଗ କରିଛନ୍ତି। ତେବେ ଜଷ୍ଟିସ୍ କେ.ଭି. ବିଶ୍ୱନାଥନ୍ ଓ ଆଲୋକ ଆରାଧେଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ଘଟଣାରେ ସଂଯମତା ଅବଲମ୍ବନ କରିବା ସହ ଆବେଦନକାରୀଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରିନାହାନ୍ତି। ସେହିପରି ସର୍ବୋଚ୍ଚ ଅଦାଲତ ମେରିଟ୍ ଆଧାରାରେ ତାଙ୍କର ସ୍ୱତନ୍ତ୍ର ଲିଭ୍ ପିଟିସନକୁ ଖାରଜ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଆବେଦନକାରୀ ପ୍ରବଳ ପ୍ରତାପ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସଏସ)ର ୧୭୩(୪) ଧାରା ଅନୁଯାୟୀ ଏଫ୍ଆଇଆର ପଞ୍ଜୀକରଣ କରିବା ପରିବର୍ତ୍ତେ ତାଙ୍କର ଆବେଦନକୁ ବ୍ୟକ୍ତିଗତ ଅଭିଯୋଗ ଭାବରେ ଗ୍ରହଣ କରିବା ପାଇଁ ବିଚାର ବିଭାଗୀୟ ଅଦାଲତ ଦେଇଥିବା ଆଦେଶ ଉପରେ ହସ୍ତକ୍ଷେପ କରିବା ପାଇଁ ମନା କରିଦେବା ସମ୍ପର୍କିତ ଆଲ୍ଲାବାଦ ହାଇକୋର୍ଟଙ୍କ ଏକ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ମାମଲା ଲଢୁଥିଲେ। କୋର୍ଟରେ ଶୁଣାଣି ହେବାକୁ ଆରମ୍ଭ ହେବା ମାତ୍ରେ କୌଣସି ପ୍ରକାର ଆଇନଗତ ଦସ୍ତାବିଜ ଦାଖଲ ନକରି ପ୍ରବଳ ପ୍ରତାପ ସିଧାଳଖି କହିଥିଲେ ଯେ, ମିଷ୍ଟର ଜୁଡିସିଆଲ ସର୍ଭାଣ୍ଟ, ମୁଁ ତୁମକୁ ଆଦେଶ ଦେଉଛି, ତୁମେ ଲକ୍ଷ୍ନୌ ଏସିପି ବିକାଶ ନାଗର ଓ ଡୁପ୍ଲେକ୍ସ ଟେକ୍ନୋଲୋଜୀ ବିରୋଧରେ ଏଫଆଇଆର ପଞ୍ଜୀକରଣ କର। ସେମାନେ ସାଇବର କ୍ରାଇମରେ ଜଡ଼ିତ ଅଛନ୍ତି। କାରଣ ମୁଁ ହେଉଛି ସର୍ବେସର୍ବା।

ଏହା ଶୁଣି ଜଷ୍ଟିସ୍ ବିଶ୍ୱନାଥ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହିତ ତୁମେ ମତେ ଆଦେଶ ଦେଉଛ ବୋଲି ପ୍ରଶ୍ନ କରିବାରୁ ଆବେଦନକାରୀ ପ୍ରବଳ ପ୍ରତାପ ହଠାତ୍ ଉତ୍ତ୍ୟକ୍ତ ହୋଇଉଠି କାଗଜପତ୍ର ସବୁକୁ ବିଚାରପତିଙ୍କ ଉପରକୁ ଓ କୋର୍ଟରୁମ ସାରା ଫୋପଡ଼ା ଫିଙ୍ଗା କରିବାକୁ ଲାଗିଥିଲେ। ଏଥିସହ ମୁଖ୍ୟବିଚାରପତି(ସିଜେଆଇ)ଙ୍କୁ ଅପଶବ୍ଦ କହି ଗାଳିଗୁଲଜ କରିଥିଲେ। ଏହାପରେ ସୁରକ୍ଷାକର୍ମୀମାନେ ତାଙ୍କୁ କୋର୍ଟରୁମରୁ ବାହାରକୁ ନେଇ ଯାଇଥିଲେ। ଆବେଦନକାରୀଙ୍କର ଏଭଳି ଅସ୍ୱାଭାବିକ ବ୍ୟବହାର ସତ୍ତ୍ୱେ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବାକୁ ଖଣ୍ଡପୀଠ ମନା କରିଦେଇଛି। ଆବେଦନକାରୀ ମାନସିକ ସ୍ତରରେ ଉତ୍ତେଜିତ ଅଛନ୍ତି। ସେ କୋର୍ଟରୁମରେ ଯାହା କରିଛନ୍ତି ତାହା ତାଙ୍କର ବାସ୍ତବିକ ବ୍ୟବହାର ନୁହେଁ, କେବଳ ତାଙ୍କ ଭିତରର ହତାଶାର ପ୍ରତିଫଳନ।

# ଜାତୀୟ ସଙ୍ଗୀତ ଓ ଗୀତ ନେଇ ନୂଆ ନିର୍ଦ୍ଦେଶାବଳୀ

ନୂଆଦିଲ୍ଲୀ,୧୦ା୭: ବନ୍ଦେ ମାତରମ୍ ଓ ଜନ-ଗଣ-ମନ ଗାନ କରାଯିବାକୁ ନେଇ କେନ୍ଦ୍ର ସରକାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନୂଆ ନିର୍ଦ୍ଦେଶାବଳୀ ଜାରି କରିଛି। ଗତକାଲି ଜାରି ହୋଇଥିବା ଏହି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ଜାତୀୟ ସଙ୍ଗୀତ ନାଗରିକ ସମ୍ମାନ ସମାରୋହ ଅବସରରେ ରାଷ୍ଟ୍ରପତିଙ୍କ ଔପଚାରିକ ସରକାରୀ କାର୍ଯ୍ୟକ୍ରମ ଓ ସରକାରଙ୍କ ଦ୍ୱାରା ଆୟୋଜିତ ଅନ୍ୟ କାର୍ଯ୍ୟକ୍ରମକୁ ତାଙ୍କ ଆସିବା ଓ ଯିବା ସମୟରେ ତଥା ରାଷ୍ଟ୍ରପତିଙ୍କ ଦ୍ୱାରା ଅଲଇଣ୍ଡିଆ ରେଡିଓ (ବେତାର) ଓ ଟେଲିଭିଜନ ମାଧ୍ୟମରେ ଦେଶକୁ ସମ୍ବୋଧନ କରିବାର ଠିକ୍ ପୂର୍ବରୁ ଓ ପରେ ଗାନ କରାଯିବ। ଯେତେବେଳେ ଜାତୀୟ ସଙ୍ଗୀତ ଓ ଜାତୀୟ ଗୀତ ଉଭୟ ଗାନ କରାଯିବ, ସେତେବେଳେ ପ୍ରଥମେ ଜାତୀୟ ଗୀତ ବାଦନ ଅଥବା ଗାୟନ କରାଯିବ। ତା'ପରେ ଜାତୀୟ ସଙ୍ଗୀତ ଗାନ ଅଥବା ବାଦନ କରାଯିବ ବୋଲି ଉକ୍ତ ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି।

## ବରୁଇପୁର ଭିଡ଼ ହିଂସା, ଆଉ ୫ ଜଣ ଗିରଫ

**କୋଲକାତା, ୧୦ା୭ (ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗର ବରୁଇପୁରରେ ଜଣେ ୧୧ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ ଏବଂ ହତ୍ୟା ଘଟଣା ପରେ ପୁଲିସ ଉପରେ ଆକ୍ରମଣ ଏବଂ ଭିଡ଼ ହିଂସା ମାମଲାରେ ଆଉ ଅଧିକ ୫ ଜଣ ଗିରଫ ହୋଇଛନ୍ତି। ଫଳରେ ମୋଟ୍ ଗିରଫଙ୍କ ସଂଖ୍ୟା ୩୫କୁ ବୃଦ୍ଧି ପାଇଛି। ବରୁଇପୁର ଥାନା ଅଧୀନସ୍ଥ ବିଭିନ୍ନ ଅଞ୍ଚଳରେ ରାତି ଅଧିଆ ଚଢ଼ଉ ସମୟରେ ଏହି ୫ ଜଣଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ୨ଟି ପୃଥକ୍ ମାମଲା ରୁଜୁ ହୋଇଛି। ଅପରାଧରେ ସମ୍ପୃକ୍ତି ଥିବା ସନ୍ଦେହରେ ସ୍ଥାନୀୟ ଲୋକମାନେ ଜଣେ ଯୁବକଙ୍କୁ ପିଟିପିଟି ମାରିଦେବା ଘଟଣାରେ ଗୋଟିଏ ମାମଲା ରୁଜୁ ହୋଇଥିବାବେଳେ ଅନ୍ୟଟି ପୁଲିସ ଉପରେ ଆକ୍ରମଣ ଏବଂ ସରକାରୀ ସମ୍ପତ୍ତି ନଷ୍ଟ କରିବା ପାଇଁ ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସହଯୋଗ, ସମନ୍ୱୟ...

ଅଧିକାରୀଙ୍କୁ ନିୟୋଜନ କରାଯାଇଛି। ସେହିପରି ୪୭୩ ସିସିଟିଭି କ୍ୟାମେରା ସହ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଜରୁରୀ ସୂଚନା ପ୍ରଦାନ କରିବା ପାଇଁ ୬୫ଟି ବଡ଼ ଏଲଇଡି ସ୍କ୍ରିନର ବ୍ୟବସ୍ଥା କରାଯାଇଛି। ଓଡ଼ିଆ, ହିନ୍ଦୀ ଓ ଇଂରାଜୀରେ ଏଥିରେ ସୂଚନା ଦିଆଯିବ। ମୋବାଇଲ ନେଟୱର୍କ ପାଇଁ ୧୬ଟି ସ୍ଥାୟୀ ଓ ଅନେକ ଅସ୍ଥାୟୀ ଟାୱାରର ବ୍ୟବସ୍ଥା କରାଯାଇଛି। ସୂଚନା ପ୍ରଦାନ ପାଇଁ ଏଥରକ ବଲ୍କ ମେସେଜିଂର ବ୍ୟବସ୍ଥା ମଧ୍ୟ କରାଯାଇଛି। ଦିବ୍ୟାଙ୍ଗ ଓ ବୟୋଜ୍ୟେଷ୍ଠ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଗୁଣ୍ଡିଚା ମନ୍ଦିରରେ ଦର୍ଶନର ସୁବ୍ୟବସ୍ଥା ପାଇଁ ହେଲ୍ପ ଡେସ୍କର ବ୍ୟବସ୍ଥା କରାଯିବ' ଭିଡ଼ ନିୟନ୍ତ୍ରଣ ପାଇଁ ଏକାଧିକ ଇଭାକ୍ୟୁଏସନ କରିଡରର ବ୍ୟବସ୍ଥା କରାଯାଇଛି। ସମସ୍ତ ସୁରକ୍ଷା କାର୍ଯ୍ୟର ନିୟନ୍ତ୍ରଣ ପାଇଁ ସମନ୍ୱିତ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର କରାଯାଇଛି। ରଥଯାତ୍ରାର ପ୍ରତ୍ୟେକ ଟିକନିଖି କାର୍ଯ୍ୟ ପାଇଁ ଜଣେ ଜଣେ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ପାର୍କିଂ, ବଡଦାଣ୍ଡରେ ହାଇମାକ୍ସ ଲାଇଟର ବ୍ୟବସ୍ଥା କରାଯାଇଛି। ଏଥର ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଭାବେ ୧୭୦୦ଟି ବାୟୋ-ଟଏଲେଟର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ୫ଟି ଟଏଲେଟକୁ ପରିଷ୍କାର ପରିଚ୍ଛନ୍ନ କରିବା ପାଇଁ ଜଣେ ଜଣେ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ସେହିପରି ତୁରନ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ୮ଟି ଅସ୍ଥାୟୀ ହସ୍ପିଟାଲ ମଧ୍ୟ କରାଯାଇଛି। ଚଳିତ ବର୍ଷ ରଥଯାତ୍ରାରେ ପୁରୀକୁ ପ୍ରାୟ ୩୦୦ରୁ ଅଧିକ ଟ୍ରେନ୍ ଚଳାଚଳ କରିବ। ବୈଠକରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ପୁରୀ ଜିଲ୍ଲାପାଳ ଓ ଏସପି ମଧ୍ୟ ଉପସ୍ଥିତ ଥିଲେ।

### ରାଜସ୍ଥାନରେ ଅଦିନିଆ...

ଆଶିଷ ମୋଦିଙ୍କ ଚିଠି ଆଧାରରେ ଆଜି ଆୟୋଜିତ ହେବାକୁ ଥିବା ରଥଯାତ୍ରା ଉପରେ କଟକଣା ଲଗାଯାଇଛି। ଅଦିନରେ ପାଳନ ହେବାକୁ ଥିବା ରଥଯାତ୍ରା ଆୟୋଜନ ଉପରେ ପଦକ୍ଷେପ ନେବାକୁ ସିକର ଜିଲ୍ଲା ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲା ମାଜିଷ୍ଟ୍ରେଟ। ଚିଠିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ ପୁରୀ ଜିଲ୍ଲାପାଳ ତଥା ଶ୍ରୀଜଗନ୍ନାଥ ମନ୍ଦିରର ଉପମୁଖ୍ୟ ପ୍ରଶାସକଙ୍କ ଚିଠି ଅନୁସାରେ ଏହି ପ୍ରସ୍ତାବିତ ରଥଯାତ୍ରା ନିର୍ଦ୍ଧାରିତ ଧାର୍ମିକ ପଞ୍ଜିକା ପଞ୍ଚାଙ୍ଗ ଅନୁଯାୟୀ ହେଉନାହିଁ। ଶାସ୍ତ୍ରୀୟ ପରମ୍ପରା ଅନୁସାରେ ରଥଯାତ୍ରା ଆୟୋଜନ କରୁନାହାନ୍ତି ଆୟୋଜକ ବିଶ୍ୱ ସନାତନ ଧର୍ମ ସେବା ସଂସ୍ଥାନ ଓ ଶ୍ରୀ ଖାଟୁ ଶ୍ୟାମ ମଣ୍ଡଳ। ତେଣୁ ନିୟମାନୁସାରେ ପଦକ୍ଷେପ ନେବାକୁ ଏସପିଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏପଟେ ଶ୍ରୀଜଗନ୍ନାଥଙ୍କ ଆଦ୍ୟ ସେବକ ଗଜପତି ମହାରାଜାଙ୍କ ନିବେଦନକୁ ଇସ୍କନ ଅଗ୍ରାହ୍ୟ କରିବା ପରେ ରାଜ୍ୟବ୍ୟାପୀ ଇସ୍କନ ବିରୋଧରେ ବଢୁଛି ବିରୋଧ ଓ ଅସନ୍ତୋଷ। ଗଜପତିଙ୍କ ନିବେଦନ ପ୍ରତ୍ୟାହାରକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ଜଗନ୍ନାଥପ୍ରେମୀ ଓ ବିଭିନ୍ନ ହିନ୍ଦୁ ସଂଗଠନ। ଏମିତିକି ଇସ୍କନକୁ ଏଣିକି ଆଉ ବରଦାସ୍ତ କରାଯିବ ନାହିଁ ବୋଲି ସଫା ସଫା ଶୁଣାଇଛି ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଗଠିତ ଆଦିତ୍ୟ ବାହିନୀ। ଚଳିତ ରଥଯାତ୍ରା ବେଳେ ଇସ୍କନକୁ ପୁରୀରେ ପୂରାଇ ନଦେବା ଓ ଏହି ସଂସ୍ଥା ଦ୍ୱାରା ଚାଲୁଥିବା ଦାତବ୍ୟ କାର୍ଯ୍ୟକ୍ରମକୁ ବିରୋଧ ଓ ଅସହଯୋଗ ପାଇଁ ଆହ୍ୱାନ ଦେଇଛନ୍ତି ଜଗନ୍ନାଥପ୍ରେମୀ। ଏ ଭିତରେ ଆଜି ଭୁବନେଶ୍ୱରର ଇସ୍କନ ମନ୍ଦିର ସମ୍ମୁଖରେ ବିରୋଧ ପ୍ରଦର୍ଶନ କରିଛି ଭୁବନେଶ୍ୱରର କଳିଙ୍ଗ ସେନା।

### ସହଜ ହେବ ବୈଶ୍ୱିକ...

ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏମସିଜି ଗ୍ୟାଲେରିରେ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇ ମୋଦି କହିଛନ୍ତି ଯେ ଭାରତ ୨୦୩୦ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା (କମନୱେଲ୍‌ଥ ଗେମ୍) ଓ ୨୦୩୬ରେ ଅଲିମ୍ପିକ୍ କ୍ରୀଡ଼ା ଆୟୋଜନ କରିବାକୁ ପ୍ରସ୍ତୁତ ହେଉଛି। ବ୍ରିସବେନ୍ ମଧ୍ୟ ୨୦୩୨ରେ ଅଲିମ୍ପିକ୍ କ୍ରୀଡ଼ାର ଆୟୋଜକ ରହିଛି। ତେଣୁ ଆଗାମୀ ଦିନରେ କ୍ରୀଡ଼ାର ଏହି ବୈଶ୍ୱିକ କାର୍ଯ୍ୟକ୍ରମ ନିମନ୍ତେ ବ୍ୟାପକ କ୍ରୀଡ଼ା ଭିତ୍ତିଭୂମି ବିକଶିତ କରାଯିବ। ଏହି ଘୋଷଣାର କିଛି ମୁହୂର୍ତ୍ତ ପରେ ଅଷ୍ଟ୍ରେଲୀୟ ପ୍ରଧାନମନ୍ତ୍ରୀ ଆଲବାନିଜ୍ ଭାରତର ୨୦୩୬ ଅଲିମ୍ପିକ୍ ଆୟୋଜନ ଦାବିକୁ ସମର୍ଥନ କରିଛନ୍ତି। ଫଳରେ ପ୍ରଥମ ଥର ପାଇଁ ଭାରତର ମାଟିକୁ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଗ୍ରୀଷ୍ମାବକାଶ ମହାକ୍ରୀଡ଼ା ଅଲିମ୍ପିକକୁ ଆଣିବା ପାଇଁ ଭାରତର ଦାବିକୁ ଅନ୍ତର୍ଜାତୀୟ ସମର୍ଥନ ମିଳିଛି।

### ବିନାନୁମତିରେ ଛୁଟି...

କହିଛନ୍ତି ଯେ କର୍ମଚାରୀ ଛୁଟି ପାଇଁ ଆବେଦନ କରିଥିଲେ। ତାଙ୍କ ଛୁଟି ଅନୁମୋଦିତ ହୋଇ ନ ଥିଲା। ତେଣୁ ଏହାକୁ କାର୍ଯ୍ୟରେ ଗୁରୁତର ଅବହେଳା ବୋଲି ଧରାଯିବ ନାହିଁ। ସେହି ମାମଲାରେ କ୍ୟାଟ୍ ପୂର୍ବରୁ ରେଲୱେ କର୍ତ୍ତୃପକ୍ଷଙ୍କ ସପକ୍ଷରେ ଦେଇଥିବା ରାୟକୁ ହାଇକୋର୍ଟ ବଦଳାଇ ଦେଇଛନ୍ତି। ଗତ ୨୦୨୧ରେ ରେଲୱେ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିରେ କ୍ୟାଟ୍ ହସ୍ତକ୍ଷେପ କରି ନ ଥିଲେ। ଏବେ ହାଇକୋର୍ଟ ଉକ୍ତ ନିଷ୍ପତ୍ତିକୁ ବଦଳାଇ ଅବସରକାଳୀନ ସୁବିଧା ସହ ପେନସନ୍, ଗ୍ରାଚ୍ୟୁଇଟି ଓ ଅନ୍ୟ ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ରୋଜଗାରଭିତ୍ତିକ ଓ ସ୍କିଲ୍-...

ପାଖରେ ଏହା ସହଜରେ ପହଞ୍ଚିପାରେ। ଏଥିପାଇଁ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଶିକ୍ଷା ପହଞ୍ଚାଇବା ଦିଗରେ ଆମ ସମସ୍ତଙ୍କୁ ମିଳିତ ପ୍ରୟାସ କରିବାକୁ ହେବ।ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ପାଲଲହଡ଼ାରେ ସ୍ଥାପିତ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ତଥା ଆଧୁନିକ ଶିକ୍ଷା ପ୍ରଦାନ କରିବାରେ ବେଶ୍ ସହାୟକ ହେବ। ଏହି ବିଦ୍ୟାଳୟ ଆଗାମୀ ଦିନରେ ସମସ୍ତ ବର୍ଗର ପିଲାମାନଙ୍କ ପାଇଁ ଶିକ୍ଷାର ଏକ ନୂତନ ଆଲୋକ ବର୍ତ୍ତିକା ସାଜିବ। ଆଜି ଯେଉଁ ସ୍ଥାୟୀ କ୍ୟାମ୍ପସର ଭୂମି ପୂଜନ କରାଗଲା, ତାହା ଅତି ଶୀଘ୍ର ଅତ୍ୟାଧୁନିକ ଶ୍ରେଣୀଗୃହ, ଉନ୍ନତଧରଣର ଲ୍ୟାବ, କ୍ରୀଡ଼ା ପ୍ରାଙ୍ଗଣ ଓ ସମୃଦ୍ଧ ଲାଇବ୍ରେରୀ ସୁବିଧା ସହ ଏକ ସୁଦୃଢ଼ ଶିକ୍ଷା କେନ୍ଦ୍ର ଭାବେ ଉଭା ହେବ। ଓଡ଼ିଶାର ସମ୍ପୂର୍ଣ୍ଣ ସମ୍ଭାବନାକୁ ଉପଯୋଗ କରି ବିକଶିତ ଓଡ଼ିଶା ଗଠନ କରିବାରେ ଶିକ୍ଷା ହିଁ ମୁଖ୍ୟ ଚାବିକାଠି ସାଜିବ। ଏ ଦିଗରେ ଏହି କେନ୍ଦ୍ରୀୟ ବିଦ୍ୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କେନ୍ଦ୍ର ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସ୍ଥାନୀୟ 'ମାଲ୍ୟଗିରି ପର୍ବତ'ର ସ୍ୱତନ୍ତ୍ର ଅସ୍ମିତା ଓ ପରିଚୟକୁ ଏକ ବଡ଼ ବ୍ରାଣ୍ଡରେ ପରିଣତ କରିବା ଉପରେ ଗୁରୁତ୍ୱ ଦେଇ ମନ୍ତ୍ରୀ ଏକ ସୁନ୍ଦର ଉଦାହରଣ ଉପସ୍ଥାପନ କରିଛନ୍ତି। ସେ କହିଛନ୍ତି ଯେ ସୁଦୂର ଜର୍ମାନୀରେ ରହୁଥିବା ଓଡ଼ିଆ ଦମ୍ପତି ଯେଭଳି ଭାବେ ସେଠାରେ 'ମାଲ୍ୟଗିରି ଆଚାର' ପ୍ରସ୍ତୁତ କରି ମାଲ୍ୟଗିରିକୁ ଏକ ବିଶେଷ ବ୍ରାଣ୍ଡ ଭାବେ ପରିଚିତ କରାଇଛନ୍ତି, ସେହିପରି ଆମକୁ ମଧ୍ୟ ଏଠାକାର ସ୍ଥାନୀୟ ଉତ୍ପାଦଗୁଡ଼ିକୁ ବ୍ରାଣ୍ଡର ରୂପ ଦେଇ ଆଗକୁ ବଢ଼ାଇବାକୁ ପଡ଼ିବ। କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଓ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଉପସ୍ଥିତ ଥିଲେ।

### ପଞ୍ଚାୟତ ଲଢେଇ...

ଧାନ ବିକ୍ରିରେ ଦେଖା ଦେଇଥିବା ଅନିୟମିତତାକୁ ଆଧାର କରି ପଶ୍ଚିମ ଓଡ଼ିଶାରୁ ଆନ୍ଦୋଳନ ପାଇଁ ସଜବାଜ ହେଉଥିବାର ସୂଚନା ମିଳିଛି। ଏହାବାଦ୍ ଆଉ କିଛି ପ୍ରସଙ୍ଗ ଜରିଆରେ ଶାସକ ଦଳକୁ ଘେରିବାକୁ ତାଲିକା ପ୍ରସ୍ତୁତ କରୁଛି ବିଜେଡି। ଦଳ ସଭାପତି ନବୀନ ପଟ୍ଟନାୟକ ପୁଣିଥରେ ତାଙ୍କର ଲୋକସମ୍ପର୍କ ଅଭିଯାନକୁ ଗତି ଦେବା ଆରମ୍ଭ କରିଛନ୍ତି। ଯଦିଓ ନବୀନ ବାହାରକୁ ଯାଉନାହାନ୍ତି, କିନ୍ତୁ ବିଭିନ୍ନ ଅଞ୍ଚଳରୁ ଦଳ ଦଳ ହୋଇ ନେତା ଓ କର୍ମୀ ଆସି ନବୀନ ନିବାସରେ ତାଙ୍କୁ ସାକ୍ଷାତ କରିବାରେ ଲାଗିଛନ୍ତି। ଗତ ତିନି ଦିନ ହେବ ଏହି ପ୍ରକ୍ରିୟା ଜାରି ରହିଛି। ସେହଭଳି ଶାସକ ବିଜେପି ମଧ୍ୟ ପଛରେ ନାହିଁ। ଦଳ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ନବରଙ୍ଗପୁରରୁ ଅଭିଯାନ ଆରମ୍ଭ କରିଛନ୍ତି। ଅବିଭକ୍ତ କୋରାପୁଟ ଜିଲ୍ଲାକୁ ସେ ପ୍ରଥମେ ଟାର୍ଗେଟ କରିଥିଲେ। କୋରାପୁଟ ପରେ କଳାହାଣ୍ଡିରେ ଦଳୀୟ ନେତା ଓ କର୍ମୀଙ୍କୁ ସେ ପଞ୍ଚାୟତ ଲଢ଼େଇ ପାଇଁ ମନ୍ତ୍ର ଦେଇଛନ୍ତି। ମହିଳାଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ସୁଭଦ୍ରା ଯୋଜନାରେ ଅଧିକ ସଦସ୍ୟ ସାମିଲ ସହ ଠିକଣା ସମୟରେ କିଭଳି ଲୋକେ ପଇସା ପାଇବେ, ତାହାକୁ ନେଇ କାର୍ଯ୍ୟ ଆରମ୍ଭ ହୋଇଛି। ଏହାଛଡ଼ା ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ଓଡ଼ିଶା କିଭଳି ଉପକୃତ ହେଉଛି, ତା'ର ବି ଲମ୍ବା ତାଲିକା ପ୍ରସ୍ତୁତି ଚାଲିଛି। ଖୁବ୍‌ଶୀଘ୍ର ଦଳର ଛାମୁଆ ନେତାମାନେ ଦଳବଳ ସହ ମଇଦାନକୁ ଓହ୍ଲାଇବେ ବୋଲି ଜଣାଯାଇଛି। ତେବେ ଦଳ ପାଇଁ ମନ୍ତ୍ରିମଣ୍ଡଳ ଅଦଳବଦଳ ସମେତ ନିଗମ ନିଯୁକ୍ତି କିଛିଟା ଅଡୁଆ ସୃଷ୍ଟି କରିଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏହାର ସମାଧାନ ପାଇଁ ଦଳ ପକ୍ଷରୁ ବି କସରତ ଚାଲିଛି। ଉଭୟ ବିଜେପି ଓ ବିଜେଡି ଉପରେ ଅସନ୍ତୁଷ୍ଟ ଥିବା ଲୋକଙ୍କ ଭୋଟ ହାତେଇ ପଞ୍ଚାୟତ ନିର୍ବାଚନରେ କିଛିଟା ଚମତ୍କାର କରିବାକୁ ବି କଂଗ୍ରେସ ଆଶା କରିଛି। ଦଳର ଏହି ଆଶାକୁ ବଳ ଦେଇଛନ୍ତି ଦଳର ନୂଆ ଓଡ଼ିଶା ପ୍ରଭାରୀ ଲାଲାଜୀ ଦେଶାଇ। ଓଡ଼ିଶାରେ ପହଞ୍ଚି ଦଳର ସ୍ଥିତି ଦେଖିଲା ପରେ ତୁରନ୍ତ ବୁଥ୍‌ସ୍ତରୀୟ କମିଟି ଗଠନ ପାଇଁ ପରାମର୍ଶ ଦେଇଛନ୍ତି। କଂଗ୍ରେସ ଯଦି ଏଥିରେ ସଫଳ ହେଲା, ତା'ହେଲେ ପଞ୍ଚାୟତ ନିର୍ବାଚନରେ କିଛି କରିସ୍ମା କରିପାରିବ ବୋଲି ଦଳର ବରିଷ୍ଠ ନେତାମାନେ କହୁଛନ୍ତି।

### ଏପ୍ରିଲ-ମେ'ରେ...

ଡୋର୍ ହେବ ଭେରିଫିକେସନ୍। ୬ ହଜାର ୭୯୪ ପଞ୍ଚାୟତର ୯୧ ହଜାର ୯୩୦ ୱାର୍ଡରେ ପ୍ରସ୍ତୁତ ହେବ ନୂଆ ଭୋଟର ତାଲିକା। ପ୍ରଶାସନିକ ପ୍ରସ୍ତୁତି ପାଇଁ ଭୋଟ ବିଳମ୍ବ ନେଇ କମିସନ କହୁଥିଲେ ବି ଏହାକୁ ନେଇ ଆରମ୍ଭ ହୋଇଛି ରାଜନୀତି। ସରକାରଙ୍କୁ ସିଧା ନିଶାଣା କରିଛି ବିଜେଡି। ସରକାରଙ୍କ ଭିତିରି ଏଜେଣ୍ଡା ପାଇଁ ଜାଣିଶୁଣି ଭୋଟ୍ ଘୁଞ୍ଚାଯାଉଛି ବୋଲି ଅଭିଯୋଗ କରିଛନ୍ତି ବିଜେଡି ବିଧାୟକ। ସେପଟେ କଂଗ୍ରେସ ମଧ୍ୟ ସମାନ ଢଙ୍ଗରେ ସରକାରଙ୍କୁ ଘେରିଛି। ପରାଜୟ ଭୟରେ ନିର୍ବାଚନକୁ ବିଳମ୍ବ କରାଯାଉଛି ବୋଲି କହିଛନ୍ତି କଂଗ୍ରେସ ବିଧାୟକ ମଙ୍ଗୁ ଖିଲା। ସେ କହିଛନ୍ତି ଆଜି ନିର୍ବାଚନ ହେଲେ ବି କଂଗ୍ରେସ ପ୍ରସ୍ତୁତ। ବିରୋଧୀଙ୍କ ଅଭିଯୋଗ ପରେ ଜବାବ ରଖିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ। ରାଜ୍ୟ ନିର୍ବାଚନ କମିସନ ଆସନ୍ତା ୨୧ରେ ସବୁ ଜିଲ୍ଲାପାଳଙ୍କ ସହ ନିର୍ବାଚନ ପ୍ରସ୍ତୁତି ନେଇ ବୈଠକ କରିବେ। ବୈଠକରେ ଜିଲ୍ଲାପାଳଙ୍କ ସମେତ ନିର୍ବାଚନ ସହ ଜଡ଼ିତ ଅଧିକାରୀମାନଙ୍କୁ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଦୁର୍ଘଟଣାରେ ଦୁଇ ସାମ୍ବାଦିକ ଗୁରୁତର



କେନ୍ଦ୍ରାପଡ଼ା,୧୦ା୭(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଗରାପୁର ଛକରୁ ଏସପିଙ୍କ କାର୍ଯ୍ୟାଳୟ ମଧ୍ୟରେ ଥିବା ହଳଦିଡିହ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଦୁଇ ଜଣ ସାମ୍ବାଦିକ ଗୁରୁତର ଭାବେ ଆହତ ହୋଇଛନ୍ତି। ସେମାନେ ହେଲେ ମନୋଜ କୁମାର ସ୍ୱାଇଁ ଓ ଉମାକାନ୍ତ ମହାପାତ୍ର। ସେହିପରି ଏହି ଦୁର୍ଘଟଣାରେ ଅନ୍ୟ ଜଣେ ବାଇକ ଆରୋହୀ ଜମ୍ବାଙ୍ଗ ନିକଟ ଖମାର କେଶପୁର ଗ୍ରାମର ଅଖିଳ କୁମାର ସାହୁ ମଧ୍ୟ ଆହତ ହୋଇଛନ୍ତି। ମିଳିଥିବା ସୂଚନାନୁସାରେ, ଆଜି ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟା ବେଳେ ମନୋଜ ଓ ଉମାକାନ୍ତ କେନ୍ଦ୍ରାପଡ଼ା ସହରରୁ ଏସପିଙ୍କ କାର୍ଯ୍ୟାଳୟ ନିକଟସ୍ଥ ଏକ ଗ୍ରାମକୁ ଖବର ସଂଗ୍ରହ ପାଇଁ ଯାଉଥିଲେ। ତେବେ ଏହି ସମୟରେ ପଛ ପଟୁ ଏକ ପିକ୍ଅପ ଭ୍ୟାନ୍ ଅନ୍ୟ ଏକ ବାଇକ ଆରୋହୀ ଅଖିଳଙ୍କ ବାଇକଙ୍କୁ ପ୍ରଥମେ ଧକ୍କା ଦେଇଥିଲା। ଏହାଦ୍ୱାରା ଅଖିଳ ଭାରସାମ୍ୟ ହରାଇ ମନୋଜ ଚଳାଉଥିବା ବାଇକକୁ ପଛ ପଟୁ ଧକ୍କା ଦେଇଥିଲେ। ଫଳରେ ମନୋଜଙ୍କ ବାଇକ ତଳେ ପଡ଼ିଯାଇଥିଲା। ଏଥିରେ ଉଭୟ ମନୋଜ ଓ ଉମାକାନ୍ତ ଗୁରୁତର ଭାବେ ହୋଇଥିଲେ। ସେହିପରି ଅଖିଳ ମଧ୍ୟ ତଳେ ପଡ଼ି ଗୁରୁତର ହୋଇଥିଲେ। ସମସ୍ତଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅଖିଳ ଓ ଉମାକାନ୍ତଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ହଠାତ୍ ଏକ ଗାଈ ପଶିଯିବାରୁ ପିକ୍ଅପ ଭ୍ୟାନ୍‌ଟି ଭାରସାମ୍ୟ ହରାଇ ଅଖିଳଙ୍କ ବାଇକକୁ ପିଟି ଦେଇଥିଲା। ଭୟରେ ପିକ୍ଅପ ଭ୍ୟାନ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଖବର ପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହି ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକ୍‌କୁ ଜବତ କରିଛି। ଏଥିସହ ଫେରାର ପିକ୍ଅପ ଭ୍ୟାନକୁ ଠାବ କରିବା ସକାଶେ ଉଦ୍ୟମ ଚାଲିଥିବା ସଦର ଥାନାଧିକାରୀ ପଦ୍ମାଳୟା ପ୍ରଧାନ କହିଛନ୍ତି।

## ଟ୍ରକ୍ ପଛକୁ ପିଟିଲା ଯାତ୍ରୀବାହୀ ବସ୍, ୮ ଗୁରୁତର

କଟକ,୧୦ା୭(ସଂଚାର ବ୍ୟୁରୋ): ଚୌଦ୍ୱାର ମଙ୍ଗୁଳି ୧୬ ନମ୍ବର ଜାତୀୟ ରାଜପଥ ନିର୍ଗୁଣ୍ଡିଠାରେ ଏକ ଯାତ୍ରୀବାହୀ ବସ ସାମ୍ନାରେ ଯାଉଥିବା ଏକ ଟ୍ରକ ପଛରେ ପିଟି ହୋଇଗଲା ପରେ ବସର ସମ୍ମୁଖ ଆଗ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ୧୦ ଯାତ୍ରୀ ଗୁରୁତର ଆଘାତ ପାଇ ଚିକିତ୍ସିତ ହେଉଛନ୍ତି । ଶୁକ୍ରବାର ଅପରାହ୍ନରେ ଘଟିଥିବା ଘଟଣା ସ୍ଥଳରେ ଟ୍ରକ୍‌ଟି ଖସି ଚାଲି ଯାଇଥିବା ବେଳେ ଆହତ ଯାତ୍ରୀମାନଙ୍କୁ ଟାଙ୍ଗୀ ପୁଲିସ କଟକ ବଡ଼ ମେଡିକାଲ ଚିକିତ୍ସା ପାଇଁ ପଠାଇଥିବା ବେଳେ ଜାତୀୟ ରାଜପଥ ଠପ୍ ହୋଇପଡ଼ିଥିଲା। ସ୍ଥାନୀୟ ଅଞ୍ଚଳର ଯୁବକମାନେ ଅସନ୍ତୋଷ ପ୍ରକାଶ କରି ରାସ୍ତାଟିକୁ ଜାମ କରିଥିଲେ। ଟାଙ୍ଗୀ ପୁଲିସ ଲୋକମାନଙ୍କୁ ବୁଝାସୁଝା କରି ଯାତାୟାତ ନିୟନ୍ତ୍ରଣ କରିଥିଲା । ଏଥିସହିତ ଫେରାର ହୋଇଯାଇଥିବା ଟ୍ରକଟିକୁ ଧରିବା ପାଇଁ ଟାଙ୍ଗୀ ପୁଲିସ ଚେଷ୍ଟା ଜାରିରଖିଥିବା ଜଣାପଡିଛି।

## କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ୫ଦିନିଆ ପ୍ରଶିକ୍ଷଣ ଶିବିର



କଟକ,୧୦ା୭ (ସଂଚାର ବ୍ୟୁରୋ): ଜନଗଣନା-୨୦୨୭ର ସଫଳ ରୂପାୟନ ନିମନ୍ତେ ଜିଲ୍ଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷରେ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ପାଞ୍ଚଦିନିଆ ପ୍ରଶିକ୍ଷଣ ଶିବିର ଶୁକ୍ରବାର ସଫଳତାର ସହ ସମାପ୍ତ ହୋଇଛି। ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିରରେ ସହକାରୀ ନିର୍ଦ୍ଦେଶକ (ରାଜ୍ୟ ଜନଗଣନା ପରିଚାଳନା କେନ୍ଦ୍ର) ମିଳିତା ଦତ୍ତ ଓ ଜିଲ୍ଲା ଜନଗଣନା ନୋଡାଲ ଅଫିସର ଦେବେନ୍ଦ୍ର କୁମାର ମହାପାତ୍ର ପ୍ରଶିକ୍ଷକ ଭାବେ ଯୋଗଦେଇ ଜିଲ୍ଲା ଜନଗଣନା ହସ୍ତପୁସ୍ତିକାର ଉଦ୍ଦେଶ୍ୟ, କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ଭୂମିକା ଓ ଦାୟିତ୍ୱ, ଗ୍ରାମ ନିର୍ଦ୍ଦେଶିକା ଅନୁସୂଚୀ, ସହର ନିର୍ଦ୍ଦେଶିକା ଅନୁସୂଚୀ, ଡିସିଏଚ୍‌ବି ମୋବାଇଲ୍ ଆପ୍‌ର ବ୍ୟବହାର ଓ ଡିସିଏଚ୍‌ବି ପୋର୍ଟାଲରେ ତଥ୍ୟ ପ୍ରଦାନ ଓ ପରିଚାଳନା ସମ୍ପର୍କରେ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ଶିବିରରେ ରାଜସ୍ୱ ନିରୀକ୍ଷକ (ଆରଆଇ), ସହକାରୀ ରାଜସ୍ୱ ନିରୀକ୍ଷକ (ଏଆରଆଇ), ଅମିନ, ଚାର୍ଜ ଅଫିସର ଓ ଅତିରିକ୍ତ ଚାର୍ଜ ଅଫିସରମାନେ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ ଶିବିରର ତୃତୀୟ ଦିବସରେ ଜିଲ୍ଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ କମଲ୍‌ଜିତ ଦାସ ପ୍ରଶିକ୍ଷାର୍ଥୀମାନଙ୍କୁ ସୁଚାରୁରୂପେ ଜନଗଣନା କାର୍ଯ୍ୟ ସମ୍ପାଦନ ନିମନ୍ତେ ଆହ୍ୱାନ ଦେଇଥିଲେ।

## ରାଜେଶ ଶର୍ମାଙ୍କୁ ଭେଟିଲେ କ୍ରୀଡ଼ାମନ୍ତ୍ରୀ

କୋଲକାତା, ୧୦ା୭ (ସଂଚାର ବ୍ୟୁରୋ): ବିଷାକ୍ତ ପୋକ କାମୁଡ଼ିବାରୁ ଅଭିନେତା ରାଜେଶ ଶର୍ମାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ଅପରାହ୍ନରେ ରାଜ୍ୟ କ୍ରୀଡାମନ୍ତ୍ରୀ ଇନ୍ଦ୍ରନୀଲ ଖାଁ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ହସ୍ପିଟାଲରେ ଅଭିନେତାଙ୍କୁ ଭେଟିଛନ୍ତି। କ୍ରୀଡା ମନ୍ତ୍ରୀ ରାଜେଶ ଶର୍ମାଙ୍କ ଶୀଘ୍ର ଆରୋଗ୍ୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଶୁଭକାମନା ଜଣାଇଛନ୍ତି। ପୂର୍ବରୁ ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ, ମୁଁ ରାଜେଶ ଶର୍ମା-ଜୀଙ୍କ ଶୀଘ୍ର ଆରୋଗ୍ୟ ଏବଂ ଉତ୍ତମ ସ୍ୱାସ୍ଥ୍ୟ କାମନା କରୁଛି।

ବିରୋଧୀ ଦଳ ନେତାଙ୍କ ଡିପଫେକ୍ ଭିଡିଓ ମାମଲା

## 'ସୋସିଆଲ ଟକ୍' ବିରୋଧରେ ବିଜେଡିର ଏତଲା




ଭୁବନେଶ୍ୱର,୧୦ା୭(ସଂଚାର ବ୍ୟୁରୋ): ସରକାର ନିଜର ଅପାରଗତା ପାଇଁ ସବୁଠି ସମାଲୋଚିତ ହେଉଥିଲା ବେଳେ ବିଜେପି ପ୍ରୋତ୍ସାହନରେ କିଛି ବ୍ୟକ୍ତି ସୋସିଆଲ ମିଡିଆରେ ଭ୍ରମାତ୍ମକ ଭିଡିଓ ପ୍ରସ୍ତୁତ କରିବାରେ ଲାଗିପଡ଼ିଛନ୍ତି। 'ସୋସିଆଲ ଟକ୍' ନାମକ ଏକ ପେଜରେ ବିଜେଡିର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଡିପଫେକ୍ ଭିଡିଓ ଅପଲୋଡ୍ ହେଉଛି। ଉକ୍ତ ଭ୍ରମାତ୍ମକ

● ବିଜେପି ଇଙ୍ଗିତରେ ସାମାଜିକ ଗଣମାଧ୍ୟମରେ ଷଡ଼ଯନ୍ତ୍ର

ଭିଡିଓକୁ ନେଇ କାର୍ଯ୍ୟାନୁଷ୍ଠାନ ଦାବିରେ କ୍ୟାପିଟାଲ୍ ଥାନାରେ ଆଜି ଛାତ୍ର ବିଜେଡି ପକ୍ଷରୁ ଏତଲା ଦାୟର କରାଯାଇଛି।

ବିରୋଧୀ ଦଳ ନେତା ଓ ପୂର୍ବତନ ୫-ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନଙ୍କୁ ଲକ୍ଷ୍ୟ କରି ଏଆଇ ଜରିଆରେ ଡିପଫେକ୍ ଭିଡିଓ ପ୍ରସ୍ତୁତ ହୋଇଛି। ଉକ୍ତ ଭିଡିଓକୁ ଗତକାଲି ଅଭିଯୁକ୍ତ ପ୍ରୀତି ପ୍ରକାଶ ନାୟକ ତାଙ୍କର 'ସୋସିଆଲ ଟକ୍' ନାମକ ଇନଷ୍ଟାଗ୍ରାମ୍ ଆକାଉଣ୍ଟରେ ଅପଲୋଡ୍ କରିଥିଲେ। ଏଥିରେ ବାରମ୍ବାର ଅପମାନଜନକ ଶବ୍ଦ ବ୍ୟବହାର କରାଯାଇଛି। ଏଥିସହ ଭିଡିଓରେ ଏକ ଏଆଇ ଜେନେରେଟେଡ୍ ଛବି ବ୍ୟବହାର କରାଯାଇଛି। ଏହି ଛବିଟି ସମ୍ପୂର୍ଣ୍ଣ ଭାବେ ହୀନ ମାନସିକତାର ପରିଚୟ ବୋଲି ବିଜେଡି ଅଭିଯୋଗ କରିଛି। ବିଜେପି ସରକାର ଦୁଇ ବର୍ଷ ହେବ କୌଣସି ଉନ୍ନତିମୂଳକ କାର୍ଯ୍ୟ କରି ନ ପାରି ସବୁଠି ନିନ୍ଦିତ ହେଉଛି। ନବୀନ ପଟ୍ଟନାୟକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବନ୍ଦିତ। ବିଜେପି ଅସହିଷ୍ଣୁ ହୋଇ ଏହିପରି କାର୍ଯ୍ୟ କରୁଛି। ଏହା ଜନସାଧାରଣଙ୍କ ମନରେ ଭ୍ରାନ୍ତି ସୃଷ୍ଟି କରିବା ଓ ବ୍ୟକ୍ତିଗତ ସମ୍ମାନରେ ଆଞ୍ଚ ଆଣିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ପ୍ରୀତି ପ୍ରକାଶ ନାୟକ ପୂର୍ବରୁ ମଧ୍ୟ ଏଭଳି ମାନହାନୀଭିତ୍ତିକ କଣ୍ଟେଣ୍ଟ ପାଇଁ ମାମଲାର ସମ୍ମୁଖୀନ ହୋଇଛନ୍ତି। ବିଜେପି ସମର୍ଥନରେ ସୋସିଆଲ ମିଡିଆରେ ସେ ଏହିପରି କାର୍ଯ୍ୟ ଅଭ୍ୟାସଗତ ଭାବେ ବାରମ୍ବାର କରୁଛନ୍ତି। ଭୂକମ୍ପ ପ୍ରଭାବିତ ଭେନେଜୁଏଲା ଅଞ୍ଚଳକୁ ଭିକେ ପାଣ୍ଡିଆନଙ୍କ ପରିଦର୍ଶନକୁ ବିଦ୍ରୂପ ଭାବେ ଉପସ୍ଥାପନ କରାଯାଇଛି ବୋଲି ବିଜେଡି ଅଭିଯୋଗ କରିଛି।

● ୪୦ନଂ ୱାର୍ଡରେ ପରିମଳ ସେବା ବିପର୍ଯ୍ୟସ୍ତ

## ସ୍ଲାବ୍ ବସାଇବାକୁ ଅଞ୍ଚଳବାସୀଙ୍କ ଦାବି



କଟକ, ୧୦ା୭ (ସଂଚାର ବ୍ୟୁରୋ): କଟକ ମହାନଗର ନିଗମ (କେଏମସି) ପକ୍ଷରୁ ସହରର ବିଭିନ୍ନ ୱାର୍ଡରେ କୋଟି କୋଟି ଟଙ୍କା ବ୍ୟୟରେ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ନେଇ ଦାବି କରାଯାଉଥିବା ବେଳେ ୪୦ନଂ ୱାର୍ଡରେ ପରିମଳ ସେବାର ଅବ୍ୟବସ୍ଥା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷକରି କଲେଜ ଛକସ୍ଥିତ ଜୋବ୍ରା ରୋଡ଼ରେ ଦୀର୍ଘଦିନ ଧରି ଅଳିଆ ଆବର୍ଜନା ପଡ଼ି ରହୁଥିବାରୁ ସ୍ୱଚ୍ଛତା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ଜୋବ୍ରା ରୋଡରେ ଏକାଧିକ ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟ ପରୀକ୍ଷା କେନ୍ଦ୍ର ଓ ଅନ୍ୟାନ୍ୟ ପ୍ରତିଷ୍ଠାନ ରହିଥିବାରୁ ପ୍ରତିଦିନ ଶତାଧିକ ଛାତ୍ରଛାତ୍ରୀ, ଅଭିଭାବକ ଓ ରୋଗୀ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ନିୟମିତ ଭାବେ ଆବର୍ଜନା ଉଠାଯାଉ ନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦିନକୁଦିନ ବଢ଼ିଚାଲିଛି। ବର୍ଷାଋତୁ ଚାଲିଥିବାରୁ ଅଳିଆ ଆବର୍ଜନା ଜମି ରହିବା ଫଳରେ ମଶା, ମାଛି ଓ ବିଭିନ୍ନ ଜୀବାଣୁ ବୃଦ୍ଧି ପାଇ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ରହିଛି। ବିଶେଷକରି ସ୍କୁଲକୁ ଯାଉଥିବା କୁନି କୁନି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ପଡ଼ିବାର ସମ୍ଭାବନା ରହିଛି। କେବଳ ପରିମଳ ସମସ୍ୟା ନୁହେଁ, ରାସ୍ତା ପାର୍ଶ୍ୱରେ ଥିବା ଡ୍ରେନ ଉପରେ ଅନେକ ସ୍ଥାନରେ ସ୍ଲାବ୍ ନଥିବାରୁ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଯାଇଛି। ଅସାବଧାନତାବଶତଃ କୁନି କୁନି ଛାତ୍ରଛାତ୍ରୀ କିମ୍ବା ପଥଚାରୀ ଡ୍ରେନରେ ପଡ଼ିଯିବାର ସମ୍ଭାବନା ଥିବାରୁ ତୁରନ୍ତ ସ୍ଲାବ୍ ବସାଇବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ଅଭିଷେକଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ

କୋଲକାତା,୧୦ା୭ (ସଂଚାର ବ୍ୟୁରୋ): କୋର୍ଟ ନିର୍ଦ୍ଦେଶିତ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ଏକ ଆଇନଗତ ସମସ୍ୟା ଉପୁଜିଥିଲା। ଅଭିଷେକ ବାନାର୍ଜୀ କୋଲକାତା ହାଇକୋର୍ଟରେ ତୀବ୍ର ଅସନ୍ତୋଷର ସମ୍ମୁଖୀନ ହୋଇଥିଲେ। କୋର୍ଟଙ୍କ କ୍ରୋଧର ସମ୍ମୁଖୀନ ହୋଇ ତାଙ୍କ ଓକିଲ କଣ୍ଠସ୍ୱର ନମୁନା ପ୍ରଦାନ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଆବେଦନ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଥିଲେ। ତେବେ ଓକିଲ ଅନୁରୋଧ କରିଥିଲେ ଯେ ନମୁନା ଦାଖଲ କରିବାକୁ ଯିବା ସମୟରେ ତାଙ୍କ ଉପରେ ଅଣ୍ଡା ଫିଙ୍ଗାଯାଇ ତାଙ୍କୁ ହଇରାଣ କରା ନ ଯାଉ। କୋର୍ଟ ରାଜ୍ୟକୁ ଏ ସମ୍ପର୍କରେ ଉପଯୁକ୍ତ ପଦକ୍ଷେପ ନେବାକୁ ଏବଂ ତାଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ୧୨ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ୍

**କୋଲକାତା,୧୦ା୭ (ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ଶାରଦ୍ୱତ ମୁଖୋପାଧ୍ୟାୟଙ୍କ ବାରାସତ ମେଡିକାଲ କଲେଜ ଓ ହସ୍ପିଟାଲ ଗସ୍ତର ୨୪ ଘଣ୍ଟା ମଧ୍ୟରେ କର୍ତ୍ତୃପକ୍ଷ ୧୨ ଜଣ କର୍ମଚାରୀଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଛନ୍ତି। ଏହା ସହିତ ହସ୍ପିଟାଲ କର୍ତ୍ତୃପକ୍ଷ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟରେ ବିଦ୍ୟମାନ ଭିତ୍ତିଭୂମିଗତ ତ୍ରୁଟିର ଏକ ତାଲିକା ଦାଖଲ କରିବାକୁ ପ୍ରସ୍ତୁତ ହେଉଛନ୍ତି।

# ଇଭି ମୋଟର ସାଇକେଲ ବିକ୍ରିରେ ଓଡ଼ିଶା ଏକ ନମ୍ବର



**ଭୁବନେଶ୍ୱର,୧୦ା୭:** ଇଭି ମୋଟର ସାଇକେଲ ବିକ୍ରିରେ ଓଡ଼ିଶା ଦେଶରେ ଏକ ନମ୍ବର ସ୍ଥାନ ହାସଲ କରିଛି। ତୈଳଦର ବୃଦ୍ଧି ପରେ ଦେଶରେ ଇଭିର ଚାହିଦା ଯଦିଓ ବଢ଼ିଛି କିନ୍ତୁ ଆଶ୍ଚର୍ଯ୍ୟଜନକ ଇଭି ମୋଟରସାଇକେଲରେ କିଣିବାରେ ଓଡ଼ିଶା ଲୋକେ ଆଗରେ ରହିଛନ୍ତି। ଏଥିପାଇଁ ଓଡ଼ିଶା ସରକାରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଇଭି ଯାନ ସଂକ୍ରାନ୍ତରେ ହୋଇଥିବା ସଦ୍ୟତମ ସର୍ବେକ୍ଷଣରୁ ଜଣାଯାଇଛି ଯେ ଭାରତରେ ମାର୍ଚ୍ଚରୁ ଜୁନ୍ ମଧ୍ୟରେ ଯେତିକି ଦୁଇଚକିଆ ଇଭି ବିକ୍ରି ହୋଇଛି, ସେଥିରୁ ୧୭ ପ୍ରତିଶତ କେବଳ ଓଡ଼ିଶା ଲୋକେ କିଣିଛନ୍ତି, ଯାହାକି ଏକ ସର୍ବକାଳୀନ ରେକର୍ଡ। ୨୦୨୫ରେ ଦେଶର ୯.୫ ପ୍ରତିଶତ ଦୁଇଚକିଆ ଇଭି ଯାନ ଓଡ଼ିଶାରେ ବିକ୍ରି ହୋଇଥିବା ବେଳେ ୨୦୨୬ ଜାନୁଆରୀ, ଫେବ୍ରୁଆରୀରେ ଏହା ୧୦.୩ ପ୍ରତିଶତ ଥିଲା। କିନ୍ତୁ ମାର୍ଚ୍ଚରୁ ଜୁନ୍ ମଧ୍ୟରେ ଏହା ରେକର୍ଡ ୧୭ ପ୍ରତିଶତ ହୋଇଛି।

ସେହିଭଳି ୪ଚକିଆ ଯାନ କ୍ଷେତ୍ରରେ ଓଡ଼ିଶା ତୃତୀୟ ସ୍ଥାନରେ ରହିଛି। ଦିଲ୍ଲୀ ପ୍ରଥମ ଓ ତେଲେଙ୍ଗାନା ଦ୍ୱିତୀୟ ସ୍ଥାନରେ ଥିବାବେଳେ ଓଡ଼ିଶାରେ ୭.୫% ଚାରି ଚକିଆ ଇଭି ବିକ୍ରି ହୋଇଛି। ରାଜ୍ୟ ସରକାର ସ ବ ସି ଡ୍ ବୃଦ୍ଧି ଅବଧି ଘୋଷଣା। କରିବା ପରେ ଇଭି ଯାନର ବିକ୍ରି ରେକର୍ଡ ପରିମାଣରେ ବଢ଼ିଛି। ଇଭିର ଚାହିଦା ଓଡ଼ିଶାରେ ଯେଉଁ ହାରରେ ବଢୁଛି, ସେହି ଅନୁପାତରେ କିନ୍ତୁ ଭିତ୍ତିଭୂମି ନାହିଁ। ବିଶେଷକରି ଇଭି ଯାନ ପାଇଁ ଚାର୍ଜିଂ ଷ୍ଟେସନ ନାହିଁ। ଇଭି ବିକ୍ରି ସହିତ ତାଳ ଦେଇ ଚାର୍ଜିଂ ଷ୍ଟେସନ ନିର୍ମାଣ ନ ହେଲେ, ଆଗାମୀ ଦିନରେ ଏହା ଅଭାବନୀୟ ସ୍ଥିତି ସୃଷ୍ଟି କରିବ। ଲକ୍ଷ୍ୟ କରାଯାଉଛି ଯେ ଲୋକେ ଡିଜେଲ ଗାଡ଼ି ବଦଳରେ ଇଭି ଖରିଦ କରୁଛନ୍ତି। ଫଳରେ ଡିଜେଲ ଗାଡ଼ିର ବିକ୍ରି ରାଜ୍ୟରେ କମିବାରେ ଲାଗିଛି।

ଭୁବନେଶ୍ୱର-କଟକକୁ ବାଦ୍ ଦେଲେ ବ୍ରହ୍ମପୁର, ସମ୍ବଲପୁର ଭଳି ଆଗଧାଡ଼ିର ସହରରେ ଇଭି ଚାର୍ଜିଂ ଷ୍ଟେସନ ନାହିଁ। ସେଠାରେ ଲୋକେ ଇଭି ପାଇଁ ଆଗ୍ରହୀ ଥିବା ବେଳେ ଚାର୍ଜିଂ ଷ୍ଟେସନକୁ ନେଇ ସମସ୍ୟା ଭୋଗୁଛନ୍ତି। ନିଜ ଘରେ ଗାଡ଼ି ଚାର୍ଜିଂ କରିବା ଯୋଗୁଁ ଅନେକ ସ୍ଥାନରେ ବିଦ୍ୟୁତ୍ ବିଭ୍ରାଟ ପରିଲକ୍ଷିତ ହେଉଛି। କାରଣ ବଡ଼ ବଡ଼ ଇଭିଗାଡ଼ିକୁ ଚାର୍ଜିଂ କରିବା ପାଇଁ ଯେଉଁ ପରିମାଣର ବିଦ୍ୟୁତ୍ ସଂଯୋଗ ଆବଶ୍ୟକ, ତାହା ଅନେକଙ୍କ ଘରେ କରାଯାଇପାରୁନାହିଁ। ପଶ୍ଚିମ ଏସିଆରେ ଯୁଦ୍ଧ ସ୍ଥିତି ଯୋଗୁଁ ତୈଳ ସଙ୍କଟ ଦେଖାଦେଇଥିବା ବେଳେ ଖୋଦ୍ ପ୍ରଧାନମନ୍ତ୍ରୀ କମ୍ ଇନ୍ଧନ ବ୍ୟବହାର ସହ ଇଭି ଆପଣେଇବା ପାଇଁ ଆହ୍ୱାନ ଦେଇଥିଲେ। ସେହିଭଳି ଇଭି ଯାନ ପାଇଁ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ରାଶି ସହ ପଞ୍ଜିକରଣ ଓ ସଡ଼କ ଟିକସ ଛାଡ଼ ଥିବା ଓ ପ୍ରଦୂଷଣ ପରୀକ୍ଷଣ ଝାମେଲା ନ ଥିବାରୁ ଅନେକ ଏବେ ଇଭିମୁହାଁ ହୋଇଛନ୍ତି। ଓଡ଼ିଶାରେ ଇଭିର ଚାହିଦା ଏଭଳି ବଢ଼ିଛି ଯେ ଗୋଟିଏ ଦୁଇଚକିଆ ଇଭି ଯାନ ପାଇଁ ଅଗ୍ରୀମ ପଇଠ କଲେ ତାହା ମାସେ କିମ୍ବା ଦେଢ଼ମାସ ପରେ ମିଳୁଛି। (ତଥ୍ୟ)

# ଧାମନଗର-ଫଳପୁର ରାସ୍ତା ଅବସ୍ଥା ଶୋଚନୀୟ

## ଅର୍ଥ ମଞ୍ଜୁର ପରେ ବି କାମ ଶୂନ, ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

**ଧାମନଗର,୧୦।୭ (ସଂଚାର ବ୍ୟୁରୋ):** 'ବିକାଶର ଧାରା ଓଡ଼ିଶା ସାରା' - ରାଜ୍ୟ ସରକାରଙ୍କ ଏହି ଡିଣ୍ଡିମ ପିଟା ନାରା ଯେମିତି ଧାମନଗର-ଫଳପୁର ରାସ୍ତାରେ ଆସି ସମ୍ପୂର୍ଣ୍ଣ ଅଟକି ଯାଇଛି। ଦୀର୍ଘ ୨୨ ବର୍ଷଧରି ଏହି ରାସ୍ତା ନିର୍ମାଣ ଅଧପାନ୍ତରିଆ ହୋଇପଡ଼ିଛି। ବର୍ତ୍ତମାନ ୭ କିଲୋମିଟର ଦୈର୍ଘ୍ୟର ଏହି ସମ୍ପୂର୍ଣ୍ଣ ରାସ୍ତାର ଅବସ୍ଥା ଦିନକୁ ଦିନ ଅତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ମରାମତି ଅଭାବରୁ ରାସ୍ତାରେ ୭୦ରୁ ଅଧିକ ଗାତ ସୃଷ୍ଟି ହୋଇଛି।



ଧାମନଗର ବଜାର ଠାରୁ ଫଳପୁର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ରାସ୍ତା ଫାଟି ଖଣ୍ଡ ଖଣ୍ଡ କଂକ୍ରିଟ ବିଛାଡ଼ି ହୋଇ ପଡ଼ିଥିବା ବେଳେ ବର୍ଷା ପାଣି ଜମି ରହିବା ଯୋଗୁଁ ଅନେକ ସ୍ଥାନରେ ପିଚୁ ଉଠି ବେହାଲ ହୋଇପଡ଼ିଛି। ଚାରିଚକିଆ ଯାନ ଯିବା ତ ଦୂରର କଥା, ବାଇକରେ ଏହି ୭ କିମି ରାସ୍ତା ପାର ହେବାକୁ ଅଧଘଣ୍ଟାରୁ ଅଧିକ ସମୟ ଲାଗୁଛି। ଏହି ସମସ୍ୟା ଦୀର୍ଘ ବର୍ଷର ପୁରୁଣା।

୨୦୦୪ ମସିହାରେ ଏହାକୁ ପକ୍କା ସଡ଼କ କରାଯାଇଥିଲେ ବି ବନ୍ୟା ଓ ଭାରି ଯାନ ଚଳାଚଳ ଯୋଗୁଁ ଏହା ପ୍ରତିବର୍ଷ ନଷ୍ଟ ହେଉଛି। କରଦା, ପଧାନି, ଦଳାଙ୍ଗ, ଅର୍ଜ୍ଜୁନପୁର, ଭଞ୍ଜସାହି ଓ ନଦୀଗାଁ ପଞ୍ଚାୟତର ପ୍ରାୟ ୩୦ ହଜାରରୁ ଅଧିକ ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ିଟିଏ ଯିବା ସମ୍ଭବ ହେଉନାହିଁ।

ପୂର୍ବରୁ ୨୦୨୦ ଫେବ୍ରୁଆରି ବଜେଟ୍ ଅଧିବେଶନରେ ଦିବଙ୍ଗତ ବିଧାୟକ ବିଷ୍ଣୁ ଚରଣ ସେଠୀ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇବା ପରେ ମରାମତି ପାଇଁ ୧ କୋଟି ଟଙ୍କା ମଞ୍ଜୁର ହୋଇଥିଲା, ହେଲେ ଅତି ନିମ୍ନମାନର କାମ ଯୋଗୁଁ ତାହା ବର୍ଷକରେ ଉଭେଇ ଯାଇଥିଲା। ଗତବର୍ଷ ଅର୍ଥାତ ୨୦୨୫ ଜୁନ୍ ୧୫ରେ ପୂର୍ତ୍ତ ବିଭାଗ ପକ୍ଷରୁ ୨୯ କୋଟି ଟଙ୍କା ମଞ୍ଜୁର ହୋଇଥିବା ସୂଚନା ମିଳିଥିଲା। ହେଲେ ଆଜିବି ଡିପିଆର ଓ ଟେଣ୍ଡର ନାଁରେ କାମ ଶୂନ।

ବିଷ୍ଣୁ ସେଠୀଙ୍କ ପରେ ତାଙ୍କ ପୁଅ ତଥା ବର୍ତ୍ତମାନର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଇ ଟେଣ୍ଡର ପ୍ରକ୍ରିୟା ଆଗେଇଥିଲେ। ଗତ ୨୦୨୬ ଫେବ୍ରୁଆରି ୧୦ରେ ହସନାବାଦ କଲ୍ୟାଣ ମଣ୍ଡପ ଅଭିଯୋଗ ଶୁଣାଣି ସମୟରେ ଲୋକଙ୍କ ଦାବିକୁ ଗୁରୁତ୍ୱ ଦେଇ ପ୍ରଶାସନକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ୪ଟି ବକ୍ସେଲ କଲଭର୍ଟ ସହ ରାସ୍ତା ନିର୍ମାଣ ପାଇଁ ଗତ ମେ ୨୭ରେ ସମୀକ୍ଷା ମଧ୍ୟ କରିଥିଲେ।

ତେବେ ପ୍ରଶ୍ନ ଉଠୁଛି, ପ୍ରଶାସନିକ ଶିଥିଳତାରେ ଜନସାଧାରଣଙ୍କୁ ଆଉ କେତେ ଦିନ ହନ୍ତସନ୍ତ ହେବାକୁ ପଡ଼ିବ? କାଗଜପତ୍ରରେ ବିକାଶର ଗଙ୍ଗା ବହୁଥିବା ବେଳେ ବାସ୍ତବରେ ଜନତା କାଦୁଅ-ଖାଲରେ ସନ୍ତୁଳି ହେଉଛନ୍ତି। ସରକାରଙ୍କ ଏଭଳି ପ୍ରତାରଣାପୂର୍ଣ୍ଣ ଆଭିମୁଖ୍ୟକୁ ଅଞ୍ଚଳବାସୀ ତୀବ୍ର ସମାଲୋଚନା କରିବା ସହ ତୁରନ୍ତ ସ୍ଥାୟୀ ପ୍ରତିକାର ପାଇଁ ଦାବି କରିଛନ୍ତି।

# ବିଧାୟିକାଙ୍କ ହାତ ପାଣ୍ଠିରୁ ଭିନ୍ନକ୍ଷମଙ୍କୁ ବ୍ୟାଟେରୀ ଚାଳିତ ସାଇକେଲ ପ୍ରଦାନ



**ବାଲିଆପାଳ,୧୦।୭ (ସଂଚାର ବ୍ୟୁରୋ):** ବସ୍ତା ବିଧାୟିକା ସୁବାସିନୀ ଜେନା ଆଜି ତାଙ୍କ ଲଙ୍ଗଳେଶ୍ୱର ସ୍ଥିତ ବାସଭବନରେ ଦୁଇ ବର୍ଷ ପୂର୍ତ୍ତି ସମାରୋହ ପାଳନ କରିଛନ୍ତି। ଏହି ଅବସରରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ବସ୍ତା ଏବଂ ବାଲିଆପାଳ ବ୍ଲକର ୪୨ ଜଣ ଭିନ୍ନକ୍ଷମଙ୍କୁ ବିଧାୟିକା ନିଜ ହାତପାଣ୍ଠିରୁ ବ୍ୟାଟେରୀ ଚାଳିତ ତିନିଚକିଆ ସାଇକେଲ ପ୍ରଦାନ କରିଛନ୍ତି। ବାଲିଆପାଳ ବ୍ଲକର ୩୧ଜଣ ଭିନ୍ନକ୍ଷମଙ୍କୁ ବ୍ୟାଟେରୀ ଚାଳିତ ତିନିଚକିଆ ସାଇକେଲ ଯୋଗାଇ ଦେଇଥିବା ବେଳେ ବସ୍ତା ବ୍ଲକର ୧୧ଜଣ ଭିନ୍ନକ୍ଷମଙ୍କୁ ବ୍ୟାଟେରୀ ଚାଳିତ ତିନିଚକିଆ ସାଇକେଲ ପ୍ରଦାନ କରିଛନ୍ତି। ଏହି ଅବସରରେ ବିଧାୟିକା ଜେନା କହିଥିଲେ ଯେ ବିଗତ ଦିନରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ତାଙ୍କ କାର୍ଯ୍ୟକାଳରେ ଏହିପରି ଭିନ୍ନକ୍ଷମ ମାନଙ୍କୁ ବ୍ୟାଟେରୀ ଚାଳିତ ତିନିଚକିଆ ସାଇକେଲ ପ୍ରଦାନ କରିଥିଲେ। ତେଣୁ ସେ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଏହି ସେବା କାର୍ଯ୍ୟ ଆରମ୍ଭ କରିଛନ୍ତି ବୋଲି କହିଥିଲେ । ଏହି ଅବସରରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାଶ, ବସ୍ତା ବିଡିଓ ମିହିର ରଞ୍ଜନ ବେହେରା, ବସ୍ତା ପଞ୍ଚାୟତ ସମିତିର ଅଧ୍ୟକ୍ଷା ଅଞ୍ଜଳି ଦାସ, ସଦର ପଞ୍ଚାୟତ ସମିତିର ଅଧ୍ୟକ୍ଷା ସୁନୀତା ବେହେରାଙ୍କ ସମେତ ଦୁଇ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ଏବଂ ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

### ରଥଯାତ୍ରା-୨୦୨୬ ପାଇଁ ପୁରୀ ପୁଲିସର ପ୍ରସ୍ତୁତି

# 'ପୁଲିସ ବ୍ୟବସ୍ଥା' ପୁସ୍ତିକା ମା' ଦକ୍ଷିଣକାଳୀଙ୍କ ଚରଣରେ ସମର୍ପିତ




**ସତ୍ୟବାଦୀ,୧୦।୭ (ସଂଚାର ବ୍ୟୁରୋ):** ଆଗାମୀ ପବିତ୍ର ରଥଯାତ୍ରା- ୨୦୨୬ର ସୁରକ୍ଷିତ ଓ ସୂଚାରୁ ପରିଚାଳନା ଲକ୍ଷ୍ୟରେ ପୁରୀ ପୁଲିସ ପକ୍ଷରୁ ପ୍ରସ୍ତୁତ 'ପୁଲିସ ବ୍ୟବସ୍ଥା' ପୁସ୍ତିକାକୁ ଶୁକ୍ରବାର ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ବିରୋଗବିନ୍ଦପୁର ସ୍ଥିତ ମା' ଦକ୍ଷିଣ କାଳୀଙ୍କ ଚରଣରେ ସମର୍ପଣ କରି ଆଶୀର୍ବାଦ ପ୍ରାର୍ଥନା କରିଥିଲେ। ମା'ଙ୍କ ମନ୍ଦିରରେ ବିଧିବଦ୍ଧ ପୂଜାର୍ଚ୍ଚନା ପରେ ଏହି ପୁସ୍ତିକା ସମର୍ପଣ କରାଯାଇଥିଲା। ରଥଯାତ୍ରା ସମୟରେ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମକୁ ଦୃଷ୍ଟିରେ ରଖି ସୁରକ୍ଷା ବଳର ମୁତୟନ, ଯାତାୟାତ ନିୟନ୍ତ୍ରଣ, ଜରୁରୀକାଳୀନ ସେବା, ଭିଡ଼ ପରିଚାଳନା ଏବଂ ସାଧାରଣ ଲୋକଙ୍କ ପାଇଁ ଆବଶ୍ୟକ ପରାମର୍ଶ ଓ ନିର୍ଦ୍ଦେଶାବଳୀକୁ ଏହି ପୁସ୍ତିକାରେ ସ୍ଥାନ ଦିଆଯାଇଛି। ଏହି ଅବସରରେ ସତ୍ୟବାଦୀ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ମହାଲିକଙ୍କ ସମେତ ପୁରୀ ପୋଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ରଥଯାତ୍ରା- ୨୦୨୬କୁ ନିରାପଦ, ଶୃଙ୍ଖଳିତ ଓ ସଫଳ କରିବା ପାଇଁ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ସହ ଭକ୍ତ, ସେବାୟତ ଏବଂ ସାଧାରଣ ଜନତାଙ୍କ ସକ୍ରିୟ ସହଯୋଗ କାମନା କରିଛି।

# ପାଣି ପାଇଁ ଗରା, ବାଲଟି ଧରି ରାସ୍ତାରେ ବସିଲେ ଗ୍ରାମବାସୀ

**ହିଞ୍ଜିଳିକାଟୁ,୧୦।୭ (ସଂଚାର ବ୍ୟୁରୋ):** ପାଣି ପାଇଁ ରାସ୍ତାରୋକ । ଗରା, ବାଲଟି ଧରି ରାଜରାସ୍ତାରେ ଶତାଧିକ ଗ୍ରାମବାସୀ । ଏହି ଘଟଣା ଦେଖିବାକୁ ମିଳିଛି ଗଂଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ପୁଟିଆପଦର ପଞ୍ଚାୟତ ବାଳକୃଷ୍ଣପୁର ଗ୍ରାମରେ।



ଦୀର୍ଘ ଦିନ ଧରି ଉକ୍ତ ଗ୍ରାମର ୧୨ ଓ ୧୩ ନମ୍ବର ୱାର୍ଡରେ ପାଣି ଅଭାବରେ ହନ୍ତସନ୍ତ ହେଉଥିଲେ ଅଞ୍ଚଳବାସୀ। ବାରମ୍ବାର ପ୍ରଶାସନ ଓ ସମ୍ପୃକ୍ତ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ। ଶେଷରେ ଏହାର ପ୍ରତିବାଦ କରି ରାଜପଥରେ ବାଲଟି, ଗରା ଧରି ବସି ରାସ୍ତାରୋକ କରିବା ସହ ପ୍ରଶାସନ ବିରୋଧରେ ଅସନ୍ତୋଷ ପ୍ରକାଶ କରିଛନ୍ତି ଶତାଧିକ ଗ୍ରାମବାସୀ। ଫଳରେ ଏହି ରାସ୍ତା ଦେଇ ଯିବାଆସିବା କରୁଥିବା ଶହ ଶହ ଯାନ ବାହାନ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହାର ସମାଧାନ ନହେଲେ ରାଜରାସ୍ତାରୁ ଉଠିବେନି ବୋଲି ଗ୍ରାମବାସୀ ଚେତାବନୀ ଦେଇଥିଲେ।

ଖବର ପାଇ ବେଲଗାଁ ଥାନାଧିକାରୀ ସ୍ମିତାଞ୍ଜଳି ପ୍ରଧାନ, ଆରଡବ୍ଲୁଏସଏସର କନିଷ୍ଠ ଯନ୍ତ୍ରୀ ଓ ସରପଞ୍ଚ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନ ପକ୍ଷରୁ ଆଗାମୀ ତିନି ଦିନ ମଧ୍ୟରେ ସ୍ଥାୟୀ ଭାବେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାସହ ସେପର୍ଯ୍ୟନ୍ତ ପାଣି ଟ୍ୟାଙ୍କର ମାଧ୍ୟମରେ ଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା।

ତେବେ ପାଣି ଭଳି ମୌଳିକ ସୁବିଧା ପାଇଁ ଲୋକଙ୍କୁ ରାସ୍ତାକୁ ଓହ୍ଲାଇବାକୁ ପଡୁଥିବାରୁ ସ୍ଥାନୀୟ ଅଞ୍ଚଳରେ ପ୍ରଶାସନର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠିଛି ।

# କଳାହାଣ୍ଡି ଗସ୍ତରେ ବିଜେପି ରାଜ୍ୟ ସଭାପତି



**କଳାହାଣ୍ଡି,୧୦।୭ (ସଂଚାର ବ୍ୟୁରୋ):** ବିଜେପି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କଳାହାଣ୍ଡି ଗସ୍ତରେ ଆସି ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଭବାନୀପାଟଣାରେ ପହଞ୍ଚିବା ପରେ ରେଳୱେ ଛକଠାରେ ଦଳର ନେତା ଓ କର୍ମୀମାନେ ଭବ୍ୟ ସ୍ୱାଗତ କରିଥିଲେ। ବିଶେଷ ଜନସମ୍ପର୍କ କାର୍ଯ୍ୟକ୍ରମ ଅବସରରେ ସେ ଅବସରପ୍ରାପ୍ତ ଜଜ୍ ଦେବେନ୍ଦ୍ର କୁମାର ପ୍ରଧାନ ଏବଂ ବରିଷ୍ଠ ସାମ୍ବାଦିକ ଉମାଶଙ୍କର କରଙ୍କୁ ସାକ୍ଷାତ କରି ମୋଦୀ ସରକାରଙ୍କ ୧୨ ବର୍ଷ ଓ ଓଡ଼ିଶାରେ ୨ ବର୍ଷ ପୂର୍ତ୍ତିରେ ଜନକଲ୍ୟାଣ କାର୍ଯ୍ୟକୁ ନେଇ ସୌଜନ୍ୟମୂଳକ ଆଲୋଚନା କରିଥିଲେ। ପରେ ପୁରୁଣାପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ, ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୫ ତମ ଜନ୍ମ ଜୟନ୍ତୀ: ଅବସରରେ ସ୍ମୃତି ପକ୍ଷ ପାଳନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ଗସ୍ତ ଅବସରରେ ସେ ଦଳୀୟ ନେତା ଓ କର୍ମୀମାନଙ୍କ ସହ ସାଙ୍ଗଠାନିକ ବୈଠକ କରି ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ସଂଗଠନକୁ ତୃଣମୂଳ ସ୍ତରରେ ଅଧିକ ସୁଦୃଢ଼ କରିବା ସହ ଜନସାଧାରଣଙ୍କ ନିକଟରେ ସରକାରଙ୍କ ଜନକଲ୍ୟାଣ, ବିକାଶମୂଳକ କାର୍ଯ୍ୟ ପହଞ୍ଚାଇବାକୁ ଆହ୍ୱାନ କରିଥିଲେ।

# ଆଉଟ୍‌ସୋର୍ସିଂ କମ୍ପାନୀ ଦ୍ୱାରା କର୍ମଚାରୀଙ୍କୁ ଶୋଷଣ ଅଭିଯୋଗ

**ମାଲକାନଗିରି,୧୦।୭ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲାରେ ଆଉଟ୍ ସୋର୍ସିଂ କମ୍ପାନୀ ମାନଙ୍କ ଦ୍ୱାରା ବିଭିନ୍ନ ସରକାରୀ ସଂସ୍ଥାରେ ନିଯୁକ୍ତି ପାଇଥିବା କର୍ମଚାରୀମାନେ ଶୋଷଣର ଶିକାର ହେଉଥିବା ନେଇ ଅଭିଯୋଗ କରିଛନ୍ତି। ଯଥା: ନିଯୁକ୍ତି ପତ୍ର ପ୍ରଦାନ ସମୟରେ ଲାଞ୍ଚ ମାଗିବା, ନିଯୁକ୍ତି ପତ୍ରରେ ଉଲ୍ଲେଖ ଥିବା ଦରମା ଠାରୁ କମ୍ ଟଙ୍କା ପ୍ରଦାନ କରିବା ଏବଂ ଅନିୟମିତ ଭାବରେ ଦରମା ପ୍ରଦାନ କରିବା, ଇପିଏଫ ଟଙ୍କା ଠିକ୍ ଭାବରେ ପଇଠ ନ କରିବା ଇତ୍ୟାଦି ବିଷୟରେ ଅଧିକାଂଶ ବିଭାଗର କର୍ମଚାରୀ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି । ଠିକ୍ ସମୟରେ ଦରମା ନ ଦେବା ଏବଂ ନିର୍ଦ୍ଧାରିତ ଦରମା ଠାରୁ କମ୍ ଦରମା ଦିଆଯାଉଥିବାରୁ ପରିବାର ଚଳାଇବା କଷ୍ଟକର ହେଉଛି ଏବଂ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି ।




ଏହି ପରିପ୍ରେକ୍ଷୀରେ ଆଜି ନୂଆଦିଲ୍ଲୀ ସ୍ଥିତ ଏଲଟିସି କମାର୍ସିଆଲ କମ୍ପାନୀ ଦ୍ୱାରା ନିଯୁକ୍ତି ପାଇଥିବା ମାଲକାନଗିରି ମୃତ୍ତିକା ପରୀକ୍ଷା ଗବେଷଣାଗାରର କର୍ମଚାରୀମାନେ, ଆଜି ମାଲକାନଗିରି ବିଧାୟକ ନରସିଂହ ମାଡ଼କାଙ୍କୁ ଭେଟି ଆଉଟ୍ ସୋର୍ସିଂ କମ୍ପାନୀର ଏହି ଶୋଷଣ ବିରୁଦ୍ଧରେ ଅଭିଯୋଗ ଜଣାଇଛନ୍ତି ଏବଂ ଏହାର ସମାଧାନ ପାଇଁ ଗୋଟିଏ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ବିଧାୟକ ଶ୍ରୀ ମାଡ଼କାମି ଏହାର ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି କର୍ମଚାରୀ ମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ଏନଟିପିସି ଦର୍ଲିପାଲି ପାଇଁ ସୁନ୍ଦରଗଡ଼ ସାଂସଦଙ୍କ ପ୍ରତିନିଧି ଭାବେ ସୁଶୀଲ ବାଗ ନିଯୁକ୍ତ

**ସୁନ୍ଦରଗଡ଼,୧୦।୭ (ସଂଚାର ବ୍ୟୁରୋ):** ଜୁଲାଇ ୧୦ ତାରିଖ ଶୁକ୍ରବାର ଦିନ ଏନଟିପିସି ଦର୍ଲିପାଲି ପାଇଁ ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମଙ୍କ ପ୍ରତିନିଧି ଭାବେ ନିଯୁକ୍ତି ପତ୍ର ସୁଶୀଲ ବାଗଙ୍କୁ ମିଳିବା ପରେ ତାଙ୍କ ସମର୍ଥକଙ୍କ ମହଲରେ ଖୁସିର ଲହରି ଖେଳିଛି। ଆଦିବାସୀ ହୋଇଥିବାରୁ ସେ ଆଦିବାସୀଙ୍କ ସମସ୍ୟା ବିକ୍ଷିପ୍ତ ଭାବେ ଉପସ୍ଥାପନ କରିପାରିବେ ଓ ଅଞ୍ଚଳବାସୀଙ୍କୁ ଉପଯୁକ୍ତ ନ୍ୟାୟ ଓ ସମ୍ମାନ ଦେଇ ପାରିବେ ବୋଲି ସେମାନ ଚର୍ଚ୍ଚା କରୁଛନ୍ତି। ତେବେ ସୁଶୀଲଙ୍କୁ ମାନ୍ୟବର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଏହି ନିଯୁକ୍ତ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ, ଶାସ୍ତ୍ରୀ ଭବନରୁ ତାଙ୍କୁ ଏହି ନିଯୁକ୍ତି ପତ୍ର ମିଳିଛି। ସେ ଜୁଏଲଙ୍କ ପ୍ରତିନିଧି ଭାବେ ଏନଟିପିସି ଦର୍ଲିପାଲିର ସମସ୍ତ ମିଟିଂରେ ଯୋଗ ଦେବା ସହ ପ୍ରସ୍ତାବ ଆଗତ କରିପାରିବେ ବୋଲି ସ୍ପଷ୍ଟ ଭାବେ ଜିଲ୍ଲାପାଳ ଓ ଜେନେରାଲ ମ୍ୟାନେଜର ଏନଟିପିସିଙ୍କୁ ସୂଚିତ କରାଯାଇଛି।



# ଗଞ୍ଜାମ ମହାବିଦ୍ୟାଳୟରେ ବନ ମହୋତ୍ସବ




**ଛତ୍ରପୁର,୧୦।୭ (ସଂଚାର ବ୍ୟୁରୋ):** ଗଞ୍ଜାମ ମହାବିଦ୍ୟାଳୟରେ ଅଧ୍ୟକ୍ଷା ସ୍ମରଣିକା ହୋତାଙ୍କ ତତ୍ତ୍ୱାବଧାନରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ବନ ବିଭାଗର ସହଯୋଗ ଏବଂ ଜାତୀୟ ସେବା ଯୋଜନା (ଏନଏସଏସ) କାର୍ଯ୍ୟକ୍ରମ ଅଧିକାରୀ ଡ଼. ସୁଶାନ୍ତ କୁମାର ସେଠୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜ ପରିସରରେ ୧୦୦ଟି ବିଭିନ୍ନ ପ୍ରଜାତିର ଚାରାରୋପଣ କରାଯାଇଥିଲା। ଏହା ମାଧ୍ୟମରେ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଏବଂ ସବୁଜ ପରିବେଶ ସୃଷ୍ଟିର ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ, ଏନଏସଏସ ଓ ଏନସିସି ସ୍ୱେଚ୍ଛାସେବୀଙ୍କ ସହ ବହୁ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଶ୍ରୀଧର ବଡ଼େଇ, ଅରୁନ୍ଧତୀ ସିଂ, ଖୁସବୁ ନାଜ, ଦୁର୍ଗା ପ୍ରସାଦ ଦାସ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ରହି ଚାରାରୋପଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ୩୩ ପ୍ରତିଶତ କମ୍ ଦରରେ ଟେଣ୍ଡରକୁ ନେଇ ବଢୁଛି ବିବାଦ

## ଗୁଣବତ୍ତା, ପରିମାଣ ଓ ସ୍ଥାୟିତ୍ୱକୁ ନେଇ ଉଠିଲା ପ୍ରଶ୍ନ

**ଖୋର୍ଦ୍ଧା,୧୦।୭ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲାର ବୋଲଗଡ଼ ଓ ବେଗୁନିଆ ବ୍ଲକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ହେବାକୁ ଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟାକୁ ନେଇ ବର୍ତ୍ତମାନ ବ୍ୟାପକ ଚର୍ଚ୍ଚା ସୃଷ୍ଟି ହୋଇଛି। ସରକାରୀ ଆକଳନ ମୂଲ୍ୟଠାରୁ ପ୍ରାୟ ୩୩ ପ୍ରତିଶତ କମ୍ ଦରରେ କେତେକ କାର୍ଯ୍ୟ ପାଇଁ ଟେଣ୍ଡର ଚୂଡ଼ାନ୍ତ ହୋଇଥିବା ସୂଚନା ପରେ ନିର୍ମାଣ କାର୍ଯ୍ୟର ଗୁଣବତ୍ତା, ପରିମାଣତ୍ମକ ମାନ, ସ୍ଥାୟୀତ୍ୱ ଏବଂ ସରକାରୀ ଅର୍ଥର ସଠିକ୍ ବ୍ୟବହାରକୁ ନେଇ ସାଧାରଣରେ ଗୁରୁତର ପ୍ରଶ୍ନ ଉଠିଛି। ଏହାକୁ କେନ୍ଦ୍ର କରି ସ୍ଥାନୀୟ ଠିକାଦାର ସଂଘ, ବୁଦ୍ଧିଜୀବୀ, ସାମାଜିକ ସଂଗଠନ ଓ ଜନ ପ୍ରତିନିଧିଙ୍କ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ବୋଲଗଡ଼ ଓ ବେଗୁନିଆ ବ୍ଲକକୁ ଜିଲ୍ଲାର ଅପେକ୍ଷାକୃତ ପଛୁଆ ଅଞ୍ଚଳ ଭାବେ ଧରାଯାଏ। ଏଠାରେ ରାସ୍ତା, କୋଠାଘର, କଲଭର୍ଟ, ପାନୀୟଜଳ, ସମୁଦାୟ କେନ୍ଦ୍ର ଓ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶ ପ୍ରକଳ୍ପ ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। କିନ୍ତୁ ସରକାରୀ ଆକଳନ ଠାରୁ ଏତେ ବଡ଼ ପରିମାଣରେ କମ୍ ଦରରେ କାର୍ଯ୍ୟ କରିବା ପାଇଁ ଟେଣ୍ଡର ନେଇଥିବା ଠିକାଦାରମାନେ ପ୍ରକୃତରେ ନିର୍ଦ୍ଧାରିତ ଗୁଣବତ୍ତା ରକ୍ଷା କରିପାରିବେ କି ନାହିଁ, ତାହା ଏବେ ପ୍ରମୁଖ ପ୍ରଶ୍ନ ହୋଇ ଉଭା ହୋଇଛି। ଅନ୍ୟପକ୍ଷରେ, ବିଭାଗୀୟ ଯନ୍ତ୍ରୀ ଓ ତଦାରଖକାରୀ ଅଧିକାରୀଙ୍କ ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି।




ଏହି ଘଟଣାକୁ ନେଇ ସ୍ଥାନୀୟ ଠିକାଦାର ସଂଘର କେତେକ ସଦସ୍ୟଙ୍କ ଅଭିଯୋଗ ହେଉଛି, ଅତ୍ୟଧିକ କମ୍ ଦରରେ ଟେଣ୍ଡର ହେବା ଫଳରେ ସ୍ଥାନୀୟ ଲାଇସେନ୍ସପ୍ରାପ୍ତ ଠିକାଦାରମାନେ ପ୍ରତିଯୋଗିତାରୁ ବାଦ୍ ପଡୁଛନ୍ତି। ଫଳରେ ସ୍ଥାନୀୟ ଯୁବକଙ୍କ ରୋଜଗାର ସୁଯୋଗ ହ୍ରାସ ପାଉଥିବାବେଳେ ବାହାର ଅଞ୍ଚଳର ଠିକାଦାରମାନେ କାମ ପାଇ ଚାଲିଯାଉଛନ୍ତି। ଏହାର ପ୍ରଭାବ ସ୍ଥାନୀୟ ଅର୍ଥନୀତି ଉପରେ ମଧ୍ୟ ପଡୁଥିବା ସେମାନେ ଅଭିଯୋଗ କରିଛନ୍ତି। ବିଶେଷଜ୍ଞଙ୍କ ମତରେ, ସରକାରୀ ଟେଣ୍ଡରରେ କମ୍ ଦର ଦେବା ନିଜେ ଅନିୟମିତତା ନୁହେଁ। କିନ୍ତୁ ଅସ୍ୱାଭାବିକ ଭାବେ କମ୍ ଦର ହେଲେ ତାହାର ବ୍ୟବହାରିକତା, ଆର୍ଥିକ ସମ୍ଭାବ୍ୟତା ଓ ଗୁଣବତ୍ତା ରକ୍ଷାର କ୍ଷମତାକୁ ଗୁରୁତ୍ୱ ସହ ବିଚାର କରିବା ଆବଶ୍ୟକ। ନଚେତ୍ ନିର୍ମାଣ କାର୍ଯ୍ୟ ସ୍ୱଳ୍ପ ସମୟ ମଧ୍ୟରେ କ୍ଷତିଗ୍ରସ୍ତ ହେବା ସହ ସରକାରୀ ଅର୍ଥର ଅପଚୟ ଘଟିପାରେ।

ଏପରିସ୍ଥିତିରେ ସମ୍ପୃକ୍ତ ଟେଣ୍ଡରଗୁଡ଼ିକର ସ୍ୱଚ୍ଛ ଓ ନିରପେକ୍ଷ କରିବା, ନିୟମ ପାଳନର ସମସ୍ତ ଦଲିଲ ସାର୍ବଜନୀନ, ଗୁଣବତ୍ତା ସୁନିଶ୍ଚିତ ପାଇଁ ସ୍ୱାଧୀନ ବୈଷୟିକ ଯାଞ୍ଚ ଏବଂ ପୁନର୍ବାର ଟେଣ୍ଡର ଆହ୍ୱାନ କରିବାକୁ ଦାବି ହେଉଛି।

### ଖଣି ଅଞ୍ଚଳରେ ଶିକ୍ଷାର ବିକଳ ଚିତ୍ର

# ସମସ୍ୟା ଘେରରେ ବଲବସପୁର ପ୍ରାଥମିକ ବିଦ୍ୟାଳୟ

### ବିଦ୍ୟାଳୟ ଅଫିସ ପାଲଟିଛି ଶ୍ରେଣୀଗୃହ

### ଗୋଟିଏ କୋଠରୀ ଓ ବାରଣ୍ଡାରେ ବସୁଛନ୍ତି ୬ ଶ୍ରେଣୀର ଛାତ୍ରଛାତ୍ରୀ

**ସୁନ୍ଦରଗଡ଼,୧୦।୭ (ସଂଚାର ବ୍ୟୁରୋ):** ହେମଗିର ବ୍ଲକ ବିଭିନ୍ନ କମ୍ପାନୀ ଓ ଖଣି ଖାଦାନରେ ପରିପୂର୍ଣ୍ଣ, ଦେଶର ବିକାଶରେ ବଡ ଭୂମିକା ରହିଛି, କିନ୍ତୁ ହେମଗିର ମାନଚିତ୍ରରେ ବିକାଶ କୁଆଡେ ହଜି ଯାଇଛି। ହେମଗିର ବ୍ଲକ ବଲବସପୁର ଗ୍ରାମରୁ ଏଭଳି ଏକ ଚିତ୍ର ସାମ୍ନାକୁ ଆସିଛି। ଯେଉଁଠି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶୋଚନୀୟ ଅବସ୍ଥାରେ ଚାଲିଛି ପାଠପଢ଼ା।



ବିଦ୍ୟାଳୟର ଅଫିସ କୋଠରୀରେ ବାଲ ବଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୬ଟି ଶ୍ରେଣୀର ୩୮ ଜଣ ଛାତ୍ରଛାତ୍ରୀଙ୍କୁ କୋଠରୀ ଭିତର ଓ ବାହାର ବରଣ୍ଡାରେ ବସାଇ ପାଠ ପଢ଼ାଇବାରେ ବାଧ୍ୟ ହେଉଛନ୍ତି ଶିକ୍ଷକ। ଫଳରେ ବର୍ଷା ହେଲେ ପାଠପଢ଼ା ବନ୍ଦ ହୋଇଯାଏ। ସ୍କୁଲ ଶ୍ରେଣୀଗୃହ ଗୁଡିକରେ ବର୍ଷା ଦିନରେ ପାଣି ଝରୁଛି, କାନ୍ଥ ଓ ଛାତ ଭୁସୁଡିବାରେ ଲାଗିଛି। ଫଳରେ ଶ୍ରେଣୀଗୃହ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଯୋଗୁ ସେଠି ପାଠପଢ଼ା ସମ୍ଭବପର ହୋଇପାରୁ ନାହିଁ। ନୂଆ କୋଠାରୀ ତିଆରି ପାଇଁ ସ୍କୁଲ କର୍ତ୍ତୃପକ୍ଷ ବାରମ୍ବାର ପ୍ରଶାସନ, ଶିକ୍ଷା ବିଭାଗ, ଜନପ୍ରତିନିଧିଙ୍କ ଦ୍ୱାରସ୍ଥ ହେବା ସତ୍ତ୍ୱେ ଏ ଦିଗରେ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହେଉଛି।

ଖଣି ଖାଦାନ ଭରା ଏହି ଅଞ୍ଚଳରେ ବିଭିନ୍ନ ପାଣ୍ଠିରେ କୋଟି କୋଟି ଟଙ୍କା ପଡିରହିଥିବା ବେଳେ ଛୋଟ ଛୋଟ ପିଲାଙ୍କ ଭବିଷ୍ୟତ ନିର୍ମାଣ ପାଇଁ କହିଁକି ଏ ଟଙ୍କା ବ୍ୟବହାର କରାଯାଉନାହିଁ ବୋଲି ପ୍ରଶ୍ନ ଉଠୁଛି।

# ବାଲିଅନ୍ତା ଯୋଗାଣ ସହାୟକ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

**ବାଲିଅନ୍ତା,୧୦।୭ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ଯୋଗାଣ ସହାୟକ ସ୍ଥାୟୀ ନିଯୁକ୍ତି ଦାବି ନେଇ ଆଜି ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି । ବାଲିଅନ୍ତା ଯୋଗାଣ ସହାୟକ ସଂଘ ଆଜି ସମିତି କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲେ । ସେଠାରେ ପ୍ରତିବାଦ କରିବା ସହ ବିଡ଼ିଓ ରଶ୍ମିତା ନାଥଙ୍କୁ ପ୍ରକୋଷ୍ଠରେ ଏସମ୍ପର୍କିତ ଦାବିପତ୍ର ପ୍ରଦାନ କରିଥିଲେ।



ଦାବି ପୂରଣ ନହେବା ଯାଏ ବ୍ଲକ ପ୍ରଶାସନର କୌଣସି ଜନକଲ୍ୟାଣ କାର୍ଯ୍ୟରେ ସାମିଲ ହେବା ପରିବର୍ତ୍ତେ ଆନ୍ଦୋଳନ ଜାରି ରଖିବେ ବୋଲି ବିଡ଼ିଓଙ୍କ ସହ ଆଲୋଚନା କରିଥିଲେ । ୨୦୧୨ ମସିହା ଠାରୁ ଯୋଗାଣ ସହାୟକମାନେ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ମିଳିନାହିଁ । ସରକାର ଯୋଗାଣ ସହାୟକଙ୍କ ଦାବି ପୂରଣ ଦିଗରେ ଯଦି ତୁରନ୍ତ ପଦକ୍ଷେପ ଗ୍ରହଣ ନକରନ୍ତି, ତାହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନ ଜାରି ରହିବ ବୋଲି ସଂଘ କହିଛି।

# ଉପକୂଳରେ ଶୁଦ୍ଧ ପାନୀୟ ଜଳ ପ୍ରସଙ୍ଗ ସଂକ୍ରାନ୍ତ ପୋଷ୍ଟ ଭାଇରାଲ

### କାକଟପୁର ବିଧାୟକଙ୍କୁ ନିଶାନା କଲେ ସାଂସଦଙ୍କ ପ୍ରତିନିଧି

### ବିଜେଡି-ବିଜେପି ମୁହାଁମୁହିଁ

**କାକଟପୁର/ଅସ୍ତରଙ୍ଗ,୧୦।୭ (ସଂଚାର ବ୍ୟୁରୋ):** ଆଗକୁ ପଂଚାୟତ ନିର୍ବାଚନ। ଆଉ ନିର୍ବାଚନ ଆସିବା ପୂର୍ବରୁ ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀରେ ସାମାଜିକ ଗଣମାଧ୍ୟମରେ ରାଜନୀତି ସରଗରମ ହୋଇଉଠିଛି। ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଥିବା ଗୋଟିଏ ପୋଷ୍ଟକୁ କେନ୍ଦ୍ର କରି ବିଜେଡି ଓ ବିଜେପି ମଧ୍ୟରେ ବାକଯୁଦ୍ଧ ଆରମ୍ଭ ହୋଇଛି।

ଜଗତସିଂହପୁର ସାଂସଦଙ୍କ ପୁରୀ ଜିଲ୍ଲା ପ୍ରତିନିଧି ତଥା ବିଜେପି ନେତା ସୁଦର୍ଶନ ସ୍ୱାଇଁଙ୍କ ଫଟୋ ଥିବା ସିଧା କାକଟପୁର ବିଧାୟକ ଫଟୋ ରହିଙ୍କୁ ନିଶାନା ହୋଇଛି । ପୋଷ୍ଟରେ ତାଙ୍କ ଫଟୋ ସହ କାକଟପୁର ବିଧାୟକଙ୍କ ଫଟୋ ରହିଛି। ପୃଷ୍ଠଭୂମିରେ ଉପକୂଳବାସୀ ଅସ୍ତରଙ୍ଗ ଓ କାକଟପୁର ଅଂଚଳର ପାଣି ସମସ୍ୟାର ଦୃଶ୍ୟ ଦେଖାଯାଉଛି।

ପୋଷ୍ଟରେ ସୁଦର୍ଶନ ସ୍ୱାଇଁଙ୍କ ସିଧା ପ୍ରଶ୍ନ ରହିଛି - "୭ବର୍ଷ ପରେ ମଧ୍ୟ ଉପକୂଳବାସୀଙ୍କୁ ମିଳିଲାନି ଶୁଦ୍ଧ ପାନୀୟ ଜଳ, କେବେ ମିଳିବ?" ଏହା ସହ ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ରୋଜଗାର ଓ କୃଷି ପ୍ରସଙ୍ଗକୁ ମଧ୍ୟ ଉଠାଯାଇଛି। "ଜନତା ପଚାରୁଛି, ଉତ୍ତର ଦିଅନ୍ତୁ ବିଧାୟକ ମହୋଦୟ!"

ଏହି ପୋଷ୍ଟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ କାକଟପୁର ରାଜନୀତି ଚର୍ଚ୍ଚାର ବିଷୟ ହୋଇଛି। କାରଣ କାକଟପୁର ବିଧାୟକ ବିଜେଡିର ଏବଂ ସୁଦର୍ଶନ ସ୍ୱାଇଁ ବିଜେପିର। ଆଗକୁ ପଂଚାୟତ ନିର୍ବାଚନ ଥିବାରୁ ଏହି ପୋଷ୍ଟକୁ ରାଜନୀତି ରଣନୀତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ସ୍ଥାନୀୟ ବିଜେପି କର୍ମୀଙ୍କ କହିବା ଅନୁସାରେ, ଉପକୂଳ ଅଂଚଳରେ ବର୍ଷ ବର୍ଷ ଧରି ପାନୀୟ ଜଳ ସମସ୍ୟା ରହିଛି। ସରକାର ପରିବର୍ତ୍ତନ ହୋଇ ଦୁଇ ବର୍ଷ ହେଲାଣି କିନ୍ତୁ ପୂର୍ବରୁ ମନ୍ତ୍ରୀ ବର୍ତ୍ତମାନ ବିଧାୟକ ସେ ନେଇ କିଛି କରିନାହାନ୍ତି। ତେଣୁ ଜନତାଙ୍କ ପ୍ରଶ୍ନକୁ ସୋସିଆଲ ମିଡିଆ ମାଧ୍ୟମରେ ରଖାଯାଇଛି।

ଅନ୍ୟପଟେ ବିଜେଡି କର୍ମୀମାନେ ଏହି ପୋଷ୍ଟକୁ ନିର୍ବାଚନମୂଳକ ପ୍ରଚାର ବୋଲି କହିଛନ୍ତି। ସେମାନଙ୍କ ମତରେ, ସାଂସଦଙ୍କ ପ୍ରତିନିଧି ହୋଇ ଜିଲ୍ଲାର ସମସ୍ୟା ନ ଦେଖି କେବଳ ବିଧାୟକଙ୍କୁ ଟାର୍ଗେଟ କରାଯାଉଛି। କେନ୍ଦ୍ର ଓ ରାଜ୍ୟ ସରକାର ରେ ବିଜେପି ସରକାର ଥିବା ବେଳେ ବାରମ୍ବାର ଅସ୍ତରଙ୍ଗ ଫିସିଂ ହାର୍ବର ହେବ ବୋଲି ଚର୍ଚ୍ଚା କିନ୍ତୁ କାଗଜରେ ରହିଛି। କିନ୍ତୁ ଏ ପୋଷ୍ଟ କିଏ କରିଛି ସ୍ପଷ୍ଟ ସୂଚନା ମିଳିନଥିବା ବେଳେ ସୁଦର୍ଶନ ସ୍ୱାଇଁ ଓ ତୁଷାରକାନ୍ତି ବେହେରାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ଆଗାମୀ ଦିନରେ ଏହି ପୋଷ୍ଟକୁ ନେଇ ବିଜେଡି ଓ ବିଜେପି ମଧ୍ୟରେ ଆହୁରି ବାକଯୁଦ୍ଧ ହେବ ବୋଲି ଆଶା କରାଯାଉଛି।

# କୋରାପୁଟରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଶୁଭାରମ୍ଭ

**ଜୟପୁର,୧୦।୭ (ସଂଚାର ବ୍ୟୁରୋ):** ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଚାଷୀଙ୍କ ଆର୍ଥିକ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ କୋରାପୁଟ ଜିଲ୍ଲାରେ ଚଳିତ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଶୁଭାରମ୍ଭ ହୋଇଛି। ଜୟପୁରସ୍ଥିତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଫସଲ ବୀମା ଜିଲ୍ଲା କୋଅର୍ଡିନେଟର ଦିବାକର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଅଧିକାରୀ ଭବାନୀ ଶଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଜନାର ସଫଳ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ କୋରାପୁଟ ଜିଲ୍ଲାର ୧୪ଟି ବ୍ଲକରେ କାର୍ଯ୍ୟରତ ବ୍ଲକ କୋଅର୍ଡିନେଟରମାନେ ଉପସ୍ଥିତ ରହି ନିଜ ନିଜ ବ୍ଲକରେ ସଚେତନତା ଅଭିଯାନ, ଚାଷୀଙ୍କ ନାମ ପଞ୍ଜୀକରଣ ଏବଂ ଯୋଜନାର ସଫଳ ରୂପାୟନ ପାଇଁ ଆଗାମୀ କାର୍ଯ୍ୟଯୋଜନା ସମ୍ପର୍କରେ ମତବିନିମୟ କରିଥିଲେ।



ବକ୍ତାମାନେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଚାଷୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା କବଚ। ତେଣୁ ଜିଲ୍ଲାର ପ୍ରତ୍ୟେକ ଯୋଗ୍ୟ ଚାଷୀଙ୍କୁ ଏହି ଯୋଜନାରେ ସାମିଲ କରିବାକୁ କୃଷି ବିଭାଗ ଓ ସମ୍ପୃକ୍ତ ସଂସ୍ଥା ପକ୍ଷରୁ ବ୍ୟାପକ ଅଭିଯାନ ଚାଲିବ।

ଚଳିତ ବର୍ଷ କୋରାପୁଟ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାକୁ ଅଧିକ ଲୋକାଭିମୁଖୀ କରିବା ଏବଂ ପ୍ରତ୍ୟେକ ଚାଷୀଙ୍କ ନିକଟରେ ଏହାର ସୁବିଧା ପହଞ୍ଚାଇବା ଦିଗରେ କୃଷି ବିଭାଗ ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି।

ଶ୍ରୀଜଗନ୍ନାଥଙ୍କ ଜମି ମାମଲା: ରାଜସ୍ୱ ପର୍ଷଦଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ୧୯୫୧ ଦୀର୍ଘମିଆଦୀ ଲିଜର ବୈଧତା ଉପରେ ରାଜସ୍ୱ ପର୍ଷଦଙ୍କ ପ୍ରଶ୍ନ



■ ହାଲ ରେକର୍ଡ ସଂଶୋଧନ ପାଇଁ ଜଟଣୀ ତହସିଲଦାରଙ୍କୁ ନିର୍ଦ୍ଦେଶ

■ ମହାପ୍ରଭୁଙ୍କ ଜମିଜମାର ସୁରକ୍ଷା ସୁନିଶ୍ଚିତ କରିବ ରାଜସ୍ୱ ବିଭାଗ

ଭୁବନେଶ୍ୱର,୧୦।୭(ସଂଚାର ବ୍ୟୁରୋ): ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଏକହରାଜତ ମହଲ ଅନ୍ତର୍ଗତ ଜମି ସମ୍ପର୍କିତ ଦୀର୍ଘଦିନର ବିବାଦରେ ସଦସ୍ୟ, ରାଜସ୍ୱ ପର୍ଷଦ (ବୋର୍ଡ ଅଫ୍ ରେଭେନ୍ୟୁ)ଙ୍କ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ବୋର୍ଡ ଅଫ୍ ରେଭେନ୍ୟୁର ସଦସ୍ୟ ସତ୍ୟବ୍ରତ ସାହୁ ଏହି ମାମଲାର ତ୍ୱରିତ ଶୁଣାଣି ପରେ ଦାଖଲ ହୋଇଥିବା ଦୁଇଟି ରିଭିଜନ୍ ପିଟିସନ୍‌କୁ ମଞ୍ଜୁର କରି ଜଟଣୀ ତହସିଲଦାରଙ୍କୁ ବିବାଦୀୟ ଜମିର ହାଲ ରେକର୍ଡ ଅଫ୍ ରାଇଟ୍ସ (ଆର୍‌ଓଆର୍) ସଂଶୋଧନ କରି ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀ ମାର୍ଫତ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିଙ୍କ ନାମରେ ରେକର୍ଡ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ମାମଲା ଖୋର୍ଦ୍ଧା ଜିଲ୍ଲା ଜଟଣୀ ତହସିଲ ଅଧୀନ କୁଦିଆରୀ ମୌଜାର ବିଶାଳ ପରିମାଣର ଜମି ସହ ସମ୍ପୃକ୍ତ। ମନ୍ଦିର ପକ୍ଷରୁ ଦାବି କରାଯାଇଥିଲା ଯେ ୧୯୫୧ରେ ଏକ ଶିଳ୍ପ ସ୍ଥାପନ ପାଇଁ ଦିଆଯାଇଥିବା ଦୀର୍ଘମିଆଦୀ ଲିଜ୍ ଆଇନସମ୍ମତ ନଥିଲା ଓ ସେହି ଲିଜ୍‌କୁ ଆଧାର କରି ପରବର୍ତ୍ତୀ ସମୟରେ ହାଲ ରେକର୍ଡରେ ବେସରକାରୀ ପକ୍ଷ ତଥା 'ନୀଳମଣି ଦୁବେ' ଓ ଅନ୍ୟମାନେ ଏବଂ 'ଗୋପବନ୍ଧୁ ଗ୍ଲାସ ଏଣ୍ଡ ପଟରି ୱାର୍କସ ଲିମିଟେଡ' ନାମକ ଏକ ସଂସ୍ଥା ନାମରେ ରେକର୍ଡ କରାଯାଇଥିଲା।

କୋର୍ଟ ତାଙ୍କ ରାୟରେ କହିଛନ୍ତି ଯେ ସେତେବେଳେ ପ୍ରଚଳିତ ଥିବା ଓଡ଼ିଶା ହିନ୍ଦୁ ଧର୍ମୀୟ ଏଣ୍ଡାଉମେଣ୍ଟ ଆଇନ, ୧୯୩୯ର ଧାରା ୫୮ ଅନୁଯାୟୀ ପାଞ୍ଚ ବର୍ଷରୁ ଅଧିକ ସମୟ ପାଇଁ ମନ୍ଦିରର ଅଚଳ ସମ୍ପତ୍ତିକୁ ଲିଜ୍ ଦେବାକୁ ହେଲେ କମିଶନର, ଏଣ୍ଡାଉମେଣ୍ଟଙ୍କ ପୂର୍ବ ଅନୁମୋଦନ ବାଧ୍ୟତାମୂଳକ ଥିଲା। କିନ୍ତୁ ଏହି ମାମଲାରେ ଏପରି କୌଣସି ଅନୁମୋଦନ ହାସଲ କରାଯାଇଥିବାର ପ୍ରମାଣ ବିପକ୍ଷ ପକ୍ଷ ଦାଖଲ କରିପାରି ନଥିଲେ। କେବଳ ଲିଜ୍ ଦଲିଲ ପଞ୍ଜୀକୃତ ହୋଇଥିବାରୁ ତାହା ଆଇନସମ୍ମତ ହୋଇଯାଏ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ରାୟରେ କୁହାଯାଇଛି ଯେ ଲିଜ୍ ଦେବାର ଉଦ୍ଦେଶ୍ୟ ଥିଲା ଶିଳ୍ପ ପ୍ରତିଷ୍ଠାନ ସ୍ଥାପନା। କିନ୍ତୁ ମାମଲାରେ ଉପସ୍ଥାପିତ ଦସ୍ତାବିଜରୁ ଏପରି କୌଣସି ଶିଳ୍ପ ପ୍ରତିଷ୍ଠାନ ବାସ୍ତବରେ ସ୍ଥାପିତ ହୋଇଥିବା କିମ୍ବା ମନ୍ଦିର କୌଣସି ଆର୍ଥିକ ଲାଭ ପାଇଥିବାର ପ୍ରମାଣ ମିଳିନାହିଁ। ବରଂ ତହସିଲଦାରଙ୍କ ସଦ୍ୟତମ କ୍ଷେତ୍ର ପରିଦର୍ଶନ ରିପୋର୍ଟରେ ବିବାଦୀୟ ଜମି ଏବେ ମଧ୍ୟ ଖାଲି ପଡ଼ିଥିବା ଉଲ୍ଲେଖ ରହିଛି। କୋର୍ଟ ଏହା ମଧ୍ୟ ଦର୍ଶାଇଛନ୍ତି ଯେ ରେକର୍ଡ ଅଫ୍ ରାଇଟ୍ସ କୌଣସି ବ୍ୟକ୍ତିଙ୍କ ସ୍ୱତ୍ୱ ସୃଷ୍ଟି କରେ ନାହିଁ, ଏହା କେବଳ ଦଖଲ ସମ୍ପର୍କିତ ଏକ ପ୍ରାଥମିକ ପ୍ରମାଣ। ଯଦି ରେକର୍ଡର ମୂଳ ଆଧାର ଆଇନବିରୋଧୀ କାରବାର ଉପରେ ଆଧାରିତ ହୋଇଥାଏ, ତେବେ ସେହି ରେକର୍ଡକୁ ସଂଶୋଧନ କରିବା ପାଇଁ ରିଭିଜନାଲ କର୍ତ୍ତୃପକ୍ଷଙ୍କ ପୂର୍ଣ୍ଣ କ୍ଷମତା ରହିଛି।

ଝାରସୁଗୁଡ଼ା ପୁଲିସକୁ ସଫଳତା

## ୨୮ ବର୍ଷ ପରେ ହତ୍ୟା ଅଭିଯୁକ୍ତ ଗିରଫ

ଝାରସୁଗୁଡ଼ା,୧୦।୭(ସଂଚାର ବ୍ୟୁରୋ): ଝାରସୁଗୁଡ଼ା ପୁଲିସ ପ୍ରାୟ ୨୮ ବର୍ଷ ଧରି ଫେରାର ଥିବା ଏକ ହତ୍ୟା ମାମଲାର ଅଭିଯୁକ୍ତଙ୍କୁ ଆଜି ଗିରଫ କରିବାରେ ସକ୍ଷମ ହୋଇଛି। ଗତ ୧୯୯୮ରେ ହୋଇଥିବା ଏହି ହତ୍ୟାକାଣ୍ଡରେ ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ଦଣ୍ଡ ସଂହିତାର ଧାରା ୩୬୪, ୩୦୨, ୨୦୧, ୧୦୯ ଓ ୩୪ ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ମିଳିଥିବା ସୂଚନାନୁଯାୟୀ, ୧୯୯୮ ମସିହାରେ ପୋଲିସ ହେପାଜତରୁ ହାତକଡ଼ି ପିନ୍ଧିଥିବା ଅବସ୍ଥାରେ ଅଭିଯୁକ୍ତ ଫେରାର ହୋଇଯାଇଥିଲା। ପରେ ସେ ନିଜର ପ୍ରକୃତ ପରିଚୟ ଲୁଚାଇ ରାଜୁ ଗୋଣ୍ଡ ନାମରେ ରାୟଗଡ଼ ଅଞ୍ଚଳରେ ବସବାସ କରୁଥିଲା। ସେହି ନାମରେ ସେ ଆଧାର କାର୍ଡ ଓ ପ୍ୟାନ୍ କାର୍ଡ ମଧ୍ୟ ପ୍ରସ୍ତୁତ କରାଇଥିବା ତଦନ୍ତ ସମୟରେ ଜଣାପଡ଼ିଛି। ଦୀର୍ଘଦିନର ତଦନ୍ତ, ସୂଚନା ସଂଗ୍ରହ ଓ ନିରନ୍ତର ପ୍ରୟାସ ପରେ ଝାରସୁଗୁଡ଼ା ପୁଲିସ ଅଭିଯୁକ୍ତଙ୍କୁ ଠାବ କରି ଗିରଫ କରିଛି। ପରେ ତାଙ୍କୁ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ କୋର୍ଟ ଚାଲାଣ କରାଯାଇଛି।

## ଏସି ସ୍ଲିପର ବସ୍ ଭଡ଼ା ସ୍ଥିର କଲେ ସରକାର

● କିମି ପିଛା ଦେବାକୁ ପଡ଼ିବ ୩.୫୦ ଟଙ୍କା

ଭୁବନେଶ୍ୱର,୧୦।୭(ସଂଚାର ବ୍ୟୁରୋ): ଏସି ସ୍ଲିପର ବସ୍ ଯାତ୍ରୀଙ୍କ ପାଇଁ ଆସିଛି ଏକ ଗୁରୁତ୍ୱପୂର୍ଣ୍ଣ ଖବର। ସୁପର ପ୍ରିମିୟମ ସ୍ଲିପର ଏସି ବସ୍ ଭଡ଼ା ସ୍ଥିର କଲେ ସରକାର। ଏଣିକି ଏସି ବସ୍ ଯାତ୍ରୀଙ୍କୁ କିଲୋମିଟର ପିଛା ଦେବାକୁ ପଡ଼ିବ ୩ ଟଙ୍କା ୫୦ ପଇସା। ଓଡ଼ିଶାରେ ଲମ୍ବା ଦୂରତାକୁ ଯାତ୍ରା କରୁଥିବା ବସ୍ ଯାତ୍ରୀଙ୍କ ପାଇଁ ଆସିଛି ଏହି ଏକ ଗୁରୁତ୍ୱପୂର୍ଣ୍ଣ ଖବର। ରାଜ୍ୟ ସରକାର ପ୍ରଥମ ଥର ପାଇଁ 'ସୁପର ପ୍ରିମିୟମ ଫୁଲି ସ୍ଲିପର ଏସି' ବସ୍ ଶ୍ରେଣୀ ପାଇଁ ନୂତନ ଭଡ଼ା ଧାର୍ଯ୍ୟ କରିବା ନେଇ ଏକ ନୋଟିଫିକେସନ୍ ଜାରି କରିଛନ୍ତି। ବାଣିଜ୍ୟ ଓ



ପରିବହନ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ, ଏହି ଅତ୍ୟାଧୁନିକ ପ୍ରିମିୟମ ସ୍ଲିପର ବସ୍‌ଗୁଡ଼ିକ ପାଇଁ ସର୍ବାଧିକ ଭଡ଼ା କିମି ପିଛା ୩ ଟଙ୍କା ୫୦ ପଇସା ଧାର୍ଯ୍ୟ କରାଯାଇଛି। ରାଜ୍ୟ ଭିତରେ ଚାଲୁଥିବା ସମସ୍ତ ସମ୍ପୂର୍ଣ୍ଣ ସ୍ଲିପର ଏସି କୋଚ୍ ପାଇଁ ଏହି ନୂଆ ନିୟମ ଲାଗୁ ହେବ। ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗଠିତ ଏକ ବୈଷୟିକ କମିଟିର ସୁପାରିସ୍ ଆଧାରରେ ଏହି ଦର ନିର୍ଦ୍ଧାରଣ କରାଯାଇଛି। ତେବେ ସାଧାରଣ, ଏକ୍ସପ୍ରେସ, ଡିଲକ୍ସ, ଏସି ଡିଲକ୍ସ ଓ ସାଧାରଣ ସୁପର ପ୍ରିମିୟମ ବସ୍‌ଗୁଡ଼ିକର ପୁରୁଣା ଭଡ଼ାରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଏହି ଦରରୁ କୌଣସି ବି ପରିସ୍ଥିତିରେ ଯାତ୍ରୀଙ୍କଠାରୁ ବସ୍‌ମାନେ ଅଧିକ ଟଙ୍କା ନେଇପାରିବେ ନାହିଁ। ଯଦି କେହି ଏହାଠାରୁ ଅଧିକ ଭଡ଼ା ନିଅନ୍ତି, ତା'ହେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପରିବହନ ବିଭାଗ ପ୍ରମୁଖ ସଚିବ ଏନ୍‌ବିଏସ୍ ରାଜପୁତଙ୍କ ସ୍ୱାକ୍ଷରରେ ଜାରି ହୋଇଥିବା ଏହି ନୂତନ ନିୟମ ଓଡ଼ିଶା ଗେଜେଟ୍‌ରେ ପ୍ରକାଶ ପାଇବା ଦିନଠାରୁ ହିଁ ଲାଗୁ ହେବ। ଏହାଦ୍ୱାରା ପ୍ରାଇଭେଟ୍ ବସ୍‌ଗୁଡ଼ିକ ଯାତ୍ରୀଙ୍କଠାରୁ ଆଉ ମନମୁଖୀ ଭଡ଼ା ଆଦାୟ କରିପାରିବେ ନାହିଁ ଓ ଯାତ୍ରୀମାନେ ଅତି ଆରାମଦାୟକ ସ୍ଲିପର ସେବା ଉଚିତ ମୂଲ୍ୟରେ ପାଇପାରିବେ।

## ୧୩ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୧୦।୭(ସଂଚାର ବ୍ୟୁରୋ): ଆସନ୍ତା ସୋମବାର ଅର୍ଥାତ୍ ଜୁଲାଇ ୧୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇଦିଆଯିବ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ବନ୍ଧାହେଲେ ନକଲି ଏଏସ୍‌ପି

● ଲୋକଙ୍କୁ ଧମକାଉଥିବା ଅଭିଯୋଗ



ଭୁବନେଶ୍ୱର,୧୦।୭(ସଂଚାର ବ୍ୟୁରୋ): ଆଡିସନାଲ ଏସପି ପରିଚୟ ଦେଇ ଲୋକଙ୍କୁ ଧମକଚମକ ଅଭିଯୋଗରେ ଜଣେ ଗିରଫ ହୋଇଛନ୍ତି। ଖାରବେଳ ନଗର ଥାନା ପୁଲିସ ହାତରେ ଧରାପଡ଼ିଲା ଧୂର୍ତ୍ତ ଠକ ରଜନୀକାନ୍ତ ମହାନ୍ତି। ନିଜକୁ ଆଡିସନାଲ ଏସପି ପରିଚୟ ଦେଇ ସେ ଲୋକଙ୍କୁ ଧମକଚମକ ଦେଉଥିଲା। ଏପରିକି ୨ ମାସ ପୂର୍ବରୁ ଜଣେ ବ୍ୟକ୍ତିଙ୍କ ଗାଡ଼ି ଭଙ୍ଗାରୁଜା କରି ଧମକାଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ୟୁନିଟ୍-୩ ଅଞ୍ଚଳରେ ଏକ ଭଡ଼ାଘରେ ରହୁଥିବା ବେଳେ ସେ ଲୋକଙ୍କୁ ଧମକାଉଥିବା ତଦନ୍ତ ବେଳେ ପୁଲିସ୍ ଜାଣିବାକୁ ପାଇଛି।

## ଭିଜିଲାନ୍ସ ପଞ୍ଝାରେ ବଡ଼ସାହି ବ୍ଲକ୍ ଜେଇ

● ବିଲ୍ ପାସ୍ ପାଇଁ ନେଉଥିଲେ ୩୨ ହଜାର ଲାଞ୍ଚ



ବଡ଼ସାହି,୧୦।୭(ସଂଚାର ବ୍ୟୁରୋ): ଭିଜିଲାନ୍ସ ଜାଲରେ ଲାଞ୍ଚୁଆ ଜେଇ। ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକର ଜେଇ ସୁଶୀଲ କୁମାର ସିଂକୁ ଆଜି ଭିଜିଲାନ୍ସ ଗିରଫ କରିଛି। ଜଣେ ଠିକାଦାରଙ୍କଠାରୁ ୩୨ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ପ୍ରମାଣ ସହ ଗିରଫ କରିଛି। ବାରିପଦା ଭିଜିଲାନ୍ସ ୟୁନିଟ ଏହି ଚଢ଼ାଉରେ ସାମିଲ୍ ହୋଇଛି। ଶ୍ରୀ ସିଂ ମୟୂରଭଞ୍ଜ ଜିଲ୍ଲା ବଡ଼ ସାହି ବ୍ଲକ୍ ଅଧିନରେ ଥିବା ଟଙ୍ଗାଶୋଳ, ଶାଳଗାଁ, ମନଗୋବିନ୍ଦପୁର, ମାଣତ୍ରୀ ଏହିଭଳି ୪ଟି ପଞ୍ଚାୟତ ଦାୟିତ୍ୱରେ ଥିଲେ। ଟଙ୍ଗାଶୋଳ ପଞ୍ଚାୟତର ଲେମ୍ବୁସାହିଠାରୁ କେନ୍ଦୁଆ ପର୍ଯ୍ୟନ୍ତ ମେଷ୍ଟାଲ୍ ମୋରମ୍ ୫ ଲକ୍ଷ ଟଙ୍କା ଅଟକଳ ମୂଲ୍ୟ କାର୍ଯ୍ୟରେ କନିଷ୍ଠ ଯନ୍ତ୍ରୀ ଶ୍ରୀ ସିଂ ୩୨ ହଜାର ଟଙ୍କା ପିସି ନେଉଥିଲେ। ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁସାରେ ବ୍ଲକ୍ କାର୍ଯ୍ୟାଳୟରେ ମାଡ଼ି ବସିଲା ବାରିପଦା ଭିଜିଲାନ୍ସ।

● ଗଜପତି ପୁଲିସର କାର୍ଯ୍ୟାନୁଷ୍ଠାନ

## ୬୦୦ ଲିଟର ମହୁଲ ପୋଚ ନଷ୍ଟ

ଗଜପତି, ୧୦।୭ (ସଂଚାର ବ୍ୟୁରୋ) : ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ତତ୍ତ୍ୱାବଧାନରେ ବେଆଇନ ମଦ କାରବାର ବିରୋଧରେ ଚାଲିଥିବା ସ୍ୱତନ୍ତ୍ର ଅଭିଯାନକୁ ଆହୁରି ଜୋରଦାର କରାଯାଇଛି। ଏହି କ୍ରମରେ ଗଜପତି ଜିଲ୍ଲାର ସେରଙ୍ଗୋ ଥାନା ପୁଲିସ ପକ୍ଷରୁ ଗତକାଲି ଗାଇବା ଅଞ୍ଚଳର ଆଲେଇପୁଟରେ ବ୍ୟାପକ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ବେଆଇନ ଭାବେ ମଦ ପ୍ରସ୍ତୁତି ପାଇଁ ତିନୋଟି ସ୍ଥାନରେ ରଖାଯାଇଥିବା ପ୍ରାୟ ୬୦୦ ଲିଟର ମହୁଲ ପୋଚକୁ ନଷ୍ଟ କରାଯାଇଥିଲା। ଏହି ଅଭିଯାନ ସମ୍ପର୍କରେ ଜିଡି ନଂ-୬, ତାରିଖ ୦୯.୦୭.୨୦୨୬ରେ ଥାନା ମାମଲା ରୁଜୁ କରାଯାଇଛି। ବେଆଇନ ମଦ ପ୍ରସ୍ତୁତିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରି ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ମ୍ୟାକ୍ସ ପିକ୍‌ଅପ୍ ସହ ବାଇକ୍ ଧକ୍କା: ୨ ଗୁରୁତର

ମୋହନା,୧୦।୭(ସଂଚାର ବ୍ୟୁରୋ): ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ବୁଲଡାପଙ୍କା ଗାଁ ନିକଟ ବୁଲାଣି ରାସ୍ତାରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣାରେ ଦୁଇ ଜଣ ଯୁବକ ଗୁରୁତର ହୋଇଛନ୍ତି। ଏକ କେଟିଏମ୍ ବାଇକ୍ ଓ ମ୍ୟାକ୍ସ ପିକ୍‌ଅପ୍ ଗାଡ଼ି ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଏହି ଦୁର୍ଘଟଣା ଘଟିଛି। ମିଳିଥିବା ସୂଚନାନୁଯାୟୀ, ଭାଲିଆଗୁଡ଼ା ଗ୍ରାମର କାଞ୍ଚନ ଯାଦବ ଓ ବିରିକୋଟ ଗ୍ରାମର ସୋନୁ ରଇତ ଏକ କେଟିଏମ୍ ବାଇକ୍‌ରେ ମୋହନାରୁ ଗୋବିନ୍ଦପୁର ଅଭିମୁଖେ ଯାଉଥିଲେ। ସେହି ସମୟରେ ବିପରୀତ ଦିଗରୁ ଚନ୍ଦ୍ରଗିରି ବିଦ୍ୟାଳୟକୁ ବିଦ୍ୟୁତ ଉପକରଣ ନେଇ ଯାଉଥିବା ଏକ ମ୍ୟାକ୍ସ ପିକ୍‌ଅପ୍ ସହ ବୁଲଡ଼ାପଙ୍କା ବୁଲାଣି ନିକଟରେ ସେମାନଙ୍କ ବାଇକ୍‌ର ଧକ୍କା ହୋଇଥିଲା। ପ୍ରାଥମିକ ସୂଚନାନୁସାରେ, ବୁଲାଣି ରାସ୍ତାରେ ବାଇକ୍‌ଟି ଭାରସାମ୍ୟ ହରାଇ ପିକ୍‌ଅପ୍‌ର ପଛ ଡାଲା ସହ ଧକ୍କା ଦେଇଥିଲା। ଫଳରେ ଉଭୟ ଯୁବକ ରାସ୍ତା କଡ଼କୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ଆହତ ଦୁଇ ଜଣଙ୍କୁ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

● ଗଞ୍ଜେଇ ଚୋରା ଚାଲାଣର ପର୍ଦ୍ଦାଫାସ

## ରାଜ୍ୟ ବାହାରକୁ ଚାଲାଣ ବେଳେ ଧରାପଡ଼ିଲା

ଭୁବନେଶ୍ୱର,୧୦।୭(ସଂଚାର ବ୍ୟୁରୋ): ଅବକାରୀ ଟିମ୍ ପଞ୍ଝାରେ ଗଞ୍ଜେଇ ବେପାରୀ। ଟ୍ରକ୍ ଭର୍ତ୍ତି ଗଞ୍ଜେଇ ଜବତ ହୋଇଛି। ରାଜ୍ୟ ବାହାରକୁ ଚାଲାଣ କରାଯାଉଥିବା ବେଳେ ଅବକାରୀ ବିଭାଗ ଏହାକୁ ଜବତ କରିଛି। ଭୁବନେଶ୍ୱରରୁ କୋଲକାତା ଚାଲାଣ ହେଉଥିବା ୭ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ ହୋଇଛି। ଟମାଣ୍ଡୋ ଅଞ୍ଚଳରୁ ଏହି ଗଞ୍ଜେଇ ଭର୍ତ୍ତି ଟ୍ରକ୍‌ଟି ବାହାରିଥିଲା। ତେବେ ଖବର ପାଇ ଅବକାରୀ ବିଭାଗର ଏକ ଟିମ୍ ଏହି ଗାଡ଼ିଟିକୁ ପିଛା କରିଥିଲା। ଶେଷରେ ଉକ୍ତ ଟିମ୍‌ର ସଦସ୍ୟମାନେ ଆଚାର୍ଯ୍ୟ ବିହାର ନିକଟରେ ଉକ୍ତ କଣ୍ଟେନରକୁ ଧରିବାରେ ସଫଳ ହୋଇଥିଲେ। ଜବତ ହୋଇଥିବା ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୭୦ ଲକ୍ଷ ଟଙ୍କା ହେବ। କଣ୍ଟେନର ଭିତରେ ଗଞ୍ଜେଇକୁ ବିଭିନ୍ନ ପ୍ୟାକେଟରେ ଭର୍ତ୍ତି କରାଯାଇଥିଲା, ଯେଉଁଥିରେ ଗୋଟିଏ ବସ୍ତାରେ ୨୫ କେଜି ଓ ଗୋଟିଏ ପ୍ୟାକେଟରେ ୧ କେଜି ଲେଖାଏଁ ଗଞ୍ଜେଇ ରହିଥିଲା। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ତେବେ ରାଜ୍ୟ ବାହାରକୁ ଏତେ ଅଧିକ ପରିମାଣର ଗଞ୍ଜେଇ ଚାଲାଣ ପଛରେ କାହାର ହାତ ଅଛି ଓ ଏହି ନେଟୱାର୍କ କେତେ ବଡ଼, ତା' ଜାଣିବା ସକାଶେ ଅବକାରୀ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

## ଗଞ୍ଜାମ ପୁଲିସର ସ୍ୱତନ୍ତ୍ର ଅଭିଯାନ; ୨୪ ଗିରଫ

ବ୍ରହ୍ମପୁର,୧୦।୭(ସଂଚାର ବ୍ୟୁରୋ): ଗଞ୍ଜାମ ପୁଲିସ ପକ୍ଷରୁ ବେଆଇନ ବିସ୍ଫୋରକ ସାମଗ୍ରୀର ମହଜୁଦ, ପରିବହନ ଓ ବ୍ୟବହାରକୁ ରୋକିବା ପାଇଁ ଗତ ୧ରୁ ୭ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ଥାନା ଅଞ୍ଚଳରେ ସ୍ୱତନ୍ତ୍ର ଅଭିଯାନ କରାଯାଇଥିଲା। ଏହି ଅଭିଯାନରେ ବିସ୍ଫୋରକ ଆଇନ, ବିସ୍ଫୋରକ ପଦାର୍ଥ ଆଇନ, ଭାରତୀୟ ନ୍ୟାୟ ସଂହିତା ଏବଂ ଓଡ଼ିଶା ଆତସବାଜି ଓ ଲାଉଡସ୍ପିକର ନିୟନ୍ତ୍ରଣ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଏହି ଅଭିଯାନରେ ୧୮ଟି ମାମଲା ରୁଜୁ ହୋଇଥିବା ବେଳେ ୨୪ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ଏହି ମାମଲାରେ ଆଇନ ଅନୁଯାୟୀ ନୋଟିସ ମଧ୍ୟ ଜାରି କରାଯାଇଛି। ପୁଲିସ ୧୪ ହଜାରରୁ ଅଧିକ ଜେଲୋଟିନ ଷ୍ଟିକ୍, ୩୪୦ରୁ ଅଧିକ ଡେଟୋନେଟର, ୧,୧୦୦ କିଗ୍ରାରୁ ଅଧିକ ଆମୋନିୟମ୍ ନାଇଟ୍ରେଟ୍, ବ୍ଲାଷ୍ଟିଂ ୱେୟାର, କେଲକର୍ଡ, ବାରୁଦ, ସଲଫର, ସୋଡିୟମ୍ ନାଇଟ୍ରେଟ୍, ଧାତୁ ଗୁଣ୍ଡ ସହ ବହୁ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଏହାସହ ବେଆଇନ ଭାବେ ରଖାଯାଇଥିବା ଆତସବାଜି, ଅପରାଧରେ ବ୍ୟବହୃତ ଯାନବାହନ ଓ ଖନନ ଉପକରଣ ମଧ୍ୟ ଜବତ କରାଯାଇଛି। ସେହିପରି ଅଭିଯାନ ସମୟରେ ବେଲଗୁଣ୍ଠା ଥାନା ପୁଲିସ ୧୨,୪୦୦ ଜେଲୋଟିନ ଷ୍ଟିକ୍ ଓ ୪୭ କଏଲ୍ ବ୍ଲାଷ୍ଟିଂ ୱେୟାର, କେଏସ୍ ନଗର ଥାନା ପୁଲିସ ୨,୦୦୦ ଜେଲୋଟିନ ଷ୍ଟିକ୍, ୫୦ ଡେଟୋନେଟର, ୫୦ କିଗ୍ରା ଆମୋନିୟମ୍ ନାଇଟ୍ରେଟ୍ ଓ ବ୍ଲାଷ୍ଟିଂ ୱେୟାର ଜବତ କରିଛି। ପୋଲସରା ଥାନା ପୁଲିସ ୧,୦୦୦ କିଗ୍ରା ଆମୋନିୟମ୍ ନାଇଟ୍ରେଟ୍ ଓ ଛତ୍ରପୁର ଥାନା ପୁଲିସ ଜେଲୋଟିନ ଷ୍ଟିକ୍, ଡେଟୋନେଟର ଓ ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଏଥିସହ ଜିଲ୍ଲାର ବିଭିନ୍ନ ଥାନାରେ ବେଆଇନ ଭାବେ ଆତସବାଜି ଗଚ୍ଛିତ ଓ ବିକ୍ରି ସମ୍ପର୍କିତ ଏକାଧିକ ମାମଲା ଚିହ୍ନଟ କରାଯାଇଛି। ଗଞ୍ଜାମ ପୁଲିସ ପକ୍ଷରୁ କୁହାଯାଇଛି ଯେ ବେଆଇନ ବିସ୍ଫୋରକ କାରବାର ବିରୋଧରେ ଆଗାମୀ ଦିନରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରହିବ। ସେହିପରି ସନ୍ଦେହଜନକ ବିସ୍ଫୋରକ ସାମଗ୍ରୀର ମହଜୁଦ, ପରିବହନ କିମ୍ବା ବିକ୍ରି ସମ୍ପର୍କରେ କୌଣସି ସୂଚନା ମିଳିଲେ ନିକଟସ୍ଥ ଥାନା କିମ୍ବା ଜରୁରୀକାଳୀନ ହେଲ୍ପଲାଇନ ୧୧୨ରେ ଜଣାଇବାକୁ ସାଧାରଣ ଲୋକଙ୍କୁ ଅନୁରୋଧ କରାଯାଇଛି।

# ସବୁ ପୌରାଞ୍ଚଳରେ ପାଳନ ହେବ 'ନମସ୍ତେ ଦିବସ'

ସଫେଇ ମିତ୍ରଙ୍କୁ ସମ୍ମାନ ଓ ଯାନ୍ତ୍ରିକ ସ୍ୱଚ୍ଛତାକୁ ପ୍ରୋତ୍ସାହନ

ଭୁବନେଶ୍ୱର,୧୦।୭(ସଂଚାର ବ୍ୟୁରୋ): ସଫେଇ ମିତ୍ରଙ୍କ ଅମୂଲ୍ୟ ଅବଦାନକୁ ସମ୍ମାନ ଜଣାଇବା ଏବଂ ସୁରକ୍ଷିତ ଓ ଯାନ୍ତ୍ରିକ ସ୍ୱଚ୍ଛତା ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆସନ୍ତା ୧୪ ତାରିଖରେ ରାଜ୍ୟର ସବୁ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି)ରେ 'ନମସ୍ତେ ଦିବସ' ପାଳନ କରାଯିବ। ଏନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ମହାନଗର ନିଗମ, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଆବଶ୍ୟକ ନିର୍ଦ୍ଦେଶ ଜାରି କରାଯାଇଛି।

କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଏବଂ ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର 'ନ୍ୟାସନାଲ୍ ଆକ୍ସନ୍ ଫର୍ ମେକାନାଇଜ୍‌ଡ ସାନିଟେସନ୍ ଇକୋସିଷ୍ଟମ୍ (ନମସ୍ତେ) କାର୍ଯ୍ୟକ୍ରମ ଅନୁଯାୟୀ ଏହି ଦିବସ ପାଳନ କରାଯାଉଛି। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ସମସ୍ତ ମହାନଗର ନିଗମ କମିଶନର ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସ୍ଥାନୀୟ ସ୍ତରରେ ଜନପ୍ରତିନିଧି, ସରକାରୀ ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନ ଓ ଅନ୍ୟାନ୍ୟ ଅଂଶୀଦାରଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ଭାବେ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସ୍ୱଚ୍ଛ ଭାରତ ମିଶନ (ସହରାଞ୍ଚଳ) ଆଇଇସି ପାଣ୍ଠିର ଉପଯୋଗ ଅନୁମୋଦିତ ଆର୍ଥିକ ନିୟମ ଅନୁଯାୟୀ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ବିଭାଗ ଅନୁମୋଦନ କରିଛି। ସ୍ୱଚ୍ଛତା କର୍ମୀମାନେ ନିର୍ଦ୍ଦିଷ୍ଟ ସ୍ଥାନରେ ୟୁନିଫର୍ମ ପିନ୍ଧି ଏକତ୍ରିତ ହେବେ, ଯେଉଁଥିରେ ନମସ୍ତେ ଓ ସ୍ୱଚ୍ଛ ଭାରତ ମିଶନର ଲୋଗୋ ଥିବା ବ୍ୟାନର୍ ପ୍ରଦର୍ଶିତ ହେବ। ଏହି ଅବସରରେ ସଫେଇ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ବୃତ୍ତିଗତ ସୁରକ୍ଷା ପ୍ରଶିକ୍ଷଣ, ସରକାରୀ କଲ୍ୟାଣକାରୀ ଯୋଜନାରେ ସଂଯୋଗ ଶିବିର, ଆୟୁଷ୍ମାନ୍ ଭାରତ କାର୍ଡ ଓ ନମସ୍ତେ ପରିଚୟପତ୍ର ବଣ୍ଟନ, ବ୍ୟକ୍ତିଗତ ସୁରକ୍ଷା ସାମଗ୍ରୀ ବଣ୍ଟନ ଓ ଆଧୁନିକ ଯାନ୍ତ୍ରିକ ସ୍ୱଚ୍ଛତା ଉପକରଣର ପ୍ରଦର୍ଶନ କରାଯିବ। ଉଲ୍ଲେଖନୀୟ ସେବା ପାଇଁ ସଫେଇ କର୍ମଚାରୀଙ୍କୁ ସମ୍ମାନିତ ମଧ୍ୟ କରାଯିବ।

## ଦୟା ନଦୀରେ ଭାସିଗଲେ ମତ୍ସ୍ୟଜୀବୀ



ପିପିଲି,୧୦।୭(ସଂଚାର ବ୍ୟୁରୋ): ମାଛ ଧରିବାକୁ ଯାଇ ନିଖୋଜ ହୋଇଯାଇଛନ୍ତି ମତ୍ସ୍ୟଜୀବୀ। ଦୟା ନଦୀରେ ସେ ଭାସିଯାଇଛନ୍ତି। ପୁରୀ ଜିଲ୍ଲା କଣାସ ଜାଗୁଲାଇ ପଦରରେ ଏହି ଦୁଃଖଦ ଘଟଣା ଘଟିଛି। ମିଳିଥିବା ସୂଚନାନୁସାରେ, ବାପା ପ୍ରକାଶ ବେହେରା ଓ ପୁଅ ଦିବାନା ବେହେରା ସବୁଦିନ ପରି ଆଜି ମଧ୍ୟ ମାଛ ଧରିବାକୁ ଯାଇଥିଲେ। ତେବେ ମାଛ ଧରୁଥିବା ବେଳେ ପୁଅ ଦିବାନା ନଦୀରେ ଭାସିଯାଇଥିଲେ। ପରେ ତାଙ୍କର କୌଣସି ପତ୍ତା ମିଳିପାରିନଥିଲା। ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଏନେଇ ପ୍ରଶାସନକୁ ଖବର ଦିଆଯିବା ପରେ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ନିଖୋଜ ମତ୍ସ୍ୟଜୀବୀଙ୍କ ସନ୍ଧାନ ଜାରି ରଖିଛନ୍ତି।

ହତ୍ୟା ମାମଲାରେ ଆଜୀବନ ଜେଲ୍ ଦଣ୍ଡ ଭୋଗୁଥିଲେ

## ମିଳିଲାନି ପ୍ରମାଣ, ୨୩ ବର୍ଷ ପରେ ଖଲାସ



କଟକ,୧୦।୯(ସଂଚାର ବ୍ୟୁରୋ): ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଜଣେ ଆସାମୀଙ୍କୁ ହାଇକୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଫଳରେ ଉକ୍ତ ଆସାମୀ ଜଣଙ୍କ ୨୩ ବର୍ଷ ପରେ ଜେଲ୍‌ରୁ ମୁକୁଳିବା ବାଟ ପରିଷ୍କାର ହୋଇଯାଇଛି। ଆସାମୀ ମୋହନ କୁମାର ସେନାପତିଙ୍କ ବିରୋଧରେ ଆସିଥିବା ଅଭିଯୋଗ ପ୍ରମାଣ କରିବାରେ ସରକାର ବିଫଳ ହେବାରୁ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ୍ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ନିମ୍ନ ଅଦାଲତଙ୍କ ଆଦେଶକୁ ରଦ୍ଦ କରିବା ସହ ତାଙ୍କୁ ଦଣ୍ଡମୁକ୍ତ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ଜଣାପଡ଼ିଛି ଯେ ଗତ ୧୯୯୯ ଅକ୍ଟୋବର ୩୦ରେ ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ଥାନା ଅଧୀନସ୍ଥ ଧେପାଗୁଡ଼ା ରାସ୍ତାରେ ଜଣେ ଅଚିହ୍ନା ବ୍ୟକ୍ତି ଆହତାବସ୍ଥାରେ ପଡ଼ିଥିବା ନେଇ ସ୍ଥାନୀୟ ଲୋକେ ଥାନାକୁ ଜଣାଇଥିଲେ। ପୁଲିସ୍ ଆସିବା ପୂର୍ବରୁ ଆହତଙ୍କୁ ମେଡିକାଲକୁ ନିଆଯାଇଥିଲା। କିନ୍ତୁ ମେଡିକାଲରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କୁ ଲୁଟ୍ କରି କେହି ହତ୍ୟା ଉଦ୍ୟମ କରିଥିବା ନେଇ ତେନ୍ତୁଲିଖୁଣ୍ଟା ପୁଲିସ୍ ପକ୍ଷରୁ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ଶ୍ରୀ ସେନାପତିଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ପ୍ରତ୍ୟକ୍ଷଦର୍ଶୀ ନ ଥିଲେ ମଧ୍ୟ ପାରିପାର୍ଶ୍ୱିକ ସ୍ଥିତିକୁ ନେଇ ନବରଙ୍ଗପୁର ଅତିରିକ୍ତ ସେସନ୍ସ ଜଜ୍ ଗତ ୨୦୦୩ ଜୁଲାଇ ୩୦ ତାରିଖରେ ରାୟ ପ୍ରକାଶ କରି ଶ୍ରୀ ସେନାପତିଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ତେବେ ଏହା ବିରୋଧରେ ଶ୍ରୀ ସେନାପତି ହାଇକୋର୍ଟରେ ଆବେଦନ କରିଥିଲେ। ଏବେ ହାଇକୋର୍ଟ ଏହି ମାମଲାରେ ରାୟ ଦେଇ କହିଛନ୍ତି ଯେ ଲୁଟ୍ ଅଭିପ୍ରାୟ ରଖି ଆସାମୀ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆକ୍ରମଣ କରିଛନ୍ତି। ସେଥିରେ ତାଙ୍କର ମୃତ୍ୟୁ ହୋଇଛି ବୋଲି କୁହାଯାଇଛି। କିନ୍ତୁ ଏହି ମାମଲାରେ ଟ୍ରାଏଲ୍ କୋର୍ଟ ଲୁଟ୍‌କୁ ନେଇ କୌଣସି ପ୍ରମାଣ ପାଇନାହାନ୍ତି। ତେଣୁ ଆସାମୀଙ୍କୁ ହତ୍ୟା ମାମଲାରୁ ମୁକ୍ତ କରାଗଲା ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ହାଇକୋର୍ଟ ଏହି ମାମଲାରେ ଆଇନଜୀବୀ ସମ୍ବିତ୍ ମହାନ୍ତିଙ୍କୁ ଆମିକସ୍ କ୍ୟୁରୀ ଭାବେ ନିଯୁକ୍ତ କରିଥିଲେ।



## ନକଲି ଆଇଏଏସ ଗିରଫ

ଭୁବନେଶ୍ୱର, ୧୦।୭ (ସଂଚାର ବ୍ୟୁରୋ) : ନିଜକୁ ଆଇଏଏସ ଅଫିସର କହି ଲୋକଙ୍କୁ ଠକୁଥିବା ବେଳେ ଜଣଙ୍କୁ ଗିରଫ କରିଛି ଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ କେନ୍ଦ୍ରାପଡ଼ାର ରବି ନାରାୟଣ ଦାସ। ଗିରଫ ଅଭିଯୁକ୍ତ ଜଣଙ୍କ ଆଇଏଏସ ବୋଲି ପରିଚୟ ଦେଇ ଓଡ଼ିଶା ମାଇନିଂ କର୍ପୋରେସନରେ ଚାକିରି କରାଇଦେବାକୁ କହି ଅଭିଯୋଗକାରୀ ମନୋରଞ୍ଜନ ପ୍ରଧାନଙ୍କଠାରୁ ପ୍ରାୟ ୨୦ ଲକ୍ଷ ଟଙ୍କା ନେଇଯାଇଥିଲେ। ତଦନ୍ତ ବେଳେ ତାଙ୍କ ନିକଟରୁ କିଛି ଜାଲ ନିଯୁକ୍ତିପତ୍ର ଓ ସାକ୍ଷାତକାର ପତ୍ର ଜବତ କରାଯାଇଛି। ପୂର୍ବରୁ ତାଙ୍କ ନାଁରେ ଲିଙ୍ଗରାଜ ଓ ଯାଜପୁର ଥାନାରେ ମାମଲା ଥିବା ଜଣାପଡ଼ିଛି। ଅଭିଯୁକ୍ତ ଜଣଙ୍କୁ ପଶ୍ଚିମବଙ୍ଗ ହୁଗୁଳିରୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି।

## ମିଳିଲାନି ଶ୍ମଶାନ, ବାଇକରେ ବୁହାହେଲା ମୃତଦେହ



ନବରଙ୍ଗପୁର,୧୦।୭(ସଂଚାର ବ୍ୟୁରୋ): ମୃତଦେହକୁ ମିଳିଲାନି ସମ୍ମାନ। ଶ୍ମଶାନ ନ ମିଳିବା ଫଳରେ ବାଇକରେ ବୁହାହେଲା ନାବାଳିକାଙ୍କ ମୃତଦେହ। ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଆମାଗୁଡ଼ା ଗାଁରେ ଘଟିଛି ଏଭଳି ଏକ ହୃଦୟ ବିଦାରକ ଘଟଣା। ଗାଁର ଜନୈକା ନାବାଳିକାଙ୍କ ଦେହ ଖରାପ ହେବା ବେଳେ ସେ ସାନଭରଣ୍ଡୀରେ ଥିବା ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ତେବେ ସେଠାରେ ସେ ଅସୁସ୍ଥତା ଯୋଗୁଁ ମୃତ୍ୟୁବରଣ କରିଥିଲେ। ସାନଭରଣ୍ଡୀ ଗାଁ ଶଶ୍ମାନରେ ଶବ ସଂସ୍କାର ପାଇଁ ଗ୍ରାମବାସୀ ମନା କରିଥିଲେ। ଶବ ସଂସ୍କାର ପାଇଁ ଗ୍ରାମବାସୀ ୭ ହଜାର ଟଙ୍କା ଦାବି କରିଥିଲେ। ନାବାଳିକାଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ୭ ହଜାର ଟଙ୍କା ଦେଇପାରି ନ ଥିଲେ। ଫଳରେ ନାବାଳିକାଙ୍କ ମୃତଦେହ ତାଙ୍କ ଗାଁ ଆମାଗୁଡ଼ାକୁ ବାଇକ ଯୋଗେ ନିଆଯାଇଥିଲା।

ଜମି ଲିଜ୍ ରେକର୍ଡର ସଠିକ୍ ରକ୍ଷଣାବେକ୍ଷଣ ପାଇଁ ନିର୍ଦ୍ଦେଶ

# ନ୍ୟାୟିକ ମାମଲାରେ ସଠିକ୍ ରେକର୍ଡ ଦେବାକୁ ତାଗିଦ୍

ଭୁବନେଶ୍ୱର,୧୦।୭ (ସଂଚାର ବ୍ୟୁରୋ): ଜମି ଲିଜ୍ ସମ୍ବନ୍ଧୀୟ ମାମଲାରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଓ ବିଧିବଦ୍ଧ ପ୍ରକ୍ରିୟାର ଯଥାର୍ଥ ପାଳନକୁ ସର୍ବୋଚ୍ଚ ଗୁରୁତ୍ୱ ଦେଇ ଆବଶ୍ୟକୀୟ ସଠିକ୍ ସଂରକ୍ଷିତ ରେକର୍ଡ ପ୍ରଦାନ କରିବା ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଦୃଢ଼ ନିର୍ଦ୍ଦେଶ ଜାରି କରାଯାଇଛି। ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି।

ସମ୍ପ୍ରତି ଏକ ମାମଲାରେ ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ଦୃଷ୍ଟିରେ ରଖି ବିଭାଗ ସ୍ପଷ୍ଟ କରିଛି ଯେ ଜମି ଲିଜ୍ ସଂକ୍ରାନ୍ତୀୟ ସମସ୍ତ ମାମଲାରେ ନ୍ୟାୟାଳୟଙ୍କ ଆଦେଶ, ପ୍ରଚଳିତ ଆଇନ ଓ ନିର୍ଦ୍ଧାରିତ ପ୍ରକ୍ରିୟାର ସଠିକ୍ ଅନୁପାଳନ କରାଯିବ। କୌଣସି ପ୍ରକାରର ଅବହେଳା କିମ୍ବା ବିଳମ୍ବକୁ ଗୁରୁତର ଭାବେ ବିବେଚନା କରାଯିବ।



ଏହି ପରିପ୍ରେକ୍ଷୀରେ ରାଜସ୍ୱ ସଚିବ କହିଛନ୍ତି ଯେ ଜମି ଲିଜ୍ ସମ୍ପର୍କିତ ନ୍ୟାୟିକ ମାମଲାରେ ଆଇନସମ୍ମତ ନିଷ୍ପତ୍ତି, ସମୟବଦ୍ଧ କାର୍ଯ୍ୟାନୁଷ୍ଠାନ ଏବଂ ସ୍ୱଚ୍ଛତା ସୁନିଶ୍ଚିତ କରିବା ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କ ଦାୟିତ୍ୱ। ଏଥିରେ କୌଣସି ତ୍ରୁଟି ଦେଖାଦେଲେ ଜନସାଧାରଣଙ୍କ ସ୍ୱାର୍ଥ ପ୍ରଭାବିତ ହେଉଛି। ଏଥିନିମନ୍ତେ ଏ ସମ୍ପର୍କିତ ସମସ୍ତ ନଥିପତ୍ର ସୁରକ୍ଷିତ ଭାବେ ସଂରକ୍ଷିତ ରଖିବା ସହ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ସଠିକ୍ ସମୟରେ ତାହା ଯୋଗାଇ ଦେବା ନିମନ୍ତେ ରାଜସ୍ୱ ସଚିବ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ସମସ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କୁ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପ୍ରତି ସମ୍ପୂର୍ଣ୍ଣ ସମ୍ମାନ ପ୍ରଦର୍ଶନ କରିବା, ଆଇନଗତ ବ୍ୟବସ୍ଥାକୁ ଅନୁସରଣ କରିବା ଏବଂ ଆବଶ୍ୟକୀୟ ସତର୍କତା ଓ ଦାୟିତ୍ୱବୋଧ ସହ କାର୍ଯ୍ୟ କରିବା ନିମନ୍ତେ ରାଜସ୍ୱ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାପାଳମାନେ ବିଭିନ୍ନ ଅଧୀନସ୍ଥ କାର୍ଯ୍ୟାଳୟ ପରିଦର୍ଶନ ସମୟରେ ଏସବୁ ନଥିପତ୍ରର ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଯାଂଚ କରି ଏସବୁର ସୁରକ୍ଷା ଏବଂ ଉପଲବ୍ଧି ସୁନିଶ୍ଚିତ କରିବା ନିମନ୍ତେ ପରାମର୍ଶ ଦିଆଯାଇଛି। ରାଜସ୍ୱ ନଥିପତ୍ରର ସୁରକ୍ଷା ମାଧ୍ୟମରେ ରାଜସ୍ୱ ପ୍ରଶାସନକୁ ସ୍ୱଚ୍ଛ ଏବଂ ସୁବ୍ୟବସ୍ଥିତ କରିବା ଦିଗରେ ରାଜସ୍ୱ ବିଭାଗ ନିଜର ପ୍ରତିବଦ୍ଧତା ସ୍ପଷ୍ଟ କରିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଛଟେଇ ସତ୍ତ୍ୱେ କର୍ମଚାରୀଙ୍କୁ ୯ ମାସର ଦରମା ଦେବ କମ୍ପାନୀ




**ନୂଆଦିଲ୍ଲୀ,୧୦।୭:** ବିଶ୍ୱର ପ୍ରମୁଖ ଟେକ୍ କମ୍ପାନୀ ମାଇକ୍ରୋସଫ୍ଟ ପୁଣି ଥରେ କର୍ମଚାରୀମାନଙ୍କୁ କରିଛି ଛଟେଇ। ହେଲେ, ଏହି ଛଟେଇ ସତ୍ତ୍ୱେ ଦେଖାଇବା ଉଦାରତା।ମାଇକ୍ରୋସଫ୍ଟ ତାର କର୍ମଚାରୀମାନଙ୍କୁ ଟେକ୍ ଇଣ୍ଡଷ୍ଟ୍ରୀରେ ସର୍ବୋତ୍ତମ ସେଭରେନ୍ସ ପ୍ୟାକେଜ (କ୍ଷତି ପୂରଣ) ମଧ୍ୟରୁ ଗୋଟିଏ ପ୍ରଦାନ କରିବ। ବିଜନେସ୍ ଇନସାଇଡରର ଏକ ରିପୋର୍ଟ ଅନୁଯାୟୀ, ଆମେରିକାରେ ଚାକିରି ହରାଇଥିବା କିଛି କର୍ମଚାରୀଙ୍କୁ ସେମାନଙ୍କ ଭୂମିକା ଏବଂ ସେବା ଅବଧି ଉପରେ ନିର୍ଭର କରି ୩୯ ସପ୍ତାହ ପର୍ଯ୍ୟନ୍ତ ବେସିକ୍ ଦରମା ମିଳିବ। ଏହା ଜଣେ କର୍ମଚାରୀଙ୍କ ପ୍ରାୟ ନଅ ମାସର ଦରମା ସହିତ ସମାନ। ଏହା ବ୍ୟତୀତ, କର୍ମଚାରୀମାନଙ୍କୁ ସ୍ୱାସ୍ଥ୍ୟ ବୀମା ଏବଂ ଅନ୍ୟାନ୍ୟ ସୁବିଧା ମଧ ପ୍ରଦାନ କରାଯିବ। କହି ରଖୁଛୁ ଯେ , ମାଇକ୍ରୋସଫ୍ଟ ବିଶ୍ୱବ୍ୟାପୀ ପ୍ରାୟ ୪,୮୦୦ କର୍ମଚାରୀଙ୍କ ଛଟେଇ କରୁଛି, ଯାହା ଏହାର ମୋଟ ୱାର୍କଫୋର୍ସର ପ୍ରାୟ ୨.୧ ପ୍ରତିଶତ। ମିଡିଆ ରିପୋର୍ଟ ଅନୁସାରେ, ପ୍ରତ୍ୟେକ କର୍ମଚାରୀଙ୍କୁ ମିଳିବାକୁ ଥିବା ରାଶି ତାଙ୍କର ଇଣ୍ଟରନାଲ ଲେବଲ ଉପରେ ନିର୍ଭର କରେ। ଲେବଲ ୬୪ ଓ ଏହା ଠାରୁ ତଳ କର୍ମଚାରୀଙ୍କୁ ମାଇକ୍ରୋସଫ୍ଟରେ କାମ କରିବାର ପ୍ରତି ଛଅ ମାସ ପାଇଁ ଗୋଟେ ସପ୍ତାହର ବେସିକ୍ ଦରମା ମିଳିବ। ଏହା ବ୍ୟତୀତ, ଲେବଲ ୬୫ ରୁ ୬୭ ପର୍ଯ୍ୟନ୍ତ କର୍ମଚାରୀଙ୍କୁ କାମ କରିବାର ପ୍ରତି ଛଅ ମାସ ପାଇଁ ଦୁଇ ସପ୍ତାହର ବେସିକ୍ ଦରମା ମିଳିବ। ବରିଷ୍ଠ ଅଧିକାରୀଙ୍କ ପାଇଁ ଅଲଗା କ୍ଷତିପୂରଣ ନୀତି ଲାଗୁ ହେବ। ସୂଚନା ଅନୁଯାୟୀ, ମାଇକ୍ରୋସଫ୍ଟ ଯୋଗ୍ୟ କର୍ମଚାରୀମାନଙ୍କୁ ସେମାନଙ୍କ କାର୍ଯ୍ୟକାଳର ଆଧାରରେ ଛଅ କିମ୍ବା ୧୨ ମାସର ଷ୍ଟକ୍ ଭେଟିଂ ସୁବିଧା ମଧ ପ୍ରଦାନ କରୁଛି। ପ୍ରଭାବିତ କର୍ମଚାରୀମାନେ ଛଅ ମାସର ପେଡ୍ ହେଲଥ ଇନ୍ସୁରାନ୍ସ ମିଳିବ। ଏହାସହ COBRA ମାଧ୍ୟମରେ ନିଜ ଖର୍ଚ୍ଚରେ ଆଉ ଏକ ବର୍ଷ ପାଇଁ ସ୍ୱାସ୍ଥ୍ୟସେବା କଭରେଜ୍ ଜାରି ରଖିବାର ବିକଳ୍ପ ମଧ ପାଇବେ।

ଏହି ଛଟେଇ ଏପରି ସମୟରେ ହୋଇଛି , ଯେତେବେଳେ ସାରା ବିଶ୍ୱର ଆଇଟି କମ୍ପାନୀଗୁଡ଼ିକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସରେ ଦ୍ରୁତ ନିବେଶ କରୁଛନ୍ତି। ମାଇକ୍ରୋସଫ୍ଟ ଏଥିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ରିପୋର୍ଟ ଅନୁଯାୟୀ, କମ୍ପାନୀ ଏହି ବର୍ଷ କ୍ୟାପିଟାଲ ଏକ୍ସପେଣ୍ଡିଚର ଭାବେ ପ୍ରାୟ ୧୯୦ ବିଲିୟନ ଡଲାର ଖର୍ଚ୍ଚ କରିବ। ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ AI ଭିତ୍ତିଭୂମି ବିସ୍ତାର ପାଇଁ ବ୍ୟବହାର କରାଯିବ।

# ଘରେ ଥିବା ସୁନାରୁ ବି ହୋଇପାରିବ ରୋଜଗାର

**ନୂଆଦିଲ୍ଲୀ,୧୦।୭:** ଘରେ କିମ୍ବା ବ୍ୟାଙ୍କ ଲକରରେ ପଡ଼ିରହିଥିବା ସୁନାରୁ ଆୟ କରିବା ପାଇଁ କେନ୍ଦ୍ର ସରକାର ଗୋଲ୍ଡ ମୋନିଟାଇଜେସନ୍ ସ୍କିମ୍ ଆରମ୍ଭ କରିଛନ୍ତି। ଏହି ଯୋଜନା ଅନୁସାରେ ଆପଣ ନିଜ ସୁନାକୁ ବ୍ୟାଙ୍କରେ ଜମା ରଖି ସେଥିରେ ସୁଧ ପାଇପାରିବେ। ତେବେ ଏହି ଯୋଜନାର କିଛି ଅସୁବିଧା ବି ରହିଛି। ଯାହା ଜାଣିବା ଗ୍ରାହକଙ୍କ ପାଇଁ ନିହାତି ଜରୁରୀ। ଭାରତରେ ସୁନା କେବଳ ଏକ ନିବେଶ ନୁହେଁ, ବରଂ ଏହା ପରିବାରର ପାରମ୍ପରିକ ସମ୍ପତ୍ତି ଓ ଭାବନା ସହ ଜଡିତ। ସେଥିପାଇଁ ଏହି ଯୋଜନାରେ ସୁନା ଜମା କରିବା ପୂର୍ବରୁ ସମସ୍ତ ନିୟମ ଓ ଏହାର ପ୍ରଭାବ ବୁଝିନେବା ଆବଶ୍ୟକ। କ'ଣ ଏହି ଗୋଲ୍ଡ ମୋନିଟାଇଜେସନ୍ ସ୍କିମ୍? ଏହି ଯୋଜନା ଅନୁସାରେ ଘରେ ଥିବା ସୁନା ଗହଣା, ସୁନା ମୁଦ୍ରା କିମ୍ବା ସୁନା ବିସ୍କୁଟକୁ ବ୍ୟାଙ୍କରେ ଜମା କରିହେବ। ବ୍ୟାଙ୍କ ଏହି ଜମା ସୁନା ଉପରେ ନିର୍ଦ୍ଧାରିତ ହାରରେ ସୁଧ ପ୍ରଦାନ କରିବ। ଜମା ଅବଧି ଶେଷ ହେଲେ ଗ୍ରାହକଙ୍କୁ ସେତେବେଳର ବଜାର ଦର ଅନୁଯାୟୀ ନଗଦ ଟଙ୍କା କିମ୍ବା ବନ୍ଧକ ସୁନା ଫେରସ୍ତ କରାଯାଏ। ଅର୍ଥାତ୍ ଘରେ ଅକାମରେ ପଡ଼ିଥିବା ସୁନାରୁ ଆପଣ ଅତିରିକ୍ତ ଆୟ କରିପାରିବେ। ମାର୍ଚ୍ଚ ୨୦୨୫ରୁ ବଦଳିଛି ନିୟମ ସରକାର ଏହି ଯୋଜନାରେ କିଛି ପରିବର୍ତ୍ତନ କରିଛନ୍ତି। ମାର୍ଚ୍ଚ ୨୦୨୫ ଠାରୁ ନିବେଶକମାନେ ମୁଖ୍ୟତଃ ସର୍ଟ-ଟର୍ମ ବ୍ୟାଙ୍କ ଡିପୋଜିଟ୍ ବିକଳ୍ପର ସୁବିଧା ପାଇପାରିବେ। ନୂଆଦିଲ୍ଲୀ: ଯୋଜନାର ଅସୁବିଧା କ'ଣ? ଏହି ଯୋଜନାରେ ଗ୍ରାହକଙ୍କ ଠାରୁ ସୁନା ନେଲାବେଳେ ସୁନାର ଶୁଦ୍ଧତା ଯାଞ୍ଚ ପାଇଁ 'ଫାୟାର ଆସେ' ପ୍ରକ୍ରିୟା କରାଯାଏ। ଏଥିରେ ସୁନାକୁ ତରଳାଯାଏ। ଅଶୁଦ୍ଧି ବାହାରିଯିବା ପରେ ସୁନାର ମୋଟ ଓଜନ କମିପାରେ। ତେଣୁ ଏହା ଏକ ବଡ଼ ସମସ୍ୟା। ସେହିପରି ଅନେକ ପରିବାର ପାଇଁ ସୁନା ଗହଣା କେବଳ ଏକ ସମ୍ପତ୍ତି ନୁହେଁ, ବରଂ ପାରିବାରିକ ଐତିହ୍ୟ ଓ ସ୍ମୃତିର ପ୍ରତୀକ। ତେଣୁ ଗହଣାକୁ ତରଳାଇବାକୁ ଅନେକେ ପସନ୍ଦ କରନ୍ତି ନାହିଁ। ତେଣୁ ଗ୍ରାହକଙ୍କ ପାଇଁ ଏହା ଏକ ସମସ୍ୟା ହୋଇପାରେ।



# ଶସ୍ତା ହେବ ମୋବାଇଲ୍ ଓ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ

**ନୂଆଦିଲ୍ଲୀ,୧୦।୭:** ଭାରତକୁ ବିଶ୍ୱର ସବୁଠାରୁ ବଡ଼ 'ଇଲେକ୍ଟ୍ରୋନିକ୍ସ ମାନୁଫ୍ୟାକ୍ଚରିଂ ହବ୍'ରେ ପରିଣତ କରିବା ପାଇଁ କେନ୍ଦ୍ର ସରକାର ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି । ଦେଶରେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ଉତ୍ପାଦନ ବଢ଼ାଇବା ଏବଂ ବିଦେଶୀ ଆମଦାନୀ ଉପରେ ନିର୍ଭରଶୀଳତା କମାଇବା ଲକ୍ଷ୍ୟରେ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ପାର୍ଟସ୍ ଏବଂ ମେସିନାରୀ ଉପରୁ କଷ୍ଟମ୍ସ ଡ୍ୟୁଟି ବା ସୀମା ଶୁଳ୍କ ହ୍ରାସ କରିଛନ୍ତି । ସରକାରଙ୍କ ଏହି ନୂଆ ନିୟମ ୨୦୨୯ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଲାଗୁ ରହିବ। ଏହି ନିଷ୍ପତ୍ତି ଯୋଗୁ ଆଗାମୀ ଦିନରେ ସ୍ମାର୍ଟଫୋନ୍, ଲିଥିୟମ୍- ଆୟନ ବ୍ୟାଟେରୀ ଏବଂ ଇଲେକ୍ଟ୍ରୋନିକ୍ସ ଗ୍ୟାଜେଟଗୁଡ଼ିକ ଶସ୍ତା ହେବାର ସମ୍ଭାବନା ସୃଷ୍ଟି ହୋଇଛି । 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ପାଇଁ ବଡ଼ ସଞ୍ଜୀବନୀ ବର୍ତ୍ତମାନ ସୁଦ୍ଧା ଭାରତରେ ଇଲେକ୍ଟ୍ରୋନିକ୍ସ ବଜାର ବହୁତ ବଡ଼ ହୋଇଥିଲେ ମଧ ଏହାର କଞ୍ଚାମାଲ ଏବଂ ମେସିନାରୀ ପାଇଁ ବିଦେଶୀ ବଜାର ଉପରେ ନିର୍ଭର କରିବାକୁ ପଡୁଥିଲା। କେନ୍ଦ୍ର ସରକାରଙ୍କ ଏହି ରିହାତି ଫଳରେ ଘରୋଇ କମ୍ପାନୀଗୁଡ଼ିକର ଉତ୍ପାଦନ ଖର୍ଚ୍ଚ ବହୁମାତ୍ରାରେ କମିଯିବ। ଏହାଦ୍ୱାରା ଦେଶକୁ ବହୁ ପରିମାଣର ବିଦେଶୀ ପୁଞ୍ଜିନିବେଶ (ଏଫଡିଆଇ) ଆସିବା ସହ ପ୍ରଧାନମନ୍ତ୍ରୀଙ୍କ 'ମେକ୍ ଇନ୍ ଇଣ୍ଡିଆ' ସ୍ୱପ୍ନ ସାକାର ହେବା ଦିଗରେ ନୂଆ ଗତି ମିଳିବ। ଲିଥିୟମ୍- ଆୟନ ବ୍ୟାଟେରୀ ତିଆରି ହେବ ସହଜ ବର୍ତ୍ତମାନର ସ୍ମାର୍ଟଫୋନ୍ ଠାରୁ ଆରମ୍ଭ କରି ଇଭି ପର୍ଯ୍ୟନ୍ତ ସବୁଥିରେ ଲିଥିୟମ୍- ଆୟନ ବ୍ୟାଟେରୀ ବ୍ୟବହାର କରାଯାଉଛି । ସେଣ୍ଟ୍ରାଲ ବୋର୍ଡ ଅଫ୍ ଇନଡାଇରେକ୍ଟ ଟ୍ୟାକ୍ସେସ୍ ଆଣ୍ଡ କଷ୍ଟମ୍ସ (ସିବିଆଇସି) ଅନୁସାରେ, ବ୍ୟାଟେରୀ ତିଆରି ପାଇଁ ବ୍ୟବହାର ହେଉଥିବା ପ୍ରାୟ ୮୫ ପ୍ରକାରର ଅତ୍ୟାଧୁନିକ ମେସିନ୍ ଉପରେ କଷ୍ଟମ୍ସ ଡ୍ୟୁଟି ଛାଡ଼ କରାଯାଇଛି। ଏଥିମଧ୍ୟରେ ବ୍ୟାଟେରୀ ପାଉଡର ପ୍ରସ୍ତୁତି, ଲେଜର ୱେଲଡିଂ, କୋଟିଂ ଏବଂ ଟେଷ୍ଟିଂ ସହ ଜଡ଼ିତ ସମସ୍ତ ବଡ଼ ବଡ଼ ଯନ୍ତ୍ରାଂଶ ସାମିଲ ରହିଛି । ଶସ୍ତା ହେବ ଡିସପ୍ଲେ ଏବଂ ୱାୟରଲେସ୍ ଚାର୍ଜିଂ ପାର୍ଟସ ଗାଡ଼ି ଓ ମେଡିକାଲ ଡିସପ୍ଲେ: ଅଟୋମୋବାଇଲ୍, ମେଡିକାଲ୍ ଉପକରଣ ଏବଂ ଶିଳ୍ପଭିତ୍ତିକ ମେସିନରେ ଲାଗୁଥିବା ଡିସପ୍ଲେ ଆସେମ୍ବଲିର ଅନେକ ପାର୍ଟସ୍ ଯେପରିକି ବ୍ୟାକଲାଇଟ୍ ୟୁନିଟ୍ ଏବଂ ଫ୍ରେମ୍ ଉପରୁ ଟ୍ୟାକ୍ସ କମାଇ ଦିଆଯାଇଛି । ତେବେ ଏହି ରିହାତିରୁ କେବଳ ମୋବାଇଲ୍ ଓ ଟିଭି ଡିସପ୍ଲେ ବାଦ ପଡ଼ିଛି। ପ୍ରିମିୟମ୍ ସ୍ମାର୍ଟଫୋନ୍ ଫିଚର: ସ୍ମାର୍ଟଫୋନରେ ବ୍ୟବହାର ହେଉଥିବା ୱାୟରଲେସ୍ ଚାର୍ଜିଂ ଫିଚରକୁ ଦେଶ ଭିତରେ ଶସ୍ତାରେ ପ୍ରସ୍ତୁତ କରିବା ପାଇଁ ପଥ ପରିଷ୍କାର ହୋଇଛି।ଏଥିରେ ଲାଗୁଥିବା ଚାର୍ଜିଂ ମଡ୍ୟୁଲ୍, ଇଣ୍ଡକ୍ଟର କଏଲ୍ ଏବଂ ଚୁମ୍ବକ (ଏନ୍‌ଡିଏଫ୍‌ଇବି) ପରି ଯନ୍ତ୍ରାଂଶ ଉପରୁ ମଧ ଶୁଳ୍କ ହ୍ରାସ କରାଯାଇଛି। ସରକାରଙ୍କ ଏହି ସ୍ୱଚ୍ଛ ନୀତି ଏବଂ ବୈଷୟିକ କୋହଳତା ଯୋଗୁ ଆଗାମୀ ଦିନରେ ଭାରତୀୟ ଇଲେକ୍ଟ୍ରୋନିକ୍ସ ବଜାରରେ ଏକ ବଡ଼ ବିପ୍ଳବ ଆସିବାକୁ ଯାଉଛି। ଯାହାର ସିଧାସଳଖ ଫାଇଦା ଦେଶର ସାଧାରଣ ଗ୍ରାହକ ପାଇପାରିବେ ।



# ସାଙ୍ଗର ଜନ୍ମଦିନ ମନେ ପକାଇବ ହ୍ୱାଟ୍ସଆପ୍

**ନୂଆଦିଲ୍ଲୀ,୧୦।୭:** ୟୁଜର୍ସଙ୍କ ପାଇଁ ଏକ ବଡ଼ ଏବଂ ଆକର୍ଷଣୀୟ ଫିଚର ଆଣିବାକୁ ଯାଉଛି ବିଶ୍ୱର ସବୁଠାରୁ ଲୋକପ୍ରିୟ ମେସେଜିଂ ଆପ୍ ହ୍ୱାଟ୍ସଆପ୍ । ଏଣିକି ଆପଣଙ୍କ ସାଙ୍ଗସାଥୀ କିମ୍ବା ପରିବାର ଲୋକଙ୍କ ଜନ୍ମଦିନ ଆପଣ ଆଉ ଭୁଲିବେ ନାହିଁ । ମେଟା ମାଲିକାନାରେ ଥିବା ଏହି ଆପ୍ରେ ଏକ ଇନ୍-ବିଲ୍ଟ 'ବର୍ଥଡେ ରିମାଇଣ୍ଡର' ଫିଚର ଆସିବାକୁ ଯାଉଛି, ଯାହାର ଟେଷ୍ଟିଂ ବର୍ତ୍ତମାନ ଚାଲିଛି । ଏହି ଫିଚର ଆସିବା ପରେ ବନ୍ଧୁମାନଙ୍କ ଜନ୍ମଦିନ ମନେ ରଖିବା ପାଇଁ ଆପଣଙ୍କୁ ଆଉ କୌଣସି କ୍ୟାଲେଣ୍ଡର କିମ୍ବା ଥର୍ଡ-ପାର୍ଟି ଆପ୍ର ସାହାରା ନେବାକୁ ପଡ଼ିବ ନାହିଁ । କେମିତି କାମ କରିବ ଏହି 'ବର୍ଥଡେ ରିମାଇଣ୍ଡର' ଫିଚର ? ହ୍ୱାଟ୍ସଆପ୍ ର ପ୍ରତିଟି ଅପଡେଟ୍ ଉପରେ ନଜର ରଖୁଥିବା ୱେବସାଇଟ୍ WABetaInfo ର ରିପୋର୍ଟ ଅନୁଯାୟୀ, ହ୍ୱାଟସ୍ଆପ୍ର ଆଣ୍ଡ୍ରଏଡ୍ ବିଟା ଅପଡେଟ୍ ରେ ଏହି ନୂଆ ଫିଚରର ଝଲକ ଦେଖିବାକୁ ମିଳିଛି । ଆପ୍ ଭିତରେ ଏକ ସ୍ୱତନ୍ତ୍ର ବର୍ଥଡେ ସେକ୍ସନ ଦିଆଯିବ, ଯେଉଁଠାରେ ଆଗକୁ କେଉଁ କେଉଁ ବନ୍ଧୁଙ୍କ ଜନ୍ମଦିନ ଆସୁଛି, ତାହାର ଏକ ଲିଷ୍ଟ ଦେଖାଯିବ । କୌଣସି କଣ୍ଟାକ୍ଟର ଜନ୍ମଦିନ ପାଖେଇ ଆସିଲେ, ହ୍ୱାଟ୍ସଆପ୍ ଆପଣଙ୍କୁ ଆପ୍ ଭିତରେ ହିଁ ଏକ ରିମାଇଣ୍ଡର ବା ନୋଟିଫିକେସନ୍ ପଠାଇବ । ଯାହାଫଳରେ ଆପଣ ଠିକ୍ ସମୟରେ ସେମାନଙ୍କୁ ଶୁଭେଚ୍ଛା ଜଣାଇପାରିବେ । ତେବେ ଏହି ଫିଚରର ଲାଭ ଆପଣ ସେତେବେଳେ ପାଇବେ, ଯେତେବେଳେ ଆପଣଙ୍କ କଣ୍ଟାକ୍ଟ ଲିଷ୍ଟରେ ଥିବା ବ୍ୟକ୍ତିଜଣକ ନିଜ ହ୍ୱାଟ୍ସଆପ୍ ପ୍ରୋଫାଇଲ୍ରେ ଜନ୍ମ ତାରିଖ ସେଭ୍ କରି ରଖିଥିବେ । ବର୍ତ୍ତମାନ ସୁଦ୍ଧା ହ୍ୱାଟ୍ସଆପ୍ ସବୁ ୟୁଜର୍ସଙ୍କୁ ଜନ୍ମ ତାରିଖ ମାଗୁନାହିଁ, କିନ୍ତୁ ଆଗକୁ ଏହା ବାଧ୍ୟତାମୂଳକ କିମ୍ବା ଏକ ଅପ୍ସନ ଭାବେ ଯୋଡ଼ାଯିବ । ପ୍ରାଇଭେସିକୁ ନେଇ କ'ଣ ରହିଛି ସୂଚନା ? ବର୍ତ୍ତମାନ ଏହି ଫିଚରଟି କେବଳ ଡେଭଲପମେଣ୍ଟ ଷ୍ଟେଜ୍ ରେ ଅଛି । ଏହାକୁ ଏପର୍ଯ୍ୟନ୍ତ ବିଟା ଟେଷ୍ଟରମାନଙ୍କ ପାଇଁ ମଧ ଉପଲବ୍ଧ କରାଯାଇନାହିଁ । ଆପଣଙ୍କ ଜନ୍ମଦିନ ସମସ୍ତ କଣ୍ଟାକ୍ଟଙ୍କୁ ଦେଖାଯିବ ନାହିଁ ଏହାକୁ ଲୁଚାଇବାର କୌଣସି ଅପ୍ସନ ରହିବ, ସେନେଇ କମ୍ପାନୀ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ । ତେବେ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ସମସ୍ତ ଗ୍ରାହକଙ୍କ ପାଇଁ ଏହି ଫିଚର ରୋଲ୍ଆଉଟ୍ ହେବା ପୂର୍ବରୁ ମେଟା ଏଥିରେ ପ୍ରାଇଭେସି ସେଟିଂସ ନିଶ୍ଚୟ ଯୋଡ଼ିବ, ଯେଉଁଠାରେ ୟୁଜର୍ସ ନିଜ ଇଚ୍ଛା ଅନୁସାରେ ନିଜ ଜନ୍ମଦିନକୁ ଅନ୍ୟମାନଙ୍କୁ ଦେଖାଇପାରିବେ କିମ୍ବା ଲୁଚାଇ ପାରିବେ ।






# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୪,୮୨୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୨,୭୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୪,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୨,୭୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୪,୮୨୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୩୨,୭୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୪,୯୫୦ ଟଙ୍କା ଓ ୨୨ କ୍ୟାରଟେ ୧,୩୨,୯୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୫,୬୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୩,୫୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୪,୮୨୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୨,୭୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପାଇଁ ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଲଗାତାର କିଛିଦିନ ହେଲାଣି ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୯.୭୮ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୧.୪୬ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୫ ପଇସା ରହିଛି ।

# ଜଳସେଚନ ପାଇଁ ସୁବିଧା, ଗମନାଗମନରେ ବାଧା

ନିଶ୍ଚିନ୍ତକୋଇଲି,୧୦।୭ (ସଂଚାର ବ୍ୟୁରୋ): ନାଳର ଶେଷମୁଣ୍ଡରେ ଥିବା ଚାଷ ଜମିକୁ ସଠିକ୍ ଜଳସେଚନ କରିବା ଲକ୍ଷ୍ୟ ନେଇ ଜଳସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ନାଳ, ଶାଖା ନାଳ ଓ ଉପଶାଖାନାଳରେ ସିମେଣ୍ଟ କଂକ୍ରିଟ୍ ଲାଇନିଂ କାର୍ଯ୍ୟ ହେଉଅଛି। ଏହି ପ୍ରରିପେକ୍ଷୀରେ କେନ୍ଦ୍ରାପଡ଼ା ମୁଖ୍ୟନାଳରୁ ବାହାରିଥିବା ୭ନଂ ଶାଖାନାଳର ସିମେଣ୍ଟ କଂକ୍ରିଟ୍ ଲାଇନିଂ କାର୍ଯ୍ୟ ଚାଲୁରହିଛି। ନିର୍ମାଣ କାର୍ଯ୍ୟ ସମୟରେ କ୍ଷେତ୍ର ଉପରେ କାର୍ଯ୍ୟାଦେଶ ହାତେଇଥିବା ମୂଳ ଠିକା ସଂସ୍ଥାର ଦେଖାମିଳୁନଥିବା ବେଳେ ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ବିଭାଗୀୟ ଯନ୍ତ୍ରୀ କି ଉଚ୍ଚପଦସ୍ଥ ଅଧିକାରୀ ରହୁନଥିବା ଅଭିଯୋଗ ହେଉଛି।

ଏଠାରେ ସୂଚନାଥାଉ କି ଉକ୍ତ ନାଳରେ ସିମେଣ୍ଟ କଂକ୍ରିଟ୍ ଲାଇନିଂ କାର୍ଯ୍ୟ କରିବାକୁ ବିଭାଗ ପକ୍ଷରୁ ଯେଉଁ ମୂଳ ଠିକାଦାରଙ୍କୁ ଚୟନ କରାଯାଇଛି। ସେ ନିର୍ମାଣ କାର୍ଯ୍ୟ ନକରି ଅନ୍ୟ ଏକ ଠିକାସଂସ୍ଥାକୁ ନିର୍ମାଣ କାର୍ଯ୍ୟଭାର ଦେଇଥିବା ନେଇ ଚର୍ଚ୍ଚା ହେଉଛି। ମୂଳ ଠିକାସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତର ସୁଯୋଗ ନେଇ ବର୍ତ୍ତମାନ ଉକ୍ତ କାର୍ଯ୍ୟକୁ ମନ ମୁତାବକ କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ନିର୍ମାଣ କାର୍ଯ୍ୟ ସମୟରେ ନାଳବନ୍ଧର ବାମପାର୍ଶ୍ୱରୁ ଅନେକ ଗଛଗୁଡ଼ିକ କଟାଯାଇଥିବା ଦେଖିବାକୁ ମିଳିଛି। ଉକ୍ତ ଗଛକୁ କାଟିବା ପାଇଁ କିଏ ଓ କେଉଁଠୁ ଅନୁମତି ଆଣିଲା ଓ କଟାଯାଉଥିବା କାଠ ଗୁଡ଼ିକ କଣ ହେଉଛି, ନାଳରେ ସିମେଣ୍ଟ କଂକ୍ରିଟ୍ ଲାଇନିଂ କାର୍ଯ୍ୟ ହେଲା ପରେ କେନ୍ଦ୍ରାପଡ଼ା କେନାଲରୁ ବାହାରିଥିବା ଉକ୍ତ ୭ନଂ ଶାଖାନାଳର ଆରମ୍ଭରୁ ପ୍ରାୟ ୧୦୦ମିଟର ଯାଏଁ ନାଳର ଦକ୍ଷିଣପାର୍ଶ୍ୱ ରାସ୍ତା କଡ଼ରେ ବହୁ ଚଉଡ଼ାର ଗଭୀର ଖାଲ ସେମିତି ଖୋଲାମେଲାରେ ରହିଛି। ଉକ୍ତ ରାସ୍ତାରେ ଯାଆସ କରୁଥିବା ଚାରିଚକିଆ ଯାନ ଓ ଦୁଇଚକିଆ ଯାନ ଆରୋହୀ ଓ ସାଇକେଲରେ ଯାତାୟତ କରୁଥିବା ବ୍ୟକ୍ତିମାନେ ରାସ୍ତା ଓ ନାଳ ମଧ୍ୟରେ ଥିବା ଏହି ଚଉଡ଼ା ଗାତରେ ଖସିପଡ଼ି ଖଣ୍ଡିଆଖାବରା ହେବାର ଯଥେଷ୍ଟ ଆଶଙ୍କା ରହିଛି।

ନାଳ ସିମେଣ୍ଟ କଂକ୍ରିଟ୍ ଲାଇନିଂ କାର୍ଯ୍ୟ ହେବା ସହିତ ଗମନାଗମନ ପାଇଁ ଥିବା ରାସ୍ତା ଓ ନାଳ ମଧ୍ୟରେ ବାହାରୁଥିବା ଖାଲ ଜାଗାକୁ ସମ୍ପୃକ୍ତ ଠିକା ସଂସ୍ଥା ପକ୍ଷରୁ ତୁରନ୍ତ ପୋତାଯିବା କଥା ହେଲେ ଠିକାଦାରଙ୍କ ମନମାନୀ ଯୋଗୁଁ ଉକ୍ତ ସ୍ଥାନଗୁଡ଼ିକ ସେମିତି ଖୋଲାମେଲାରେ ପଡ଼ିଛି। ତୁରନ୍ତ ରାସ୍ତା ଓ ନାଳର ଖାଲିଥିବା ମଟି ଅଂଶକୁ ପୂର୍ଣ୍ଣ କରିବାକୁ ସାଧାରଣରେ ଦାବି ହେଉଛି।

ଏଠାରେ ସୂଚନାଥାଉକି ଉକ୍ତ ଖାଲି ସ୍ଥାନକୁ ପୂରଣ ନକରିବା ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଅସ୍ଥାୟୀ ବାଡ଼ା ଦେବା କଥା ମାତ୍ର ଠିକାଦାର ଏହା କରିନାହାଁନ୍ତି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।



# ଖୋଲିଛି ହୀରାକୁଦ ଗେଟ୍, ମହାନଦୀ ଓ ଶାଖା ନଦୀ ନିକଟରେ ସତର୍କ ରହିବାକୁ ପରାମର୍ଶ

କେନ୍ଦ୍ରାପଡ଼ା,୧୦।୭(ସଂଚାର ବ୍ୟୁରୋ): ହୀରାକୁଦ ଡ୍ୟାମର ସ୍ପିଲୱେ ଗେଟ୍ ଖୋଲାଯାଇଥିବା ପରିପ୍ରେକ୍ଷୀରେ ମହାନଦୀ ଏବଂ ଏହାର ଶାଖା ନଦୀଗୁଡ଼ିକରେ ଜଳସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାବାସୀଙ୍କୁ ସତର୍କ ଓ ସଚେତନ ରହିବାକୁ ଅନୁରୋଧ କରାଯାଇଛି । ନଦୀରେ ପ୍ରବଳ ସ୍ରୋତ ଓ ଜଳସ୍ତର ବୃଦ୍ଧି ଯୋଗୁଁ ଅଘଟଣ ଏଡ଼ାଇବା ପାଇଁ ସାଧାରଣ ଲୋକମାନେ ନଦୀ, ନଦୀପଠା, ବାଲିଚର, ଗାଧୋଇବା ଘାଟ ଏବଂ ଅନ୍ୟାନ୍ୟ ନିମ୍ନାଳକୁ ଯିବାରୁ ସମ୍ପୂର୍ଣ୍ଣ ବିରତ ରହିବାକୁ ପରାମର୍ଶ ଦିଆଯାଇଛି । ସେହିପରି ନଦୀରେ ଗାଧୋଇବା, ମାଛ ଧରିବା, ଡଙ୍ଗା ଚଳାଚଳ ଏବଂ ବାଲି ଉତ୍ତୋଳନ ଭଳି କାର୍ଯ୍ୟକଳାପ ପରବର୍ତ୍ତୀ ନିର୍ଦ୍ଦେଶ ନଆସିବା ପର୍ଯ୍ୟନ୍ତ ବନ୍ଦ ରଖିବାକୁ କୁହାଯାଇଛି । ଗୃହପାଳିତ ପଶୁମାନଙ୍କୁ ନଦୀକୂଳ କିମ୍ବା ଜଳାବଦ୍ଧ ନିମ୍ନାଳକୁ ଚରାଇବା ପାଇଁ ନ ନେବାକୁ ମଧ୍ୟ ପରାମର୍ଶ ଦିଆଯାଇଛି । ଅଭିଭାବକମାନେ ପିଲାମାନଙ୍କୁ ନଦୀ ଏବଂ ଜଳାଶୟ ନିକଟକୁ ଯିବାକୁ ନ ଦେବା ପାଇଁ ବିଶେଷ ଅନୁରୋଧ କରାଯାଇଛି । ଅସାବଧାନତା ଯୋଗୁଁ କୌଣସି ଅଘଟଣ ନଘଟିବା ପାଇଁ ସମସ୍ତେ ସର୍ବୋଚ୍ଚ ସତର୍କତା ଅବଲମ୍ବନ କରିବା ଆବଶ୍ୟକ । ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ କୌଣସି ଗୁଜବ କିମ୍ବା ଅପ୍ରମାଣିତ ସୂଚନାକୁ ବିଶ୍ୱାସ ନ କରି କେବଳ ଜିଲ୍ଲା ପ୍ରଶାସନ, ଜଳସମ୍ପଦ ବିଭାଗ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜାରି କରାଯାଉଥିବା ସରକାରୀ ସୂଚନା ଓ ନିର୍ଦ୍ଦେଶକୁ ଅନୁସରଣ କରନ୍ତୁ ।

# ମାଲକାନଗିରି ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ



ମାଲକାନଗିରି,୧୦।୭ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଏକ ସବୁଜ ଏବଂ ସୁନ୍ଦର ପରିବେଶ ଗଠନ ଲକ୍ଷ୍ୟରେ ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ବନ ମହୋତ୍ସବ ବ୍ୟାପକ ଭାବେ ପାଳିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ଅଭିଯାନରେ ବିଦ୍ୟାଳୟଗୁଡ଼ିକର ଇକୋ କ୍ଲବ୍, ଜୁନିୟର ରେଡକ୍ରସ, ସ୍କାଉଟ୍ସ ଓ ଗାଇଡ୍ସ ର କ୍ୟାଡେଟ୍‌ମାନଙ୍କ ସମେତ ସାଧାରଣ ଛାତ୍ରଛାତ୍ରୀମାନେ ଅତ୍ୟନ୍ତ ଉତ୍ସାହର ସହ ସାମିଲ ହୋଇଥିଲେ । ବିଦ୍ୟାଳୟ ପରିସର ଏବଂ ଏହାର ଆଖପାଖ ଅଞ୍ଚଳରେ ଶତାଧିକ ମୂଲ୍ୟବାନ ତଥା ଔଷଧୀୟ ଚାରା ରୋପଣ କରାଯାଇଛି । କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପାଣିଗ୍ରାହୀ କହିଛନ୍ତି ଯେ, ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସବୁଜ ପୃଥିବୀ ଗଠନ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ବିଦ୍ୟାଳୟ ସ୍ତରରୁ ହିଁ ପିଲାମାନଙ୍କ ମନରେ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ପ୍ରତି ଆଗ୍ରହ ସୃଷ୍ଟି କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ । ରୋପଣ କରାଯାଇଥିବା ଚାରାଗୁଡ଼ିକର ସୁରକ୍ଷା ଓ ପ୍ରତିପାଳନ ଦାୟିତ୍ୱ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ବଣ୍ଟନ କରାଯାଇଛି । ଏହି ବନ ମହୋତ୍ସବ କାର୍ଯ୍ୟକ୍ରମ ମାଲକାନଗିରି ଜିଲ୍ଲାର ଶିକ୍ଷା ବିଭାଗ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ର ସମାଜର ମିଳିତ ପ୍ରୟାସରେ ଏକ ଜଣ ଆନ୍ଦୋଳନର ରୂପ ନେଇଛି, ଯାହାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକ ମହଲରେ ବେଶ୍ ପ୍ରଶଂସା କରାଯାଇଛି ।

# ବାରିପଦାରେ ଅନୁଷ୍ଠିତ ହେବ ସ୍ୱତନ୍ତ୍ର ଲୋକ ଅଦାଲତ

ବାରିପଦା,୧୦।୭ (ସଂଚାର ବ୍ୟୁରୋ): ବାରିପଦା ସ୍ଥିତ ଜିଲ୍ଲା ନ୍ୟାୟାଳୟ ପରିସରରେ ଚଳିତ ମାସ ୧୮ ତାରିଖ (ଶନିବାର) ଦିନ ଏନ. ଆଇ. ଆକ୍ଟ କେସ୍ ଧାରା ୧୩୮ ଅନ୍ତର୍ଗତ (ଚେକ ବାଉନ୍ସ) ମୋକଦ୍ଦମା ଗୁଡିକର ସମାଧାନ ନିମନ୍ତେ ଏକ ସ୍ୱତନ୍ତ୍ର ଲୋକ ଅଦାଲତ ଆୟୋଜିତ ହେବ।

ଏହି ସ୍ୱତନ୍ତ୍ର ଲୋକ ଅଦାଲତ ମାଧ୍ୟମରେ ଦୀର୍ଘଦିନ ଧରି ଚାଲି ଆସୁଥିବା ବିଚାରାଧୀନ ମୋକଦ୍ଦମା ଗୁଡିକର ପକ୍ଷମାନଙ୍କ ସହମତିରେ ଆପୋଷ ବୁଝାମଣା ଦ୍ୱାରା ସମାଧାନ କରାଯାଇପାରିବ, ଯେଉଁଥିରେ କୌଣସି ଅର୍ଥ ବହନ କରିବାକୁ ପଡ଼ିବ ନାହିଁ। ତେଣୁ ଏହି ସୁଯୋଗର ସଦୁପଯୋଗ କରିବା ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ତରଫରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ସବିଶେଷ ବିବରଣୀ ତଥା ବିଚାରାଧୀନ ବିବାଦର ଆପୋଷ ସମାଧାନ ପାଇଁ ଜିଲ୍ଲା ନ୍ୟାୟାଳୟ ପରିସରରେ ଥିବା ଆଇନ ସେବା ପ୍ରାଧିକରଣର ସମ୍ମୁଖ କାର୍ଯ୍ୟାଳୟରେ ଖୁବଶୀଘ୍ର ଯୋଗାଯୋଗ କରିବାକୁ ପ୍ରାଧିକରଣ ପକ୍ଷରୁ ନିବେଦନ କରାଯାଇଛି।

# କାକଟପୁର ନିର୍ବାଚନମଣ୍ଡଳୀରେ ପ୍ରକାଶ ପାଇଲା ଚିଠା ଭୋଟର ତାଲିକା

**୨. ୨୪ଲକ୍ଷ ଭୋଟର, ୩୧୯ଟି ବୁଥ୍ / ଅସ୍ତରଙ୍ଗରେ ୯୬, କାକଟପୁରରେ ୧୨୩ଟି ବୁଥ୍**

କାକଟପୁର /ଅସ୍ତରଙ୍ଗ,୧୦।୭ (ସଂଚାର ବ୍ୟୁରୋ): ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ହୋଇଥିବା ସ୍ୱତନ୍ତ୍ର ସଂଘନ ସଂଶୋଧନ ପ୍ରକ୍ରିୟା ପରେ ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀର ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଏହି ତାଲିକା ଅନୁସାରେ ନିର୍ବାଚନ ମଣ୍ଡଳୀର ଅସ୍ତରଙ୍ଗ ଓ କାକଟପୁର ଦୁଇ ବ୍ଲକରେ ବୁଥ୍ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥିବା ବେଳେ ଭୋଟର ସଂଖ୍ୟାରେ ବଡ ପରିବର୍ତ୍ତନ ହୋଇଛି।

ଅସ୍ତରଙ୍ଗ ବ୍ଲକ ଅଧୀନ ୧୫ ଗୋଟି ପଂଚାୟତରେ ପୂର୍ବରୁ ୮୯ଟି ବୁଥ୍ ଥିବା ବେଳେ ଏସଆଇଆର ପରେ ଏହାକୁ ୯୬ଟିକୁ ବୃଦ୍ଧି କରାଯାଇଛି। ଅର୍ଥାତ ୭ଟି ନୂଆ ବୁଥ୍ ସୃଷ୍ଟି ହୋଇଛି। ବିଶେଷ ଭାବେ ଅସ୍ତରଙ୍ଗ, ନୂଆଗଡ, ନଗର, ପାଟସୁନ୍ଦରପୁର, ଡେରୁଣିଆ ଓ କୁଣ୍ଢେଶ୍ୱର ଅଂଚଳରେ ପ୍ରତ୍ୟେକରେ ୧ ଟି ଲେଖାଏଁ ଭୋଟ ଦାନ କେନ୍ଦ୍ର ବଢ଼ିଛି। ଏହି କାର୍ଯ୍ୟ ପାଇଁ ବ୍ଲକରେ ୮୯ ଜଣ ବିଏଲଓ, ୯ ଜଣ ସୁପରଭାଇଜର ନିୟୋଜିତ ହୋଇଥିବା ବେଳେ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ସମଗ୍ର ପ୍ରକ୍ରିୟାର ତଦାରଖ କରୁଛନ୍ତି।କାକଟପୁର ବ୍ଲକରେ ଏସଆଇଆର ପରେ ଭୋଟର ସଂଖ୍ୟା ହ୍ରାସ ପାଇଛି।

ପୂର୍ବରୁ ୯୨,୭୫୨ ଜଣ ଭୋଟର ଥିବା ବେଳେ ବର୍ତ୍ତମାନ ୮୭,୭୧୧ ଜଣ ହୋଇଛନ୍ତି। ଅର୍ଥାତ ୫,୦୪୧ ଜଣଙ୍କ ନାମ କଟିଛି। ମୃତ, ସ୍ଥାନାନ୍ତରିତ ଓ ଦ୍ୱିତୀୟ ସ୍ଥାନରେ ନାମ ଥିବା ବ୍ୟକ୍ତିଙ୍କୁ ବାଦ ଦିଆଯାଇଥିବା ବେଳେ ନୂଆ ୧୮ ବର୍ଷ ହୋଇଥିବା ଯୁବକ ଯୁବତୀଙ୍କ ନାମ ଯୋଡା ଯାଇଛି। ତେବେ ବୁଥ୍ ସଂଖ୍ୟା ୧୦୨ ରୁ ୨୧ ଟି ବୃଦ୍ଧି ପାଇ ୧୨୩ ଟି ହୋଇଛି। ବିଡ଼ିଓ ନାରାୟଣ ଦୀକ୍ଷିତି ଓ ତହସିଲଦାର ଏହାର ତଦାରଖ କରୁଛନ୍ତି।

ତାଲିକା ଅନୁସାରେ କାକଟପୁର ନିର୍ବାଚନ ମଣ୍ଡଳୀରେ ମୋଟ ୩୧୯ଟି ବୁଥ୍ ରହିଛି। ମୋଟ ଭୋଟର ସଂଖ୍ୟା ୨,୨୪,୩୪୧ ଯେଉଁଥିରେ ପୁରୁଷ ୧,୧୭,୪୪୩, ମହିଳା ୧,୦୬,୮୯୨ ଓ ତୃତୀୟ ଲିଙ୍ଗ ୬ ଜଣ ଅଛନ୍ତି।

ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ୫ ଜୁଲାଇରୁ ୪ ଅଗଷ୍ଟ ପର୍ଯ୍ୟନ୍ତ ଭୋଟରମାନେ ନାମ ଯୋଡା, ବାଦ ଓ ତ୍ରୁଟି ସଂଶୋଧନ ପାଇଁ ଆପତ୍ତି ଦାଖଲ କରିପାରିବେ। ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ଆପତ୍ତିର ଶୁଣାଣୀ ହୋଇ ସେପ୍ଟେମ୍ବର ୬ ତାରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

ପ୍ରଶାସନ ପକ୍ଷରୁ ସମସ୍ତ ଭୋଟରଙ୍କୁ ନିଜ ନାମ ତାଲିକାରେ ଅଛି କି ନାହିଁ ତାହା ଯାଞ୍ଚ କରିବା ସହ ତ୍ରୁଟି ଥିଲେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଆବେଦନ କରିବାକୁ ଅନୁରୋଧ କରାଯାଇଛି।

## ଖଣିରୁ ମିଳୁଛି କୋଟି କୋଟି ଟଙ୍କାର ରାଜସ୍ୱ

# ହେଲେ, ବେରୋଜଗାରୀରେ ସନ୍ତୁଳି ହେଉଛନ୍ତି ସ୍ଥାନୀୟ ଲୋକେ

ଯୋଡ଼ା,୧୦।୭ (ସଂଚାର ବ୍ୟୁରୋ): ଯୋଡ଼ା, ବଡ଼ବିଲ ଓ ଚମ୍ପୁଆ ଅଞ୍ଚଳ ଦେଶର ଅନ୍ୟତମ ଖଣିଜ ସମ୍ପଦ ଭଣ୍ଡାର ଭାବେ ପରିଚିତ। ପ୍ରତିଦିନ ଏଠାରୁ ଲକ୍ଷ ଲକ୍ଷ ଟନ୍ ଲୁହାପଥର ଉତ୍ତୋଳନ ହୋଇ ଦେଶର ବିଭିନ୍ନ ଇସ୍ପାତ କାରଖାନାକୁ ଯାଉଛି। ଏହା ଦ୍ୱାରା ରାଜ୍ୟ ସରକାରଙ୍କ ରାଜକୋଷକୁ କୋଟି କୋଟି ଟଙ୍କାର ରାଜସ୍ୱ ମିଳୁଥିବା ବେଳେ ଖଣି କମ୍ପାନୀମାନେ ମଧ୍ୟ ବିପୁଳ ଲାଭ ଅର୍ଜନ କରୁଛନ୍ତି। କିନ୍ତୁ ଖଣିଜ ସମୃଦ୍ଧ ଏହି ଅଞ୍ଚଳର ସାଧାରଣ ଲୋକଙ୍କ ଜୀବନ ଚିତ୍ର ବିକାଶର ଦାବିକୁ ପ୍ରଶ୍ନବାଚୀ କରିଦେଇଛି।

ଖଣି ଅର୍ଥନୀତି ଉପରେ ନିର୍ଭର କରୁଥିବା ଗାଡ଼ି ବ୍ୟବସାୟୀ, ଛୋଟ ଦୋକାନୀ, ଗ୍ୟାରେଜ ମାଲିକ, ପରିବହନ ବ୍ୟବସାୟୀ ଓ ଦୈନିକ ମଜୁରିଆମାନଙ୍କ ଅବସ୍ଥା ଏବେ ଚିନ୍ତାଜନକ। ବ୍ୟବସାୟ ମାନ୍ଦା ପଡ଼ିଥିବା ବେଳେ ରୋଜଗାରର ସୁଯୋଗ କ୍ରମଶଃ ସଙ୍କୁଚିତ ହେଉଛି। ଅନେକ ଯୁବକ କାମ ଅଭାବରୁ ବେରୋଜଗାର ହୋଇ ଘରେ ବସି ରହିଛନ୍ତି। ପରିବାର ଚଳାଇବା, ପିଲାଙ୍କ ଶିକ୍ଷା ଓ ଚିକିତ୍ସା ଖର୍ଚ୍ଚ ଯୋଗାଡ଼ କରିବା ଅନେକଙ୍କ ପାଇଁ କଷ୍ଟସାଧ୍ୟ ହୋଇପଡ଼ିଛି।

ସବୁଠାରୁ ବଡ଼ ବିଡମ୍ବନା ହେଉଛି, ଯେଉଁ ଅଞ୍ଚଳ ଦେଶର ଶିଳ୍ପ ବିକାଶର ମେରୁଦଣ୍ଡ ସ୍ୱରୂପ, ସେହି ଅଞ୍ଚଳର ଲୋକମାନେ ଆଜି ନିଜ ଭବିଷ୍ୟତକୁ ନେଇ ଅନିଶ୍ଚିତତାରେ ଅଛନ୍ତି। ଖଣି ଜନିତ ଧୂଳି ପ୍ରଦୂଷଣ, ଭଙ୍ଗା ରାସ୍ତା, ଭାରୀ ଯାନବାହନର ଚାପ ଓ ପରିବେଶଗତ କ୍ଷତି ସ୍ଥାନୀୟ ଲୋକ ବହନ କରୁଥିବା ବେଳେ ତାହାର ଆର୍ଥିକ ଲାଭ ସେମାନଙ୍କ ପାଖରେ ପହଞ୍ଚୁନାହିଁ।

ଅନ୍ୟପଟେ ଅଞ୍ଚଳରେ ଚୋରି, ଲୁଟ, ଡକାୟତି ଓ ରାସ୍ତାରେ ଗାଡ଼ି ଅଟକାଇ ଲୁଟପାଟ ଭଳି ଅପରାଧିକ ଘଟଣା ବୃଦ୍ଧି ପାଉଥିବା ନେଇ ସାଧାରଣ ଲୋକ ଚିନ୍ତା ପ୍ରକାଶ କରୁଛନ୍ତି। ଆର୍ଥିକ ସଙ୍କଟ ଓ ବେରୋଜଗାରୀ ସମସ୍ୟା ଏହି ସାମାଜିକ ଅସ୍ଥିରତାକୁ ଆହୁରି ବଢ଼ାଇବାର ଆଶଙ୍କା ସୃଷ୍ଟି କରିଛି।

ସ୍ଥାନୀୟ ରୋଜଗାର ସୃଷ୍ଟି, କ୍ଷୁଦ୍ର ବ୍ୟବସାୟୀଙ୍କୁ ସହାୟତା, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବଂ ଖଣି ପ୍ରଭାବିତ ଅଞ୍ଚଳର ଅର୍ଥନୀତିକୁ ପୁନର୍ଜୀବିତ କରିବା ଦିଗରେ ସରକାର, ପ୍ରଶାସନ ଓ ଖଣି କମ୍ପାନୀମାନଙ୍କୁ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। ନଚେତ୍ ଆଗାମୀ ଦିନରେ ଆର୍ଥିକ ଓ ସାମାଜିକ ଅସନ୍ତୋଷ ଆହୁରି ଗଭୀର ହେବାର ଆଶଙ୍କା ରହିଛି।

ଖଣିରୁ ସମ୍ପଦ ବାହାରୁଛି, କିନ୍ତୁ ସ୍ଥାନୀୟ ଲୋକଙ୍କ ଜୀବନରେ ସମୃଦ୍ଧି କେବେ ଆସିବ? ଏହି ପ୍ରଶ୍ନର ଉତ୍ତର ଦେବାର ସମୟ ଏବେ ଆସିଛି।

# ଜିଲ୍ଲାସ୍ତରୀୟ ଉପକନିଷ୍ଠ ସିପକଟାକ୍ରୋ ଚୟନ ପ୍ରତିଯୋଗିତା



ସୁନ୍ଦରଗଡ,୧୦।୭ (ସଂଚାର ବ୍ୟୁରୋ): ଜୁଲାଇ ୧୦ ତାରିଖ ଶୁକ୍ରବାର ଦିନ ୧୦ ଟା ସମୟରେ ଜିଲ୍ଲା ସ୍ତରୀୟ ଉପ କନିଷ୍ଠ ସିପକଟାକ୍ରୋ ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ସୁନ୍ଦରଗଡ଼ ଜିଲ୍ଲା ସିପକଟାକ୍ରୋ ସଂଘର ସମ୍ପାଦକ ସୁଶାନ୍ତ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ କୁନ୍ତୀ ପ୍ରଧାନ ଯୋଗଦାନ କରି ଖେଳାଳି ମାନଙ୍କ ଉତ୍ତୋରତ୍ତର କାମନା କରିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ମୁନିସିପାଲିଟି ଅଧ୍ୟକ୍ଷା ଶ୍ରୀମତୀ ତନୟା ମିଶ୍ର ଯୋଗଦାନ କରି କହିଥିଲେ ସିପକଟାକ୍ରୋ ଖେଳରେ ସୁନ୍ଦରଗଡ଼ ଜିଲ୍ଲାର ଖେଳାଳି ମାନଙ୍କ ପ୍ରତିଭା ରାଜ୍ୟରେ ଉତ୍ତମ ପ୍ରଦର୍ଶନ ରହିଛି । ରାଜ୍ୟ ସ୍ତରରେ ଉତ୍ତମ ପ୍ରଦର୍ଶନ କରି ଜାତୀୟ ସ୍ତରକୁ ଉନ୍ନୀତ ହେବା ପାଇଁ କାମନା କରିଥିଲେ । ସମ୍ମାନିତ ଅତିଥି ଭାବେ ଲତିକା ପଟ୍ଟନାୟକ ଓ ମିତ୍ରଭାନୁ ସେଟ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କାରିଥିଲେ । ଜାତୀୟ ରେଫରୀ କିରଣ ଶିଳା ବାର୍ଲା, ରାଜ୍ୟ ସ୍ତରୀୟ ରେଫରୀ ବିଜୟ ଲକ୍ଷ୍ମୀ ନାଏକ, ପ୍ରଦ୍ୟୁମ୍ନ ଷଡ଼ଙ୍ଗୀ, କ୍ରୀଡା ଶିକ୍ଷକ ରଜନୀ କାନ୍ତ ପଟେଲ, ଶିଳା ପଟେଲ, କାଦମ୍ବିନୀ ପଟେଲ ଓ ସ୍ପୋର୍ଟ୍ସ କଂପ୍ଲେକ୍ସ ଟ୍ରେନର ଲିପ୍ସା ଷଡ଼ଙ୍ଗୀ ଖେଳ ପରିଚାଳନା ଦାୟିତ୍ୱ ନେଇଥିଲେ । ସଂଘ ସଭାପତି ସିଦ୍ଧାର୍ଥ ବକ୍ସି ଓ ଉପ ସଭାପତି ସୁଜିତ ଗୋସାଇଁ ମିଂଜ୍ ଉପସ୍ଥିତ ରହି ସହଯୋଗ କରିଥିଲେ । ଯେଉଁ ଖେଳାଳି ମାନେ ଚୟନ ହେଲେ ସେମାନେ ଆସନ୍ତା ଅଗଷ୍ଟ ୧ ରୁ ୩ ତାରିଖ ପର୍ଯ୍ୟନ୍ତ ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ ହେବାକୁ ଥିବା ୨୪ ତମ ଆନ୍ତଃଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ।

# କାଳିମେଳା ଯୋଗାଣ ସହାୟକ ସଙ୍ଘର ସାମୂହିକ ଛୁଟି ନିଷ୍ପତ୍ତି, ବିଡିଓଙ୍କୁ ଦାବିପତ୍ର ପ୍ରଦାନ



ମାଲକାନଗିରି,୧୦।୭ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଯୋଗାଣ ସହାୟକ ସଙ୍ଘ ପକ୍ଷରୁ ବିଭିନ୍ନ ନ୍ୟାର୍ଯ୍ୟ ଦାବୀ ନେଇ ଶୁକ୍ରବାର ୧୦ ଜୁଲାଇ ଠାରୁ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ସାମୁହିକ ଛୁଟିରେ ରହିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ସମ୍ପର୍କରେ ସଙ୍ଘର କର୍ମକର୍ତ୍ତାମାନେ ଏକତ୍ରିତ ହୋଇ କାଳିମେଳା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନା ଅନୁଯାୟୀ, ଯୋଗାଣ ସହାୟକମାନଙ୍କର ଦୀର୍ଘଦିନର ଦାବୀ ଯଥା— ଚାକିରି ନିୟମିତକରଣ, ଦରମା ବୃଦ୍ଧି ଏବଂ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଭଳି ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ସରକାର କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରିନାହାନ୍ତି । ଏହାର ପ୍ରତିବାଦରେ ସଙ୍ଘ ପକ୍ଷରୁ ଶୁକ୍ରବାର ଜୁଲାଇ ୧୦ ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ସହ ସାମୁହିକ ଛୁଟିରେ ରହିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ସାମୁହିକ ଛୁଟି ଯୋଗୁଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଏବଂ ରାସନ ସାମଗ୍ରୀ ଯୋଗାଣ ପ୍ରକ୍ରିୟା ଗମ୍ଭୀର ଭାବେ ବାଧାପ୍ରାପ୍ତ ହେବାର ଆଶଙ୍କା ଦେଖାଦେଇଛି । ଯେପର୍ଯ୍ୟନ୍ତ ସରକାର ଓ ପ୍ରଶାସନ ପକ୍ଷରୁ ଦାବିଗୁଡ଼ିକ ଉପରେ କୌଣସି ଦୃଢ଼ ପ୍ରତିଶ୍ରୁତି ନମିଳିଛି, ସେପର୍ଯ୍ୟନ୍ତ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଓ ସାମୁହିକ ଛୁଟି ଜାରି ରହିବ ବୋଲି ସଙ୍ଘର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି । ଅପରପକ୍ଷରେ, ବିଡିଓ ଦାବିପତ୍ର ଗ୍ରହଣ କରିବା ସହ ଏହି ବିଷୟରେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ସମାଧାନ ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି ।

# କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସମବାୟବିତ୍ ସମ୍ମିଳନୀ



କେନ୍ଦ୍ରାପଡ଼ା,୧୦।୭(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ କମିଟିର ଆନୁକୂଲ୍ୟରେ ଆଜି ଜିଲ୍ଲା କଂଗ୍ରେସ ଭବନ ସଭାକକ୍ଷରେ ଏକ ସମବାୟବିତ୍ ସମ୍ମିଳନୀ ଜିଲ୍ଲା କଂଗ୍ରେସର ସଙ୍ଗଠନ ଉପସଭାପତି ସତ୍ୟପ୍ରିୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ରାଜ୍ୟ କଂଗ୍ରେସ ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷ ଏବଂ ନିଖିଳ ଭାରତ କିଷାନ କଂଗ୍ରେସର ସଂଯୋଜକ ଅମିୟ ପଟ୍ଟନାୟକ ଜିଲ୍ଲା କଂଗ୍ରେସ ଭବନରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ସେ ସମ୍ମିଳନୀକୁ ଉଦ୍‌ଘାଟନ କରି କୃଷକ ଓ ସମବାୟ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ମତ ରଖିଥିଲେ ।

ସେ କହିଥିଲେ ଯେ କେନ୍ଦ୍ରାପଡ଼ା ଜିଲ୍ଲାର ନୂଆ ଓ ପୁରୁଣା ସେବା ସମବାୟ ସମିତିଗୁଡ଼ିକରେ କୃଷି ଋଣ ପ୍ରଦାନ ସମୟରେ ରାଜନୈତିକ ଉଦ୍ଦେଶ୍ୟରେ ପାତରଅନ୍ତର କରାଯାଉଛି, ଯାହା ଦ୍ୱାରା ପ୍ରକୃତ କୃଷକମାନେ ବଞ୍ଚିତ ହେଉଛନ୍ତି । ଜିଲ୍ଲାରେ କୃଷକଙ୍କ ସ୍ୱାର୍ଥରେ ଶୀତଳ ଭଣ୍ଡାର ସ୍ଥାପନ, ସମୟୋପଯୋଗୀ ସାର ଓ କୀଟନାଶକ ଯୋଗାଣ ଏବଂ ଜଳସେଚନ ବ୍ୟବସ୍ଥାର ଉନ୍ନତି ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସେ ଦାବି କରିଥିଲେ । ବିଶେଷ କରି ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ା କେନାଲରେ ଜଳ ନଥିବାରୁ ଚାଷୀମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ଏଥିପାଇଁ ଡବଲ୍ ଇଞ୍ଜିନ ବିଜେପି ସରକାରକୁ ଦାୟୀ କରିଥିଲେ । ଉପସ୍ଥାପିତ ସମସ୍ତ ଦାବିର ସମାଧାନ ନହେଲେ ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଡ଼ଃ ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ ସମବାୟ ବିଭାଗ ପକ୍ଷରୁ ଜିଲ୍ଲାବ୍ୟାପୀ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ସତର୍କ କରାଯାଇଥିଲା ।

ଏହି ଆଲୋଚନାଚକ୍ରରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ କୁମାର ଦାସ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, କୋଷାଧ୍ୟକ୍ଷ ଭାଗୀରଥି ଜେନା, ବରିଷ୍ଠ ନେତା ଫକୀର ଖଟୁଆ, ଜିଲ୍ଲା ସାଧାରଣ ସମ୍ପାଦକ ସନ୍ତୋଷ ବେହେରା, ସର୍ବେଶ୍ୱର ସେଠୀ, ବ୍ଲକ କଂଗ୍ରେସ ସଭାପତି ପଙ୍କଜ ଦାଶ, ରବିନାରାୟଣ ବେହେରା, ରାଜୀବ ଲୋଚନ ମିଶ୍ର, ଶିକାଂଶୁ ଶେଖର ଲେଙ୍କା, ହରିଶ ପଟ୍ଟନାୟକ, ନଗର ସଭାପତି ଦିଲ୍ଲୀପ ପ୍ରଧାନ, ତପନ ପାତ୍ର, ବିଧୁଭୂଷଣ ମହାପାତ୍ର, ରାମମୋହନ ସ୍ୱାଇଁ, ରତ୍ନାକର ସେଠୀଙ୍କ ସମେତ ଜିଲ୍ଲା କଂଗ୍ରେସ କମିଟିର ବହୁ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ ।

# ପ୍ରତାପଶାସନ ଡିଗ୍ରୀ କଲେଜରେ ଚାରା ରୋପଣ




ବାଲିଅନ୍ତା,୧୦।୭ (ସଂଚାର ବ୍ୟୁରୋ):ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପ ଶାସନ ଡିଗ୍ରୀ କଲେଜରେ ଆଜି ସମ୍ବାଦ ସାହିତ୍ୟ ଘର ଓ ଜୟଦେବ ବିକାଶ ପରିଷଦ ମିଳିତ ସହଯୋଗରେ ସମୂହ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜୟଦେବ ବିକାଶ ପରିଷଦ ଅଧ୍ୟକ୍ଷ ସୁବ୍ରତ କୁମାର ମହାନ୍ତି, କଲେଜ ପ୍ରତିଷ୍ଠାତା ସଦସ୍ୟ ବେଣୁଧର ଭୋଇ, ପ୍ରକୃତି ବନ୍ଧୁ ତଥା ସମ୍ବାଦ ପ୍ରତିନିଧି ନିରଞ୍ଜନ ସେନାପତି,ଦୀନବନ୍ଧୁ ଭୋଇ, ଝିଣ୍ଟି ଶାସନ ପୂର୍ବତନ ସରପଞ୍ଚ ରବି ନାରାୟଣ ପାତ୍ର, ବସନ୍ତ ଦାଶ,ରବୀନ୍ଦ୍ର ବାରିକ, ବିଜୟ କୁମାର ସାହୁ, ଅରବିନ୍ଦ ସାହୁ, ବିଧୁଭୁଷଣ ପଟ୍ଟନାୟକ,ଏନ ଏସ ଏସ ଅଫିସର ରଂଜିତା ପ୍ରଧାନ, ସଂଜୀବ ମହାନ୍ତି, ପ୍ରସନ୍ନ ସାମନ୍ତରାୟ, ଶୁଭଲକ୍ଷ୍ମୀ ଭୋଳ, ଇତିଶ୍ରୀ ମୁଦୁଲି, ରାଜେଶ ଭୋଇ, ସୁଧୀର ରାଉତରାୟଙ୍କ ସମେତ କଲେଜର ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳିତ



କଳାହାଣ୍ଡି,୧୦।୭(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଭବାନପାଟଣା ସ୍ଥିତ ସମ୍ପ୍ରସାରଣ ପ୍ରଶିକ୍ଷଣ କେନ୍ଦ୍ର ଠାରେ ଜିଲ୍ଲା ମତ୍ସ୍ୟ ବିଭାଗ, ରିଲାଏନ୍ସ ଫାଉଣ୍ଡେନ ଓ କର୍ତ୍ତବ୍ୟ ଅନୁଷ୍ଠାନର ମିଳିତ ସହଯୋଗରେ ଜିଲ୍ଲା ସ୍ତରୀୟ ଜାତୀୟ ମତ୍ସ୍ୟ ଚାଷୀ ଦିବସ ୨୦୨୬ ପାଳିତ ହୋଇଯାଇଛି। ପ୍ରଶାନ୍ତି ନାୟକ ସହକାରି ମତ୍ସ୍ୟ ଅଧିକାରୀ ଭବାନୀପାଟଣା ସମସ୍ତଙ୍କୁ ସ୍ୱାଗତ ଜଣେଇ କାର୍ଯ୍ୟକ୍ରମ କରିବା ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଅବଗତ କରିଥିଲେ।

ମୁଖ୍ୟ ଅତିଥି ଭାବରେ ଡକ୍ଟର ସଞ୍ଜିତ ସ୍ୱାଇଁ ବରିଷ୍ଠ ପ୍ରଶିକ୍ଷକ ସମ୍ପ୍ରସାରଣ ପ୍ରଶିକ୍ଷଣ କେନ୍ଦ୍ର ଭବାନୀ ପାଟଣା, ଅନ୍ୟତମ ଅତିଥି ଭାବରେ ସୁଶ୍ରୀ ଜୟଶ୍ରୀ ଛତ୍ରିଆ ଜିଲ୍ଲା ମତ୍ସ୍ୟ ଅଧିକାରୀଣି, ଅଶୋକ ପଟ୍ଟନାୟକ ମୁଖ୍ୟ ନିର୍ବାହୀ କର୍ତ୍ତୱ୍ୟ, ଭବାନୀ ଶଙ୍କର ପଣ୍ଡା ଅତିରିକ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ ଓ ଦେବେନ୍ଦ୍ର ପଟେଲ ଜିଲ୍ଲା ପ୍ରବନ୍ଧକ ରିଲାଏନ୍ସ ଫାଉଣ୍ଡେସନ କଳାହାଣ୍ଡି ପ୍ରମୁଖ ଉପସ୍ଥିତ ରହି ମତ୍ସ୍ୟ ଚାଷ କରି କେମିତି ଲାଭବାନ୍ ହୋଇପାରିବେ, ମତ୍ସ୍ୟ ଯାଆଁଳା ଉତ୍ପାଦନ କରିବା, ସରକାରି ଯୋଜନାର ଲାଭ ପାଇବା, ମତ୍ସ୍ୟ ଓ ଚିଙ୍ଗୁଡ଼ିକୁ ବୈଜ୍ଞାନିକ ପଦ୍ଧତିରେ ବ୍ୟବସାୟ ଭାବରେ ଗ୍ରହଣ କରିବା, ଧାନ ଚାଷ ସହିତ ମତ୍ସ୍ୟ ଚାଷ କରିବା,ପ୍ରଧାନ ମନ୍ତ୍ରୀ ମତ୍ସ୍ୟ କିଷାନ୍ ସମୃଦ୍ଧି ସହ ଯୋଜନା, ମୁଖ୍ୟମନ୍ତ୍ରୀ ମତ୍ସ୍ୟଜିବୀ କଲ୍ୟାଣ ଯୋଜନା ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। କର୍ତ୍ତୱ୍ୟ ଓ ରିଲାଏନ୍ସ ଫାଉଣ୍ଡେସନର ମିଳିତ ସହଯୋଗରେ ୧୪୧ ସ୍ୱୟଂ ସହାୟକ ଗୋଷ୍ଠୀ ମତ୍ସ୍ୟ ଚାଷ କରିବା ସହ ଲକ୍ଷାଧିକ ଟଙ୍କାର ବ୍ୟବସାୟ କରିଥିବା ବିଷୟରେ ଅଶୋକ ପଟ୍ଟନାୟକ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ମତ୍ସ୍ୟ ଚାଷୀ, ମତ୍ସ୍ୟ ଯୁବ ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠି ସଦସ୍ୟା ଓ ମତ୍ସ୍ୟ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସଫଳ ମତ୍ସ୍ୟ ଚାଷୀ ମନୋଜ କୁମାର ପଣ୍ଡା ପଦ୍ମପୁର୍ ଧର୍ମ ଗଡ, ମାଁ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଇଚ୍ଛାପୁର ଭବାନୀ ପାଟଣା ଓ ଶ୍ରୀମତି ଖୁସିରାଣୀ ମହାନ୍ତି ତେନ୍ତୁଳିଖୁଣ୍ଟି ପ୍ରମୁଖଙ୍କୁ ଉତ୍ତରୀୟ ଓ ଉପଢୌକନ୍ ଦେଇ ସମ୍ମାନିତ କରାଯାଇଥିଲା।

# ରଥ ଉପରୁ ଲଡୁ ବଣ୍ଟନକୁ ନେଇ ଗୁଜବର ଅବସାନ

ବାରିପଦା,୧୦।୭(ସଂଚାର ବ୍ୟୁରୋ): ବାରିପଦାର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ମହାପ୍ରଭୁଙ୍କ ଲଡୁ ପ୍ରସାଦ ବଣ୍ଟନ ସମ୍ପର୍କରେ ସଠିକ୍ ସୂଚନା ସାଧାରଣ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଏବଂ ଏ ସମ୍ପର୍କରେ ସୃଷ୍ଟି ହୋଇଥିବା ବିଭ୍ରାନ୍ତିର ଅବସାନ ଘଟାଇବା ଉଦ୍ଦେଶ୍ୟରେ ଆଜି ଉପଜିଲ୍ଲାପାଳ, ବାରିପଦା କସ୍ତୁରୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଉପଜିଲ୍ଲାପାଳ ସ୍ପଷ୍ଟ କରିଥିଲେ ଯେ, ବାରିପଦା ରଥଯାତ୍ରାର ପାରମ୍ପରିକ ନୀତିକାନ୍ତି ଏବଂ ଲଡୁ ପ୍ରସାଦ ବଣ୍ଟନ ପ୍ରଥାରେ କୌଣସି ପରିବର୍ତ୍ତନ କରାଯାଇନାହିଁ । ପୂର୍ବବର୍ଷଗୁଡ଼ିକ ପରି ଚଳିତ ବର୍ଷ ମଧ୍ୟ ରଥଉପରୁ ହିଁ ଭକ୍ତମାନଙ୍କ ମଧ୍ୟରେ ମହାପ୍ରଭୁଙ୍କ ଲଡୁ ପ୍ରସାଦ ବଣ୍ଟନ କରାଯିବ ।

# ତାଲା ଭିତରେ ଶିଶୁ: ବାହାରେ ସରକାରଙ୍କ 'ଶିଶୁ ସୁରକ୍ଷା' ନାରା



କାକଟପୁର/ଅସ୍ତରଙ୍ଗ,୧୦।୭(ସଂଚାର ବ୍ୟୁରୋ): ସରକାର କହୁଛନ୍ତି "ପ୍ରତି ପିଲା ହେଉ ସୁରକ୍ଷିତ, ପ୍ରତି ପିଲା ଯାଉ ସ୍କୁଲ"। କିନ୍ତୁ ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ମୁରୁଡ଼ା ଗ୍ରାମରେ ଏହି ନାରା ଗୁଡିକ କେବଳ କାଗଜ ଓ ବ୍ୟାନର ପର୍ଯ୍ୟନ୍ତ ସୀମିତ ବୋଲି ପ୍ରମାଣ ହୋଇଯାଇଛି।

ଏଠି ରବୀନ୍ଦ୍ର ସାହୁଙ୍କ ଘରେ ଗୋଟିଏ ବନ୍ଦ କୋଠରୀ ଅଛି। ସେହି କୋଠରୀ ଭିତରେ ଗତ କିଛି ବର୍ଷ ହେଲା ବନ୍ଦ ଜୀବନ କାଟୁଛନ୍ତି ତାଙ୍କ ସ୍ତ୍ରୀ। କାରଣ? ମାନସିକ ବିକୃତି। ଆଉ ଗତ ୩ମାସ ହେଲା ସେହି କୋଠରୀରେ ବନ୍ଦ ହୋଇଛନ୍ତି ଆଉ ୨ଟି କୋମଳ ଜୀବନ - ୧୨ ବର୍ଷର ନାତୁଣୀ ଓ ୯ ବର୍ଷର ନାତି।

ରବୀନ୍ଦ୍ରଙ୍କ ବୋହୁ ମରିସାରିଛନ୍ତି। ପୁଅ ଚିରଞ୍ଜିବି ଦାଦନ ଖଟିବାକୁ ବାହାରକୁ ପଳାଇଛନ୍ତି। ଆଉ ପିଲା ଦୁଇଟା? ସେମାନଙ୍କ ଅପରାଧ କ'ଣ ଜଣାନାହିଁ। ସେମାନେ କେବଳ ଜାଣନ୍ତି ତାଲା, କାନ୍ଥ ଆଉ ଅନ୍ଧକାର। ୯ ବର୍ଷ ହୋଇଗଲାଣି ପୁଅଟା ସ୍କୁଲର ଗେଟ୍ ବି ଦେଖିନି। ଝିଅଟା କହୁଛି "ଆମକୁ ବାହାରକୁ ନିଅ, ଆମେ ପାଠ ପଢ଼ିବୁ"। କିନ୍ତୁ କିଏ ଶୁଣୁଛି? ଗ୍ରାମବାସୀ ବାରମ୍ବାର କହିଲେ। ପ୍ରତିବାଦ କଲେ। କିନ୍ତୁ ରବୀନ୍ଦ୍ରଙ୍କ ଗୋଟିଏ ଉତ୍ତର - "ମୁଁ ନିରୁପାୟ"।

ଯେଉଁଠି ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି "କେଜି ରୁ ପିଜି " ଯୋଜନାର ବଡ ବଡ ବାକ୍ୟରେ କହୁଛନ୍ତି,ସେଠି ଗୋଟିଏ ଗାଁରେ ଦୁଇ ଶିଶୁ ଶିକ୍ଷାରୁ ବଞ୍ଚିତ। ଯେଉଁଠି "ବେଟି ବଚାଓ" ଅଭିଯାନ ଚାଲିଛି, ସେଠି ୧୨ ବର୍ଷର ଝିଅ ତାଲା ଭିତରେ କାନ୍ଦୁଛି। ପ୍ରଶାସନ କୁଆଡେ? ସିଡବ୍ଲୁସି କୁଆଡେ? ଶିଶୁ ସୁରକ୍ଷା ଅଧିକାରୀ କୁଆଡେ? ସମସ୍ତେ ଶୋଇଛନ୍ତି କି? ନା କାଗଜ ଉପରେ ରିପୋର୍ଟ ଲେଖି ସବୁ ଠିକ୍ ଅଛି ବୋଲି ଦେଖାଉଛନ୍ତି?

ସ୍ଥାନୀୟ ଶିଶୁ ଅଧିକାର କର୍ମୀ ବେଣୁଧର ସେନାପତି ତୁରନ୍ତ ହସ୍ତକ୍ଷେପ ଦାବି କରିଛନ୍ତି। କିନ୍ତୁ ପ୍ରଶ୍ନ ହେଲା, ତଦନ୍ତ ହେବା ପର୍ଯ୍ୟନ୍ତ ଏହି ଦୁଇ ଶିଶୁର ଶୈଶବ ତାଲା ଭିତରେ ପଚିଯିବ କି? ଲାଗୁଛି ଆମ ସମାଜରେ ମନୁଷ୍ୟତା ଠାରୁ ତାଲାର ଚାବି ଅଧିକ ଶକ୍ତିଶାଳୀ। ନଚେତ ୩ ଟି ଜୀବନ ବର୍ଷ ବର୍ଷ ଧରି ବନ୍ଦ ହୋଇ ରହିଥାନ୍ତେ କି?

SANCHAR
ସଂଚାର ଶନିବାର ୧୧ ଜୁଲାଇ ୨୦୨୬
ସ୍ୱାସ୍ଥ୍ୟ




# ଥାଇରଏଡ ସମସ୍ୟାର ଉପଚାର କରିବେ କିପରି ?



ଯଦି ଆପଣ ଥକିବା, ଓଜନ ବଢ଼ିବା ପରି ସମସ୍ୟାକୁ ସାମ୍ନା କରୁଥାନ୍ତି, ତେବେ ସାବଧାନ ରୁହନ୍ତୁ। ଏହା ହାଇପୋଥାଇରଏଡ୍ର ଲକ୍ଷଣ ହୋଇପାରେ। ଆଜିକାଲି ଖୁବ୍ କମ୍ ବୟସର ମହିଳାମାନଙ୍କ ଠାରେ ଥାଇରଏଡ୍ ସମସ୍ୟା ଦେଖିବାକୁ ମିଳୁଛି। ଫଳରେ ମହିଳାମାନଙ୍କ ଠାରେ କେଶ ଝଡ଼ିବା, ଥକ୍କାପଣ ଓ ଓଜନ ବଢ଼ିବା ପରି ଲକ୍ଷଣମାନ ଦେଖାଯାଉଛି। ଅସନ୍ତୁଳିତ ଖାଦ୍ୟ ପାନୀୟ, ଚିନ୍ତା ଓ ଆୟୋଡ଼ିନର ଅଭାବ ଏହି ରୋଗ ପାଇଁ ମୁଖ୍ୟତଃ ଦାୟୀ। ଥାଇରଏଡ୍ ଗ୍ରନ୍ଥି ଶରୀରର ସାଧାରଣ କାର୍ଯ୍ୟ ପରିଚାଳନା ପାଇଁ ଆବଶ୍ୟକ ହର୍ମୋନ୍ କ୍ଷରଣ କରିଥାଏ। ଯେତେବେଳେ ଏହା ସକ୍ରିୟ ଭାବେ କାମ କରି ନଥାଏ, ତେବେ ବ୍ୟକ୍ତିଠାରେ ଶାରୀରିକ ଓ ମାନସିକ ଅସୁସ୍ଥତା ଅନୁଭବ ହୋଇଥାଏ। କମ୍ ବୟସର ମହିଳାଙ୍କଠାରେ ଥାଇରଏଡ୍ ସମସ୍ୟା ଦେଖାଯିବାର କାରଣ, ଲକ୍ଷଣ ସହ କେମିତି ସାବଧାନ ରହିପାରିବେ।

ପ୍ରମୁଖ କାରଣ-କମ୍ ବୟସରେ ମହିଳାମାନଙ୍କଠାରେ ଥାଇରଏଡ୍ ହେବାର ଅନେକ କାରଣ ରହିଛି, ଯେପରିକି ଭୂତାଣୁଜନିତ ସଂକ୍ରମଣ, ଚିନ୍ତା, ଆୟୋଡିନ୍, ଆଇରନ୍ ଓ ଜିଙ୍କ୍ ପରି ପୋଷକ ତତ୍ତ୍ୱର ଅଭାବ ସହ କମ୍ ଶାରୀରିକ ସକ୍ରିୟତା ଆଦି ସାମିଲ ରହିଥାଏ। ବ୍ୟସ୍ତବହୁଳ ଦିନଚର୍ଯ୍ୟା ଯୋଗୁ ମହିଳାମାନେ ପ୍ରାୟତଃ ଜଙ୍କ୍ ଓ ପ୍ୟାକେଜ୍ଡ ଖାଦ୍ୟ ଖାଇବା ଦ୍ୱାରା ଥାଇରଏଡ୍ ଗ୍ରନ୍ଥି ପ୍ରଭାବିତ ହେଉଛି।

ଲକ୍ଷଣଃ ଯଦି ମାସିକ ଧର୍ମରେ ଅନିୟମିତତା, ଓଜନ ବଢ଼ିବା, କେଶ ଝଡ଼ିବା, ଦୁର୍ବଳ ଲାଗିବା ତ୍ୱଚା ଶୁଷ୍କ ହେବା, ଗଳାରେ ଭାରୀପଣ, ଚିଡ଼ଚିଡ଼ା ଲାଗିବା କିମ୍ବା ଖରାପ କୋଲେଷ୍ଟେରଲ୍ ବଢ଼ିବା ପରି ଲକ୍ଷଣମାନ ଦେଖା ଦେଲେ ତୁରନ୍ତ ଡାକ୍ତର ପରାମର୍ଶ କରାଇ ନେବା ଉଚିତ୍।

ସାବଧାନ ରୁହନ୍ତୁଃ ଡାକ୍ତରଙ୍କ ପରାମର୍ଶକ୍ରମେ ନିୟମିତ ଔଷଧ ଖାଇବା ସହ ଆବଶ୍ୟକ ପୋଷକ ତତ୍ତ୍ୱଯୁକ୍ତ ଖାଦ୍ୟକୁ ଗୁରୁତ୍ୱ ଦେବା ଜରୁରି। ଭିଟାମିନ୍-ଡି, ପ୍ରୋବାୟୋଟିକ୍ ଆହାର ନେବା ଆବଶ୍ୟକ। ସେହିପରି ମୌସୁମୀ ଫଳ ମଧ୍ୟ ଖୁବ୍ ହିତକର। ସୈନ୍ଧବ ଲୁଣ ଓ ଚିନିଠାରୁ ଯଥାସମ୍ଭବ ଦୂରେଇ ରହିବା ଭଲ। ଆଇରନ୍ ଓ ମ୍ୟାଗ୍ନେସିୟମ୍ ଯୁକ୍ତ ପାଳଙ୍ଗ ଓ ପତ୍ରଯୁକ୍ତ ଶାଗକୁ ଗୁରୁତ୍ୱ ଦିଅନ୍ତୁ। ନିୟମିତ ଯୋଗ, ପହଁରିବା ଓ ଶାରୀରିକ ସକ୍ରିୟତାକୁ ଗୁରୁତ୍ୱ ଦେବାକୁ ଭୁଲନ୍ତୁନି। ଏଥିପାଇଁ ଯୋଗ ବା ବ୍ୟାୟାମର ସହାୟତା ନେଇପାରିବେ।

# ଅମୃତଭଣ୍ଡା ସ୍ୱାସ୍ଥ୍ୟ ପାଇଁ ହିତକର

ଅମୃତଭଣ୍ଡାରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏହାକୁ ନିୟମିତ ଖାଇଲେ ତାହା ହଜମ କ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ। ଏଥିରେ ଭିଟାମିନ୍-ସି ଭରି ରହିଛି। ତେଣୁ ଏହାକୁ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ଅମୃତଭଣ୍ଡାରେ ପୋଟାସିୟମ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରି ରହିଛି। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଉଚ୍ଚ ରକ୍ତଚାପକୁ ମଧ୍ୟ ନିୟନ୍ତ୍ରଣରେ ରଖିଥାଏ। ଏହା ମଧ୍ୟ ଚର୍ମରେ ଚମକ ଆଣିଥାଏ। ନିୟମିତ ଅମୃତଭଣ୍ଡା ଖାଇଲେ ତାହାର ଆଉ ଏକ ଉପକାରୀ ଗୁଣ ରହିଛି। ତାହା କ'ଣ ଜାଣନ୍ତି ? ଏହାଦ୍ୱାରା ଦୃଷ୍ଟିଶକ୍ତି ଆହୁରି ପ୍ରଖର ହୋଇଥାଏ। ଏଥିରେ ଥିବା ପପେନ୍ ଏନ୍‌ଜାଇମ୍ ଆମ ଶରୀରର ଓଜନ କମାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ସବୁଠାରୁ ଖାସ୍ କଥା ହେଲା ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା କ୍ୟାନ୍‌ସର ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ। ପାଚିଲା ଅମୃତଭଣ୍ଡା ଆମ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।



# ବ୍ରୋକୋଲି ଖାଇଲେ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣରେ ରହେ

ଆଜିକାଲି ଉଚ୍ଚ ରକ୍ତଚାପ ସମସ୍ୟା ଖୁବ୍ ସାଧାରଣ ହୋଇପଡିଛି। ଉଚ୍ଚ ରକ୍ତଚାପ ଅର୍ଥାତ୍ ରକ୍ତର ଚାପ ସାମାନ୍ୟଠାରୁ ଅଧିକ। ସାଧାରଣ ରକ୍ତଚାପ ୧୨୦/୮୦ ରହିଥାଏ। କିନ୍ତୁ ଏହାଠାରୁ ଅଧିକ ଅର୍ଥାତ୍ ଲଗାତାର ୧୪୦/୯୦ ରହିବା ଅର୍ଥ ହେଉଛି ଉଚ୍ଚ ରକ୍ତଚାପ। ଲଗାତାର ବାହାରେ ଛଣାଛଣି ଖାଇବା ଓ ପ୍ରୋସେସଡ୍ ଖାଦ୍ୟ ଖାଇବା ଦ୍ୱାରା ମୋଟାପଣ ବଢ଼ିବା ସହ ଉଚ୍ଚ ରକ୍ତଚାପ ସମସ୍ୟା ବଢ଼ିଥାଏ। ଏହି ସମସ୍ୟା ପାଇଁ ବୟସର କୌଣସି ପ୍ରତିବନ୍ଧକ ନଥାଏ। ଚିନ୍ତା, ନିଦ ନ ହେବା, ଅବସାଦ, ଅଧିକ ଧୂମପାନ ବା ମଦ୍ୟପାନ ଉଚ୍ଚ ରକ୍ତଚାପର କାରଣ ହୋଇଥାଏ। ଉଚ୍ଚ ରକ୍ତଚାପକୁ ସାମାନ୍ୟ ଭାବିଠାରୁ ଦୂରେଇ ରୁହନ୍ତୁ। ନଚେତ୍ ହୃଦ୍ଘାତ, ଷ୍ଟ୍ରୋକ୍, ଆଖି ସମସ୍ୟା ଓ କିଡ୍ନୀ ନଷ୍ଟ ହେବାର ଆଶଙ୍କା ବଢ଼ିଯାଇପାରେ। ଉଚ୍ଚ ରକ୍ତଚାପକୁ ବହୁ ମାତ୍ରାରେ ବ୍ରେକୋଲୀ ନିୟନ୍ତ୍ରିତ କରୁଥିବା ଗବେଷଣାରୁ ଜଣାପଡିଛି। ବ୍ରୋକୋଲୀରେ ପୋଟାସିୟମ୍, ମ୍ୟାଗ୍ନେସିୟମ୍, ଭିଟାମିନ୍-ସି,କେ, ଏ, ଫୋଲେଟ୍, ଆଇରନ୍, ଫାଇବର ଓ ଆଣ୍ଟିଅକ୍ସିଡାଣ୍ଟ ପରି ପୋଷକ ତତ୍ତ୍ୱ ରହିଥାଏ। ଏଥିରେ ଥିବା ନାଇଟ୍ରେଟ୍ ରକ୍ତ କୋଷିକାକୁ ଆରାମ ଦେବା ସହ ରକ୍ତ ପ୍ରବାହରେ ସୁଧାର ଆଣିଥାଏ। ଫଳରେ ରକ୍ତଚାପ ନିୟନ୍ତ୍ରିତ ରହିଥାଏ। ନ୍ୟାସନାଲ ଲାଇବ୍ରେରୀ ଅଫ୍ ମେଡିସିନ୍ର ସର୍ଭେରୁ ଅନୁସାରେ ବ୍ରୋକୋଲୀ, ବନ୍ଧାକୋବି ଓ ଫୁଲକୋବି ଖାଇବା ଦ୍ୱାରା ଶରୀରରେ ସିଷ୍ଟୋଲିକ୍ ରକ୍ତଚାପରେ ୨.୫ ଏମ୍ଏମ୍ଏଚ୍ଜିର କମ୍ ରହିଥାଏ। ଯଦି ଏହି ମାତ୍ରା ଶରୀରରେ କମ୍ ରହେ, ତେବେ ହୃଦ୍ଘାତ ସମସ୍ୟା ୫ ପ୍ରତିଶତ କମ୍ କରାଯାଇପାରିବ। ଇଂଲଣ୍ଡର କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ସର୍ଭେରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିମାନଙ୍କୁ ଡାଏଟ୍ରେ ୧୨ ସପ୍ତାହ ଯାଏ ବ୍ରୋକୋଲୀ ଦିଆଯାଇଥିଲା। ପରିଣାମ ଅନେକ ଲୋକଙ୍କର କୋଲେଷ୍ଟେରଲ୍ କମିଯାଇଥିଲା। ଖରାପ କୋଲେଷ୍ଟେରଲ୍ କମ୍ ହେବା ଯୋଗୁ ହୃଦ୍ଘାତର ଆଶଙ୍କା କମ୍ ହୁଏ। ଜଣାପଡିଛି ଯେ ବ୍ରୋକୋଲୀରେ ଥିବା ତତ୍ତ୍ୱ ରକ୍ତ ସଞ୍ଚାଳନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ସହ ଆଣ୍ଟିଅକ୍ସିଡାଣ୍ଟ ଷ୍ଟ୍ରେସ୍ କମ୍ କରେ, ଯାହା ରକ୍ତଚାପ ବଢ଼ିବାର ପ୍ରମୁଖ କାରଣ।



# ବେକ ଯନ୍ତ୍ରଣାରୁ ଉପଶମ

ପ୍ରାୟ ଲୋକ ମୁଣ୍ଡ ତଳେ ତକିଆ ଦେଇ ଶୋଇବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଅନେକ ଲୋକଙ୍କର ବେକ ଯନ୍ତ୍ରଣା ସମସ୍ୟା ରହିଥାଏ। ଏହି ସ୍ଥିତିରେ ତକିଆ ଦେଇ ଶୋଇବା ଉଚିତ୍ ବା ଅନୁଚିତ୍ ? ଚାଲନ୍ତୁ ଜାଣିବା...

ଡାକ୍ତର ଦୀପକ ଅରୋରାଙ୍କ ଅନୁସାରେ, ଆମେ ଶୋଇବା ସମୟରେ ମୁଣ୍ଡତଳେ ତକିଆ ଦେବା ବହୁତ ଜରୁରି। ଏଥିପାଇଁ ତକିଆର ଆକାରକୁ ଧ୍ୟାନ ଦେବା ଦରକାର। ଶୋଇବା ସମୟରେ ଭୁଲ୍ ଶୈଳୀରେ ନ ଶୋଇବା ଜରୁରି। ଯେପରିକି ଫ୍ଲେକ୍ସଡ୍, ଏକ୍ସଟେନ୍ସନ୍ ବା ସାଇଡ୍‌ୱେଜ୍ ନ ହେବା ଆବଶ୍ୟକ। ଶୋଇବା ସମୟରେ ବେକ ସବୁବେଳେ ସିଧା ରହିବା ଦରକାର। ଡାକ୍ତରଙ୍କ ଅନୁସାରେ ଯେତେବେଳେ ଆମେ ସିଧା ଶୋଇବା ସେତେବେଳେ ପତଳା ତକିଆ ଦରକାର ହୁଏ। କିନ୍ତୁ ଯେତେବେଳେ ବାରମ୍ବାର କଡ ଲେଉଟାଇ ଶୋଇଥାଉ, ସେତେବେଳେ ମୋଟ ତକିଆ ଦେବା ଉଚିତ୍। ଏହା ବେକ ଓ କାନ୍ଧ ଭିତରେ ଥିବା ଫାଙ୍କାକୁ ପୂରଣ କରିଥାଏ। ଯଦି ଓଲଟା ଶୋଉଥାନ୍ତି, ତେବେ ଏହା ବେକ ପାଇଁ ଆଦୌ ଭଲ ନୁହେଁ। ଏପରି ଶୋଉଥିଲେ ଦୀର୍ଘ ଦିନ ପରେ ବେକ ଯନ୍ତ୍ରଣା ହେବାର ଆଶଙ୍କା ରହିଥାଏ। କିଛି ଲୋକଙ୍କର ଭ୍ରାନ୍ତ ଧାରଣା ରହିଛି ଯେ ବେକ ତଳେ ତକିଆ ନ ଦେଇ ଶୋଇବା ଉଚିତ୍। ଡାକ୍ତରଙ୍କ ଅନୁସାରେ ଆମେ ଶୋଇବା ସମୟରେ ତକିଆ ଦେବା ଉଚିତ୍। ଡାକ୍ତରଙ୍କ ମତରେ ଶୋଇବା ଶୈଳୀ ଅନୁସାରେ ତକିଆ ବ୍ୟବହାର କରିବା ଉଚିତ୍। ଅଧିକ ବେକ ଯନ୍ତ୍ରଣା ସମସ୍ୟାରୁ ରକ୍ଷା ପାଇବା ପାଇଁ ଉପଯୁକ୍ତ ଶୈଳୀରେ ଶୋଇବା ସହ ହାଲ୍କା ବ୍ୟାୟାମ କରିବା ଜରୁରି। ଅଧିକ ଯନ୍ତ୍ରଣା ବା ସମସ୍ୟା ହେଲେ ଡେରି ନ କରି ତୁରନ୍ତ ଡାକ୍ତର ପରାମର୍ଶ କରାଇ ନେବା ଉଚିତ୍। ଅବହେଳା କଲେ ସମସ୍ୟା ହୋଇପାରେ।



# ବ୍ଲାକ୍ କଫି ଗ୍ରୀନ୍ ଟି ଓଜନ କମାଇବାରେ ସାହାଯ୍ୟ କରେ



ମୋଟାପଣ ଏପରି ଏକ ସମସ୍ୟା ଯାହାକୁ ଦୂର କରିବା ବହୁତ କଷ୍ଟକର ହୋଇପାରେ। ଆଜିର ସମୟରେ ପ୍ରତି ଚାରି ଜଣଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ମୋଟାପଣକୁ ନେଇ ଚିନ୍ତିତ। ତେଣୁ, ଲୋକମାନେ ଓଜନ ହ୍ରାସ କରିବା ପାଇଁ ବିଭିନ୍ନ ଟିପ୍ସ ଆପଣେଇଥାନ୍ତି। ଆପଣ ପ୍ରାୟତଃ ଲୋକମାନଙ୍କୁ ଏହା କହିବା ଶୁଣିଥିବେ ଯେ ସକାଳେ ଖାଲି ପେଟରେ ବ୍ଲାକ୍ କଫି ଏବଂ ଗ୍ରୀନ୍ ଟି' ପିଇବା ଦ୍ୱାରା ଓଜନ ଶୀଘ୍ର କମିଥାଏ।କିନ୍ତୁ ଲୋକମାନେ ଭାବନ୍ତି ଯେ ଓଜନ ହ୍ରାସ ପାଇଁ କେଉଁଟି ଅଧିକ ପ୍ରଭାବଶାଳୀ, ବ୍ଲାକ୍ କଫି ନା ଗ୍ରୀନ୍ ଟି'। ଆସନ୍ତୁ ଜାଣିବା ସେବିଷୟରେ...

ବ୍ଲାକ୍ କଫିରେ କ୍ୟାଫିନ ପ୍ରଚୁର ପରିମାଣରେ ଥାଏ, ଯାହା ତୁରନ୍ତ ମେଟାବୋଲିଜମକୁ ବୃଦ୍ଧି କରେ। ଏହା ଲିପୋଲିସିସ୍ (ଚର୍ବି ଜଳାଇବା) ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ ଏବଂ ବ୍ୟାୟାମ ପୂର୍ବରୁ ଏହାକୁ ପିଇଲେ ଅଧିକ କ୍ୟାଲୋରୀ ନଷ୍ଟ କରିବାରେ ସାହାଯ୍ୟ କରେ।ତଥାପି, ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ମଧ୍ୟ ହୋଇପାରେ। ଖାଲି ପେଟରେ ବ୍ଲାକ୍ କଫି ପିଇବା ଦ୍ୱାରା କିଛି ଲୋକଙ୍କ ମଧ୍ୟରେ ଏସିଡିଟି, ପେଟ ପୋଡ଼ିବା ଭଳି ସମସ୍ୟା ହୋଇପାରେ। ଏହା ଚାପ ହରମୋନ (କର୍ଟିସଲ) ମଧ୍ୟ ବୃଦ୍ଧି କରିପାରେ।

ଗ୍ରୀନ୍ ଟି' ରେ କ୍ୟାଟେଚିନ୍ ନାମକ ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା ଧୀରେ ଧୀରେ କିନ୍ତୁ ସୁରକ୍ଷିତ ଭାବରେ ଚର୍ବି ଜାଳିବାରେ ସାହାଯ୍ୟ କରେ। ଏହା ବ୍ଲାକ୍ କଫି ଅପେକ୍ଷା ପେଟ ପାଇଁ ଅଧିକ ମୃଦୁ ଏବଂ ଶରୀରକୁ ବିଷମୁକ୍ତ କରେ। କିନ୍ତୁ ଏହାର କିଛି ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ଅଛି। ଏହାକୁ ଖାଲି ପେଟରେ ପିଇଲେ ଏଥିରେ ଥିବା ଟାନିନ୍ କିଛି ଲୋକଙ୍କ ପାଇଁ ବାନ୍ତି କିମ୍ବା ପେଟ ଦରଜ ହୋଇପାରେ।

ଖାଲି ପେଟରେ ୧-୨ ଗ୍ଲାସ ଉଷୁମ ପାଣି ପିଅନ୍ତୁ। ମାତ୍ର ୨୦-୩୦ ମିନିଟ୍ ପରେ, କଫି କିମ୍ବା ଚା' ପିଅନ୍ତୁ। ଯଦି ଆପଣ ସକାଳେ ବ୍ୟାୟାମ କରନ୍ତି, ତେବେ ବ୍ଲାକ୍ କଫି ଏକ ଉତ୍କୃଷ୍ଟ ପୂର୍ବ-କସରତ ପାନୀୟ।ଏହା ଆପଣଙ୍କୁ ଅଧିକ ଶକ୍ତି ଦେବ। ଯଦି ଆପଣ ବ୍ୟାୟାମ କରୁନାହାଁନ୍ତି ଏବଂ କେବଳ ଆପଣଙ୍କର ମେଟାବୋଲିଜିମ୍ ଚାଲୁ ରଖିବାକୁ ଚାହୁଁଛନ୍ତି, ତେବେ ଗ୍ରୀନ୍ ଟି' ଏକ ସୁରକ୍ଷିତ ବିକଳ୍ପ।



ଉଜୁଡ଼ିଗଲା ବର୍ଷକର ପରିଶ୍ରମ

# ବର୍ଷାରେ ବେହାଲ ହୋଇଛନ୍ତି ପନିପରିବା ଚାଷୀ

**କେନ୍ଦୁଝର,୧୦।୭(ସଂଚାର ବ୍ୟୁରୋ):** ଲଘୁଚାପ ଜନିତ ଲଗାଣ ବର୍ଷାରେ ବେହାଲ ହୋଇଛନ୍ତି ପନିପରିବା ଚାଷୀ। ପ୍ରବଳ ବର୍ଷା ଯୋଗୁଁ ଚାଷ ଜମି ପାଣିରେ ଉବୁଟୁବୁ ହୋଇଥିବା ବେଳେ ଅନେକ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ ଏକର ଏକର ପନି ପରିବା ଚାଷ ଜମିରେ ପାଣି ଜମି ରହିବା ପରେ ସମ୍ପୂର୍ଣ୍ଣ ଚାଷ ନଷ୍ଟ ହୋଇଯାଇଛି। କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ଓଡ଼ପଡା ଗାଁ। ଗାଁର ପ୍ରାୟ ୭୦ରୁ ଅଧିକ ପରିବାର ଏକର ଏକର ଜମିରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରିଥିଲେ। ଭଲ ଫସଲ ହୋଇଥିଲେ ପରିବାର ଚଳିଥାନ୍ତା। ହେଲେ ଚାଷୀଙ୍କୁ ହତାଶ କରିଦେଲା ଲଘୁଚାପ ଜନିତ ଲଗାଣ ବର୍ଷା। ଗାଁଟି ବୈତରଣୀ ନଦୀର ଅବବାହିକାରେ ଥିବାରୁ ନଈର ପାଣି ଆଉ ଲଘୁଚାପ ବର୍ଷାର ପାଣି ଜମିକୁ ମାଡ଼ିଗଲା। ଆଉ ଜମିରେ ପାଣି ଜମି ରହି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ପନିପରିବା। ଭାଙ୍ଗିଯାଇଛି ଚାଷୀର ମେରୁଦଣ୍ଡ। ଏକର ଏକର ଜମିରେ ଚାଷୀ ପୋଟଳ, ଭେଣ୍ଡି, ଜହ୍ନି, କାକୁଡ଼ି, ଝୁଡ଼ଙ୍ଗ ଓ ଲଙ୍କା ଭଳି ଅନେକ ପନିପରିବା ଚାଷ କରିଥିଲା। ଏହି ସବୁ ପରିବା ନେଇ ନିକଟସ୍ଥ ହାଟରେ ବେପାର କରି ପରିବାର ଚଳାଇଥାନ୍ତେ। ହେଲେ ଲଗାଣ ବର୍ଷା ସେମାନଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରିଛି। ନିଜର ସର୍ବସ୍ୱ ହରାଇ ସରକାରୀ ସହାୟତାକୁ ଅପେକ୍ଷା କରିଛି ଚାଷୀ।



କଲେଜରେ ବନ ମହୋତ୍ସବ ପାଳିତ

## ୧୦୦ ଔଷଧୀୟ ବୃକ୍ଷର ଚାରାରୋପଣ



**ଗଞ୍ଜାମ,୧୦।୭(ସଂଚାର ବ୍ୟୁରୋ):** ଗଞ୍ଜାମ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନଏସଏସ) ୟୁନିଟ୍‌ର ଆନୁକୂଲ୍ୟରେ ଶୁକ୍ରବାର ବନ ମହୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ କଲେଜ ପରିସରରେ ୧୦୦ଟି ବିଭିନ୍ନ ପ୍ରଜାତିର ଦେଶଜ ଓ ଔଷଧୀୟ ବୃକ୍ଷ ଚାରାରୋପଣ କରାଯାଇ ପରିବେଶ ସଂରକ୍ଷଣ ଓ ବନୀକରଣର ବାର୍ତ୍ତା ପ୍ରଦାନ କରାଯାଇଥିଲା। କଲେଜର ଅଧ୍ୟକ୍ଷା ଡ. ସ୍ମରଣିକା ହୋତାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଣଅଧ୍ୟାପକ କର୍ମଚାରୀ, ଏନଏସଏସ ଓ ଏନ୍ସିସି ସେଚ୍ଛାସେବୀଙ୍କ ସହ ବହୁ ସଂଖ୍ୟକ ଛାତ୍ରୀଛାତ୍ର ଯୋଗଦେଇ ଉତ୍ସାହର ସହ ବୃକ୍ଷରୋପଣ କରିଥିଲେ। ଛତ୍ରପୁର ବନବିଭାଗ ପକ୍ଷରୁ ଚାରାଗୁଡ଼ିକ ଯୋଗାଇ ଦିଆଯାଇଥିବା ବେଳେ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଡ. ସୁଶାନ୍ତ କୁମାର ସେଠୀ ଏବଂ ମଧୁସୂଦନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବକ୍ତାମାନେ ବୃକ୍ଷରୋପଣକୁ କେବଳ ଏକଦିନିଆ କାର୍ଯ୍ୟକ୍ରମ ନ କରି ରୋପଣ କରାଯାଇଥିବା ଚାରାଗୁଡ଼ିକର ନିୟମିତ ଯତ୍ନ ନେବା ଓ ପରିବେଶ ସୁରକ୍ଷା ପ୍ରତି ସଚେତନ ରହିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ବନ ମହୋତ୍ସବ ପାଳନ ମାଧ୍ୟମରେ ଗଞ୍ଜାମ କଲେଜ ପରିବେଶ ସଂରକ୍ଷଣ, ସ୍ଥାୟୀ ବିକାଶ ଓ ସବୁଜ କ୍ୟାମ୍ପସ ଗଠନ ହୋଇ ପାରିବ ବୋଲି କଲେଜ କର୍ତ୍ତୃପକ୍ଷ ଆସବାଦୀ ଥିବା ଜଣାପଡିଛି।

## ଗୁଣ୍ଡିଚାଯାତ୍ରା ଓ ବାହୁଡ଼ା ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ଲାଞ୍ଜିଗଡ଼,୧୦।୭(ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ଥାନା ପରିସରରେ ଲାଞ୍ଜିଗଡ଼ ତହସିଲଦାର ବନମାଳୀ ମେହେରଙ୍କ ଅଧ୍ୟକ୍ଷତାରେ ଲାଞ୍ଜିଗଡ଼ର ଗୁଣ୍ଡିଚାଯାତ୍ରା ଓ ବାହୁଡା ଯାତ୍ରାକୁ କିପରି ସୁରୁଖୁରୁ ଭାବେ ଶାନ୍ତି ଶୃଙ୍ଖଳା ସହିତ ସମାପନ କରିବା ପାଇଁ ଏକ ଶାନ୍ତି କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।ଲାଞ୍ଜିଗଡ଼ ପ୍ରଶାସନ ପକ୍ଷରୁ ତହସିଲଦାର ଶ୍ରୀ ମେହେର, ଲାଞ୍ଜିଗଡ଼ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା ଦାଇତ୍ୱରେ ଥିବା ଶ୍ରୀ ଶ୍ରୀ ଶ୍ରୀ ହରିହର ସାଂସ୍କୃତିକ ସେବା ସମିତି କର୍ମକର୍ତ୍ତା ଓ ପୋଲିସ ବିଭାଗ ପକ୍ଷରୁ ଆସନ୍ତା ୧୬ ତାରିଖରେ ହେବାକୁ ଥିବା ଶ୍ରୀ ଗୁଣ୍ଡିଚାଯାତ୍ରା ଓ ୨୪ ତାରିଖରେ ଥିବା ବାହୁଡା ଯାତ୍ରାକୁ ନେଇ ଶାନ୍ତି ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଲାଞ୍ଜିଗଡ଼ ଏକ ଶିଳ୍ପାଞ୍ଚଳ ଯୋଗୁଁ ଦେଶର ବିଭିନ୍ନ ରାଜ୍ୟରୁ ଆସୁଥିବା ହଜାର ହଜାର ଭକ୍ତଙ୍କ ଭିଡ଼ ଏଠାରେ ଦେଖିବାକୁ ମିଳିଥାଏ। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା ପାଇଁ ଲାଞ୍ଜିଗଡ଼ ପୋଲିସ ପକ୍ଷରୁ ଫୋର୍ସ ମୁତୟନ, ଲାଞ୍ଜିଗଡ଼ ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ସହିତ ଲାଞ୍ଜିଗଡ଼ ଯୁବକ ସଂଘ ତଥା ଲାଞ୍ଜିଗଡ଼ ଓ ଆଖପାଖ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନର ଦୁଇ ଶହ ସ୍ୱେଚ୍ଛାସେବୀ ବିଭିନ୍ନ ସେବା କାର୍ଯ୍ୟ ପାଇଁ ନିୟୋଜିତ ହେବେବୋଲି ନିଷ୍ପତ୍ତି ନିଆଯାଇଛି। ଏହା ବ୍ୟତୀତ ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ଗାଡି ପାର୍କିଂ ବ୍ୟବସ୍ଥା, ରାସ୍ତା ଦୁଇ ପାର୍ଶ୍ୱରେ ଥିବା ଉଠା ଦୋକାନିଙ୍କୁ ସ୍ଥାନାନ୍ତରିତ ଓ ଯାତ୍ରା ଦିନ ମଦ ଦୋକାନ ବନ୍ଦ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆଜିର ଏହି ବୈଠକରେ ଲାଞ୍ଜିଗଡ଼ ତହସିଲଦାର ଶ୍ରୀ ମେହେର, କେସିଙ୍ଗା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ଦୀପ କୁମାର ମାଝୀ, ଲାଞ୍ଜିଗଡ଼ ଥାନାଧିକାରୀ ଯଶୋବନ୍ତ ହିଆଲ, ହରିହର ସାଂସ୍କୃତିକ ସେବା ସମିତି ସଭାପତି ରାଜେନ୍ଦ୍ର ପ୍ରତାପ ସିଂଦେଓ, ସମ୍ପାଦକ କାମରାଜ ଦଳବେହେରା, କୋଷାଧ୍ୟକ୍ଷ ଚନ୍ଦ୍ରଧ୍ୱଜ ପେଶନିଆ, ସଦସ୍ୟ ଶ୍ରୀମୁଖି ଅଗସ୍ତି, ଏ ଏସ ଆଇ ବଳଭଦ୍ର ଗଉଡ଼, ଏଏସ ଆଇ ସ୍ୱର୍ଣ୍ଣଲତା ଗମାଙ୍ଗୋ, ଏ ଏସ ଆଇ ମୋହନ ପରଜା, ସାମ୍ବାଦିକ ଏମ ଚନ୍ଦ୍ରଶେଖର, ସାମ୍ବାଦିକ କ୍ଷମାନିଧି ମହାଖୁଡ଼ଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ।



## ପିସିଆର ଭ୍ୟାନ୍ ଦେଖି ଜଙ୍ଗଲକୁ ଧାଇଁଲେ ଡକାୟତ




**କରଞ୍ଜିଆ,୧୦।୭(ସଂଚାର ବ୍ୟୁରୋ):** ପୁଲିସକୁ ବଡ଼ ସଫଳତା । ଡକାୟତି ଯୋଜନାକୁ ପଣ୍ଡ କଲା ପୁଲିସ । ଡକାୟତି ଯୋଜନା କରୁଥିବା ବେଳେ ତିନି ଜଣଙ୍କୁ ଗୋଡେଇ ଧରିଲା । ଏହାସହ ଜବତ କଲା ଗୋଟିଏ ମାରୁତି ୮୦୦ କାର, ଲୁହା ରଡ଼, ଶାବଳ, ସ୍କୃ ଡ୍ରାଇଭର, ପ୍ଲାସ ଓ ୩ ଟି ମୋବାଇଲ । ରିପୋର୍ଟ ଅନୁସାରେ, ଗୁରୁବାର ବିଳମ୍ବିତ ରାତିରେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ମତା ଏବଂ ଦରି ଗାଁର ମଝାମଝି ରାସ୍ତାରେ ବସି କିଛି ଡକାୟତ ଡକାୟତି ଯୋଜନା କରୁଥିଲେ । ସେମାନେ ପୁଲିସକୁ ଦେଖି ଜଙ୍ଗଲ ଭିତରକୁ ଚମ୍ପଟ ମାରିଥିଲେ। ସେମାନଙ୍କୁ ପୋଲିସ ପିଛା କରିଥିଲା । ଏହାସହ ୩ ଡକାୟତଙ୍କୁ ଗଡ଼ାଇ ଧରିବାରେ ସଫଳ ହୋଇଥିଲା । ଗିରଫ ୩ ଡକାୟତ କରଞ୍ଜିଆ ଥାନା ମହାଦେଉଦେଉଳି ଗାଁର ରାଜୁ ନାଏକ, ଜମୀର ଖାନ ଓ ରାଜେନ୍ଦ୍ର ମୁଣ୍ଡା ବୋଲି ଜଣା ପଡିଛି । କରଞ୍ଜିଆ ଥାନାରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି । ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିବ ବୋଲି ସୂଚନା ମିଳିଛି ।

## ଜିଓ ନେଟୱାର୍କ ସେବା ବିପର୍ଯ୍ୟସ୍ତ

**କର୍ଲାମୁଣ୍ଡା,୧୦।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଗଜବାହାଲ ଗ୍ରାମରେ ଜିଓ ୫ଜି ନେଟୱାର୍କ ସେବା ଦୀର୍ଘଦିନ ଧରି ବ୍ୟାହତ ହୋଇଆସୁଛି। ବିଦ୍ୟୁତ ଥିବା ସତ୍ତ୍ୱେ ମଧ୍ୟ ବାରମ୍ବାର ନେଟୱାର୍କ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଉଥିବାରୁ ଗ୍ରାମବାସୀ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉ ଥିବା ଗ୍ରାମର ଯୁବ ସମାଜସେବୀ ଜ୍ୟୋତି ରଞ୍ଜନ ପ୍ରଧାନ ଅଭିଯୋଗ କରିଛନ୍ତି। ନେଟୱାର୍କ ବନ୍ଦ ରହିବାରୁ ଫୋନ ପେଟ, ଭିମ, ୟୁପିଆଇ ଭଳି ଡିଜିଟାଲ ପେମେଣ୍ଟ, ଅନଲାଇନ ବ୍ୟାଙ୍କିଂ, ସରକାରୀ ସେବା, ଅନଲାଇନ ପାଠପଢ଼ା ଏବଂ ଜରୁରୀକାଳୀନ ଯୋଗାଯୋଗ ସମ୍ପୂର୍ଣ୍ଣ ବ୍ୟାହତ ହେଉଛି। ସିଏସପି କେନ୍ଦ୍ରଗୁଡ଼ିକରେ ଗ୍ରାହକମାନେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ବାଧ୍ୟ ହେଉଛନ୍ତି। ଏନେଇ ଗ୍ରାମବାସୀ ଜିଓ କର୍ତ୍ତୃପକ୍ଷ ଓ TRAI ନିକଟରେ ତୁରନ୍ତ ବୈଷୟିକ ତଦନ୍ତ କରି ସ୍ଥାୟୀ ସମାଧାନ କରିବାକୁ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଜନଆନ୍ଦୋଳନ କରାଯିବ ବୋଲି ସତର୍କ କରିଛନ୍ତି।

## ଅବ୍ୟବସ୍ଥା ଭିତରେ ଛାତ୍ରୀ ନିବାସ, ୪ ଦିନ ହେଲା ଅନ୍ଧାର



**ମାଥିଲି,୧୦।୭(ସଂଚାର ବ୍ୟୁରୋ):** ଅବ୍ୟବସ୍ଥା ଭିତରେ ଛାତ୍ରୀ ନିବାସ। ପାନୀୟ ଜଳର ସଙ୍କଟ ସାଙ୍ଗକୁ ଛାତ୍ରୀ ନିବାସରେ ନାହିଁ ବିଦ୍ୟୁତ ବ୍ୟବସ୍ଥା। ଫଳରେ ଚାରି ଦିନ ହେଲା ଅନ୍ଧାରରେ ଛାତ୍ରୀ ନିବାସ। ଖାଲି ସେତିକି ନୁହେଁ ଖାଲି ସେତିକି ନୁହେଁ ଛାତ୍ରୀନିବାସରେ ୫୦୦ ଅନ୍ତେବାସୀ ରହୁଥିବା ବେଳେ କ୍ୟାମ୍ପସ ଭିତରେ ଛାତ୍ର ମଧ୍ୟ ରହୁଥିବା ଜଣାପଡ଼ିଛି। ଏଭଳି ସ୍ଥିତି ଦେଖିବାକୁ ମିଳିଛି ମାଥିଲି ସଦର ସ୍ଥିତ କଲ୍ୟାଣ ବିଭାଗ ଅଧୀନରେ ଥିବା ସରକାରୀ ଏସଏସଡି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ । ସୂଚନା ମୁତାବକ, ଗତ ମାର୍ଚ୍ଚ ମାସରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଉପରିସ୍ଥ ଅଧିକାରୀଙ୍କୁ ବିଦ୍ୟୁତ ସମସ୍ୟା ନେଇ ଜଣାଇଥିଲେ । ଅଳ୍ପ କିଛିମାତ୍ରାରେ କାମ କରାଯାଇଥିବା ବେଳେ, ଗତ ଚାରିଦିନ ତଳେ ଟ୍ରାନସଫରମର ପୋଡ଼ି ଯାଇଥିଲା । ଫଳରେ ଚାରିଦିନ ହେଲା ଛାତ୍ରୀନିବାସଟି ଅନ୍ଧାରରେ ରହିଛି। ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି ବିଦ୍ୟୁତ ଯୋଗାଣ ଖୁବଶୀଘ୍ର ସ୍ୱାଭାବିକ କରାଯିବାକୁ ଚେଷ୍ଟା କରାଯାଉଛି। ସେହିଭଳି ଜଳ ସଂକଟ ଦୂର କରିବା ପାଇଁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ କରାଯାଉଥିବା ସୂଚନା ମିଳିଛି।ତେବେ ଦେଖିବାକୁ ବାକି ରହିଲା କେବେ ପ୍ରକୃତରେ ଅନ୍ତେବାସୀଙ୍କ ପାଇଁ ଏସବୁ ସମସ୍ୟାର ସମାଧାନ ହୋଇପାରିବ ?

## ମୃତ ପୁଲିସ କର୍ମଚାରୀଙ୍କ ପରିବାରକୁ ବୀମା ରାଶି ପ୍ରଦାନ



**ଛତ୍ରପୁର,୧୦।୭(ସଂଚାର ବ୍ୟୁରୋ):** ୨୦୨୪ ମସିହାରେ କାର୍ଯ୍ୟରତ ଅବସ୍ଥାରେ ଅକସ୍ମାତ ହୃଦ୍ଘାତରେ ପରଲୋକବରଣ କରିଥିବା ଚମାଖଣ୍ଡି ପୋଲିସ ଥାନା କର୍ମଚାରୀ ସଞ୍ଜିତ ସ୍ୱାଇଁଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଜୀବନବୀମା ରାଶି ପ୍ରଦାନ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ସ୍ଥାନୀୟ ପୋଲିସ ପଡ଼ିଆରେ ଗଞ୍ଜାମ ଜିଲା ଆରକ୍ଷୀ ଅଧିକ୍ଷକ ହରିଶ ବି. ସି. ମୃତ ସଞ୍ଜିତଙ୍କ ସ୍ତ୍ରୀ ଝିଲି ସାଇଁ ଏବଂ ତାଙ୍କ ପୁତ୍ର ଆଦିତ୍ୟ ସ୍ୱାଇଁଙ୍କୁ ଏହି ଅନୁକମ୍ପା ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଛତ୍ରପୁର ମୁଖ୍ୟ ଶାଖାର ମୁଖ୍ୟ ପରିଚାଳକ ସାଗତ କୁମାର ପାଢ଼ୀ, ଜିଲ୍ଲା ପୋଲିସ ସଂଘର ସଭାପତି ଗୋରାଚାନ୍ଦ ତ୍ରିପାଠୀ, ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ସେଠୀ, ଷ୍ଟେଟ ବ୍ୟାଙ୍କର ଶାଖା ପରିଚାଳକ, ସହ ପରିଚାଳକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ମୁଖ୍ୟ ପରିଚାଳକ ପାଢ଼ୀ କହିଥିଲେ ଯେ ଭାରତୀୟ ଷ୍ଟେଟବ୍ୟାଙ୍କରେ ଦରମା ଖାତା ଥିବା କର୍ମଚାରୀଙ୍କୁ ଗୋଷ୍ଠୀ ଟର୍ମ ଜୀବନ ବୀମା ଯୋଜନାରେ ଏହି ବୀମା ରାଶି ପ୍ରଦାନ କରାଯାଇଥିବା ବେଳେ ଏଥିପାଇଁ କୌଣସି ପ୍ରିମିୟମ ଦେବାକୁ ପଡେ ନାହିଁ।

## ଗଛ ବଞ୍ଚିଲେ ଆମେ ବଞ୍ଚିବା ଆଲୋଚନାଚକ୍ର

**ମାଲକାନଗିରି,୧୦।୭(ସଂଚାର ବ୍ୟୁରୋ):** ମାଲକାନଗିରି ବ୍ଲକ ସରକାରୀ ଶିଳ୍ପ ପ୍ରଶିକ୍ଷଣ ଅନୁଷ୍ଠାନରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଲୋଚନାଚକ୍ର 'ଗଛ ବଞ୍ଚିଲେ ଆମେ ବଞ୍ଚିବା' ଆୟୋଜନ କରାଯାଇ ଅଧିକରୁ ଅଧିକ ଚାରା ରୋପଣର ଆବଶ୍ୟକତା ଉପରେ ଅତିଥିମାନେ ଆଲୋଚନା କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଇଂ. ସୁବାସ ଚନ୍ଦ୍ର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀ ଚିତରଞ୍ଜନ ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ମାଲକାନଗିରି ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାର ପ୍ରବନ୍ଧ ମ୍ୟାନେଜର ମୁଖ୍ୟବକ୍ତା, ମାଲକାନଗିରି ରେଞ୍ଜର ରମେଶ ଚନ୍ଦ୍ର ରାଉତ ସମ୍ମାନିତ ଅତିଥି ଏବଂ ମାଲକାନଗିରି ମହାବିଦ୍ୟାଳୟର ଅଧ୍ୟାପକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ, ପ୍ରକୃତି ବନ୍ଧୁ, ସ୍ୱତନ୍ତ୍ର ଅତିଥି ଭାବରେ ଯୋଗଦାନ କରିଥିଲେ।

## ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ ମାମଲା, ନ୍ୟାୟ ଦାବିରେ ରାସ୍ତାରୋକ



**ବାଂଶପାଳ,୧୦।୭(ସଂଚାର ବ୍ୟୁରୋ):** ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ ପ୍ରତିବାଦରେ ରାସ୍ତାରୋକ । ରାଇଗୋଡା-ଫୁଲଝର ରାସ୍ତା ଅବରୋଧ କଲେ ଲୋକେ। କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ସଦର ଥାନା ରାଇଗୋଡା ଠାରେ ଗୁରୁବାର ସନ୍ଧ୍ୟାରେ ଘଟିଥିବା ନାବାଳିକା ଦୁଷ୍କର୍ମ ଘଟଣାରେ ସ୍ଥାନୀୟ ଲୋକେ ଉତ୍ୟକ୍ତ ହୋଇ ଉଚିତ ନ୍ୟାୟ ଦାବିରେ ଗତ କାଲି ସନ୍ଧ୍ୟାରୁ ରାସ୍ତା ରୋକ କରିଛନ୍ତି। ସଦର ଥାନା ପୁଲିସ ଏହି ଘଟଣାରେ ପୀଡିତା ନାବାଳିକାଙ୍କ ସମ୍ପର୍କୀୟ ମାମୁଁ (ଟ୍ରକ ଡ୍ରାଇଭର) ସମେତ ଅନ୍ୟ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖିଛି। ଗୁରୁବାର ସନ୍ଧ୍ୟାରେ ସମ୍ପର୍କୀୟ ମାମୁଁ ୬ ବର୍ଷର ନାବାଳିକାଙ୍କୁ ପ୍ରଲୋଭିତ କରି ଟ୍ରକରେ ଅପହରଣ କରିବା ପରେ ରାଇଗୋଡା ଠାରେ ଏକ ନିଛାଟିଆ ସ୍ଥାନରେ ଦୁଷ୍କର୍ମ କରିଥିଲା । ଦୁଷ୍କର୍ମ ପରେ ନାବାଳିକାଙ୍କୁ ପଥରରେ ଛେଚି ହତ୍ୟା ଉଦ୍ୟମ କରିଥିଲା । ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରୁ ନାବାଳିକାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରିଥିଲେ । ଏହାସହ ଲୋକେ ଅଭିଯୁକ୍ତଙ୍କୁ ନିର୍ଘୁମ ପିଟିବା ପରେ ସଦର ଥାନା ପୁଲିସକୁ ଜିମା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଁଚି ଗୁରୁତର ନାବାଳିକାଙ୍କୁ ମେଡିକାଲରେ ଭର୍ତ୍ତି କରିଛି। ଅନ୍ୟପଟେ ଅଭିଯୁକ୍ତଙ୍କ ସମେତ ଅନ୍ୟ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ଜେରା କରୁଛି ପୋଲିସ । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତେଜନା ପ୍ରକାଶ ପାଇଛି । ଲୋକେ ପୀଡିତା ପରିବାରକୁ ଉଚିତ ନ୍ୟାୟ ଦାବିରେ ଗୁରୁବାରଠାରୁ ରାସ୍ତା ଅବରୋଧ କରିଛନ୍ତି । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଟ୍ରକ, ଗାଡି ମୋଟର ଅଟକି ରହିଛି। ରାଇଗୋଡା - ଫୁଲଝର ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଛି ।

## ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳନ



**ବେତନଟୀ,୧୦।୭(ସଂଚାର ବ୍ୟୁରୋ):** ପିଏମ୍ ଶ୍ରୀ ଏମ୍.ପି.ସି. ଉଚ୍ଚ ବିଦ୍ୟାଳୟ, ବେତନଟୀରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳନ କରାଯାଇଅଛି। କାର୍ଯ୍ୟକ୍ରମର ଆରମ୍ଭରେ ପ୍ରଧାନଶିକ୍ଷକ ମହୋଦୟ ବିଦ୍ୟୁତ୍ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ବେତନଟୀ ବିଦ୍ୟୁତ୍ ବିଭାଗ ର ସେକ୍ସନ ମ୍ୟାନେଜର ସଞ୍ଜୟ କୁମାର ଅଗସ୍ତି ଏବଂ ସମ୍ମାନିତ ଅତିଥି ଭାବେ ବେତନଟୀ ବିଦ୍ୟୁତ ବିଭାଗର ଏସ ଇ ଓ ରାହୁଲ ଦତ୍ତ ଯୋଗ ଦେଇଥିଲେ। ବିଦ୍ୟୁତ୍ ଆମ ଦୈନନ୍ଦିନ ଜୀବନର ଏକ ଅପରିହାର୍ଯ୍ୟ ଅଂଶ, କିନ୍ତୁ ଅସାବଧାନତା ଯୋଗୁଁ ଏହା ଗୁରୁତର ଦୁର୍ଘଟଣାର କାରଣ ହୋଇପାରେ ବୋଲି ସେ ବକ୍ତବ୍ୟ ରଖିବା ସହ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଇଥିଲେ। ବିଦ୍ୟୁତ୍ ବ୍ୟବହାର ସମୟରେ ମାନିବାକୁ ଥିବା ସୁରକ୍ଷା ନିୟମ, ଭିଜା ହାତରେ ବିଦ୍ୟୁତ୍ ଉପକରଣ ନ ଛୁଇଁବା, ନଷ୍ଟ ତାର ବ୍ୟବହାର ନ କରିବା, ଅତ୍ୟଧିକ ଲୋଡ୍ ନ ଦେବା ଏବଂ ବିଦ୍ୟୁତ୍ ଦୁର୍ଘଟଣା ସମୟରେ କିପରି ସତର୍କତା ଅବଲମ୍ବନ କରିବା ଉଚିତ୍ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସୌର ଶକ୍ତି ର ବ୍ୟବହାର ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଥିଲା। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟ ରେ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧେ କୁଇଜ୍ ପ୍ରତିଯୋଗିତା ଆୟୋଜିତ କରାଯାଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସମସ୍ତେ ସୁରକ୍ଷିତ ଭାବେ ବିଦ୍ୟୁତ୍ ବ୍ୟବହାର କରିବା, ବିଦ୍ୟୁତ୍ ଅପଚୟ ରୋକିବା ଏବଂ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବା ପାଇଁ ଶପଥ ଗ୍ରହଣ କରିଥିଲେ।

## ଭାରତ ବିକାଶ ପରିଷଦର ପ୍ରତିଷ୍ଠା ଦିବସ

**ବଲାଙ୍ଗିର,୧୦।୭(ସଂଚାର ବ୍ୟୁରୋ):** ଭାରତ ବିକାଶ ପରିଷଦ, ବଲାଙ୍ଗୀର ଶାଖା ଆନୁକୂଲ୍ୟରେ ବଲାଙ୍ଗୀର ସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ପରିଷଦର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପରିସର ଏବଂ ଛାତ୍ରୀ ନିବାସ ପରିସର ମଧ୍ୟରେ ଅଧ୍ୟକ୍ଷଙ୍କ ସମେତ ପରିଷଦର ସଭ୍ୟ, ସଭ୍ୟା ତଥା ଛାତ୍ରୀଗଣ ମିଶି ବୃକ୍ଷ ରୋପଣ କରିଥିଲେ। ତତ୍ ପଶ୍ଚାତ୍ ଏକ ସଭାର ଆୟୋଜନ କରାଯାଇଥିଲା। ସଂସ୍କାର ସଚିବ ଅଜିତ୍ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ପରିଷଦର ସଭାପତି ବଂଶୀଧର ସା, ଅଧ୍ୟକ୍ଷ ଡ. ଅରବିନ୍ଦ କୁମାର ଓଝା, ପ୍ରଦେଶ ଉପ ସଭାପତି ମହେନ୍ଦ୍ର ଅଗ୍ରୱାଲ ପରିଷଦ ପ୍ରତିଷ୍ଠାର ଆଭିମୁଖ୍ୟ ସମ୍ବନ୍ଧେ ମାର୍ଗଦର୍ଶନ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଗଣଙ୍କ ସମେତ ସଦସ୍ୟ ମନୋଜ ଜୈନ, ସନ୍ୟାସୀ ବାରିକ, ସସ୍ମିତା କୁଅଁର, ନିହାରିକା ମିଶ୍ର, ରାଜଶ୍ରୀ ତ୍ରିପାଠୀ, ଦୟାନିଧି କରଣ ଆଦିଙ୍କ ଉପସ୍ଥିତରେ କାର୍ଯ୍ୟକ୍ରମଟି ସଫଳତାର ସହ ସମାହିତ ହୋଇଥିଲା।

## ବିଦେଶୀ ମଦ ଦୋକାନକୁ ନେଇ ତେଜୁଛି ଅସନ୍ତୋଷ



**ଲାଞ୍ଜିଗଡ଼, ୧୦।୭(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ରୁ ମୁନିଗୁଡ଼ାକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା କଡ଼ରେ ଲଟେରି ମାଧ୍ୟମରେ ଖୋଲାଯାଇଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନକୁ ନେଇ ଜନଅସନ୍ତୋଷ ତେଜିବାରେ ଲାଗିଛି। ମଦ ଦୋକାନ ସ୍ଥାପନ ପାଇଁ ସରକାରୀ ନିର୍ଦ୍ଧାରିତ ୨୦ ହଜାରରୁ କମ୍ ଜନସଂଖ୍ୟା ଥିବା ଅଞ୍ଚଳରେ ରାଜପଥଠାରୁ ୨୨୦ ମିଟର ଦୂରତା ଆବଶ୍ୟକ ଥିବାବେଳେ ଏଠାରେ ପ୍ରାୟ ୫ରୁ ୭ ମିଟର ଦୂରରେ ନୂତନ ଦୋକାନ ନିର୍ମାଣ ହୋଇ ମଦ ବିକ୍ରି ଚାଲିଛି। ଅବକାରୀ ନିୟମ ଅନୁସାରେ ଜାତୀୟ ରାଜପଥ, ଶିକ୍ଷାନୁଷ୍ଠାନ, ଧାର୍ମିକ ସ୍ଥାନ ଓ ଜନବସତି ନିକଟରେ ମଦ ଦୋକାନ ଖୋଲିବା ଉପରେ କଟକଣା ରହିଛି। କିନ୍ତୁ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହି ରାସ୍ତା ଦେଇ ଛାତ୍ରୀଛାତ୍ର ସ୍କୁଲ କଲେଜ ଯାଉଥିବାବେଳେ କାରଖାନାକୁ କର୍ମଚାରୀମାନେ ଯିବାଆସିବା କରୁଛନ୍ତି। ମୁଖ୍ୟରାସ୍ତା ନିକଟରେ ମଦ ଦୋକାନ ରହିଲେ ସଡ଼କ ଦୁର୍ଘଟଣା ବଢ଼ିବା ସହ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେବା ସମ୍ଭାବନା ରହିଛି। ଏହାକୁ ନେଇ ସ୍ଥାନୀୟ ଲୋକେ ତୁରନ୍ତ ତଦନ୍ତ ସହ ଦୋକାନ ସ୍ଥାନାନ୍ତର କରିବାକୁ ଦାବି କରିଛନ୍ତି। ଯଦି ସ୍ଥାନାନ୍ତର କରା ନ ଯାଏ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସତର୍କ କରିଛନ୍ତି। ଏହାକୁ ନେଇ କଳାହାଣ୍ଡି ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାଏକଙ୍କୁ ପଚାରିବାରୁ ଆମ ପାଖକୁ ଅଭିଯୋଗ ଆସିଛି, ଗ୍ରାମାଞ୍ଚଳ ପାଇଁ ସେମିତି କିଛି କଟକଣା ନାହିଁ। ତଥାପି ଏହାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି ।

## ପ୍ରକୃତି ବନ୍ଧୁ ଅସୀମଙ୍କ ଅଭିନବ ପ୍ରୟାସ

**ବଲାଙ୍ଗିର,୧୦।୭(ସଂଚାର ବ୍ୟୁରୋ):** ବଲାଙ୍ଗିର ବ୍ଲକ ପଞ୍ଚାୟତ ହାଇସ୍କୁଲ ପରିସରରେ ପ୍ରକୃତି ବନ୍ଧୁଙ୍କ ତରଫରୁ ଏକ ଅଭିନବ ପରିବେଶ ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରକୃତି ବନ୍ଧୁ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିସରରେ ୫୦ଟି ମୂଲ୍ୟବାନ ବୃକ୍ଷରୋପଣ କରାଯାଇଛି। ଏହି ଗ୍ରୀନ ଡ୍ରାଇଭ କାର୍ଯ୍ୟକ୍ରମରେ ହର୍ଡାଟାଲ ବନରକ୍ଷୀ ସଞ୍ଜିବ ନାଏକ ଓ କଲରାପିଟା ବନରକ୍ଷୀ ମହେନ୍ଦ୍ର କାଲସାଏ ଯୋଗଦେଇ ବୃକ୍ଷରୋପଣ କରିବା ସହ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ବରଗାଁ ପଞ୍ଚାୟତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶଙ୍କର ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ ଏବଂ ପ୍ରକୃତିବନ୍ଧୁ ସଂଗଠନର ସଦସ୍ୟମାନେ ସକ୍ରିୟ ଅଂଶଗ୍ରହଣ କରି ବୃକ୍ଷ ଗୁଡିକର ରକ୍ଷଣାବେକ୍ଷଣ ପାଇଁ ସଂକଳ୍ପ ନେଇଥିଲେ। ପରିବେଶକୁ ସବୁଜ ସୁନ୍ଦର କରିବା ପାଇଁ ପ୍ରକୃତି ବନ୍ଧୁ ଅସୀମ ଭୋଇଙ୍କର ଏହି ପ୍ରୟାସକୁ ସ୍ଥାନୀୟ ଅଞ୍ଚଳରେ ବେଶ ପ୍ରଶଂସା କରାଯାଇଛି।

# ଜଳସମ୍ପଦ ବିଭାଗର ମନମାନୀକୁ ଗ୍ରାମବାସୀଙ୍କ ବିରୋଧ

**ତିର୍ତ୍ତୋଲ,୧୦।୭(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ର ତୁଳଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସୋରିଷ ପୋଖରୀ ଗ୍ରାମରେ ଗୋଚର ଜମିରେ ପୋଲ ନିର୍ମାଣକୁ ନେଇ ତୀବ୍ର ବିବାଦ ଦେଖାଦେଇଛି। ଶତାଧିକ ଗ୍ରାମବାସୀ କାମକୁ ବିରୋଧ କରିବା ସହ ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ (ଜେଇ), ଉପଖଣ୍ଡ ଅଧିକାରୀ (ଏସ୍‌ଡିଓ) ଏବଂ ଠିକାଦାରଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଘଟଣା ସ୍ଥଳରେ ଗ୍ରାମବାସୀ, ଠିକାଦାର ଓ କିଛି ସ୍ଥାନୀୟ ବ୍ୟକ୍ତିଙ୍କ ମଧ୍ୟରେ ବଚସା ମଧ୍ୟ ହୋଇଥିବା ଜଣାପଡ଼ିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କେନାଲ ପ୍ଲଟ ନଂ - ୧୧୨ ଏବଂ ପୋଲ କରାଯାଉଛି ପ୍ଲଟ ନଂ - ୧୦୯, (ଗୋଚର କିସମ)ରେ। ଏବଂ ସେମାନଙ୍କ ଚାଷ ଜମିକୁ ଟ୍ରାକ୍ଟର ଓ ହଳ ଯିବା ପାଇଁ ଦୀର୍ଘ ଦିନ ଧରି ଅଧା ରେ ପଡ଼ି ରହିଥିବା ପୋଲ କାମ ଉଦେଶ୍ୟ ମୂଳକ ଭାବେ ସମ୍ପୂର୍ଣ୍ଣ କରା ଯାଉନାହିଁ। ଜାଣିଶୁଣି ଚାଷୀଙ୍କୁ ଅଣଦେଖା କରା ଯାଇଛି। ଏହା ପରିବର୍ତ୍ତେ ଗ୍ରାମର ଗୋଚର ଜମି, ଯେଉଁଠାରେ ବଣ ଜଙ୍ଗଲ ରହିଛି, ସେ ଯାଗାରେ କୌଣସି ବାସଗୃହ ନାହିଁ ଏବଂ ସାଧାରଣ ଲୋକଙ୍କର କୌଣସି ପ୍ରତ୍ୟକ୍ଷ ଉପକାର ନାହିଁ, ସେହି ସ୍ଥାନରେ ପୋଲ ନିର୍ମାଣ କରାଜିବା ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।ଉଛି। ଗ୍ରାମବାସୀଙ୍କ ଅଭିଯୋଗ ଯେ, ଗ୍ରାମର କିଛି ପ୍ରଭାବଶାଳୀ ଓ ଅସାମାଜିକ ବ୍ୟକ୍ତିଙ୍କ କଥାରେ ଠିକାଦାର, କନିଷ୍ଠ ଯନ୍ତ୍ରୀ ଓ ଉପଖଣ୍ଡ ଅଧିକାରୀ ଯୋଜନାବଦ୍ଧ ଭାବେ ଲୋକସ୍ୱାର୍ଥ ବିରୋଧୀ ସ୍ଥାନରେ ପୋଲ ନିର୍ମାଣ କରୁଛନ୍ତି। ଏ ନେଇ ବାରମ୍ବାର ବିରୋଧ କରାଯାଇଥିଲେ ମଧ୍ୟ ସେମାନଙ୍କୁ ବିଭିନ୍ନ ପ୍ରକାର ଧମକ ଦିଆଯାଉଥିବା ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ବାବଦରେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇଛନ୍ତି। ଆଜି ପୋଲର ଛାତ ପକାଇବା କାମ ଆରମ୍ଭ ହେବାକୁ ଥିବାବେଳେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଘଟଣାସ୍ଥଳରେ ପହଞ୍ଚି କାମକୁ ଅଟକାଇ ତୀବ୍ର ପ୍ରତିବାଦ କରିଥିଲେ। ଏହି ସମୟରେ ଠିକାଦାର ଓ ତାଙ୍କୁ ସମର୍ଥନ କରୁଥିବା କିଛି ସ୍ଥାନୀୟ ବ୍ୟକ୍ତିଙ୍କ ସହ ଗ୍ରାମବାସୀଙ୍କ ବଚସା ହୋଇଥିଲା। ପରିସ୍ଥିତି କିଛି ସମୟ ପାଇଁ ଉତ୍ତେଜନା ପୂର୍ଣ୍ଣ ହୋଇଯାଇଥିଲା। ଏହି ଘଟଣା ସମ୍ପର୍କରେ ଜଗନ୍ନାଥପୁର ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ସୁବାଷ ଚନ୍ଦ୍ର ପଢ଼ିଆରୀଙ୍କ ପ୍ରତିକ୍ରିୟା ନେବା ପାଇଁ ଠିକାଦାର ଓ ଗ୍ରାମବାସୀ ଏକାଧିକ ଥର ଫୋନ ଯୋଗେ ଯୋଗାଯୋଗ କରିଥିଲେ। ତେବେ ସେ ଫୋନ ରିସିଭ୍ କରିନଥିବା ଅଭିଯୋଗ ହୋଇଛି। ତେବେ ଗ୍ରାମବାସୀଙ୍କ ଏହି ସମସ୍ତ ଅଭିଯୋଗ ସମ୍ପର୍କରେ ଜଳସମ୍ପଦ ବିଭାଗ ପକ୍ଷରୁ କୌଣସି ସରକାରୀ ପ୍ରତିକ୍ରିୟା ମିଳିନାହିଁ। ତେଣୁ ଅଭିଯୋଗ ଗୁଡ଼ିକର ସ୍ୱାଧୀନ ଯାଞ୍ଚ ହେବା ପରେ ପ୍ରକୃତ ତଥ୍ୟ ସ୍ପଷ୍ଟ ହେବ ବୋଲି ଗ୍ରାମବାସୀ ମାନେ ଦାବି କରିଛନ୍ତି।

